# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜାନୁୟାରୀ ୬/୨୦୨୦ (୧୬ ପୃଷ୍ଠା) | Sambalpur, Monday, January 6 / 2020 | ★★

୧୬ଶ ଭାଗ ୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ଦୀପିକାଙ୍କ ସଫଳତାର ମନ୍ତ୍ର 'ଥ୍ରୀ-ଡି'

ବଲିଉଡ୍‌ର ହାଇପେଡ୍ ଆକ୍ଟ୍ରେସ୍ ଦୀପିକା ପାଦୁକୋନ୍ ବାପାଙ୍କ ଗୁରୁମନ୍ତ୍ର ଡିସିପ୍ଲିନ୍, ଡେଡିକେଶନ୍ ଏବଂ ଡିଟରମିନେଶନ୍‌ର ପଥ ଅନୁସରଣ କରିଥିବାରୁ ଆଜି ସଫଳତା ପାଇଛନ୍ତି। **୧୧**

**୧୪**

## ଗୋଟିଏ ଓଭରରେ ୬ ଛକା ମାରିଲେ କାର୍ଟର

ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ଲିଓ କାର୍ଟର ରବିବାର ଗୋଟିଏ ଓଭରରେ ୬ ଛକା ମାରି ସ୍ୱତନ୍ତ୍ର ବ୍ୟାଟ୍ସମ୍ୟାନ୍‌ଙ୍କ କ୍ଲବରେ ସାମିଲ ହୋଇଛନ୍ତି।



### ଆଜିର ସମ୍ପାଦକୀୟ

ଆମେରିକାର ବାଲାକୋଟ

### ଆଜିର ମନ୍ତବ୍ୟ

" ସିଏଏ, ଏନ୍‌ଆର୍‌ସି ଜରିଆରେ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି ପାଇଁ ଉଦ୍ୟମ ହେଉଛି।

–ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକ ଉପରେ ଶକ୍ତିଉତ୍ପାଦନକାରୀଙ୍କର ବକେୟା ୪୫% ବଢ଼ି ୮୧,୦୮୫ କୋଟି ଟଙ୍କା ରହିଛି।

– ପ୍ରାପ୍ତି


Vencobb Fresh Chicken — Taste the difference!

05.01.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 85 | 139 | 149 |
| DKL | 88 | 142 | 152 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 88 | 142 | 152 |
| BHM | 87 | 141 | 151 |

*Conditions Apply

Issued in the Interest of Consumers


## ଇରାନ୍‌କୁ ଟ୍ରମ୍ପ୍‌ଙ୍କ କଡ଼ା ଚେତାବନୀ

# ଉଡ଼ାଇଦେବୁ ୫୨ ସ୍ଥାନ

ୱାଶିଂଟନ/ତେହେରାନ, ୫।୧(ପି.ଟି./ଆଇଏଏନ୍‌ଏସ୍)

ଆମେରିକା ପକ୍ଷରୁ ଇରାନର ୫୨ଟି ସ୍ଥାନ ଚିହ୍ନଟ କରାଯାଇଛି। ତେହେରାନ ଆମ ଉପରେ ଆକ୍ରମଣ କଲେ ଆମେ ଶତ୍ରୁ ଦେଶର ସେହି ସମସ୍ତ ସ୍ଥାନକୁ ଟାର୍ଗେଟ କରିବୁ। ଏହି ଆକ୍ରମଣ ସବୁଠୁ ଭୟଙ୍କର ହେବ ବୋଲି ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନକୁ ଚେତାବନୀ ଦେଇଛନ୍ତି। ତେବେ ଏହାର ଜବାବ ରଖିଛି ତେହେରାନ। ଆମ ସହ ଯୁଦ୍ଧ କରିବା ସାହସ ୱାଶିଂଟନର ନାହିଁ ବୋଲି ଇରାନ ସେନାମୁଖ୍ୟ ମେଜର ଜେନେରାଲ ଅବଦୋଲ୍‌ରହିମ ମୌସଭି କହିଛନ୍ତି। ଇରାନ ସେନା କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କୁ ଆମେରିକୀୟ ସୈନ୍ୟ ହତ୍ୟା କରିବା ପରେ ଦୁଇଦେଶ ମଧ୍ୟରେ ଚରମ ଉତ୍ତେଜନା ସୃଷ୍ଟି ହୋଇଛି। ଏଥିଯୋଗୁ ମଧ୍ୟପ୍ରାଚ୍ୟରୁ ନେଇ ପାଶ୍ଚାତ୍ୟ ଯାଏ ସ୍ଥିତି ସଙ୍ଗିନ ହୋଇଉଠିଛି। ଏବେ ଏହାର ପାର୍ଶ୍ୱପ୍ରତିକ୍ରିୟା ଏସିଆ ଓ ଆଫ୍ରିକାରେ ମଧ୍ୟ ଦେଖିବାକୁ ମିଳିଲାଣି। ଏହାକୁ ନେଇ ଜାତିସଂଘ ଓ ୟୁରୋପୀୟ ସଂଘ (ଇୟୁ) ସମେତ ଅନ୍ତର୍ଜାତୀୟ ସମୁଦାୟ ଚିନ୍ତାବ୍ୟକ୍ତ କରିବା ସହ ସଂଯମ ରହିବାକୁ ଦୁଇଦେଶକୁ ପରାମର୍ଶ ଦେଇଛନ୍ତି। ହେଲେ ଆମେରିକା କି ଇରାନ ବିଷ ଓକାଳିବା ବନ୍ଦ କରୁନାହାନ୍ତି। ଫଳରେ ଅନ୍ତର୍ଜାତୀୟ ବଜାରରେ ତୈଳ ଓ ସୁନା ଦରରେ ଅହେତୁକ ବୃଦ୍ଧି ଘଟିଛି। ଦୁଇଦେଶର ଆଭିମୁଖ୍ୟରେ ପରିବର୍ତ୍ତନ ନ ଆସିଲେ ଆଗକୁ ସ୍ଥିତି ଅଧିକ ଜଟିଳ ହୋଇପାରେ ବୋଲି କୂଟନୀତିଜ୍ଞମାନେ ଆଶଙ୍କାବ୍ୟକ୍ତ କରିଛନ୍ତି।

ଆମେରିକା-ଇରାନ ମଧ୍ୟରେ ଅନେକ ଦଶନ୍ଧି ଧରି ଶତ୍ରୁତା ଲାଗିରହିଛି। ଏହାମଧ୍ୟରେ ୨୦୧୮ରେ ଆଣବିକ ଚୁକ୍ତିରୁ ଆମେରିକା ଓହରିଯାଇ ଇରାନ ଉପରେ କେତେକ ଆର୍ଥିକ କଟକଣା ଜାରି କରିଥିଲା। ଇରାନ ବି ଚୁପ୍ ବସିବା ଦେଶ ନୁହେଁ, ଆମେରିକା ବିରୋଧରେ ସବୁବେଳେ ପ୍ରତ୍ୟକ୍ଷରେ ହେଉ କି କିଛି ନା କିଛି ଚଳାଇଛି ଏହି ତୈଳ ପ୍ରାଚୁର୍ଯ୍ୟର ଦେଶ। ଏହିକ୍ରମରେ ଇରାକ ରାଜଧାନୀ ବାଗଦାଦସ୍ଥିତ ଆମେରିକା ଦୂତାବାସ ଉପରେ ମଙ୍ଗଳବାର ଇରାନ ସମର୍ଥିତ ବିଦ୍ରୋହୀ ଆକ୍ରମଣ କରିଥିଲେ। ଏହା ☞ପୃଷ୍ଠା-୪

### ଆମେରିକାର ଯୁଦ୍ଧଂଦେହି ଡାକରା

Donald J. Trump ✓ @realDonaldTrump

....targeted 52 Iranian sites (representing the 52 American hostages taken by Iran many years ago), some at a very high level & important to Iran & the Iranian culture, and those targets, and Iran itself, WILL BE HIT VERY FAST AND VERY HARD. The USA wants no more threats!

- ବିଶ୍ୱର ସର୍ବୋତ୍କୃଷ୍ଟ ଅସ୍ତ୍ରଶସ୍ତ୍ର ରଖିଛୁ
- ଦୁଃସାହସ କଲେ ତତ୍କାଳ ଜବାବ ଦେବୁ
- ଆମେରିକା ବିରୋଧରେ ଷଡ଼ଯନ୍ତ୍ର ରଚୁଥିଲେ ଆତଙ୍କବାଦୀ ସୋଲେମାନୀ: ଟ୍ରମ୍ପ୍
- ମଧ୍ୟପ୍ରାଚ୍ୟକୁ ଗଲେ ଅତିରିକ୍ତ ୩,୫୦୦ ସୈନ୍ୟ

## ଅସୁରକ୍ଷିତ ସୁନାବେଡ଼ା ଅଭୟାରଣ୍ୟ

# କାୟା ବିସ୍ତାର କରୁଛନ୍ତି ମାଓବାଦୀ ସଙ୍ଗଠନ

ଘନଶ୍ୟାମ ଭୋଇ
ନୂଆପଡା ଅଫିସ,୫।୧



ନୂଆପଡ଼ା-ଛତିଶଗଡ ସୀମାନ୍ତରେ ମାଓବାଦୀମାନଙ୍କ ଏକ ସଚେତନତା ସଭା।

୨୦୦୭-୦୮ରେ ନୂଆପଡା ଜିଲାରେ ପ୍ରବେଶ କରିଥିବା ମାଓବାଦୀ ସଙ୍ଗଠନ ଜିଲା ଛାଡିବାର ନାଁ ନେଉନାହାନ୍ତି। ଏହି ଜିଲା ସେମାନଙ୍କ ପାଇଁ ଏବେ ଭୂସ୍ୱର୍ଗ ପାଲଟିଯାଇଛି। ଗୋଟିଏ ପଟେ ମାଓବାଦୀ ସଙ୍ଗଠନ ତାଙ୍କର ପତିଆରା ବଢାଇଚାଲିଥିବାବେଳେ ରାଜ୍ୟ ତଥା କେନ୍ଦ୍ର ପୋଲିସ ମଧ୍ୟ ବିଭିନ୍ନ ଜାଗାରେ କ୍ୟାମ୍ପ କରି ମାଓବାଦୀ ଓପରେସନ ଜାରିରଖିଛନ୍ତି। ମାଓବାଦୀ ଏବଂ ପୋଲିସ ମଧ୍ୟରେ ଏକପ୍ରକାର ଲୁଚକାଳି ଖେଳ ଚାଲିଛି। ବିଭିନ୍ନ ଜାଗାରେ ମାଓବାଦୀ ସଙ୍ଗଠନ ତାଙ୍କର କାୟା ବିସ୍ତାର କରୁଥିବାବେଳେ ସମ୍ପୃକ୍ତ ପ୍ରଭାବିତ ଅଞ୍ଚଳର ଲୋକେ ଅସୁରକ୍ଷିତ ମଣୁଥିବା ଦେଖାଯାଇଛି।

୨୦୦୭-୦୮ରେ ପ୍ରଥମେ ସୁନାବେଡା ଅଭୟାରଣ୍ୟ ଭିତରେ ବନବିଭାଗର ଚେକଗେଟ ଭଙ୍ଗାରୁଜା କରିବା ସହ ଡାକ ବଙ୍ଗଳା ଭାଙ୍ଗି ନୂଆପଡ଼ା ଜିଲାରେ ସ୍ଥିତି ଜାହିର କରିଥିଲେ ମାଓବାଦୀ। ପରେ ଜଣକ ପରେ ଜଣେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରି ଜିଲାରେ ନିଜର ପତିଆରା ବେଶ ଜମାଇଥିଲେ। ଏହାକୁ ଚେକ ଦେବାକୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୋଲିସ କ୍ୟାମ୍ପ ବ୍ୟବସ୍ଥା କରାଗଲା। ଜିଲା ମୁଖ୍ୟାଳୟରେ ୨୧୬ ବାଟାଲିୟନର ବେଶ କ୍ୟାମ୍ପ ସ୍ଥାପନ କରାଯାଇଥିବାବେଳେ କୋମନା ଥାନା ଅଞ୍ଚଳରେ ବରକୋଟ, ସୁନାବେଡା ଅଭୟାରଣ୍ୟ ଭିତରେ ସୁନାବେଡା ଓ ସୋସେଙ୍ଗ, ନୂଆପଡା ବ୍ଲକରେ ପତୋରା, ବୋଡେନ ଥାନା ଏବଂ ଖଡୁପାଣିରେ ସିଆରପିଏଫ କ୍ୟାମ୍ପ ସ୍ଥାପନ କରାଯାଇଛି। ହେଲେ ମାଓବାଦୀଙ୍କ ଉପରେ ସେଭଳି କୌଣସି ପ୍ରଭାବ ପଡି ନ ଥିବା ଅନୁଭୂତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ମାଓବାଦୀମାନେ ଯେଉଁ ସ୍ଥାନରେ ସେମାନଙ୍କ କାଣ୍ଡ ଭିଆଇଛନ୍ତି, ସେ ଜାଗାରେ ଲୋକେ ଆଜି ବି ସୁରକ୍ଷିତ ମଣୁ ନ ଥିବା ପରିଲକ୍ଷିତ ହେଉଛି। ଉଦାହରଣ ଭାବେ ଜିଲାର କୋମନା ଥାନା ଅନ୍ତର୍ଗତ ପାଟପାଣି ଗାଁରେ ୨୦୧୩ରେ ଚୈତନ୍ୟ ମାଝି ନାମକ ଜଣେ ଶିକ୍ଷା ସହାୟକଙ୍କୁ ହତ୍ୟା କରି ଗାଁମୁଣ୍ଡରେ ଫିଙ୍ଗି ଦେଇଥିଲେ। ଏଭଳି ଘଟଣା ଦେଖି ସମ୍ପୃକ୍ତ ପରିବାର ସମେତ ଗ୍ରାମବାସୀ ଗାଁ ଛାଡି ଚାଲିଯାଇଥିଲେ। ସେହି ଦିନଠାରୁ ଆଜିଯାଏ ୭ ବର୍ଷ ହେବ ଗାଁକୁ ଆଉ ଫେରୁନାହାନ୍ତି। ଗାଁରେ ସ୍ୱାଭାବିକ ପରିସ୍ଥିତି ଆସିନାହିଁ। ଲୋକଙ୍କୁ ଆଜି ବି ମାଓବାଦୀ ଭୟ ☞ପୃଷ୍ଠା-୪


DSPL - 216

Government of India, Ministry of Youth Affairs and Sports | भारतीय खेल प्राधिकरण Sports Authority of India | Government of Odisha | FIT INDIA | ODISHA INDIA'S BEST KEPT SECRET. | Association of Indian Universities

LAUNCH CEREMONY

KHELO INDIA

1st KHELO INDIA UNIVERSITY GAMES ODISHA 2020

Dignitaries :

Shri Naveen Patnaik
Hon'ble Chief Minister, Odisha

In august presence of

Shri Dharmendra Pradhan
Hon'ble Minister for Petroleum, Natural Gas and Steel, Govt. of India

Shri Ramesh Pohkriyal 'Nishank'
Hon'ble Minister for Human Resource Development, Govt. of India

Shri Kiren Rijiju
Hon'ble Minister of State for Youth Affairs and Sports (I/C), Govt. of India

Shri Arun Kumar Sahoo
Hon'ble Minister for Higher Education, Govt. of Odisha

Shri Tusharkanti Behera
Hon'ble Minister for Sports and Youth Services, Govt. of Odisha

Shri Achyuta Samanta
Founder, KIIT University & Hon'ble MP

**Venue:** Rail Auditorium, Chandrasekharpur, Bhubaneswar.

**Date:** January 6, 2020.

29001/13/0048/1920



"କଂଗ୍ରେସ ତୁଷ୍ଟୀକରଣ ରାଜନୀତି କରୁଛି। ନାଗରିକତ୍ୱ ସଂଶୋଧନ ଆଇନକୁ ନେଇ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରାଯାଉଛି।"

-ନିର୍ମଳା ସୀତାରାମନ, କେନ୍ଦ୍ରମନ୍ତ୍ରୀ

## ସଂକ୍ଷେପରେ

### ପେଶାୱରରେ ଶିଖ୍ ଯୁବକଙ୍କୁ ହତ୍ୟା



**ନୂଆଦିଲ୍ଲୀ,୫।୧(ପି.ଟି.):** ପାକିସ୍ତାନର ପେଶାୱରରେ ଶିଖ୍ ସମ୍ପ୍ରଦାୟର ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରି ହତ୍ୟା କରାଯାଉଥିବାରୁ ଭାରତ ଏହାର ତୀବ୍ର ନିନ୍ଦା କରିଛି। ପାକିସ୍ତାନ କପଟତାପୂର୍ଣ୍ଣ ଆଚରଣ ବନ୍ଦ କରି ଅପରାଧୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନାନ୍‌କାନା ସାହିବ୍ ଗୁରୁଦ୍ୱାରରେ ଉତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା ପରେ ଶିଖ୍ ଯୁବକଙ୍କୁ ହତ୍ୟା କରାଯାଇଛି। ଏହା ପୂର୍ବରୁ ଶିଖ୍ ଯୁବତୀ ଜଗଜିତ୍ କୌରଙ୍କୁ ଅପହରଣ କରିନେଇ ଜୋରଜବରଦସ୍ତି ଧର୍ମାନ୍ତରୀକରଣ କରି ଜଣେ ମୁସଲମାନ ଯୁବକଙ୍କ ସହ ବିବାହ କରାଯାଇଥିଲା। ନାନ୍‌କାନା ସାହିବ୍ ଗୁରୁଦ୍ୱାର ଆକ୍ରମଣ ଘଟଣାକୁ ଭାରତ ତୀବ୍ର ନିନ୍ଦା କରିବା ସହ ଶିଖ୍‌ମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ଇସ୍‌ଲାମାବାଦ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲା।

### ୩୯ ଜଣଙ୍କ ବିରୋଧରେ ମହିଳାଙ୍କ ବଳାତ୍କାର ଅଭିଯୋଗ

**ବରେଲୀ,୫।୧(ଆଇଏଏନ୍‌ଏସ୍):** ଉତ୍ତରପ୍ରଦେଶର ବରେଲୀ ଜିଲାରେ ଜଣେ ମହିଳାଙ୍କୁ ୩୯ ଜଣ ବଳାତ୍କାର କରିଥିବା ସେ ଥାନାରେ ଏତଲା ଦେବା ପରେ ଗ୍ରାମବାସୀ ଏହାର ବିରୋଧ କରିଛନ୍ତି। ସେମାନେ ପୀଡ଼ିତାଙ୍କ ବିରୋଧରେ ଏସ୍‌ପିଙ୍କ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ସର୍କଲ ଅଫିସର ଅଶୋକ କୁମାରଙ୍କୁ ଭେଟି ଆଲୋଚନା କରିବା ପରେ ନିରପେକ୍ଷ ତଦନ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ୩୫ ଅଚିହ୍ନା ବ୍ୟକ୍ତିଙ୍କ ସମେତ ୩୯ ଜଣ ତାଙ୍କୁ ବଳାତ୍କାର କରିଥିବା ୩୨ ବର୍ଷୀୟା ମହିଳା ଜଣକ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ।

# ଆମେରିକା ୱେବ୍‌ସାଇଟ୍ ହ୍ୟାକ୍

**ୱାଶିଂଟନ,୫।୧ (ପି.ଟି./ଆଇଏଏନ୍‌ଏସ୍)**

ଆମେରିକା ଓ ଇରାନ ପରସ୍ପରକୁ ଟାର୍ଗେଟ କରିବା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ଆମେରିକାର ଏକ ସରକାରୀ ୱେବ୍‌ସାଇଟ୍ ଶନିବାର ହ୍ୟାକ୍ ହୋଇଯାଇଛି। ଇରାନର ହ୍ୟାକରମାନେ ଏପରି କରିଥିବା ଦାବି କରିଛନ୍ତି। ହ୍ୟାକର୍ସଙ୍କ ମତରେ ୱେବ୍‌ସାଇଟ୍ ହ୍ୟାକ୍ କରି ସେମାନେ ଇରାନ ସେନା କମାଣ୍ଡର କାସିମ ସୋଲେମାନୀଙ୍କ ହତ୍ୟାର ପ୍ରତିଶୋଧ ନେଇଛନ୍ତି। ଆମେରିକା ପାଇଁ ଏହା ଏକ ସନ୍ଦେଶ ବୋଲି ହ୍ୟାକର୍ସ ଏଥିରେ ଉଲ୍ଲେଖ କରିଛନ୍ତି।

ଆମେରିକାସ୍ଥିତ ଫେଡେରାଲ ଡିପୋଜିଟୋରି ଲାଇବ୍ରେରି ପ୍ରୋଗ୍ରାମ୍‌ର ୱେବ୍‌ସାଇଟ୍‌କୁ ହ୍ୟାକ୍ କରିବା ପରେ ହ୍ୟାକରମାନେ ସେଥିରେ ଏକ ମେସେଜ୍ ପୋଷ୍ଟ କରିଛନ୍ତି। ସେଥିରେ ଲେଖାଅଛି, 'ଇରାନିଏନ୍ ହ୍ୟାକର୍ସ!' ଉକ୍ତ ମେସେଜରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଖାମିନି ଓ ଜାତୀୟ ପତାକା ଫଟୋ ରହିଛି। 'ସୋଲେମାନୀଙ୍କ ତ୍ୟାଗ ଅନେକ ବର୍ଷର ଅକ୍ଳାନ୍ତ ଉଦ୍ୟମର ପୁରସ୍କାର' ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଏକ ଫଟୋରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ଶକ୍ତ ମୁଥ ମରାଯାଇଛି, ଯାହା ଫଳରେ ତାଙ୍କ ମୁହଁରୁ ରକ୍ତସ୍ରାବ ହେଉଛି। ଇରାନ ସାଇବର ସିକ୍ୟୁରିଟି ଗ୍ରୁପ୍ ହ୍ୟାକର୍ସଙ୍କ ପକ୍ଷରୁ ୱେବ୍‌ସାଇଟକୁ ହ୍ୟାକ୍ କରାଯାଇଥିବା ଦାବି କରାଯାଇଛି। ଏହା ପୂର୍ବରୁ ୨୦୧୨ ଓ ୨୦୧୩ରେ ଇରାନ ଉପରେ ଆମେରିକା କଟକଣା ଜାରି କରିଥିଲା। ଏହାର ଜବାବରେ ଇରାନର ହ୍ୟାକରମାନେ ବ୍ୟାଙ୍କ ଅଫ୍ ଆମେରିକା ସମେତ ଦେଶର କେତେକ ଗୁରୁତ୍ୱପୂର୍ଣ୍ଣ ବ୍ୟାଙ୍କ, ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜ ଏବଂ ଏନ୍‌ଏସ୍‌ଏଡିକ୍ୟୁ ହ୍ୟାକ୍ କରିଦେଇଥିଲେ। ଏସବୁକୁ ଦୃଷ୍ଟିରେ ରଖି ଆମେରିକାର ହୋମ୍‌ଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ଦେଶବାସୀଙ୍କୁ ପ୍ରସ୍ତୁତ ରହିବାକୁ ସତର୍କ କରାଇଛି।




**ସୋଲେମାନୀଙ୍କ ହତ୍ୟାର ପ୍ରତିଶୋଧ**

## ■ ଜେଏନ୍‌ୟୁରେ ହିଂସା
# ଛାତ୍ର, ଶିକ୍ଷକଙ୍କୁ ଆକ୍ରମଣ

**ନୂଆଦିଲ୍ଲୀ,୫।୧(ଆଇଏଏନ୍‌ଏସ୍)**

ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପରିସରରେ ରବିବାର କେତେଜଣ ମୁଖାପିନ୍ଧା ଗୁଣ୍ଡା ପ୍ରବେଶ କରି ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ କାଠଫାଳିଆ ଓ ଲୁହାରଡ୍‌ରେ ଆକ୍ରମଣ କରିଛନ୍ତି। ସେମାନଙ୍କ ଆକ୍ରମଣରେ ଜେଏନ୍‌ୟୁ ଛାତ୍ର ସଂଘର ଅଧ୍ୟକ୍ଷା ଐଶେ ଘୋଷଙ୍କ ସମେତ ଦୁଇଜଣ କାର୍ଯ୍ୟକର୍ତ୍ତା ଗୁରୁତର ଆହତ ହୋଇଛନ୍ତି। ହିଂସାକାଣ୍ଡ ପାଇଁ ସେମାନେ ଆର୍‌ଏସ୍‌ଏସ୍‌ର ଛାତ୍ର ଶାଖା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)କୁ ଦାୟୀ କରିଛନ୍ତି। ମୁଖାପିନ୍ଧା ଗୁଣ୍ଡାମାନେ ତାଙ୍କୁ ନିର୍ମମ ଭାବେ ମାଡ଼ ମାରିଥିଲେ ବୋଲି ଘୋଷ କହିଛନ୍ତି। ଆକ୍ରମଣରେ ଛାତ୍ର ସଂଘ ସାଧାରଣ ସମ୍ପାଦକ ସତୀଶ ଚନ୍ଦ୍ର ମଧ୍ୟ ଆହତ ହୋଇଛନ୍ତି। ଏବିଭିପି ନେତୃତ୍ୱରେ ଏହି ଆକ୍ରମଣ ହୋଇଥିବା ଜେଏନ୍‌ୟୁ ଛାତ୍ରସଂଘ ଉପାଧ୍ୟକ୍ଷ ସକେତ ମୁନ୍ ଅଭିଯୋଗ କରିଛନ୍ତି। ଆକ୍ରମଣକାରୀମାନେ ହଷ୍ଟେଲ ପ୍ରକୋଷ୍ଠ ଓ ଲବିରେ ଭଙ୍ଗାରୁଜା କରିବା ସହ ଅନେକ ଗାଡ଼ି ଭାଙ୍ଗିଛନ୍ତି। ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛି।



# କେନିଆରେ ଆମେରିକା ସେନାଘାଟିକୁ ଟାର୍ଗେଟ

**ନାଇରୋବି,୫।୧(ଏପି)**

ଆମେରିକା ଓ ଇରାନ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନାର ପ୍ରଭାବ ଏବେ ଅନ୍ୟ ଦେଶଗୁଡ଼ିକରେ ଅନୁଭୂତ ହେଲାଣି। ସୋମାଲିଆର ଚରମପନ୍ଥୀ ସଙ୍ଗଠନ ଅଲ୍-ଶବାବ୍ ରବିବାର ଭୋର ସମୟରେ କେନିଆସ୍ଥିତ ଆମେରିକାର ଏକ ସେନାଘାଟିକୁ ଟାର୍ଗେଟ କରିଛି। ଏହି ଆକ୍ରମଣରେ ଆମେରିକାର କେତେକ ବିମାନ ଓ ଯାନବାହନ ଧ୍ୱଂସ ହୋଇଯାଇଛି। କେନିଆ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ଅନ୍ୟୂନ ୪ ଆକ୍ରମଣକାରୀ ନିହତ ହୋଇଥିବାବେଳେ ଅନ୍ୟ ୫ ଜଣ ଗିରଫ ହୋଇଥିବା ସେଠାକାର ପୋଲିସ ପକ୍ଷରୁ କୁହାଯାଇଛି। ଇରାନ ସପକ୍ଷବାଦୀ ଅଲ୍-ଶବାବ୍ ପକ୍ଷରୁ ଆମେରିକୀୟ ବଳ ଉପରେ ଏହା ହେଉଛି ପ୍ରଥମ ଆକ୍ରମଣ।

ସୋମାଲିଆ ସୀମାସ୍ଥିତ ଲାମୁ କୋଉଣ୍ଟିର କ୍ୟାମ୍ପ୍ ସିମ୍ବା ହେଉଛି ଆମେରିକାର ସେନାଘାଟି। ପ୍ରାୟ ଏକ ଦଶନ୍ଧି ପୂର୍ବେ ନିର୍ମିତ ଏହି ସେନାଘାଟିରେ ୧୦୦ ଆମେରିକୀୟ ସୈନ୍ୟ ଅଛନ୍ତି। ରବିବାର ଭୋର ୫ଟା ୩୦ରେ ଏହାର ଏୟାରଷ୍ଟ୍ରିପ୍‌ରେ ଖୁବ୍ ଜୋରରେ ବିସ୍ଫୋରଣ ଘଟି ଆକାଶକୁ ଧୂଆଁ ଛୁଟୁଥିବା ଦେଖିବାକୁ ମିଳିଥିଲା। ଏଥିରେ ମୃତାହତଙ୍କ ସଂଖ୍ୟା ଜଣାପଡ଼ିନାହିଁ। ଶୁକ୍ରବାର ଏହି ଅଞ୍ଚଳରେ ୧୧ ଆତଙ୍କବାଦୀଙ୍କୁ ଗାଁ ଲୋକେ ଦେଖିଥିବାରୁ ସେଠାରେ ଅଲ୍-ଶବାବ୍ ଆଡ୍ଡା କରିଥିବା କୁହାଯାଉଛି। ରବିବାର ଆକ୍ରମଣ ପାଇଁ ଅଲ୍-ଶବାବ୍ ନିଜକୁ ଦାୟୀ କରିଛି। ଆକ୍ରମଣ ଯୋଗୁ ହୋଇଥିବା କ୍ଷୟକ୍ଷତିର ଫଟୋ ମଧ୍ୟ ସୋସିଆଲ ମିଡିଆରେ ପୋଷ୍ଟ କରିଛି।



### ପରିବାରର ୫ ଜଣଙ୍କୁ ହତ୍ୟା

**ପ୍ରୟାଗରାଜ,୫।୧(ଆଇଏଏନ୍‌ଏସ୍)**

ଉତ୍ତରପ୍ରଦେଶ ପ୍ରୟାଗରାଜ ଜିଲାର ସୋରାଓଁ ଥାନା ଅନ୍ତର୍ଗତ ୟୁସୁଫପୁର ସେବାୟତ ଗ୍ରାମରେ ଗୋଟିଏ ପରିବାରର ୫ ଜଣଙ୍କୁ ହତ୍ୟା କରାଯାଇଛି। ଶନିବାର ବିଳମ୍ବିତ ରାତିରେ ସମସ୍ତଙ୍କୁ ଧାରୁଆ ଅସ୍ତ୍ରରେ ମାରିଦିଆଯାଇଥିବା ଜଣାପଡ଼ିଛି। ମୃତକମାନେ ହେଲେ ସୋମଦତ୍ତ ତିୱାରୀ, ତାଙ୍କ ସ୍ତ୍ରୀ, ଦୁଇ ପିଲା ଓ ଅନ୍ୟ ଜଣେ ସମ୍ପର୍କୀୟ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଫୋରେନ୍‌ସିକ୍ ଟିମ୍ ଅପରାଧ ସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ନମୁନା ସଂଗ୍ରହ କରିଛି। ବ୍ୟକ୍ତିଗତ ଶତ୍ରୁତାରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଥିବାବେଳେ ଏହାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି।

## ■ ୟୁପିରେ ଆତଙ୍କବାଦୀ ପଶିଥିବା ସୂଚନା
# ଭାରତ-ନେପାଳ ସୀମାରେ ହାଇଆଲର୍ଟ

**ବସ୍ତି(ୟୁପି),୫।୧(ପି.ଟି.)**

ଉତ୍ତରପ୍ରଦେଶରେ ଆଇଏସ୍‌ର ଦୁଇଜଣ ଆତଙ୍କବାଦୀ ପ୍ରବେଶ କରିଥିବା ନେଇ ଗୋଇନ୍ଦା ସୂଚନା ମିଳିବା ପରେ ଭାରତ-ନେପାଳ ସୀମା ଅନ୍ତର୍ଗତ ମହାରାଜଗଞ୍ଜ, କୁଶିନଗର ଏବଂ ସିଦ୍ଧାର୍ଥ ନଗର ଜିଲାରେ ହାଇଆଲର୍ଟ ଜାରି କରାଯାଇଛି। ଦୁଇ ୱାଣ୍ଟେଡ୍ ଆତଙ୍କବାଦୀ ଅବ୍ଦୁଲ ସମାଦ ଓ ଇଲିୟାସ ଉତ୍ତରପ୍ରଦେଶରୁ ନେପାଳ ଖସିଯାଇପାରନ୍ତି ବୋଲି ବସ୍ତି ରେଞ୍ଜ ଆଇଜି ଆଶୁତୋଷ କୁମାର ଆଶଙ୍କା ବ୍ୟକ୍ତ କରିଛନ୍ତି। ସେମାନଙ୍କୁ ଚିହ୍ନଟ କରିବା ଲାଗି ଫଟୋ ପ୍ରସାରଣ କରାଯାଇଛି। ପୂର୍ବରୁ ସେମାନଙ୍କୁ ପଶ୍ଚିମବଙ୍ଗର ସିଲିଗୁଡ଼ିରୁ ଠାବ କରାଯାଇଥିଲା। ସେମାନେ ଆଇଏସ୍ ସହ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଦୁଇ ଆତଙ୍କବାଦୀଙ୍କୁ ଧରିବା ପାଇଁ ପୋଲିସ ଜୋର୍‌ଦାର ଉଦ୍ୟମ ଚଳାଇଛି। ଅନେକ ସମୟରେ ପାକିସ୍ତାନୀ ଆତଙ୍କବାଦୀ ନେପାଳ ସୀମା ଦେଇ ଭାରତରେ ପ୍ରବେଶ ଓ ପ୍ରସ୍ଥାନ କରୁଥିବାରୁ ଉକ୍ତ ଅଞ୍ଚଳ ଉପରେ ସୁରକ୍ଷା ବଳ ତୀକ୍ଷ୍ଣ ନଜର ରଖିଛି।

## ■ ପାକ୍ ପ୍ରଧାନମନ୍ତ୍ରୀଙ୍କୁ ଓୱାଇସିଙ୍କ ସମାଲୋଚନା
# ନିଜ ଦେଶ କଥା ଚିନ୍ତାକର

**ହାଇଦ୍ରାବାଦ,୫।୧(ପି.ଟି.)**



ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭାରତୀୟ ମୁସଲମାନଙ୍କ ସମ୍ପର୍କରେ ମୁଣ୍ଡ ନ ଖେଳାଇ ନିଜ ଦେଶ କଥା ଚିନ୍ତା କରନ୍ତୁ ବୋଲି ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି। ହାଇଦ୍ରାବାଦ ନିକଟସ୍ଥ ସାଙ୍ଗାରେଡ୍ଡୀ ସହରରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ସମାବେଶରେ ଉଦ୍‌ବୋଧନ ଦେଇ ଓୱାଇସି କହିଥିଲେ, ଉତ୍ତରପ୍ରଦେଶରେ ବିକ୍ଷୋଭ ବେଳେ ନଷ୍ଟ ହୋଇଥିବା ସମ୍ପତ୍ତି ପାଇଁ କ୍ଷତିପୂରଣ ଆଦାୟ କରାଯାଉଛି। ତେବେ ହରିୟାଣାର ଜାଠ ଆନ୍ଦୋଳନବେଳେ କ୍ଷତି ହୋଇଥିବା ସରକାରୀ ସମ୍ପତ୍ତି ପାଇଁ କ୍ଷତିପୂରଣ କାହିଁକି ଆଦାୟ ହୋଇନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଦେଶ ଓ ସମ୍ବିଧାନର ସୁରକ୍ଷା ପାଇଁ ୨୫ରେ ଐତିହାସିକ ଚାର୍‌ମିନାରଠାରେ ସିଏଏ ବିରୋଧରେ ବିଶାଳ ବିକ୍ଷୋଭ ସମାବେଶ ସାଙ୍ଗକୁ ସେଦିନ ମଧ୍ୟରାତ୍ରରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ଜାତୀୟ ସଙ୍ଗୀତ ଗାନ କରାଯିବ ବୋଲି ଓୱାଇସି ଘୋଷଣା କରିଥିଲେ।

## ■ ସିଏଏକୁ ନେଇ କଂଗ୍ରେସ ଉପରେ ବର୍ଷିଲେ ଶାହା
# ଦଙ୍ଗା ପାଇଁ ଉସୁକାଉଛନ୍ତି ରାହୁଲ, ପ୍ରିୟଙ୍କା

**ନୂଆଦିଲ୍ଲୀ,୫।୧(ପି.ଟି.)**



**ଲୋକଙ୍କ ଟଙ୍କାକୁ ବରବାଦ କରୁଛନ୍ତି କେଜ୍‌ରିୱାଲ**

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ନେଇ ଭାଜପା ଅଧ୍ୟକ୍ଷ ଅମିତ୍ ଶାହା କଂଗ୍ରେସ ଉପରେ ବର୍ଷିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସିଏଏ ସମ୍ପର୍କରେ ଲୋକଙ୍କୁ ଭୁଲ୍ ସୂଚନା ଦେଇ ସେମାନଙ୍କୁ ବିଭ୍ରାନ୍ତ କରିବା ସହ ଦଙ୍ଗା ସୃଷ୍ଟି ପାଇଁ ଉସୁକାଉଥିବା ଶାହା ଅଭିଯୋଗ କରିଛନ୍ତି। ସଂଖ୍ୟାଲଘୁଙ୍କ ନାଗରିକତ୍ୱ ଛଡ଼ାଇନେବାର କୌଣସି ବ୍ୟବସ୍ଥା ନୂଆ ଆଇନରେ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଦୋହରାଇଛନ୍ତି। ଦିଲ୍ଲୀର ଭାଜପା କର୍ମୀମାନଙ୍କ ଏକ ସଭାରେ ଉଦ୍‌ବୋଧନ ଦେଇ ଶାହା ପାକିସ୍ତାନକୁ କଡ଼ା ସମାଲୋଚନା କରିଥିଲେ। ପଡୋଶୀ ଦେଶରେ ସଂଖ୍ୟାଲଘୁ ଶିଖ୍‌ମାନଙ୍କ ଧର୍ମସ୍ଥଳ ନାନକାନା ସାହିବ ଗୁରୁଦ୍ୱାର ଉପରେ ଆକ୍ରମଣ କରାଯାଇଛି। ପାକିସ୍ତାନରେ ସଂଖ୍ୟାଲଘୁଙ୍କ ପ୍ରତି ଅତ୍ୟାଚାରକୁ ବିରୋଧୀ ନେତାମାନେ ଆଖି ଖୋଲି ଦେଖନ୍ତୁ। ସିଏଏକୁ ବିରୋଧ କରୁଥିବା ଲୋକମାନଙ୍କୁ ଏହା ଉପଯୁକ୍ତ ଉତ୍ତର ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଥିଲେ।

ବିରୋଧୀମାନେ ସଂକୀର୍ଣ୍ଣ ରାଜନୀତି ପାଇଁ ସିଏଏ ବିରୋଧରେ ମିଥ୍ୟାର ପ୍ରସାର କରୁଛନ୍ତି। ଦଳୀୟ କର୍ମୀମାନେ ସିଏଏ ସପକ୍ଷରେ ସଚେତନତା ଅଭିଯାନକୁ ଜୋର୍‌ଦାର କରିବା ଲାଗି ଶାହା ଆହ୍ୱାନ ଦେଇଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ ଲୋକମାନଙ୍କୁ ଭ୍ରମିତ କରୁଛନ୍ତି। ରାଜନୀତି ପାଇଁ ଦଙ୍ଗାକୁ ଉସୁକାଉଥିବା ସରକାରଙ୍କୁ ଆପଣମାନେ ଚାହାନ୍ତି କି ବୋଲି ଶାହା ପ୍ରଶ୍ନ କରିଥିଲେ। ଦିଲ୍ଲୀବାସୀଙ୍କୁ ଭୁଲ୍ ସୂଚନା ଦେବା ପାଇଁ କେଜ୍‌ରିୱାଲ ସରକାର ବିଜ୍ଞାପନ ଜରିଆରେ ଜନସାଧାରଣଙ୍କ ଅର୍ଥକୁ ବରବାଦ କରୁଥିବା ଶାହା ଅଭିଯୋଗ କରିଥିଲେ। ମିଥ୍ୟା ପ୍ରତିଶ୍ରୁତି ଦେଇ କେଜ୍‌ରିୱାଲ କ୍ଷମତାକୁ ଆସିଥିଲେ। ସେ ସବୁଦିନେ ଲୋକଙ୍କୁ ବିଭ୍ରାନ୍ତ କରିପାରିବେ ନାହିଁ ବୋଲି ଭାଜପା ନେତା କହିଛନ୍ତି।

# ପ୍ରଥମ ଲୋକ ସଭାର ସଦସ୍ୟ କମଲ ବାହାଦୁରଙ୍କ ପରଲୋକ

**ପାଟନା/ବକ୍ସାର,୫।୧(ପି.ଟି.)**



ଭାରତର ପ୍ରଥମ ଲୋକ ସଭାର ସଦସ୍ୟ ଥିବା କମଲ ବାହାଦୁର ସିଂଙ୍କର ରବିବାର ବିହାରର ବକ୍ସାର ଜିଲାରେ ପରଲୋକ ହୋଇଯାଇଛି। ତାଙ୍କୁ ୯୪ ବର୍ଷ ହୋଇଥିଲା। ସେ ପୂର୍ବର ଡୁମ୍‌ରାଓ ରାଜ୍‌ର ଶେଷ ମହାରାଜା ଥିଲେ। ତାଙ୍କର ଦୁଇ ପୁଅ ଚନ୍ଦ୍ରବିଜୟ ସିଂ ଓ ମାନବିଜୟ ସିଂ ଅଛନ୍ତି। ୬ ବର୍ଷ ହେଲା ଅସୁସ୍ଥ ଥିବା କମଲ ବାହାଦୁର ତାଙ୍କ ଭୋଜପୁର କୋଠିରେ ସକାଳ ୫ଟା ୧୦ରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଶୋକବ୍ୟକ୍ତ କରିବା ସହ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଘୋଷଣା କରିଛନ୍ତି। ଶିକ୍ଷା କ୍ଷେତ୍ରରେ ବିକାଶ ଆଣିବାରେ କମଲ ବାହାଦୁରଙ୍କର ପ୍ରମୁଖ ଭୂମିକା ଥିଲା ବୋଲି ନୀତୀଶ ଶୋକବାର୍ତ୍ତାରେ କହିଛନ୍ତି।




ଇରାନ ସେନା କମାଣ୍ଡର କାସିମ୍ ସୋଲେମାନୀଙ୍କ ହତ୍ୟା ପ୍ରତିବାଦରେ ନୂଆଦିଲ୍ଲୀରେ ଶିୟା ସମ୍ପ୍ରଦାୟ ପକ୍ଷରୁ ଆମେରିକା ବିରୋଧୀ ବିକ୍ଷୋଭ।

### [ଇତିହାସର ଆଇନାରେ] ଜାନୁୟାରୀ ୬ର ପ୍ରମୁଖ ଘଟଣା

୧୮୩୮ ଜାନୁୟାରୀ ୬ରେ ସାମୁଏଲ ମୋର୍ସ ପ୍ରଥମ ଥର ପାଇଁ ତାଙ୍କର ନୂଆ ଯୋଗାଯୋଗ ଉପକରଣ ଟେଲିଗ୍ରାଫ୍ ଟେକ୍‌ନୋଲୋଜିର ପ୍ରଦର୍ଶନ କରିଥିଲେ। ପରେ ଏହା ଦୂରସଞ୍ଚାର ପାଇଁ ଆଧାର ସାବ୍ୟସ୍ତ ହୋଇଥିଲା। ଟେଲିଗ୍ରାଫରେ ଅକ୍ଷର ଟାଇପ୍ କଲେ ତାହା ବୈଦ୍ୟୁତିକ ସିଗ୍‌ନାଲରେ ପରିବର୍ତ୍ତିତ ହୋଇଥାଏ। ଏହାକୁ ମୋର୍ସ କୋଡ୍ କୁହାଯାଏ।

୧୯୫୯ ଜାନୁୟାରୀ ୬ରେ ପୂର୍ବତନ ଭାରତୀୟ କ୍ରିକେଟର କପିଲ ଦେବଙ୍କ ଜନ୍ମ। ସେ ଜଣେ ଫାଷ୍ଟ ବୋଲର ଓ ହାର୍ଡ ହିଟିଙ୍ଗ ମିଡିଲ୍ ଅର୍ଡର ବ୍ୟାଟ୍ସମ୍ୟାନ। ତାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଟିମ୍ ୧୯୮୩ରେ ବିଶ୍ୱକପ୍ ବିଜୟୀ ହୋଇଥିଲା। ୨୦୦୨ରେ ୱିଜ୍‌ଡେନ୍ ତାଙ୍କୁ ଶତାବ୍ଦୀର ଶ୍ରେଷ୍ଠ ଭାରତୀୟ କ୍ରିକେଟର ଭାବେ ନାମିତ କରିଥିଲା।

## ■ କୋଟା ପରେ ରାଜକୋଟ ହସ୍ପିଟାଲ୍‌ରେ ଶିଶୁ ମଡ଼କ
# ଡିସେମ୍ବରରେ ଯାଇଛି ୧୩୪ ଜୀବନ

**ନୂଆଦିଲ୍ଲୀ,୫।୧**

ରାଜସ୍ଥାନର କୋଟାସ୍ଥିତ ଏକ ହସ୍ପିଟାଲରେ ଶିଶୁ ମୃତ୍ୟୁସଂଖ୍ୟା ୧୧୦ରେ ପହଞ୍ଚିଥିବାବେଳେ ଏହାକୁ ନେଇ ରାଜନୀତି ଜୋର ଧରିଛି। ସେପଟେ ଗୁଜରାଟର ରାଜକୋଟରେ ଥିବା ଏକ ସରକାରୀ ହସ୍ପିଟାଲରେ ଡିସେମ୍ବରରେ ୧୩୪ ଶିଶୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଏନେଇ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କୁ ଜବାବ ମାଗିଛି। ଗୁଜରାଟର ଦୁଇଟି ହସ୍ପିଟାଲରେ ପାଖାପାଖି ୨୦୦ ଶିଶୁଙ୍କ ମୃତ୍ୟୁ ହେଲାଣି। ଏନେଇ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଚୁପ୍ କାହିଁକି ବୋଲି କଂଗ୍ରେସ ପ୍ରଶ୍ନ କରିବା ସହ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଛି।

ରାଜକୋଟ ହସ୍ପିଟାଲରେ ଶିଶୁମାନଙ୍କ ମୃତ୍ୟୁ ଅପପୁଷ୍ଟି, ଜନ୍ମାବସ୍ଥାରୁ ରୋଗ, ସମୟ ପୂର୍ବରୁ ପ୍ରସବ ଏବଂ ମାଆମାନଙ୍କଠାରେ କୁପୋଷଣ ଯୋଗୁ ହୋଇଥିବା କୁହାଯାଇଛି। ରିପୋର୍ଟ ଅନୁଯାୟୀ ୨.୫ କିଲୋଗ୍ରାମ୍‌ରୁ କମ୍ ଓଜନର ଶିଶୁଙ୍କ ଚିକିତ୍ସା ପାଇଁ ହସ୍ପିଟାଲର ନିଓନାଟାଲ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଏନ୍‌ଆଇସିୟୁ)ର ଆବଶ୍ୟକ ସାମର୍ଥ୍ୟ ଓ ସୁବିଧା ନାହିଁ। ସରକାରୀ ହିସାବ ଅନୁଯାୟୀ ରାଜକୋଟ ହସ୍ପିଟାଲରେ ୨୦୧୯ରେ ୧୨୩୫ ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ଜାମନଗରରେ ୬୩୯ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟ ସରକାରଙ୍କ କହିବା ଅନୁଯାୟୀ ପ୍ରତି ମାସରେ ପାଖାପାଖି ୪୦୦ ଶିଶୁ ହସ୍ପିଟାଲରେ ଭର୍ତ୍ତି ହେଉଥିବାବେଳେ ସେଥିରୁ ୮୦ରୁ ୯୦ ଜଣଙ୍କ ମୃତ୍ୟୁ ଅପପୁଷ୍ଟି କିମ୍ବା ଉପଯୁକ୍ତ ସମୟ ପୂର୍ବରୁ ଜନ୍ମ କାରଣରୁ ହେଉଛି। ଏହା ବ୍ୟତୀତ ଘରୋଇ ହସ୍ପିଟାଲଗୁଡ଼ିକ ଗୁରୁତର ଅବସ୍ଥାରେ ଥିବା ଶିଶୁଙ୍କୁ ସରକାରୀ ହସ୍ପିଟାଲକୁ ପଠାଇଦେଉଛନ୍ତି। ଫଳରେ ସରକାରୀ ହସ୍ପିଟାଲରେ ଶିଶୁ ମୃତ୍ୟୁ ବୃଦ୍ଧି ପାଉଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

କୋଟାସ୍ଥିତ ଜେକେ ଲୋନ୍ ହସ୍ପିଟାଲରେ ଶିଶୁ ମୃତ୍ୟୁସଂଖ୍ୟା ୧୧୦ରେ ପହଞ୍ଚିଥିବାବେଳେ ଏହାର ଶିଶୁରୋଗ ବିଭାଗ ମୁଖ୍ୟ ଅମୃତଲାଲ୍ ବୈରଭଙ୍କୁ ବହିଷ୍କାର କରାଯାଇଛି। ତାଙ୍କ ସ୍ଥାନରେ କୋଟା ମେଡିକାଲ କଲେଜର ବରିଷ୍ଠ ମେଡିକାଲ ପ୍ରଫେସର ଜଗଜିତ୍ ସିଂଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହିତ ଶିଶୁରୋଗ ବିଭାଗରେ ଅନ୍ୟ ୪ ଜଣ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଛି। ଏହାବ୍ୟତୀତ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଆଇସିୟୁଗୁଡ଼ିକର ଇନୋଭେଶନ କରାଯାଇଥିବା ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ସୁରେଶ ଦୁଲାରା କହିଛନ୍ତି। ଏହି କାର୍ଯ୍ୟ ପାଇଁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସିଏସ୍‌ଆର୍ ଜରିଆରେ ୪୦ ଲକ୍ଷ ଟଙ୍କା ସଂଗ୍ରହ କରିଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ କୋଟା ହସ୍ପିଟାଲରେ ଏତେ ସଂଖ୍ୟାରେ ଶିଶୁଙ୍କ ଜୀବନ ଗଲା ବୋଲି ଅଭିଯୋଗ ହୋଇଥିଲା। ହସ୍ପିଟାଲରେ ଅନେକ ଜୀବନରକ୍ଷାକାରୀ ଉପକରଣ ଅକାମୀ ହୋଇଥିବା ଶିଶୁ ମୃତ୍ୟୁର ଅନ୍ୟତମ କାରଣ ବୋଲି କୁହାଯାଉଛି। ନିରୀହ ଶିଶୁମାନଙ୍କ ମୃତ୍ୟୁ ପାଇଁ ସରକାରଙ୍କୁ ଉତ୍ତରଦାୟୀ ହେବାକୁ ପଡିବ ବୋଲି ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଶନିବାର କହିଥିଲେ।



■ କୋଟା ହସ୍ପିଟାଲ ଶିଶୁ ମୃତ୍ୟୁସଂଖ୍ୟା ୧୧୦

■ ବିଦାହେଲେ ଶିଶୁରୋଗ ବିଭାଗ ମୁଖ୍ୟ



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ

**ସଂକ୍ଷେପରେ**

ଡଙ୍ଗରିଗୁଡ଼ା ପଞ୍ଚାୟତ

## ୨ ସ୍ତ୍ରୀ ଥିବାରୁ ସରପଞ୍ଚ ପଦବୀ ଅସିଦ୍ଧ

**ନବରଙ୍ଗପୁର,୫।୧(ବି.ପ୍ର):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଡଙ୍ଗରିଗୁଡା ପଞ୍ଚାୟତ ସରପଞ୍ଚ ଫୁଲସିଂ ମାଝୀଙ୍କ ୨ଟି ସ୍ତ୍ରୀ ଥିବାରୁ ତାଙ୍କ ପଦବୀକୁ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଅଜିତ କୁମାର ମିଶ୍ର ଅସିଦ୍ଧ ଘୋଷଣା କରିଛନ୍ତି। ପଞ୍ଚାୟତିରାଜ ନିର୍ବାଚନ ଆଇନ ୧୯୯୪ ଅନୁଯାୟୀ ଯାହାର ଏକାଧିକ ସ୍ତ୍ରୀ ରହିଥିବେ ସେମାନେ ନିର୍ବାଚନ ଲଢି ପାରିବେ ନାହିଁ। କିନ୍ତୁ ଫୁଲ ସିଂଙ୍କ ୨ ଜଣ ସ୍ତ୍ରୀ ଅଛନ୍ତି। ସେ ମିଥ୍ୟା ସତ୍ୟପାଠ ଦାଖଲ କରି ନିର୍ବାଚନ ଲଢିଥିବା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶ୍ୟାମସୁନ୍ଦର ନାୟକ, କପୁର ପୂଜାରୀ, ହରେଶ ଚନ୍ଦ୍ର ମାଝୀ ଓ ପୁରୁଷୋତ୍ତମ ପୂଜାରୀ ଅଭିଯୋଗ କରିଥିଲେ। ଏ ନେଇ ପଞ୍ଚାୟତ ନିର୍ବାଚନ (ନଂ.୨୩/୧୭)ରେ ଏକ ମାମଲା ରୁଜୁ ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ୨୦୧୯ ଡିସେମ୍ବର ୩୧ ତାରିଖରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରପଞ୍ଚ ପଦବୀ ଖାଲି ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଏକ ନକଲ ବିଡିଓଙ୍କୁ ପ୍ରଦାନ କରିଛନ୍ତି।

■ ଆରମ୍ଭ ହେଲା 'ଓଡ଼ିଶା ମୋ ପରିବାର' ଅଭିଯାନ

# ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସେବା କର: ନବୀନ

**ଭୁବନେଶ୍ୱର,୫।୧(ବ୍ୟୁରୋ)**

ପରିବେଶ ସୁରକ୍ଷା, ରକ୍ତଦାନ, ବିପନ୍ନ ଓଡ଼ିଆଙ୍କୁ ସହାୟତା ଉପରେ ଗୁରୁତ୍ୱ

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରବିବାର ନବୀନ ନିବାସରୁ 'ଓଡ଼ିଶା ମୋ ପରିବାର'ର କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟସେବା(ରକ୍ତଦାନ, ସେବା କଲ୍ୟାଣ) ଓ ବିପନ୍ନ ଓଡ଼ିଆଙ୍କୁ ସହାୟତା ଭଳି ୩ ବିଷୟରେ କାର୍ଯ୍ୟ କରିବା ହେଉଛି ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମାଜ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ସାମାଜିକ ସେବା କାର୍ଯ୍ୟର ସୁପରିଚାଳନା ପାଇଁ ପରିବେଶ ସୁରକ୍ଷା କମିଟି, ରକ୍ତଦାନ ଓ ସେବା କଲ୍ୟାଣ କମିଟି ଏବଂ ବିପନ୍ନ ଓଡ଼ିଆଙ୍କୁ ସହାୟତା କମିଟି ଗଠନ କରାଯାଇଛି।

ପରିବେଶ ସୁରକ୍ଷା କମିଟିରେ ପିନାକୀ ମିଶ୍ର, ଅଚ୍ୟୁତ ସାମନ୍ତ, ନଳିନୀକାନ୍ତ ପ୍ରଧାନ ଏବଂ ସନ୍ଧ୍ୟା କୁମାରୀ ନାୟକ ରହିଛନ୍ତି। ରକ୍ତଦାନ ଓ ସେବା କଲ୍ୟାଣ କମିଟିରେ ଅତନୁ ସବ୍ୟସାଚୀ ନାୟକ, ଲତିକା ପ୍ରଧାନ, ମନୋହର ରନ୍ଧାରୀ, ସୁଶାନ୍ତ ରାଉତ, ରୀତା ତରାଇ, ଅନନ୍ତ ନାରାୟଣ ଜେନା, ସୁନୀତା ବିଶ୍ୱାଳ, ଭାରତୀ ସିଂ ଏବଂ ଗୌରହରି ମିଶ୍ର ପ୍ରମୁଖ ରହିଛନ୍ତି। ସେହିଭଳି ପ୍ରବାସୀ ବିପନ୍ନ ଓଡ଼ିଆଙ୍କୁ



ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗହଣରେ 'ଓଡ଼ିଶା ମୋ ପରିବାର' କାର୍ଯ୍ୟକ୍ରମର ସଦସ୍ୟମାନେ।

ସହାୟତା କମିଟିରେ ଚନ୍ଦ୍ରଶେଖର ସାହୁ, ସଞ୍ଜୀବ ମଲ୍ଲିକ, ସୁଧୀର ସାମଲ ଏବଂ ଡେଜାଲିନ୍ ମହାପାତ୍ର ସଦସ୍ୟ ରହିଛନ୍ତି। ଏହି କମିଟିଗୁଡ଼ିକୁ ଯଥାକ୍ରମେ ପିନାକୀ ମିଶ୍ର, ଅତନୁ ସବ୍ୟସାଚୀ ଏବଂ ଚନ୍ଦ୍ରଶେଖର ସାହୁ ପରିଚାଳନା କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସମନ୍ୱୟ ରକ୍ଷା କରିବେ। ରାଜ୍ୟର ପ୍ରାୟ ଏକ ଲକ୍ଷ ବ୍ୟକ୍ତିବିଶେଷଙ୍କୁ ଏହି ଅଭିଯାନରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ନବୀନ ନିବାସରେ ଅନୁଷ୍ଠିତ ଏହି ବୈଠକରେ 'ଓଡ଼ିଶା ମୋ ପରିବାର'ର ଆବାହକ ଅରୂପ ପଟ୍ଟନାୟକ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବିବରଣୀ ଦେଇଥିଲେ। ଓଡ଼ିଶାବାସୀଙ୍କ ସମେତ ଓଡ଼ିଶା ବାହାରେ ରହୁଥିବା ଓଡ଼ିଆ ଲୋକଙ୍କୁ ସେବା ଯୋଗାଇ ଦେବାପାଇଁ 'ଓଡ଼ିଶା ମୋ ପରିବାର' ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ଜୀବନ ବିନ୍ଦୁ ଓ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ କମିଟି କାର୍ଯ୍ୟ କରିବ। ପରିବେଶ କ୍ଷେତ୍ରରେ ବୃକ୍ଷରୋପଣ, ପ୍ଲାଷ୍ଟିକମୁକ୍ତ ଓଡ଼ିଶା, ଜଳାଶୟ ଗୁଡ଼ିକର ପୁନରୁଦ୍ଧାର ପରିବେଶ କମିଟିର ଦାୟିତ୍ୱ ରହିବ। ବିପନ୍ନ ଓଡ଼ିଆମାନଙ୍କୁ ସାହାଯ୍ୟ କରିବା ଓ ପ୍ରବାସୀ ଓଡ଼ିଆଙ୍କ ସହିତ ଓଡ଼ିଶାର ଅଧିକ ସମ୍ପର୍କ ଗଢ଼ିବା ଏହି ସବ୍ କମିଟିର ଦାୟିତ୍ୱ ରହିବ ବୋଲି ଅରୂପ ସୂଚନା ଦେଇଛନ୍ତି। ଜାତିର ପିତା ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ମୋ ପରିବାର କାର୍ଯ୍ୟ କରିବ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଏମ୍‌ପି ଅଚ୍ୟୁତ ସାମନ୍ତ, ଚନ୍ଦ୍ରଶେଖର ସାହୁ, ପିନାକୀ ମିଶ୍ର, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଲତିକା ପ୍ରଧାନ, ଅନନ୍ତ ନାରାୟଣ ଜେନା, ସିପ୍ରା ମଲ୍ଲିକ, ମନୋହର ରନ୍ଧାରୀଙ୍କ ସମେତ ନଳିନୀକାନ୍ତ ପ୍ରଧାନ, ସୁଜିତ୍ କୁମାର ଓ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ପାଠିକା / ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

**୯୪୩୭୦୦୯୪୪୧, ୯୩୪୮୨୦୯୫୩୪**

## ଆଜି କ'ଣ କେଉଁଠି

**ଦେବଗଡ**
- ପ୍ରଧାନପାଟ ଫୁଟବଲ କପ୍ ଉଦ୍‌ଘାଟନ, ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମ, ଅପରାହ୍ନ ୩ଟା।
- ସତ୍‌ସଙ୍ଗ ମହୋତ୍ସବ , ଗୋପାଳଜୀ ମନ୍ଦିର, ସନ୍ଧ୍ୟା ୬ଟା।

**ରେଢାଖୋଲ**
- କଦଳୀଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଉଦ୍‌ଘାଟନ, ସ୍କୁଲ ପରିସର, ସକାଳ ୮ଟାରୁ ଆରମ୍ଭ।

**ଲୋଇସିଂହା**
- ଲୋଇସିଂହା ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ଶିଶୁ ମନ୍ଦିର ପରିସର, ଅପରାହ୍ନ ୫ଟା।

**କର୍ଲାମୁଣ୍ଡା**
- ଜିଲାସ୍ତରୀୟ ଜାତୀୟ ସଂହତି ଶିବିର, ଚୀନବାଡି ପଡିଆ, ପୂର୍ବାହ୍ନ ୧୧ଟା।

**ବିଜେପୁର**
- ପୁଷପୁନି ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ, ପଡା ଗାଁ , ସନ୍ଧ୍ୟା ୬ଟା।

**ସୁନ୍ଦରଗଡ**
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ପ୍ରଗତି ମଣ୍ଡପ, ପୂର୍ବାହ୍ନ ୧୦।୩୦।

**ଅମରପାଲି**
- ମାହେଶ୍ୱରୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ବିକଳପୁର ଖେଳ ପଡିଆ, ପୂର୍ବାହ୍ନ ୧୧ଟା।

**ବୌଦ୍ଧ**
- ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ, କଚେରି ଖେଳ ପଡିଆ ଗୌତମ ବୁଦ୍ଧ ମଣ୍ଡପ, ଅପରାହ୍ନ ୫ଟା।

**ନୂଆପଡା**
- ଓ୍ୱାଇଏମସି କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ, ମିନି ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।
- ଭାଜପା କାର୍ଯ୍ୟକାରିଣୀ ବୈଠକ, ଜଡାମୁଣ୍ଡା ଜଳସେଚନ ବଙ୍ଗଳା, ପୂର୍ବାହ୍ନ ୧୦ଟା।
- ସାରବଙ୍ଗ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ଶିକ୍ଷାନୁଷ୍ଠାନ ପରିସର, ଅପରାହ୍ନ ୫ଟା।

## ବଡ଼ଖେମୁଣ୍ଡି ରାଜା ମାଣିକେଶରୀ ଦେବଙ୍କ ପରଲୋକ

**ଦିଗପହଣ୍ଡି,୫।୧(ଡି.ଏନ୍.ଏ.)**



ବଡ଼ଖେମୁଣ୍ଡି ରାଜା ମାଣିକେଶରୀ ପ୍ରସାଦ ଦେବଙ୍କ ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ବ୍ରହ୍ମପୁରସ୍ଥିତ ବଙ୍ଗଳାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା। ରାଜାଙ୍କ ପରଲୋକ ଖବରପାଇ ବ୍ରହ୍ମପୁର ସହର ସମେତ ଦିଗପହଣ୍ଡି ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବଙ୍ଗଳାରେ ପହଞ୍ଚି ଶେଷଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସୋମବାର ମରଶରୀର ଦିଗପହଣ୍ଡି ରାଜବାଟୀ ପରିସରକୁ ଅଣାଯିବ। ସେଠାରେ ଅଞ୍ଚଳବାସୀଙ୍କ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯିବ ବୋଲି ରାଜପରିବାର ସୂତ୍ରରୁ ଜଣାପଡିଛି।

ମାଣିକେଶରୀ ପ୍ରସାଦ ରାୟପୁରସ୍ଥିତ ରାଜକୁମାର କଲେଜରେ ଇଂଲିଶ୍‌ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ବଡ଼ଖେମୁଣ୍ଡିଗଡ଼ର ଶେଷ ରାଜା ରାମଚନ୍ଦ୍ର ଦେବଙ୍କ ପରଲୋକ ପରେ ୧୯୭୧ ମସିହାରେ ତାଙ୍କୁ ସୁନିଆଁ ପରମ୍ପରା ଅନୁଯାୟୀ ରାଜପରିବାର ପକ୍ଷରୁ ରାଜକୀୟ ବେଶଭୂଷାରେ ସଜ୍ଜିତ କରାଯାଇ ରାଜା ଭାବେ ଅଭିଷିକ୍ତ କରାଯାଇଥିଲା। ଗତ କିଛିଦିନ ହେଲା ସେ ଅସୁସ୍ଥ ଥିବାରୁ ଚିକିତ୍ସାଧୀନ ଥିଲେ। ପରଲୋକ ଖବରପାଇ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର, ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରାୟ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# 'ସିଏଏକୁ କୌଣସି ରାଜ୍ୟ ଅଟକାଇ ପାରିବ ନାହିଁ'

**ପୁରୀ ଅଫିସ୍/କେନ୍ଦ୍ରାପଡ଼ା ଅଫିସ୍/ମହାକାଳପଡା,୫।୧(ଡି.ଏନ୍.ଏ.)**

■ କେନ୍ଦ୍ର ଇଞ୍ଚେ ପଛକୁ ଘୁଞ୍ଚିବନି: ରାଜୀବ ପ୍ରତାପ
■ ଦୋମୁହାଁ ନୀତି ଆପଣାଇଛି କଂଗ୍ରେସ
■ ହିନ୍ଦୁ ଶରଣାର୍ଥୀଙ୍କୁ ଭରସା ଦେଲେ କେନ୍ଦ୍ରମନ୍ତ୍ରୀ କୁଲସ୍ତେ

ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) କାହାର ନାଗରିକତା ଛଡ଼ାଇ ନେବନି ବରଂ ନାଗରିକତ୍ୱ ପ୍ରଦାନ କରିବ। ବିରୋଧୀମାନେ ରାଜନୈତିକ ଅଭିସନ୍ଧି ରଖି ଜନସାଧାରଣଙ୍କୁ ଭୁଲ୍ ବାର୍ତ୍ତା ଦେଉଛନ୍ତି। ସିଏଏକୁ ନେଇ କେନ୍ଦ୍ର ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଦେଶର ହିତ ପାଇଁ। କୌଣସି ପରିସ୍ଥିତିରେ କେନ୍ଦ୍ର ସରକାର ସିଏଏ କାର୍ଯ୍ୟକାରୀ କରିବା ନିଷ୍ପତ୍ତିରୁ ଇଞ୍ଚେ ବି ପଛକୁ ଘୁଞ୍ଚିବ ନାହିଁ ବୋଲି ପୁରୀର ଏକ ହୋଟେଲରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ରାଜୀବ ପ୍ରତାପ ରୁଡ୍ଡି। ସେହିପରି ସିଏଏକୁ କୌଣସି ରାଜ୍ୟ ଅଟକାଇ ପାରିବ ନାହିଁ ବୋଲି କହିଛନ୍ତି ଭାଜପା ନେତା ତଥା କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଫଗନ ସିଂ କୁଲସ୍ତେ। ଭାଜପା ପକ୍ଷରୁ ସିଏଏ ସପକ୍ଷରେ ବ୍ୟାପକ ଜନସମ୍ପର୍କ ଅଭିଯାନ ଅବସରରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ରାମନଗରସ୍ଥିତ ରାମଚଣ୍ଡୀ ମନ୍ଦିର ପାର୍ଶ୍ୱ ପଡ଼ିଆରେ ରବିବାର ଆୟୋଜିତ ବିସ୍ଥାପିତ ସମାବେଶରେ କୁଲସ୍ତେ ଯୋଗଦେଇଥିଲେ।

ବାଂଲାଦେଶ, ଆଫଗାନିସ୍ତାନ ଏବଂ ପାକିସ୍ତାନରେ ଧର୍ମୀୟ ବିଦ୍ୱେଷର ଶିକାର ହୋଇ ୨୦୧୪ ସୁଦ୍ଧା ଭାରତରେ ଶରଣାର୍ଥୀ ଭାବେ ରହିଥିବା ସଂଖ୍ୟାଲଘୁ ହିନ୍ଦୁ, ଶିଖ, ଜୈନ, ପାର୍ଶି, ଖ୍ରୀଷ୍ଟିଆନ ଓ ବୌଦ୍ଧମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବା ସିଏଏର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉଭୟ ଭାଜପା ନେତା କୁଲସ୍ତେ ଏବଂ ରୁଡ୍ଡି କହିଥିଲେ। ସିଏଏକୁ ନେଇ କଂଗ୍ରେସ ଦୋମୁହାଁ ନୀତି ଆପଣାଇଛି ବୋଲି ରୁଡ୍ଡି କହିଛନ୍ତି। ବାଂଲାଦେଶ ଯୁଦ୍ଧ ପରେ କଂଗ୍ରେସ ବାଂଲାଦେଶରୁ ଆସିଥିବା ବିସ୍ଥାପିତଙ୍କୁ ଭାରତରେ ସ୍ଥାନ ଦେଇଥିଲା। ସେତେବେଳେ ଏହାକୁ କେହି ବିରୋଧ କରି ନ ଥିଲେ। ତେବେ ବର୍ତ୍ତମାନ କାହିଁକି ସିଏଏକୁ ନେଇ ବିବାଦ ଉପୁଜୁଛି ବୋଲି କହିଥିଲେ। ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡ. ରାଜେନ୍ଦ୍ର ପ୍ରସାଦ, ମୌଲାନା ଆଜାଦ, ଡ. ମନମୋହନ ସିଂ ବିଭିନ୍ନ ସମୟରେ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନ ଶରଣାର୍ଥୀଙ୍କୁ ଭାରତରେ ନାଗରିକତ୍ୱ ଦେବା ଲାଗି କହିଛନ୍ତି। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଗତ ୧୦ ବର୍ଷ ମଧ୍ୟରେ ତିନିଥର ପାକିସ୍ତାନରୁ ଆସିଥିବା ହିନ୍ଦୁଙ୍କୁ ଭାରତରେ ନାଗରିକତ୍ୱ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। କିନ୍ତୁ ଆଜି କାହିଁକି କଂଗ୍ରେସ ଏହାକୁ ବିରୋଧ କରୁଛି ବୋଲି ରୁଡ୍ଡି ପ୍ରଶ୍ନ କରିଥିଲେ। ସିଏଏକୁ ନେଇ ଦେଶବାସୀଙ୍କ ମଧ୍ୟରେ ଯେଉଁମାନେ ଭ୍ରାନ୍ତ ଧାରଣା ଦେଉଛନ୍ତି, ଜନସାଧାରଣ ସେମାନଙ୍କୁ ଉଚିତ ଜବାବ ଦେବେ। ଏଥିପାଇଁ ରବିବାରଠାରୁ ଆସନ୍ତା ୧୫ ତାରିଖ ଯାଏ ଭାଜପା ଜନଜାଗରଣ ଅଭିଯାନ ମାଧ୍ୟମରେ ଲୋକମାନଙ୍କୁ ସିଏଏ ସମ୍ପର୍କରେ ବୁଝାଇବ ବୋଲି ରୁଡ୍ଡି କହିଛନ୍ତି। ପୁରୀ ଖବରଦାତା ସମ୍ମିଳନୀରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜିଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ସମେତ ଦଳର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦେବ, ଓମ୍‌ପ୍ରକାଶ ମିଶ୍ର, ପ୍ରଭଞ୍ଜନ ମହାପାତ୍ର, ରବି ମଲ୍ଲିକ, ଶଙ୍କର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

ମହାକାଳପଡ଼ା ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଜ୍ୟ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତି ପରିଡ଼ା, ରାଜ୍ୟ ଉପସଭାପତି ଭୁବନମୋହନ ଜେନା, ସୁରଥ ବିଶ୍ୱାଳ, ବିଷ୍ଣୁ ଦାସ, ଦୁର୍ଯ୍ୟୋଧନ ସାହୁ, ଉମାକାନ୍ତ ପଟ୍ଟନାୟକ, ଠାକୁର ରଞ୍ଜିତ ଦାସ, ପୂର୍ବତନ ବିଧାୟକ ଅଲେଖ ଜେନା, ଦୋଳଗୋବିନ୍ଦ ନାୟକ, ବିଜୟ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସମାବେଶ ପରେ କେନ୍ଦ୍ରମନ୍ତ୍ରୀ କୁଲସ୍ତେ ରାମନଗର ସରକାର ପଡ଼ାର ହିନ୍ଦୁ ଶରଣାର୍ଥୀ ରୁଷି ସାନାଙ୍କ ଘରକୁ ଯାଇ ସେ ୨୦୦୪ ଡିସେମ୍ବର ୨୯ରେ ପାଇଥିବା ଦେଶାନ୍ତର ନୋଟିସକୁ ଦେଖିଥିଲେ। ସିଏଏ ପାଇଁ ଦେଶର ନାଗରିକତ୍ୱ ତାଙ୍କୁ ମିଳିବ ବୋଲି ଆଶ୍ୱାସନା ଦେଇଥିଲେ। ସେଠାରୁ ଲୁଣିମାଠିଆ ଗ୍ରାମର ଆଦିବାସୀବହୁଳ ଶବରପଡା ଯାଇଥିଲେ। ସେଠାରେ ଅଞ୍ଚଳବାସୀଙ୍କ ମୌଳିକ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଦୀପ୍ତି ରଞ୍ଜନ ଭୋଇ



ତନ୍ମୟୀ ଶତପଥୀ



ସୁଦୀପ୍ତା ପଟ୍ଟନାୟକ




ବି. ଗୋପାଳ ପାତ୍ର

No Plastic Bags

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

■ 'ସିଏଏ' ରାଷ୍ଟ୍ରୀୟ ମାନବିକତାର ପରିଚାୟକ

# ଦେଶ ବିରୋଧରେ ଘାତକ ଆକ୍ରମଣ କରୁଛି କଂଗ୍ରେସ: କେନ୍ଦ୍ରମନ୍ତ୍ରୀ

**ବାଲେଶ୍ୱର ଅଫିସ,୫।୧**

ନାଗରିକତ୍ୱ ସଂଶୋଧନ ଆଇନ୍ (ସିଏଏ) ରାଷ୍ଟ୍ରୀୟ ମାନବିକତାର ପରିଚାୟକ। ଏହି ଆଇନ ବ୍ୟବସ୍ଥାରେ ୩ଟି ନିର୍ଦ୍ଦିଷ୍ଟ ଦେଶରୁ ଧର୍ମ ଆଧାରରେ ଉତ୍ପୀଡନର ଶିକାର ହୋଇ ଭାରତରେ ଶରଣ ନେଇଥିବା ସଂଖ୍ୟାଲଘୁ ସମୁଦାୟ ଭାରତୀୟ ନାଗରିକତ୍ୱ ପାଇଁ ଆବେଦନ କରିପାରିବେ। ଏଥିଲାଗି କୌଣସି ଭାରତୀୟ ଭୟଭୀତ ହେବାର କାରଣ ନାହିଁ। ଏଥିରେ କାହାରି ନାଗରିକତ୍ୱ ଛିନ୍ନ ହେବ ନାହିଁ। ଦେଶର ସ୍ୱାର୍ଥ ଲାଗି ଦେଶବାସୀ ଏହାକୁ ପ୍ରାଥମିକତା ଦେବା ଦରକାର। କଂଗ୍ରେସ ନେତାମାନେ ନିଜ ଭୋଟ୍‌ବ୍ୟାଙ୍କକୁ ସୁରକ୍ଷା ଦେବା ସକାଶେ ଉକ୍ତ ଆଇନ ସମ୍ପର୍କରେ ଲୋକଙ୍କୁ ମିଥ୍ୟା ତଥ୍ୟ ଦେଇ ଦେଶ ବିରୋଧରେ ଘାତକ ଆକ୍ରମଣ କରିବାକୁ ଲାଗି ପଡ଼ିଛନ୍ତି। ଏପରି କି ସେମାନେ ଦେଶ ବିରୋଧରେ ବିଦେଶୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି ବୋଲି କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ବାଲେଶ୍ୱର ସହର ନିକଟସ୍ଥ ଏକ ଘରୋଇ ହୋଟେଲ ପରିସରରେ ଭାଜପା ନେତୃବର୍ଗଙ୍କ ପକ୍ଷରୁ ରବିବାର ଅପରାହ୍ନରେ ଆହୂତ ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ସଦର ବିଧାୟକ ମଦନ ମୋହନ ଦତ୍ତ, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପଦ୍ମଲୋଚନ ପଣ୍ଡା, ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ଓ ଗୋବିନ୍ଦ ଚନ୍ଦ୍ର ଦାସ, ଭୋଗରାଇର ଅଂଶୁମାନ ମହାନ୍ତି, ସୋରର ରାକେଶ ମଲ୍ଲିକ, ମିଡ଼ିଆ ସଂଯୋଜକ ଗୌରାଙ୍ଗ ଚନ୍ଦ୍ର ଦାସ, ଶୋଭନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ ଆହୁରି କହିଥିଲେ, ୧୯୪୭ ମସିହାରେ କଂଗ୍ରେସ ସାମ୍ପ୍ରଦାୟିକତା ଭିତ୍ତିରେ ଦେଶକୁ ବାଣ୍ଟିଥିଲା। ସେତେବେଳେ ଭାରତ ମାଟିର ପଞ୍ଜାବ, ବେଲୁଚିସ୍ତାନ, କଶ୍ମୀରର ଅଧିକାଂଶ ଅଂଶକୁ ଅନ୍ୟ ଦେଶକୁ କୌଣସି ଯୁକ୍ତି ନ ଥାଇ ଛାଡି ଦିଆଯାଇଥିଲା। ପରେ ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରେ ଧାର୍ମିକ ଉତ୍ପୀଡ଼ନର ଶିକାର ହୋଇ ସେଠାରୁ ବିସ୍ଥାପିତ ହୋଇଥିବା ହିନ୍ଦୁ, ବୌଦ୍ଧ, ଶିଖ୍ ସମେତ ୬ଟି ସମ୍ପ୍ରଦାୟର ଲୋକେ ନିଜ ଜୀବନକୁ ବାଜି ଲଗାଇ ଭାରତକୁ ଚାଲି ଆସୁଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ପ୍ରାଥମିକତା ସୁବିଧା ମିଳିପାରୁ ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ମାନବାଧିକାର ବିରୋଧୀ। ଏଣୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନାଗରିକତ୍ୱ ସଂଶୋଧନ ଆଇନ ସଂସଦର ଉଭୟ ଗୃହରେ ପାରିତ ହୋଇଛି। ଦେଶବାସୀ ରାଜନୈତିକ ଚାପର ଉପରକୁ ଉଠି ସମସ୍ତ ବାଧାକୁ ପଛରେ ପକାଇ କେନ୍ଦ୍ର ସରକାରଙ୍କ ଏହି ମହାନ୍ ନିଷ୍ପତ୍ତିକୁ ପ୍ରାଥମିକତା ଦେବା ସକାଶେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଆହ୍ୱାନ କରିଥିଲେ। ଏଭଳି ଆଇନ ବ୍ୟବସ୍ଥାରେ ମୁସଲମାନଙ୍କଠାରୁ ନାଗରିକତା ଛଡ଼ାଇ ନିଆଯିବ ବୋଲି ବିରୋଧୀମାନେ ସୃଷ୍ଟି କରୁଥିବା ଗୁଜବର କୌଣସି ସତ୍ୟତା ନାହିଁ ବୋଲି ସେ କହିଥିଲେ। ୩ ଦେଶରୁ ବିସ୍ଥାପିତ ହୋଇଥିବା ଅଳ୍ପ ସଂଖ୍ୟକଙ୍କୁ ଆଇନଗତ ସୁରକ୍ଷା ଦେଇ ମୋଦି ସରକାର ଗାନ୍ଧିବାଦୀ ମାନବିକତାର ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରି ନିର୍ବାଚନୀ ସଂକଳ୍ପ ପୂରଣ କରିଛନ୍ତି ବୋଲି ସେ କହିଥିଲେ।



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।



“ ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସେ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।
- କାର୍ଲାଇଲ୍




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସାଇରାମ୍ ପରିବାରବର୍ଗ


ଶ୍ରୀ ଲଲାଟେନ୍ଦୁ ପରିବାରବର୍ଗ


ଶ୍ରୀୟନ ପରିବାରବର୍ଗ


ସାଇ ପ୍ରସାଦ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ଗଠନ ଲକ୍ଷ୍ୟ**

# ରାଜ୍ୟରେ ଆରମ୍ଭ ହେବ ସ୍ୱଚ୍ଛ ସର୍ବେକ୍ଷଣ ଲିଗ୍

ଭୁବନେଶ୍ୱର, ୫।୧ (ବ୍ୟୁରୋ)

- ପୌରସଂସ୍ଥାଗୁଡ଼ିକର ର୍ୟାଙ୍କିଙ୍ଗ୍ ହେବ
- ୩ ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବ
- ସ୍ୱଚ୍ଛ ଭାରତ ସର୍ବେକ୍ଷଣ ୨୦୨୦ ଲାଗି ପ୍ରସ୍ତୁତି

ଓଡ଼ିଶାର ସହରାଞ୍ଚଳଗୁଡିକ କେତେ ସଫାସୁତୁରା ରହିଛି ତାହା ଜାଣିବା ଲାଗି ପ୍ରଥମଥର ସାରା ରାଜ୍ୟରେ ସ୍ୱଚ୍ଛ ସର୍ବେକ୍ଷଣ (ଏସ୍ଏସ୍) ଲିଗ୍ ୨୦୨୦ ଆରମ୍ଭ ହେବ। ତରଳ, କଠିନ ଓ ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ସହ ସ୍ୱଚ୍ଛତା କ୍ଷେତ୍ରରେ ସମସ୍ତ ୧୧୪ ପୌରସଂସ୍ଥାର ର୍ୟାଙ୍କିଙ୍ଗ୍ କରାଯିବ। ଲୋକଙ୍କୁ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ କରିବା ସହ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏବଂ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ସର୍ବେକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ରବିବାର ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, ଏସ୍ଏସ୍ ଲିଗ୍ ୩ ତ୍ରୈମାସିକ ଅର୍ଥାତ୍ ଏପ୍ରିଲ୍-ଜୁନ୍, ଜୁଲାଇ-ସେପ୍ଟେମ୍ବର ଓ ଅକ୍ଟୋବର-ଡିସେମ୍ବରରେ କାର୍ଯ୍ୟକାରୀ ହେବ। ସ୍ୱଚ୍ଛ ଭାରତ ସର୍ବେକ୍ଷଣ ୨୦୨୦ ଲାଗି ସହରାଞ୍ଚଳଗୁଡିକୁ ଏସ୍ଏସ୍ ଲିଗ୍ରେ ଅଂଶଗ୍ରହଣ କରିବା ଜରୁରୀ। କାରଣ ତ୍ରୈମାସିକ ସର୍ଭେ ସହ ହେବାକୁ ଥିବା ବାର୍ଷିକ ସର୍ବେକ୍ଷଣରେ ୨୫% ଗ୍ରେସ୍ମାର୍କ ମିଳିବ। ବିଭାଗ ପକ୍ଷରୁ ଏ କ୍ଷେତ୍ରରେ ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପୌରସଂସ୍ଥାଗୁଡିକୁ ନେଇ ରାଜ୍ୟ ସ୍ତରରେ ଏକ କର୍ମଶାଳା ଆୟୋଜିତ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତି ଓ ସଂସ୍ଥାମାନଙ୍କୁ ଏ ସଂକ୍ରାନ୍ତ କିଟ୍ ଯୋଗାଇ ଦିଆଯାଇଛି। ସ୍ୱଚ୍ଛ ସର୍ବେକ୍ଷଣ ଡାଟା ଅପ୍ଲୋଡ ଆବଶ୍ୟକ ଥିବାରୁ ଏ ସଂକ୍ରାନ୍ତରେ ଏକ ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳାର ମଧ ଆୟୋଜନ କରାଯାଇଛି। କର୍ମଶାଳା ପରେ ବରିଷ୍ଠ ଅଧିକାରୀଙ୍କ ଲାଗି ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରଦାନ କରାଯାଇଥିବାବେଳେ ସ୍ୱଚ୍ଛ ସର୍ବେକ୍ଷଣ ସଂକ୍ରାନ୍ତରେ ପୌରାଞ୍ଚଳ ଲୋକଙ୍କୁ ସଚେତନ ଲାଗି ବ୍ୟାପକ ଆଇଇସି ସାମଗ୍ରୀ ଯୋଗାଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ସମସ୍ତ ପୌରାଞ୍ଚଳରେ ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସହଯୋଗୀ ସଂସ୍ଥାଗୁଡିକ ସହ ବୈଠକ କରାଯାଇ ସଚେତନ କରାଯାଉଛି। ଲୋକେ କିଭଳି ସର୍ବେକ୍ଷଣରେ ଅଂଶଗ୍ରହଣ କରିବେ ସେଥିଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଚାରପତ୍ର, ମାଇକ ପ୍ରଚାର, କାନ୍ଥରେ ଚିତ୍ର, ରାଲି, ପ୍ରତିଯୋଗିତା, ଷ୍ଟ୍ରିଟ ପ୍ଲେ, ହୋର୍ଡିଂ ମାଧ୍ୟମରେ ସଚେତନ କରାଯାଉଥିବାବେଳେ ଏସ୍ଏଚ୍ଜି ସଦସ୍ୟାଙ୍କୁ ସ୍ୱଚ୍ଛସାଥୀ ଭାବେ ମୁତୟନ କରାଯାଇଛି। ଏମାନେ ପ୍ରତିଘରକୁ ଯାଇ ଲୋକଙ୍କୁ ସଚେତନ କରିବେ। ଏଭଳି କାର୍ଯ୍ୟକ୍ରମ କେବଳ ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ନୁହେଁ, ବରଂ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ଗଠନ ଦିଗରେ ବେଶ୍ ସହାୟକ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଲେଉଟିବ ଶୀତ

## ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୫।୧ (ବ୍ୟୁରୋ)

ରାଜ୍ୟରେ ପୁଣି ଥରେ ବଢ଼ିବ ଶୀତ। ସୋମବାରଠାରୁ ଶୀତର ପ୍ରକୋପ ବୃଦ୍ଧି ପାଇବା ସହ ଘନ କୁହୁଡ଼ି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। କିଛିଦିନ ହେବ ରାଜ୍ୟରେ ବର୍ଷା ପାଗ ରହୁଥିବାରୁ ଶୀତର ପ୍ରଭାବ କମ୍ ଥିଲା। ତେବେ ବର୍ତ୍ତମାନ ବର୍ଷା ଛାଡ଼ି ଯାଇଥିବାବେଳେ ପ୍ରବଳ ଶୀତ ପୁଣି ଲେଉଟିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସୋମବାରଠାରୁ ଆକାଶ ମେଘମୁକ୍ତ ରହିବ। ଫଳରେ ତାପମାତ୍ରା କମିବ ଏବଂ ଶୀତ ପ୍ରବଳ ହେବ। ତେବେ ଆସନ୍ତା ୨ ଦିନରେ ରାତିର ତାପମାତ୍ରା ୪ରୁ ୫ ଡିଗ୍ରୀ କମିବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ଅନ୍ୟପଟେ ଘନ କୁହୁଡ଼ି ନେଇ ସୋମବାର ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଉତ୍ତର-ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ଜିଲା ଏବଂ ଅନୁଗୋଳ, ସୁନ୍ଦରଗଡ଼, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା ଓ ପୁରୀ ଆଦି ୭ ଜିଲାରେ ଘନ କୁହୁଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। କୁହୁଡ଼ିର ପ୍ରଭାବ ଏତେ ରହିବ ଯେ, ୨୦୦ ମିଟର ଦୂର ପରେ ଆଉ କିଛି ଦୃଶ୍ୟମାନ ହେବ ନାହିଁ। ରବିବାର ଉତ୍ତର-ଉପକୂଳ ଓଡ଼ିଶା ସମେତ ଅନୁଗୋଳ, ସୁନ୍ଦରଗଡ଼, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା ଓ ପୁରୀରେ ଘନ କୁହୁଡ଼ି ହୋଇଥିଲା। ତେବେ ବୁଧବାର ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼ ଓ ନୂଆପଡ଼ା ଆଦି ୬ ଜିଲା ଏବଂ ଗୁରୁବାର ରାଜ୍ୟର କେତେକ ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଜେଲ୍ ଗଲେ ଆଇଏଏସ୍ ଅଫିସର ବିଜୟ କେତନ

ଭୁବନେଶ୍ୱର, ୫।୧(ବ୍ୟୁରୋ)

- ବ୍ୟାଙ୍କ୍ ଅଫିସର ସନ୍ତୋଷ ମଧ ଜେଲ୍ ଗଲେ
- ୧୪ ଦିନ ବିଚାର ବିଭାଗୀୟ ହାଜତରେ ରହିବେ

ଲକ୍ଷେ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ୨୦୦୯ ବ୍ୟାଚର ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟଙ୍କ ୬ ଦିନିଆ ରିମାଣ୍ଡ ଅବଧି ରବିବାର ଶେଷ ହୋଇଛି। ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ସହ ସମ୍ପୃକ୍ତ ବ୍ୟାଙ୍କ୍ ଅଫିସର ସନ୍ତୋଷ ପଟ୍ଟନାୟକଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରିଥିଲେ। ଏଥିସହ ବିଜୟଙ୍କୁ ପୁଣି ରିମାଣ୍ଡରେ ନେବାକୁ ଭିଜିଲାନ୍ସ ପକ୍ଷରୁ ଆବେଦନ କରାଯାଇଥିଲା। ହେଲେ କୋର୍ଟ ରିମାଣ୍ଡ ଅନୁମତି ଦେବାକୁ ମନା କରିବା ସହ ଉଭୟଙ୍କୁ ୧୪ଦିନ ପାଇଁ ବିଚାରବିଭାଗୀୟ ଜେଲ୍ ହାଜତରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେମାନଙ୍କୁ ଝାରପଡ଼ା ଜେଲ୍କୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଆଇଏଏସ୍ ଅଫିସର ବିଜୟଙ୍କ ପକ୍ଷରୁ ପୁଣି ଜାମିନ ଆବେଦନ କରାଯାଇଥିଲା। କୋର୍ଟ ଏହାର ଶୁଣାଣିକୁ ଆସନ୍ତା ୮ ତାରିଖକୁ ଧାର୍ଯ୍ୟ କରିଛନ୍ତି। ତେବେ ରିମାଣ୍ଡରେ ନେଇ ପଚରାଉଚରାବେଳେ ଭିଜିଲାନ୍ସ ଅଧିକାରୀମାନେ ଆଇଏଏସ୍ ଅଫିସର ବିଜୟଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛନ୍ତି। ଜଣେ ଭିଜିଲାନ୍ସ ଅଧିକାରୀ କହିଛନ୍ତି, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚନ ଯୋଜନାରେ ବଡ଼ ଧରଣର ଦୁର୍ନୀତିର କାର୍ପଟଦାର ହେଉଛନ୍ତି ଉଦ୍ୟାନ କୃଷିର ତତ୍କାଳୀନ ନିର୍ଦ୍ଦେଶକ ବିଜୟ। ଚାଷୀଙ୍କୁ ଜଳ ସିଞ୍ଚନ ଉପକରଣ ଯୋଗାଉଥିବା ଅଧିକୃତ ସପ୍ଲାୟରଙ୍କୁ ବିଲ୍ ପ୍ରଦାନ ପାଇଁ ଲାଞ୍ଚ ନେଇଥାନ୍ତି। ବ୍ୟାଙ୍କ୍ ଅଧିକାରୀ ସନ୍ତୋଷ ଉକ୍ତ ଲାଞ୍ଚ ଟଙ୍କା ଆଦାୟ କରିଥାନ୍ତି। କିନ୍ତୁ ସନ୍ତୋଷ କୋର୍ଟରେ ହାଜର ହେବା ସମୟରେ ଗଣମାଧ୍ୟମକୁ କହିଛନ୍ତି ଯେ, ସେ ବଡ଼ବଡ଼ିଆଙ୍କ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି। ତାଙ୍କ ପକେଟରେ ଜବରଦସ୍ତ ଟଙ୍କା ରଖି ତାଙ୍କୁ ଗିରଫ କରିଥିଲା ଭିଜିଲାନ୍ସ। ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ, ଏସ୍ଆର୍ଏମ୍ ପ୍ଲାଷ୍ଟୋକେମ ପ୍ରାଇଭେଟ ଲିମିଟେଡର ୫୦ ଲକ୍ଷ ଟଙ୍କାର ବିଲ୍ ରିଲିଜ କରିବା ପାଇଁ ୧ ଲକ୍ଷ ଟଙ୍କା ଦାବି କରିଥିଲେ ବିଜୟ। ତାଙ୍କ ପାଇଁ ସନ୍ତୋଷ ଟଙ୍କା ନେଲାବେଳେ ଧରାପଡିଥିଲେ। ବିଜୟଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଅନ୍ୟ ସମ୍ପତ୍ତିକୁ ଭିଜିଲାନ୍ସ ଜବତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିସହ ବିଜୟଙ୍କ ଲିଙ୍କ୍ରେ ଥିବା ପ୍ରଶାସନିକ ଅଧିକାରୀ ଓ ବ୍ୟାଙ୍କ୍ ଅଧିକାରୀଙ୍କ ସମ୍ପର୍କରେ ଭିଜିଲାନ୍ସ ଅଧିକ ଖୋଳତାଡ଼ କରୁଛି।

## ପ୍ରଥମ ପୃଷ୍ଠାରୁ...

### କାୟା ବିସ୍ତାର...

ଘାରି ରହିଛି। ଏହି ଅଞ୍ଚଳରେ ନୂଆପଡା-ବଲାଙ୍ଗୀର-ମହାସମୁଦ୍ର ଜୋନ ମାଓବାଦୀମାନେ ଏବେ ବି ସକ୍ରିୟ ହୋଇ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି । ୨୦୧୧ରେ ନୂଆପଡା ବ୍ଲକ ଧରମବନ୍ଧା ଥାନାଠାରୁ ଅନତିଦୂରରେ ଏଠିକାର ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ଦେୱାଙ୍ଗନଙ୍କୁ ହତ୍ୟା କରିଥିଲେ। ସେହି ଦିନଠାରୁ ତାଙ୍କର ପରିବାର ଲୋକ ଗାଁ ଛାଡି ଚାଲିଗଲେ। ସେମାନେ ଆଉ ଘରକୁ ଫେରୁନାହାନ୍ତି। ଏଭଳି ଯେଉଁଠାରେ ବି ମାଓବାଦୀଙ୍କ ପାଦ ପଡିଛି ସେଠାରେ ପରିସ୍ଥିତି ସ୍ୱାଭାବିକ ହୋଇପାରୁନାହିଁ। ଏଥିପାଇଁ ପୋଲିସ ଖାଲି କ୍ୟାମ୍ପ ଠାବ କରୁଛି, ହେଲେ ଶାନ୍ତି ସ୍ଥାପନ ସକାଶେ ସେଭଳି କୌଣସି ପ୍ରୟାସ କରୁଥିବା ଦେଖାଯାଉନାହିଁ। ଜିଲାର ନଙ୍ଗଲବୋଡଠାରୁ ଧରମବନ୍ଧା ଏବଂ ପାଟପାଣିରୁ ଆରମ୍ଭ କରି ବେଲଟୁକୁରୀ ଅଞ୍ଚଳଯାଏ ମାଓବାଦୀମାନେ ଚେଇଁ ଶୋଇ ରହିଥିବା କୁହାଯାଉଛି। ନୂଆପଡା-ଛତିଶଗଡ ସୀମାନ୍ତ ଗାଁରେ ଦିନରାତି ସଭା ସମିତି କରୁଥିବା ଚର୍ଚ୍ଚାରେ ରହୁଛି। ଏମାନେ ଯେ କୌଣସି ସମୟରେ ନିଜର କାୟା ଦେଖାଇପାରନ୍ତି ତାହା କହିହେଉନାହିଁ। ଭବିଷ୍ୟତରେ କିଛି ବଡ଼ ଆକ୍ରମଣ ହେବା ପୂର୍ବରୁ ଏବେଠାରୁ ପୋଲିସ ପ୍ରଶାସନ ସଜାଗ ରହିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

### ଉଡାଇଦେବୁ...

ପରଠୁ ଦୁଇଦେଶ ମଧ୍ୟରେ ଆରମ୍ଭ ହୋଇଥିବା ସଂଘର୍ଷ ଉଗ୍ରରୂପ ଧାରଣ କରିଛି। ଶୁକ୍ରବାର ସକାଳେ ଆମେରିକାର ରକେଟ ମାଡ଼ରେ ଇରାନ ସେନାର ଶକ୍ତିଶାଳୀ ଅଲ୍-କୁଦ୍ସ ଫୋର୍ସର ୬୨ ବର୍ଷୀୟ କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କ ସମେତ ସେନାର କେତେଜଣ ବରିଷ୍ଠ ଅଧିକାରୀ ନିହତ ହୋଇଥିଲେ। ଆମେରିକାକୁ ଜବାବ ଦେବାକୁ ଯାଇ ଇରାନ ସମର୍ଥିତ ବିଦ୍ରୋହୀମାନେ ଶନିବାର ରାତିରେ ବାଗଦାଦ ଦୂତାବାସ ଓ ବଲାଦ୍ ଏୟାରବେସ୍କୁ ଟାର୍ଗେଟ କରିଥିଲେ। ଏଥିରେ ଉଭୟ ଦୂତାବାସ ଓ ବାୟୁସେନା ଘାଟିର ବ୍ୟାପକ କ୍ଷୟକ୍ଷତି ହୋଇଛି। ଆକ୍ରମଣରେ ନିହତ ହୋଇଥିବା ଆମେରିକୀୟଙ୍କ ସଂଖ୍ୟା ସ୍ପଷ୍ଟ ହୋଇନାହିଁ। ତେବେ ଏହାକୁ ନେଇ କ୍ଷୁବ୍ଧ ଆମେରିକା ରାଷ୍ଟ୍ରପତି ରବିବାର ତେହେରାନକୁ କଡ଼ା ଚେତାବନୀ ଦେଇଛନ୍ତି। ଟ୍ରମ୍ପ୍ କହିଛନ୍ତି, ସୋଲେମାନୀଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ଇରାନ ଯଦି ଆମେରିକାର କୌଣସି ସୈନ୍ୟ ବା ସମ୍ପତ୍ତିକୁ ଟାର୍ଗେଟ କରେ ତେବେ ଆମେ ତା'ର ପ୍ରତିଶୋଧ ନେବାକୁ ପଛଘୁଞ୍ଚା ଦେବୁନାହିଁ। ଆମେ ଇରାନର ୫୨ଟି ସ୍ଥାନକୁ ଚିହ୍ନଟ କରିଛୁ। ଉକ୍ତ ସ୍ଥାନଗୁଡ଼ିକ ଇରାନ ଓ ଏହାର ସଂସ୍କୃତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୋଲେମାନୀ ଜଣେ ଆତଙ୍କବାଦୀ ଥିଲେ। ସେ ଆମର ଦୂତାବାସକୁ ଆକ୍ରମଣ କରିବା ସହ ଅନେକ ଲୋକଙ୍କ ଜୀବନ ନେଇଥିଲେ। ଏହାସହ ଆମେରିକାକୁ କ୍ଷତି ପହଞ୍ଚାଇବା ପାଇଁ ଆହୁରି ଅନେକ ଷଡ଼ଯନ୍ତ୍ର ରଚୁଥିଲେ। ଆମେ ଜବାବ ଦେବୁ ହିଁ ଦେବୁ। ଏହା ଏକ ଚେତାବନୀ ବୋଲି ଟ୍ରମ୍ପ୍ ଟୁଇଟ୍ କରିଛନ୍ତି। ଏହି ଅବସରରେ ଟ୍ରମ୍ପ୍ କହିଛନ୍ତି, ଅନେକ ବର୍ଷ ତଳେ (୧୯୭୯-୧୯୮୧ ଇରାନ ବିପ୍ଳବ ବେଳେ) ୫୨ ଜଣ ଆମେରିକୀୟଙ୍କୁ ଇରାନ ପଣବନ୍ଦୀ କରିଥିଲା। ସେହି ଘଟଣାର ପ୍ରତୀକ ସ୍ୱରୂପ ଆମେ ୫୨ ଜାଗା ବାଛିଛୁ। ଆକ୍ରମଣ ପାଇଁ ଆମେ ବିନା ଦ୍ୱିଧାରେ ସମ୍ପୂର୍ଣ୍ଣ ନୂଆ ଓ ଅତ୍ୟନ୍ତ ଉପଯୋଗୀ ଅସ୍ତ୍ରଶସ୍ତ୍ରର ପ୍ରୟୋଗ କରିବୁ। କାରଣ ଆମେରିକା ଆଉ ଅଧିକ ଧମକ କି ବିପଦ ଚାହେଁ ନାହିଁ ବୋଲି ପ୍ରଥମ ଟୁଇଟ୍ର ୧୦ ଘଣ୍ଟା ନ ପୂରୁଣୁ ଟ୍ରମ୍ପ୍ ପୁଣି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଇରାକ ସମେତ ସମଗ୍ର ମଧ୍ୟପ୍ରାଚ୍ୟରେ ଆମେରିକାର ୬୦,୦୦୦ରୁ ୭୦,୦୦୦ ସୈନ୍ୟ ବିଭିନ୍ନ ମିଶନରେ ନିୟୋଜିତ ହୋଇଛନ୍ତି। ପୂର୍ବରୁ ବହୁସଂଖ୍ୟକ ସୈନ୍ୟ ଆକ୍ରମଣରେ ନିହତ ହେବା ପଛରେ ସୋଲେମାନୀଙ୍କ ହାତ ଥିବା କୁହାଯାଏ। ଏଥିପାଇଁ ଆମେରିକା ସୋଲେମାନୀଙ୍କ ଆତଙ୍କବାଦୀ ଓ ତାଙ୍କ ଫୋର୍ସକୁ ଆତଙ୍କବାଦୀ ସଙ୍ଗଠନ ଭାବେ ଘୋଷଣା କରିଥିଲା। ଇତିମଧ୍ୟରେ ଆମେରିକା ଅତିରିକ୍ତ ୩,୫୦୦ ସୈନ୍ୟଙ୍କୁ ମଧ୍ୟପ୍ରାଚ୍ୟକୁ ପ୍ରେରଣ କରିଛି, ଯାହାକୁ ସମ୍ଭାବ୍ୟ ଯୁଦ୍ଧର ଏକ ସଙ୍କେତ ବୋଲି ବିବେଚନା କରାଯାଉଛି। ଇରାନ ରବିବାର ଶିୟା ବହୁଳ କୋମ୍ ସହରସ୍ଥିତ ଏକ ମସ୍ଜିଦ ଉପରେ ଲାଲ ପତାକା ଉଡାଇ ଯୁଦ୍ଧର ସଙ୍କେତ ଦେଇଛି।

ସେପଟେ ଟ୍ରମ୍ପଙ୍କ ଏହି ଚେତାବନୀକୁ ନେଇ ଇରାନର ବହିର୍ବ୍ୟାପାର ମନ୍ତ୍ରୀ ଜାଭେଦ ଜରିଫ କହିଛନ୍ତି, ସାଂସ୍କୃତିକ ସ୍ଥଳଗୁଡ଼ିକୁ ଟାର୍ଗେଟ କରିବା ଏକ ଯୁଦ୍ଧ ଅପରାଧ। ଆମେରିକା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରୁଛି। ପ୍ରକାଶ ଯେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଖାମିନି ସୋଲେମାନୀଙ୍କ ହତ୍ୟାର ପ୍ରତିଶୋଧ ନିଆଯିବ ବୋଲି ଆମେରିକାକୁ ଧମକ ଦେଇସାରିଛନ୍ତି। ଏଭଳି ସମୟରେ ଟ୍ରମ୍ପଙ୍କ ଚେତାବନୀ ଇରାନ କ୍ରୋଧର ନିଆଁରେ ଘିଅ ଢାଳିବା ଭଳି କାମ କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶୁକ୍ରଙ୍କ ନକ୍ଷତ୍ରରେ ଚନ୍ଦ୍ର ଅବସ୍ଥାନ କରିଥିବାରୁ ଅର୍ଥ, ସମ୍ମାନ ପାଇବା ସହ ନୂତନ ବନ୍ଧୁସମ୍ପର୍କ ସୃଷ୍ଟି ହେବ। ସକାଳୁ ସକାଳୁ ଆଶା କରିଥିବା ଖବର ପାଇ ମନ ଖୁସି ହୋଇଯିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ,ସଭାସମିତି, ପରିବହନ ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ। ନିଜ ଲୋକଙ୍କ ଅପେକ୍ଷା ପର ଲୋକଙ୍କ ସାହାଯ୍ୟ କାମକୁ ଆସିବ।

**ବୃଷ** ଶୁକ୍ର ଦ୍ୱାଦଶାଧିପ ମଙ୍ଗଳ ନକ୍ଷତ୍ରରେ ରହି ଆପଣଙ୍କୁ ଖର୍ଚ୍ଚାନ୍ତ କରାଇ କାମ ହାସଲ କରାଇବେ। ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କାମରେ କିଛି ନା କିଛି ସମସ୍ୟା ଲାଗି ରହିବ। ଶିକ୍ଷା, ପରୀକ୍ଷା, ସନ୍ତାନ ହେତୁକ ପ୍ରଶଂସାରେ ମାନସିକ ପରିତୃପ୍ତି ଲାଭ କରିବେ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ସମ୍ପର୍କୀୟ ବନ୍ଧୁ , ପାଖ ପଡ଼ୋଶୀଙ୍କ ସହ କଳହର ଆଶଙ୍କା ରହିଛି।

**ମିଥୁନ** ଆପଣଙ୍କ ରାଶିର ରାହୁ ସ୍ୱନକ୍ଷତ୍ରସ୍ଥ ହେତୁ କଳେବଳେ କୌଶଳେ କାର୍ଯ୍ୟହାସଲ କରିପାରିବେ। କିନ୍ତୁ କର୍ମ ପରିସର ବୃଦ୍ଧି ପାଇବା କାରଣରୁ ସାମାନ୍ୟତମ ଅବସର ମଧ୍ୟ ପାଇବେ ନାହିଁ। ଅବଶ୍ୟ ଦୂରଯାତ୍ରା, ଆନୁଷ୍ଠାନିକ କାମ, ନିର୍ମାଣ କାର୍ଯ୍ୟ,ବାଣିଜ୍ୟ ଓ ପରିବହନ ପ୍ରଭୃତିରେ ଅସୁବିଧା ହେବ ନାହିଁ। ପୂର୍ବରୁ ଲାଗିରହିଥିବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ଆଜିର ଗ୍ରହସ୍ଥିତି ଆପଣଙ୍କୁ ବ୍ୟାଙ୍କ, ସଞ୍ଚୟ ଜମା କିମ୍ବା କରଜ ମାଧ୍ୟମରେ ଅର୍ଥ ପ୍ରାପ୍ତି କରାଇବେ। କର୍ମକ୍ଷେତ୍ରରେ ନିକଟସ୍ଥ ବ୍ୟକ୍ତିମାନଙ୍କୁ ସହଜ ସରଳ ଢଙ୍ଗରେ ମନ ବୁଝିଲା ଭଳି କଥା କହି କାମ ହାସଲ କରିପାରିବେ। ପ୍ରଶାସନିକ କ୍ଷେତ୍ରରେ ବିତର୍କର ଆଶଙ୍କା ଜନିତ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ସିଂହ** ରାଶ୍ୟାଧିପ ରବି ଶୁକ୍ରଙ୍କ ନକ୍ଷତ୍ରରେ ରହିଥିବାରୁ ବିଳାସବ୍ୟସନ ସମ୍ପର୍କିତ ଉପକରଣ କ୍ରୟ କରି ପାରନ୍ତି। କର୍ମକ୍ଷେତ୍ରରେ ମନ ଅନୁଯାୟୀ କାମ ହାସଲ କରିବେ। ଆଜି ଯାହାକୁ ଯାହା କହିବେ ସେମାନେ ଆପଣଙ୍କ କଥାକୁ ଅସ୍ୱୀକାର କରିବେ ନାହିଁ। ଯେଉଁ ଆଶଙ୍କାରେ ମନ ବିଚଳିତ ହୋଇ ରହିଛି ତାହା ଅପରାହ୍ନରେ ଦୂରୀଭୂତ ହୋଇଯିବ।

**କନ୍ୟା** ମିତ୍ର ଶୁକ୍ରଙ୍କ ନକ୍ଷତ୍ରସ୍ଥ ବୁଧ ପ୍ରଭାବରେ ବୌଦ୍ଧିକ ଅଭିବୃଦ୍ଧି, ବନ୍ଧୁମିଳନ, ସାମାଜିକ ସମ୍ମାନ ପାଇପାରିବେ। ବନ୍ଧୁଙ୍କ ସାହାଯ୍ୟକାରୀ ମନୋଭାବ, ପାରିବାରିକ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ପ୍ରଶାସନ, ରାଜନୀତି, ଦୂର ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ମିଳିବ।

**ତୁଳା** କର୍ମାଧିପତି ଚନ୍ଦ୍ର ଓ ରାଶ୍ୟାଧିପ ଶୁକ୍ର କେନ୍ଦ୍ରସ୍ଥ ଯୋଗୁ କାର୍ଯ୍ୟସିଦ୍ଧି, ସମସ୍ୟା ସମାଧାନ ଏବଂ ଆନୁଷ୍ଠାନିକ ସମ୍ମାନ ପାଇପାରନ୍ତି। ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କର ଦୀର୍ଘ ନୀରବତା ମନରେ ଗଭୀର ଦୁଃଖ ଉଦ୍ରେକ କରିବ। ପ୍ରତ୍ୟେକ କ୍ଷେତ୍ରରେ ଟେନ୍ସନ ଲାଗି ରହିବା କାରଣରୁ ମନ ଭଲ ରହି ନ ପାରେ। ତଥାପି ବ୍ୟବସାୟିକ ସ୍ଥିତି ଉତ୍ତମ ରହିବ।

**ବିଛା** ରାଶ୍ୟାଧିପ ନିଜ ଗୃହରେ ରହିଥିଲେ ମଧ୍ୟ ଶନିଙ୍କ ନକ୍ଷତ୍ରସ୍ଥ ହୋଇ ଷଷ୍ଠସ୍ଥାନକୁ ଦେଖୁ ଥିବାରୁ ପୂର୍ବ ଶତ୍ରୁତାକୁ ନେଇ କଳହ ଘଟିପାରେ। କୌଣସି ଅପ୍ରାପ୍ୟ ଜିନିଷ ପ୍ରତି ଆଶା ବଳାଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବାହ୍ୟ ଲୋକମାନଙ୍କ ସ୍ନେହ,ଶ୍ରଦ୍ଧା ଯେଉଁ ପରିମାଣରେ ବଢ଼ି ଚାଲିବ, ସେହି ଅନୁପାତରେ ନିଜ ଲୋକମାନଙ୍କ ନିକଟରେ ସେତିକି ରହିବ ନାହିଁ।

**ଧନୁ** ଶୁକ୍ରଙ୍କ ନକ୍ଷତ୍ରରେ ବୃହସ୍ପତି ଆପଣଙ୍କୁ ବନ୍ଧୁମାନଙ୍କ ମାଧ୍ୟମରେ ଉଚ୍ଚସମ୍ମାନ ପ୍ରଦାନ କରିବେ। ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ରହିଥିଲେ ମଧ ତାହାର କୌଣସି ବିଶେଷ କୁପ୍ରଭାବର ଆଶଙ୍କା ରହିବ ନାହିଁ। କର୍ମକ୍ଷେତ୍ର, ସଭାସମିତି, ବନ୍ଧୁ ମିଳନ ତଥା ଆନୁଷ୍ଠାନିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟକୁ ଜାହିର କରିପାରିବେ।

**ମକର** ଆଜିର ଗ୍ରହସ୍ଥିତି ପ୍ରଭାବରେ ସ୍ୱାସ୍ଥ୍ୟୋନ୍ନତି ଏବଂ ଆର୍ଥିକ ସ୍ଥିତି ସ୍ଥିର ରହିପାରେ। କର୍ମକ୍ଷେତ୍ରରେ ଇଚ୍ଛା ନ ଥିଲେ ମଧ ବାଧ୍ୟବାଧକତାରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। ଏକ ଭିନ୍ନ ପରିବେଶରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମାନ୍ୟ ବାଧାପ୍ରାପ୍ତ ହେବ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ଦୂରେଇ ଯିବାରୁ ଏକ ପ୍ରକାର ମାନସିକ ଅସ୍ଥିରତା ଦୂର ହୋଇଯିବ। ପ୍ରତ୍ୟେକ କାମରେ ବିଶୃଙ୍ଖଳା ଲାଗି ରହିପାରେ। ଆର୍ଥିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ ଏବଂ କୌଣସି ମୂଲ୍ୟବାନ୍ ଜିନିଷ କ୍ରୟ କରିବା ସକାଶେ ମନ ବଳାଇବାର ସୂଚନା ରହିଛି। କଚେରି ମାମଲା, ଜମିଜମା କିମ୍ବା ଗୃହସୀମା ବିବାଦ ଅମୀମାଂସିତ ରହିବ।

**ମୀନ** ଦ୍ୱିତୀୟସ୍ଥ ଚନ୍ଦ୍ର ପ୍ରଭାବରେ ଜଟିଳ ପରିସ୍ଥିତିରେ ସାମ୍ୟତା ଆଣିବାରେ ସମର୍ଥ ହେବେ। ତଥାପି ଭୁଲ୍ ବୁଝାମଣା ସକାଶେ ପାରିବାରିକ ଜୀବନରେ ସମସ୍ୟା ସୃଷ୍ଟିର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଗୃହ କିମ୍ବା ରାସ୍ତାଘାଟ ତଥା ଅନ୍ୟାନ୍ୟ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ଆର୍ଥିକ ସ୍ଥିତି ପ୍ରାୟତଃ ପୂର୍ବଭଳି ରହିବ।

ଆଜି ଜାନୁୟାରୀ ୬ ତାରିଖ ସୋମବାର, ପୌଷ ଶୁକ୍ଳପକ୍ଷର ସର୍ବସମ୍ମତ ପୁତ୍ରଦା/ବୈକୁଣ୍ଠ ଏକାଦଶୀ,ରାଶିନକ୍ଷତ୍ର-ଦ୍ୱିଜା/ମେଷ, ବିଛା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ,ଏକାଦଶୀର ଉପବାସ,ସକାଳ ଘ୬।୧୦ମି. ମଧ୍ୟେ, ଘ୭।୫୩ମି. ଗତେ ଘ୧୧।୩୧ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୩୨ମି. ଗତେ ଘ୧୧।୫୩ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୨।୩୫ମି. ଗତେ ଘ୩।୫୬ମି. ମଧ୍ୟେ ରାହୁକାଳ।


## classifieds Everyday

0674-2580101, 2549302




SALE

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ ଟ.1,75,000ରେ ପ୍ଲଟ୍ ମିଳୁଛି। Contact: 8908492594. D-15790

ଭୁବନେଶ୍ୱର ପଟିଆ ବିଗ୍ବଜାରରୁ 3K.m well developed demarcated plot sqft. 650/-, 9348063060. D-68464

Shamina Nagar ସୁନ୍ଦରପଦାରେ (Bhubaneswar) 2000sqft. 19,00,000/, ପ୍ଲଟ୍କିଣି ଘର କରନ୍ତୁ। 9938016295. D-68533

ଭୁବନେଶ୍ୱର ଜଟଣୀ ଗେଟ୍ ଠାରେ sqft.-180/-, ଅରଗୁଳ ରେଲ୍ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843. D-68462

Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400 D-68463

New Year Dhamaka: Discount Rs.100/- available @ landmark Ph-2, Sundarpada. It offers ready to move 2 & 3 BHK flat with huge open space, club, garden, jugging track @ 2800 per sqft. 9938569014, 9861433014. D-16001




Construct your building as per your terms and condition. Contact: 9937064680. D-27284




3BHK hall wellfurnished flat Shreekhetra Residency Khandagiri, Bhubaneswar for Family, Contact: 9937928151. D-68971




Rejuvenate and ayurvedic full body massage by smart therapist. Contact: 9114402304. D-68946

Completely stress management therapy, visit us our clinic. Contact: 7852986810. D-68532

Full body herbal massage with refreshment expert therapist. 7381239385, 06742540855. D-68947

Ayurvedic full body massage ladies and gents. Contact: 9861064981. D-68746

Experience full body massage with us (expert). Call: 7377048581, 06742597822. D-68948

Herbal full body massage by smart / expert therapist. Contact: 8338067247. D-68949

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68950

Newly open full body massage by ladies, gents therapist. 8018656899 D-60860

Ayurvedic full body massage by ladies, gents therapist. 7008773793 D-60861

Newly open full body massage with gents and ladies, 9090377418. D-59942

Refresh your mind and soul with best therapy at Orchid Salon/Spa. 9937287222. D-6875

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68747

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ । ରଙ୍ଗୀନ ଟ୪୨୦/-ରେ । (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ





ରୁଙ୍ଗି ଜଙ୍ଗଲରେ ହାତୀର ମୃତଦେହ ଠାବ।

# ଦନ୍ତାହାତୀର ମୃତଦେହ ଉଦ୍ଧାର

ନୂଆଗାଁ, ୫।୧ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ବନାଞ୍ଚଳ ଅନ୍ତର୍ଗତ ଚିତାପେଡି ପଞ୍ଚାୟତଠାରୁ ୨କି.ମି ଦୂର ଓଡ଼ିଶା ସୀମାନ୍ତ ରୁଙ୍ଗି ଜଙ୍ଗଲରୁ ଏକ ଦନ୍ତାହାତୀର ମୃତଦେହ ରବିବାର ଉଦ୍ଧାର କରାଯାଇଛି। ହାତୀର ମୃତଦେହ ଗାଁ ଲୋକେ ଦେଖି ବିଶ୍ରା ବନ ବିଭାଗକୁ ଖବର ଦେଇଥିଲେ। ବିଶ୍ରା ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ହାଁସଦା, ଫରେଷ୍ଟର ମନୋଜ ଟିଗା ପ୍ରମୁଖ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଝାଡ଼ଖଣ୍ଡର ଆନନ୍ଦପୁର ବନ ବିଭାଗ ମଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ହାତୀମୃତ୍ୟୁ ଝାଡ଼ଖଣ୍ଡ ଅଞ୍ଚଳରେ ଘଟିଥିବାରୁ ସୋମବାର ହାତୀର ମୃତଦେହ ବ୍ୟବଚ୍ଛେଦ ଝାଡ଼ଖଣ୍ଡ ବନବିଭାଗ ପକ୍ଷରୁ କରାଯିବ ବୋଲି ବିଶ୍ରା ଫରେଷ୍ଟର ମନୋଜ ଟିଗା ପ୍ରକାଶ କରିଥିଲେ। ତେବେ ହାତୀ କେଉଁ ପରିସ୍ଥିତିରେ ମୃତ୍ୟୁବରଣ କରିଛି ସେ ନେଇ ବନବିଭାଗ କର୍ମଚାରୀ ସ୍ପଷ୍ଟ ଭାବରେ କିଛି କହିପାରୁ ନ ଥିବା ବେଳେ ବିଷାକ୍ତ ଖାଦ୍ୟ କିମ୍ବା ଅନ୍ୟ କୌଣସି କାରଣ ହୋଇଥାଇପାରେ ବୋଲି ସନ୍ଦେହ କରୁଛନ୍ତି। ଅନ୍ୟ ପକ୍ଷରେ ଗାଁ ଲୋକଙ୍କ କହିବାନୁଯାୟୀ ହାତୀକୁ ହତ୍ୟା କରାଯାଇଛି। କିଛି ଦିନ ହେବ ଓଡ଼ିଶା ସୀମାନ୍ତ ଗାଁଗୁଡିକରେ ଏବଂ ଓଡ଼ିଶା ସୀମା ଜଙ୍ଗଲରେ ଝାଡ଼ଖଣ୍ଡ ହାତୀଙ୍କ ତାଣ୍ଡବ ଜାରି ରହିଛି। ୧୧ରୁ ୧୨ ହାତୀ ଏକ ଗୋଷ୍ଠୀରେ ଥିବା କୁହାଯାଉଛି। ନିକଟରେ ଏହି ହାତୀପଲ ନୂଆଗାଁ ବ୍ଲକର ପୁରୁଣା ପାଣି ନିକଟରେ ଜଣେ ବୃଦ୍ଧଙ୍କୁ ଦଳିଚକଟି ମାରିଦେଇଥିଲେ। ଶନିବାର ରାତିରେ ଉକ୍ତ ହାତୀପଲ ହାତୀବାରି, ଉହ୍ଲାଣୀ ପ୍ରଭୃତି ଗାଁ ଭିତରକୁ ପଶି ଆସିଥିଲେ। ଦିନକୁ ଦିନ ହାତୀ ଉପଦ୍ରବ ଉପାନ୍ତ ଗାଁଗୁଡିକରେ ବଢ଼ି ଚାଲିଥିବାବେଳେ ବନ ବିଭାଗ କୌଣସି ସ୍ଥାୟୀ ପ୍ରତିକାର କରୁନାହିଁ। ତେଣୁ ଲୋକେ ଆକ୍ରୋଶମୂଳକ ଭାବେ ହାତୀ ଉପରେ ଆକ୍ରମଣ କରୁଛନ୍ତି। ଏ ଦିଗରେ ବନ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସରିଲା ସର୍ବଭାରତୀୟ ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷା
# ଫେବୃୟାରୀ ପ୍ରଥମ ସପ୍ତାହରେ ପରୀକ୍ଷାଫଳ

ଭୁବନେଶ୍ୱର, ୫।୧(ବ୍ୟୁରୋ): ଭୁବନେଶ୍ୱର ଏବଂ ନୂଆ କରି ଆରମ୍ଭ ହେବାକୁ ଥିବା ସୈନିକ ସ୍କୁଲ ସମ୍ବଲପୁର ପାଇଁ ସର୍ବଭାରତୀୟ ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷା ଓଡ଼ିଶାର ୮ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରବେଶିକା ପରୀକ୍ଷାରେ ସୈନିକ ସ୍କୁଲ ଭୁବନେଶ୍ୱର ନିମନ୍ତେ ଷଷ୍ଠ ଶ୍ରେଣୀ ପାଇଁ ୧୪୨୦ ପରୀକ୍ଷାର୍ଥୀ ଓ ନବମ ଶ୍ରେଣୀ ପାଇଁ ୪୧୧ ପ୍ରାର୍ଥୀ ଆବେଦନ କରିଥିଲେ। ଏହାବ୍ୟତୀତ ନୂଆ କରି ଆରମ୍ଭ ହେବାକୁ ଥିବା ସୈନିକ ସ୍କୁଲ ସମ୍ବଲପୁର ନିମନ୍ତେ ୭୫୬ ପ୍ରାର୍ଥୀ ଆବେଦନ କରିଥିଲେ। ତେବେ ଫେବୃୟାରୀ ପ୍ରଥମ ସପ୍ତାହରେ ଏହି ପରୀକ୍ଷାଫଳ ପ୍ରକାଶ ପାଇବ। କୃତକାର୍ଯ୍ୟ ଛାତ୍ରମାନଙ୍କୁ ଫେବୃୟାରୀ ୨୦ରୁ ମାର୍ଚ୍ଚ ୧୦ ମଧ୍ୟରେ ମେଡିକାଲ ତଥା ଶାରୀରିକ ପରୀକ୍ଷା ନିମନ୍ତେ ଉପସ୍ଥିତ ରହିବାକୁ ହେବ। ପ୍ରବେଶିକା ପରୀକ୍ଷାର ଅନ୍ତିମ ଫଳାଫଳ ତାଲିକା ମାର୍ଚ୍ଚ ୨୦ ସୁଦ୍ଧା ପ୍ରକାଶ ପାଇବ ବୋଲି ସୈନିକ ସ୍କୁଲ ଭୁବନେଶ୍ୱରର ଅଧକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଏସ୍. ଡୋମିନିକ ରାୟନ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

# ଓଡ଼ିଶାରୁ ଅଧିକ ଅନ୍ତର୍ଜାତୀୟ ବିମାନ ଚଳାଚଳ ଆଶା ଉଜ୍ଜ୍ୱଳ

## ■ ୨୨ରେ ସିଇଓମାନଙ୍କ ସହ ବୈଠକ

ଭୁବନେଶ୍ୱର, ୫।୧(ବ୍ୟୁରୋ)



ଓଡ଼ିଶାକୁ ଅଧିକ ଅନ୍ତର୍ଜାତୀୟ ବିମାନ ଚଳାଚଳ କରିବା ଆଶା ଉଜ୍ଜ୍ୱଳ ହେବାରେ ଲାଗିଛି। ଆସନ୍ତା ୨୨ ତାରିଖରେ ଓଡ଼ିଶାରେ ୧୫ରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ବିମାନ ଚଳାଚଳ ସଂସ୍ଥାର ସିଇଓଙ୍କ ବୈଠକ ଅନୁଷ୍ଠିତ ହେବ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, ରାଜ୍ୟ ସରକାର ଓ ସିଇଓମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୈଠକରେ ଉପସ୍ଥିତ ରହି ସିଇଓମାନଙ୍କ ସହ ସିଧାସଳଖ ଆଲୋଚନା କରିବେ। ବୈଠକରେ ଏୟାର ଏସିଆ, ସିଙ୍ଗାପୁର ଏୟାରଲାଇନ୍ସ, ଶ୍ରୀଲଙ୍କାନ ଏୟାରଲାଇନ୍ସ, ସ୍କଟ୍ ଏୟାର, ଡ୍ରଗ୍ ଏୟାର, ବ୍ୟାଙ୍କକ୍ ଏୟାରୱେଜ, ନୋଭୋ ଏୟାର, ରିଜେଣ୍ଟ ଏୟାରୱେଜ୍, ଫ୍ଲାଏ ଦୁବାଇ, ଫ୍ଲାଏ ଏମିରେଟ୍ସ, ଥାଇ ଏୟାରୱେଜ୍‌ର ସିଇଓମାନେ ଯୋଗଦେବେ। ସେହିଭଳି ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀ, ରାଜ୍ୟ ପରିବହନ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ପରିବହନ ବିଭାଗର ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସଚିବ ପ୍ରଦୀପ ସିଂ ଖରୋଲା, ଯୁଗ୍ମ ସଚିବ ଉଷା ପାଢ଼ୀ ମଧ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ସୂଚନାଯୋଗ୍ୟ, ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଅନ୍ତର୍ଜାତୀୟ ବିମାନ ସଂଯୋଗ ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ଚିଠି ଲେଖିଥିଲେ। ପ୍ରମୁଖ ବିମାନ ଚଳାଚଳ ସଂସ୍ଥାର ସିଇଓମାନଙ୍କ ସହ ବୈଠକ ପାଇଁ ଆହ୍ୱାନ କରିଥିଲେ। ଅନ୍ତର୍ଜାତୀୟ ବିମାନ ସଂଯୋଗ ପାଇଁ ରାଜ୍ୟର ବିକଶିତ ଭିତ୍ତିଭୂମି ବିଷୟରେ ଉଲ୍ଲେଖ କରିବା ସହ ଓ ବିମାନ ଚଳାଚଳ ପାଇଁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବାକୁ ରାଜି ଅଛନ୍ତି ବୋଲି ଚିଠିରେ ଉଲ୍ଲେଖ କରିଥିଲେ।


Book for Marriage
@1.5 Lakh package
* 7000 sqft. Marriage hall
* 25000 sqft. Lawn
* 8 nos. Room
THE WELCOME RESORT
At- Majhipali, Sason, Sambalpur
Mob:- 9937000050, 7008987076

অଭିନନ୍ଦନ ଓ ଶୁଭେଚ୍ଛା-୨୦୨୦
ନବବର୍ଷ ୨୦୨୦ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ଦମୟନ୍ତୀ ହାତୀ
ସରପଞ୍ଚ, ନୂଆଗାଁ ଗ୍ରାମପଞ୍ଚାୟତ (କୋମନା)


ସମଗ୍ର ଜିଲ୍ଲା ତଥା ରାଜ୍ୟବାସୀଙ୍କୁ ନବବର୍ଷ ୨୦୨୦ ସୁଖ ଓ ସମୃଦ୍ଧି ଆଣିଦେଉ, ଏହା ମୋର ମା' ସମଲେଇଙ୍କ ନିକଟରେ କାମନା।
ନମିତା ପ୍ରଧାନ
ଜିଲ୍ଲା ପରିଷଦ ଅଧକ୍ଷା, ନୂଆପଡ଼ା

ସମଗ୍ର ନୂଆପଡ଼ା ବ୍ଲକ ତଥା ଜିଲ୍ଲାବାସୀଙ୍କୁ ନବବର୍ଷ ୨୦୨୦ର ଜୁହାର। ଏହି ବର୍ଷ ସମସ୍ତଙ୍କ ସୌଭାଗ୍ୟର ବର୍ଷ ହେଉ। ଭଗବାନଙ୍କ ନିକଟରେ ସମସ୍ତଙ୍କର ଶୁଭକାମନା କରୁଛୁ।

ତାରେଶ୍ୱରୀ ସାହୁ
ବ୍ଲକ ଅଧକ୍ଷା, ନୂଆପଡ଼ା ବ୍ଲକ

ଧନୀରାମ ସାହୁ
ଆଇନଜୀବୀ ତଥା ଅଧକ୍ଷାଙ୍କ ପ୍ରତିନିଧି



## ଜିଲା ଚିଠି
### ନବରଙ୍ଗପୁର

# ଦାଦନ ପଛରେ ସମସ୍ୟା

ନବରଙ୍ଗପୁର ଭଳି ଅନୁନ୍ନତ ଓ ପଛୁଆ ଜିଲାରେ ଲୋକଙ୍କ ସରଳତାର ବେଶ୍ ଫାଇଦା ଉଠା ଯାଉଛି। ହିତାଧିକାରୀଙ୍କ ନାମରେ ଟଙ୍କା ଉଠାଯାଇଥିଲେ ମଧ ସେମାନେ ଜାଣନ୍ତିନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନୁଦାନ ଖର୍ଚ୍ଚ ହେଉଛି। ଶ୍ରମିକ କାମଧନ୍ଦା ପାଉନାହାନ୍ତି। ଜିଲାରୁ ବହୁ ଶ୍ରମିକ, ପରିବାର ସହ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ଏହାଦ୍ୱାରା ଦାଦନ ଶ୍ରମିକଙ୍କ ପିଲାମାନେ ପାଠପଢାରୁ ବଞ୍ଚିତ ହେଉଛନ୍ତି। ଶିକ୍ଷା ହାର ଆଶାଜନକ ବୃଦ୍ଧି ପାଉ ନାହିଁ। ଅର୍ଥ ଲୋଭରେ ବାହାରକୁ ଚାଲିଯାଇଥିବା ଅନେକ ଶ୍ରମିକଙ୍କ ପତ୍ତା ମିଳୁନାହିଁ। ଆସିବା ବାଟକୁ ଚାହିଁ ବସିଥିବା ପରିବାର ଲୋକ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ଦାଦନ ଏହି ଜିଲାରେ ପିଲାଙ୍କ ପାଠପଢାରେ ଅଧାରୁ ଡୋରି ବାନ୍ଧି ଦେଇଛି। ଅନେକ ଶିଶୁ ନିରକ୍ଷର ହୋଇ ରହି ଯାଉଛନ୍ତି। ଏହା ବ୍ୟତୀତ ଅଧାରୁ ପାଠ ଛାଡିଥିବା ଓ ଶ୍ରମିକ ଭାବେ କାମକରି ପାଠ ଛାଡି ରହିଯାଇଥିବା ପିଲାଙ୍କ ପାଇଁ ଶିଶୁ ଶ୍ରମିକ ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲାଯାଇଥିଲା। ସେଠାରେ ଅଧାରୁ ପାଠ ଛାଡିଥିବା ଶିଶୁଶ୍ରମିକମାନଙ୍କୁ ଶିକ୍ଷା ଦିଆଯାଉଥିଲା। ଏହା ବ୍ୟତୀତ ସିଲେଇ ତାଲିମ ତଥା ବୃତ୍ତିଗତ ଶିକ୍ଷା ମଧ ଦିଆଯାଉଥିଲା। ହେଲେ ୫ ବର୍ଷ ହେଲା ଏହି ବିଦ୍ୟାଳୟଗୁଡିକ ବନ୍ଦ ହୋଇ ପଡିରହିଛି। କେତେକ ଜିଲାରେ ଏହି ପ୍ରକଳ୍ପ କାର୍ଯ୍ୟକରୁଥିବା ବେଳେ ଏହି ଜିଲାରେ ଏହା କାର୍ଯ୍ୟ କରୁନାହିଁ। ଶିଶୁଶ୍ରମିକ ତଥା ଅଧାରୁ ପାଠ ଛାଡିଥିବା ପିଲାମାନେ ପାଠପଢାରୁ ବଞ୍ଚିତ ହେବା ସହ ନିୟୋଜିତ ଶିକ୍ଷୟିତ୍ରୀଶିକ୍ଷକମାନେ ଘରେ ବସି ରହିଛନ୍ତି। ଆସିଥିବା ଅନୁଦାନ ଅଧିକାରୀ ଓ ସଂଯୋଜକମାନେ ପାଇଲେ ତେବେ ସ୍ୱଳ୍ପ ବେତନରେ ଖଟିଥିବା ଶିକ୍ଷକମାନେ ରୋଜଗାର ହରାଇବା ସହ ବକେୟା ଦରମା ମଧ ପାଇପାରିଲେ ନାହିଁ। ଅନ୍ୟପକ୍ଷେ ଜିଲାରେ ଶିଶୁ ଶ୍ରମିକମାନେ କେତେ ରହିଛନ୍ତି ତାହାର ସର୍ଭେ ମଧ ହୋଇପାରୁ ନାହିଁ। ସରକାର ଶ୍ରମିକମାନଙ୍କୁ କାମ ଯୋଗାଇବାରେ ଅସମର୍ଥ ଓ ଶିଶୁଶ୍ରମିକ ପିଲାଙ୍କୁ ଶିକ୍ଷା ପ୍ରଦାନ କରିବାରେ ସମର୍ଥ ହୋଇପାରୁ ନଥିବା ଦ୍ୱାରା ଜିଲାରେ ଦାଦନ ବଢୁଛି ଓ ଶିକ୍ଷା ଭୁଶୁଡି ପଡୁଛି। ଜିଲାର ଅର୍ଥନୈତିକ ବିକାଶ ନିମ୍ନଗାମୀ ରହିବା, ନିରକ୍ଷରତା ଓ ସଚେତନତା ନ ଥିବା ଦ୍ୱାରା ଦାଦନ ସମସ୍ୟା ବୃଦ୍ଧି ପାଉଛି। ଏହାର ତଦାରଖ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବଡବଡିଆ ଅଧିକାରୀ ରହିଥିଲେ ମଧ ଜିଲାରେ ଏହାର ସମୀକ୍ଷା ହୋଇପାରୁ ନାହିଁ। ଏହାଦ୍ୱାରା ଅତି ସୁନ୍ଦର ଯୋଜନାଗୁଡିକ ସରକାରୀ ବାବୁମାନଙ୍କ ଆନ୍ତରିକତା ଅଭାବ ଲାଗି ଫସରଫାଟି ଯାଉଛି। ଏଥିପ୍ରତି ସରକାର ଗୁରୁତ୍ୱ ଦେବାକୁ ଦାବି ହେଉଛି।

– ସଦାଶିବ ପ୍ରହରାଜ

# ଜମି ଅଧିଗ୍ରହଣରେ ଅଟକିଛି ଅଧିକାଂଶ ରେଳ ପ୍ରକଳ୍ପ

## ଜମି ଅଧିଗ୍ରହଣ ଓ ବକେୟା ଅର୍ଥ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧକଲା ରେଳ ମନ୍ତ୍ରଣାଳୟ

ଭୁବନେଶ୍ୱର, ୫।୧(ବ୍ୟୁରୋ)

ପୂର୍ବତଟ ରେଳପଥ ଅଧୀନରେ ଓଡ଼ିଶାରେ ଚାଲୁଥିବା ନୂଆ ରେଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଧିମେଇଛି। ଜମି ଅଧିଗ୍ରହଣ, ଜଙ୍ଗଲ ବିଭାଗର ଅନୁମତି ଆଦି କ୍ଷେତ୍ରରେ ଉପୁଜିଥିବା କେତେକ ସମସ୍ୟା ଯୋଗୁ ପ୍ରକଳ୍ପ ସରିବାରେ ବିଳମ୍ବ ହେଉଛି। ପୁଣି ଓଡ଼ିଶା ସରକାରଙ୍କ ଅଂଶ ବାବଦ ଅର୍ଥ ବାକି ପଡିଥିବାରୁ ଏହାର ପ୍ରଭାବ ପ୍ରକଳ୍ପ ଉପରେ ପଡୁଛି। ରାଜ୍ୟ ସଭାର ଗତ ଶୀତ ଅଧିବେଶନରେ ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏହି ତଥ୍ୟ ଦେଇଛନ୍ତି।

ରାଜ୍ୟରେ ଚାଲୁଥିବା ବିଭିନ୍ନ ରେଳ ଲାଇନ୍ ପ୍ରକଳ୍ପ ବିଷୟରେ ବିଜେଡି ଏମ୍‌ପି ସସ୍ମିତ ପାତ୍ର ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ ପ୍ରକଳ୍ପର ତାଲିକା ଓ ଏହାର ସ୍ଥିତି ବିଷୟରେ ଲିଖିତ ତଥ୍ୟ ଦେଇଛନ୍ତି। ଅଧିକାଂଶ ପ୍ରକଳ୍ପରେ ସଂପୂର୍ଣ୍ଣ ଜମି ଅଧିଗ୍ରହଣ ହୋଇପାରିନି। ରାଜ୍ୟ ସରକାର ଓ ରେଳ ମନ୍ତ୍ରଣାଳୟର ସହଭାଗିତାରେ ହେଉଥିବା ପ୍ରକଳ୍ପଗୁଡ଼ିକରେ ରାଜ୍ୟ ଅଂଶ ବାବଦକୁ ବହୁ ଅର୍ଥ ବାକି ରହିଛି। ଅନ୍ୟପକ୍ଷରେ ବହୁ ପ୍ରତୀକ୍ଷିତ ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ପ୍ରକଳ୍ପରେ ମୋଟ୍ ୭୭୨୫ ଏକର ଜମିରୁ ମାତ୍ର ୩୪୪୩ ଏକର ଅଧିଗ୍ରହଣ ହୋଇଛି। ଆହୁରି ୪୨୮୨ ଏକର ଜମି ଅଧିଗ୍ରହଣ ହେବାକୁ ଥିବାବେଳେ ରାଜ୍ୟ ସରକାରଙ୍କ ଅଂଶ ବାବଦକୁ ୧୧୧ କୋଟି ଟଙ୍କା ବାକି ରହିଛି। ଅନୁଗୋଳ-ସୁକିନ୍ଦା ରୋଡ଼ ପ୍ରକଳ୍ପ ପାଇଁ ଆବଶ୍ୟକ ୧୮୫୪ ଏକର ଜମିରୁ ୧୩୬୦ ଏକର ଅଧିଗ୍ରହଣ ହୋଇଛି ଓ ୪୯୩ ଏକର ଜମି ଅଧିଗ୍ରହଣ ହେବାକୁ ବାକି ରହିଛି। ସେହିଭଳି ହରିଦାସପୁର-ପାରାଦୀପ ପ୍ରକଳ୍ପରେ ୧୭୪୩ ଏକର ଜମିରୁ ୧୬୪୧ ଏକର ଜମି ଅଧିଗ୍ରହଣ ହୋଇଥିବାବେଳେ ୧୦୨ ଏକର ହୋଇପାରିନି। ତାଳଚେର-ବିମଳାଗଡ଼ ପ୍ରକଳ୍ପରେ ୨୦୮୯ ଏକର ଜମିରୁ ମାତ୍ର ୪୬୭ ଏକର ଅଧିଗ୍ରହଣ ହୋଇପାରିଛି। ବଳକା ୧୬୨୨ ଏକର ରାଜ୍ୟ ସରକାର ଅଧିଗ୍ରହଣ କରିବାକୁ ବାକି ଅଛି। ଜୟପୁର-ନବରଙ୍ଗପୁର ରେଳ ଲାଇନ ପାଇଁ ଆବଶ୍ୟକ ୯୮୦ ଏକର ଜମିରୁ ଆଦୌ ଜମି ଅଧିଗ୍ରହଣ ହୋଇନାହିଁ। ଏଥିରେ ରାଜ୍ୟ ସରକାର ଆର୍ଥିକ ଭାଗ ୧୦ କୋଟି ଟଙ୍କା ବାକି ରଖିଛନ୍ତି। ଜୟପୁର-ମାଲକାନଗିରି ନୂଆ ରେଳ ଲାଇନ ପ୍ରକଳ୍ପ ପାଇଁ ୨୬୩୪ ଏକର ଜମିରୁ ଆଦୌ ଅଧିଗ୍ରହଣ ହୋଇନି। ଏଥିରେ ମଧ ରାଜ୍ୟ ସରକାର ୨୩ କୋଟି ଟଙ୍କା ବାକି ରଖିଛନ୍ତି। ଉପରୋକ୍ତ ସମସ୍ତ ପ୍ରକଳ୍ପରେ ବାକି ରହିଥିବା ଜମି ଅଧିଗ୍ରହଣ କରିବାକୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି।

ସାରାବଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ତଥା ଜିଲ୍ଲାର ସମସ୍ତ ଚାଷୀ ଭଉଣୀ ଭାଇମାନଙ୍କୁ ନବବର୍ଷ ୨୦୨୦ର ହାର୍ଦ୍ଦିକ ଶୁଭେଚ୍ଛା।

ଭୀଷ୍ମ ସାହୁ
ସମ୍ପାଦକ, ସାରାବଙ୍ଗ ପ୍ରାଥମିକ କୃଷି ସମବାୟ ସମିତି

ଅଶୋକ କୁମାର ଦୀକ୍ଷିତ
ସଭାପତି, ସାରାବଙ୍ଗ ପ୍ରାଥମିକ କୃଷି ସମବାୟ ସମିତି

ନୂତନ ବର୍ଷ ୨୦୨୦ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଓ ଅନେକ ଅନେକ ଶୁଭକାମନା।

ରାଜକୁମାର ସୁନାନୀ
ଅଧ୍ୟାପକ, ବୁଦ୍ଧିକୋମନା ପଞ୍ଚାୟତ କଲେଜ

ଇଂରାଜୀ ନବବର୍ଷ ୨୦୨୦ ଅବସରରେ ସମସ୍ତ ଚାଷୀ, ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା। ମା' ସମଲେଇ ସମସ୍ତଙ୍କ ଚଲାପଥକୁ କୁସୁମିତ କରୁ।

ଏବତ କୁମାର ସାହୁ
ସମ୍ପାଦକ, ଧରମବନ୍ଧା ପ୍ରାଥମିକ କୃଷି ସମବାୟ ସମିତି

ଓମ ପ୍ରକାଶ କଲାର
ସଭାପତି, ଧରମବନ୍ଧା ପ୍ରାଥମିକ କୃଷି ସମବାୟ ସମିତି


ସୁନ୍ଦରଗଡ଼ ଜିଲ୍ଲାବାସୀଙ୍କୁ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା। ପ୍ରଭୁ ଜଗନ୍ନାଥଙ୍କ ଠାରେ ଆପଣମାନଙ୍କ ସୁଖ ସମୃଦ୍ଧି କାମନା କରୁଛି।
ରାମଚନ୍ଦ୍ର ନାୟକ
ପ୍ରତିଷ୍ଠାତା ସମ୍ପାଦକ, ବଡ଼ଗାଁ ଆଇ.ଟି.ଆଇ.

ନୂତନ ବର୍ଷ ୨୦୨୦ର ଶୁଭେଚ୍ଛା
ନୂତନ ବର୍ଷ ୨୦୨୦ ସମସ୍ତଙ୍କ ପାଇଁ ଶୁଭର ବର୍ଷ ହେଉ। ସମଗ୍ର ଜିଲ୍ଲା ତଥା ରାଜ୍ୟବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।

ରାଜେନ୍ଦ୍ର ପ୍ରସାଦ ଢୋଲକିଆ
ବିଧାୟକ ତଥା
ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ, ନୂଆପଡ଼ା

ମନେ ପଡ଼ନ୍ତି

୨୪ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ବସନ୍ତ କୁମାର ଦାଶ
ଆୟକର ଅଧିକାରୀ, କୁଞ୍ଜକାନ୍ତ, ଉତ୍ତର ମଧୁବନ, ଢେଙ୍କାନାଳ
ଆବିର୍ଭାବ: ୦୪।୦୧।୧୯୩୮
ତିରୋଧାନ: ୦୧।୦୧।୧୯୯୬
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ। ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କ ହତଭାଗ୍ୟ ପୁତ୍ର: ସୁନୀଲ, ସୁଶିଲ, ପୁତ୍ରବଧୂ: ନୀଳିମା, ସ୍ୱର୍ଣ୍ଣପ୍ରଭା, ନାତି: ଶୁଭମ, ଅଭିଜିତ୍, ନାତୁଣୀ: ନିକି- ଶ୍ରୀ ଓ ଆତ୍ମୀୟସ୍ୱଜନ ଏବଂ ବନ୍ଧୁବର୍ଗ।
ଧ-୬୭୮୪୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଆଶାମଣୀ ମିଶ୍ର
ଆବିର୍ଭାବ ୧୮-୧୦-୧୯୩୭
ତିରୋଧାନ ୨୮-୧୨-୨୦୧୯
ପୌଷମାସ ଶୁକ୍ଳପକ୍ଷ ତୃତୀୟା ତିଥି ଇଂରାଜୀ ତା୨୮।୧୨।୨୦୧୯ରିଖ (ଶନିବାର) ରାତ୍ର ଘ୮.୩୫ମି. ସମୟରେ ଆମ୍ଭର ପରମ ପୂଜନୀୟା ମାତୃଦେବୀ ୰ଆଶାମଣୀ ମିଶ୍ର ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ସ୍ୱର୍ଗାରୋହଣ କରିଛନ୍ତି। ଆମ୍ଭେ ତାଙ୍କର ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ
ଲକ୍ଷ୍ମୀଧର ମିଶ୍ର, ଦେବାଶିଷ ମିଶ୍ର ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୬୮୮୧୦

# କାର୍ଯ୍ୟରେ ଯୋଗଦେଲେ ଆରଡିସି ନିରଞ୍ଜନ ସାହୁ

ସମ୍ବଲପୁର, ୫।୧ (ବ୍ୟୁରୋ)

ଉତ୍ତରାଞ୍ଚଳ ଆରଡିସି ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିଲେ। ଏହାସହ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଭାବେ ମଧ ଦାୟିତ୍ୱରେ ରହିଥିଲେ। ଏହା ସହ ଶ୍ରମ କମିଶନ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ପ୍ରାୟ ୨ ବର୍ଷ ପରେ ଉତ୍ତରାଞ୍ଚଳ ଆରଡିସି ପଦ ପୂରଣ ହୋଇଛି।


ନବବର୍ଷ ଓ ଲୋକମହୋତ୍ସବର ଅଭିନନ୍ଦନ
ବିଜୁ ଜନତା ଦଳ
ନବବର୍ଷ- ୨୦୨୦ ଓ ସମ୍ବଲପୁର ଲୋକମହୋତ୍ସବ ଉପଲକ୍ଷେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ, ସମ୍ବଲପୁର ଜିଲ୍ଲା ତଥା ଓଡ଼ିଶାବାସୀଙ୍କୁ ଅନେକ ଅନେକ ଅଭିନନ୍ଦନ, ମାଁ ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ଠାରେ ସମସ୍ତଙ୍କ ପରିବାରର ସୁଖ, ସମୃଦ୍ଧି କାମନା କରୁଛି।

ଇଂ. ରୋହିତ ପୂଜାରୀ
ଉପମୁଖ୍ୟ ସଚେତକ, ଓଡ଼ିଶା ସରକାର ତଥା ବିଧାୟକ, ରେଢ଼ାଖୋଲ

ନୂତନ ବର୍ଷ ୨୦୨୦ର ଶୁଭେଚ୍ଛା
ନୂତନ ବର୍ଷ ୨୦୨୦ ସମସ୍ତଙ୍କ ଚଲାପଥକୁ କୁସୁମିତ କରୁ। ଏହି ଅବସରରେ ଭେଲା କୃଷି ସମବାୟ ସମିତି ଏବଂ ସମଗ୍ର ଜିଲ୍ଲାର ଚାଷୀ ଭଉଣୀ ଭାଇମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା।

ରମେଶ ଚନ୍ଦ୍ର ସେଠୀ
ସମ୍ପାଦକ, ମୁଖ୍ୟ କାର୍ଯ୍ୟନିର୍ବାହୀ, ପ୍ରାଥମିକ କୃଷି ସମବାୟ ସମିତି, ଭେଲା

ଅନୁପମା ଯୋଷୀ
ସଭାପତି, ପ୍ରାଥମିକ କୃଷି ସମବାୟ ସମିତି, ଭେଲା

କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା



# ଆମେରିକାର ବାଲାକୋଟ

ବିଶ୍ୱ ରାଜନୈତିକ ଦୃଶ୍ୟପଟକୁ ଦେଖିଲେ ଦିନକୁ ଦିନ ନୂଆ ପରୀକ୍ଷଣ ହେଉଥିବା ଲକ୍ଷ୍ୟ କରାଯାଉଛି। ବିରୋଧୀ ଯେଉଁଭଳି ଶାସନ ଗାଦିକୁ ଫେରି ନ ପାରିବେ ସେଥିଲାଗି ଚରମ କୌଶଳ ଆପଣାଯାଉଛି। ବିଗତ କିଛି ବର୍ଷ ହେବ ଭାରତଠାରୁ ଆରମ୍ଭକରି ଆମେରିକା ଯାଏ ଚାରିଆଡ଼େ ଏଭଳି ଶକ୍ତିଗୁଡ଼ିକର ଅଭ୍ୟୁଦୟ ଘଟୁଛି। ଭାରତରେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଲୋକଙ୍କ ମଧ୍ୟରେ ଦେଶପ୍ରେମ ସୃଷ୍ଟି କରାଯିବା ଲାଗି ବାଲାକୋଟ କାର୍ଯ୍ୟାନୁଷ୍ଠାନ କରାଯାଇଥିଲା ବୋଲି ବିରୋଧୀ ଅଭିଯୋଗ କରିଥିଲେ। ସଂଯୋଗବଶତଃ ପୁଲୱାମା ଆକ୍ରମଣ ପରେ ଏଠାକାର ଶାସକଙ୍କୁ ପ୍ରତିଆକ୍ରମଣ କରିବାର ସୁଯୋଗ ମିଳିଥିଲା ଏବଂ ତାହା ହିଁ ଶାସକ ଦଳକୁ ସଫଳତା ଦେଇଥିଲା। ସମ୍ଭବତଃ ଏକ ପ୍ରକାର ଚିନ୍ତାଧାରା ରଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଇରାନ୍ ଉପରେ ଆକ୍ରମଣ କରିଛନ୍ତି। ସେଠାକାର ଦ୍ୱିତୀୟ ସର୍ବାଧିକ ଲୋକପ୍ରିୟ ସେନା କମାଣ୍ଡର ଜେନେରାଲ କାସିମ ସୋଲେମାନୀଙ୍କୁ ଆମେରିକା ସୈନ୍ୟ ୩ ଜାନୁୟାରୀ ୨୦୨୦ରେ ଯେଉଁଭଳି ଭାବେ ଇରାକ୍ ରାଜଧାନୀ ବାଗ୍‌ଦାଦରେ ହତ୍ୟା କଲେ, ସେଥିରୁ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ସ୍ପଷ୍ଟ ବାରି ହୋଇପଡ଼ିଛି। ବିଶ୍ୱ ସମୁଦାୟ ଟ୍ରମ୍ପଙ୍କ ନିଷ୍ପତ୍ତିକୁ ଘୋର ନିନ୍ଦା କରିଛନ୍ତି। କିନ୍ତୁ ପ୍ରେସିଡେଣ୍ଟ ଟ୍ରମ୍ପ ସଫେଇ ଦେଇ କହିଛନ୍ତି ଯେ, ସୋଲେମାନୀ ଆମେରିକା ଉପରେ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରୁଥିବାରୁ ତାଙ୍କୁ ନିପାତ କରିଦିଆଯାଇଛି। ତେବେ ଦୀର୍ଘବର୍ଷ ଧରି ଆମେରିକା ଓ ଇରାନ୍ ମଧ୍ୟରେ ଲାଗି ରହିଥିବା ତିକ୍ତତାକୁ ଦୃଷ୍ଟିରେ ରଖି କିଛି ଦିନ ପୂର୍ବରୁ ଟ୍ରମ୍ପଙ୍କୁ ଉପଲକ୍ଷ୍ୟ କରି ସୋଲେମାନୀ କହିଥିଲେ ଯେ, ତୁମେ ଯୁଦ୍ଧ ଆରମ୍ଭ କଲେ ଆମେ ତାହାକୁ ଶେଷ କରିବୁ। ହେଲେ ଆମେରିକା ରକେଟ ମାଡ଼ରେ ସୋଲେମାନୀଙ୍କ ଜୀବନ ଗଲା। ତାଙ୍କ ମୃତ୍ୟୁ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି। କାରଣ ସୋଲେମାନୀଙ୍କ ମୃତ୍ୟୁର ଗୋଟିଏ ଦିନ ପରେ ବାଗ୍‌ଦାଦର ଗ୍ରୀନ୍ ଜୋନ୍‌ରେ ଥିବା ଆମେରିକୀୟ ଦୂତାବାସକୁ ଟାର୍ଗେଟ କରାଯାଇଛି। ସୋଲେମାନୀ ନିହତ ହେବା ପରେ ଇରାନ୍‌ର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲ୍ଲୀ ଖାମିନୀ ଆମେରିକା ବିରୋଧରେ ପ୍ରତିଶୋଧ ନିଆଯିବ ବୋଲି କହିଥିବାରୁ ବାଗ୍‌ଦାଦସ୍ଥିତ ଆମେରିକୀୟ ଦୂତାବାସ ଆକ୍ରମଣ ତେହେରାନ ଦ୍ୱାରା କରାଯାଇଥିବା ସ୍ପଷ୍ଟ ହେଉଛି। ଏପଟେ ଇରାନ୍ ଆମେରିକାର କୌଣସି କ୍ଷତି କଲେ ସେହି ଦେଶର ୫୨ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉପରେ ଆକ୍ରମଣ କରି ଉଡ଼ାଇ ଦିଆଯିବ ବୋଲି ଟ୍ରମ୍ପ ଚେତାବନୀ ଦେଲେଣି।

ଦେଖିବାକୁ ଗଲେ ଆମେରିକା ବିରୋଧରେ ଯୁଦ୍ଧ କରିବାର କ୍ଷମତା ଇରାନ୍ ପାଖରେ ଥିବା ଭଳି ମନେହୁଏ ନାହିଁ। ଅନ୍ୟ ଦେଶରେ ଥିବା ଦୂତାବାସ ଉପରେ ଆକ୍ରମଣ କରିବା ଦେଶ ପାଇଁ ଲଜ୍ଜାଜନକ। ଅନ୍ୟପଟେ ଇରାନ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଟ୍ରମ୍ପ ପ୍ରଶାସନ ବାସ୍ତବରେ ଏହି ପରିସ୍ଥିତିକୁ କେତେଦୂର ନେବାକୁ ଇଚ୍ଛୁକ ତାହା ଏବେ କହିବା କଷ୍ଟକର। ୨୦୨୦ ନଭେମ୍ବରରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ନିଜର ବୀରତ୍ୱ ପ୍ରଦର୍ଶନ କରିବା ପାଇଁ ଏଭଳି ପଦକ୍ଷେପ ନେଉଛନ୍ତି ବୋଲି ଟ୍ରମ୍ପଙ୍କ ସମାଲୋଚକମାନେ କହୁଛନ୍ତି। ଯୁଦ୍ଧ ଯଦି ବୃଦ୍ଧି ପାଏ, ତେବେ ତାହା ଟ୍ରମ୍ପଙ୍କ ନିର୍ବାଚନ ଉପରେ କୁପ୍ରଭାବ ପକାଇପାରେ। କିନ୍ତୁ ସୀମିତ ଆକ୍ରମଣ କରାଯାଇ ନିଜର ଦକ୍ଷତା ପ୍ରଦର୍ଶନ କରିପାରିଲେ ତାହା ଟ୍ରମ୍ପଙ୍କୁ ସହାୟକ ହେବାର ସମ୍ଭାବନା ରହିଛି। ଏହାକୁ ଭାରତୀୟଙ୍କଠାରୁ କେହି ଅଧିକ ଭଲ ଭାବେ ବୁଝି ନ ଥିବେ। ଅନ୍ୟପଟେ ଟ୍ରମ୍ପ କହିଛନ୍ତି ଯେ, ସୋଲେମାନୀ ନୂଆଦିଲ୍ଲୀ ଓ ଲଣ୍ଡନରେ ଆତଙ୍କବାଦୀ କାର୍ଯ୍ୟକଳାପ ସହ ସମ୍ପୃକ୍ତ ଥିଲେ। ୨୦୧୨ ଫେବୃୟାରୀ ୧୩ରେ ଦିଲ୍ଲୀରେ ଘଟିଥିବା ବିସ୍ଫୋରଣକୁ ଟ୍ରମ୍ପ ଇଙ୍ଗିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଇସ୍ରାଏଲ ଦୂତାବାସର କୂଟନୀତିଜ୍ଞଙ୍କ ସ୍ତ୍ରୀ ତାଙ୍କ ପିଲାମାନଙ୍କୁ ସ୍କୁଲରୁ ଆଣିବାକୁ ଯାଉଥିବାବେଳେ ତାଙ୍କ କାର୍ ଉପରକୁ ବୋମାମାଡ଼ ହୋଇଥିଲା। ସେଥିରେ କେହି ମୃତାହତ ହୋଇ ନ ଥିଲେ। ଉକ୍ତ ବୋମାମାଡ଼ ସହ ସୋଲେମାନୀ ନେତୃତ୍ୱାଧୀନ ଇରାନ୍‌ର ରିଭୋଲ୍ୟୁଶନାରୀ ଗାର୍ଡସ୍ ସମ୍ପୃକ୍ତ ଥିବା ଦିଲ୍ଲୀ ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଏବର ପରିସ୍ଥିତି ଦେଖିଲେ ସୋଲେମାନୀଙ୍କ ହତ୍ୟା ପାଇଁ ଆମେରିକା ନିନ୍ଦିତ ହୋଇଥିବାରୁ ଏବେ ଭାରତ ସମେତ ଅନ୍ୟାନ୍ୟ ଦେଶକୁ କୂଟନୈତିକ ସମର୍ଥନ ହାସଲ କରିବାକୁ ଟ୍ରମ୍ପ ଏଭଳି ଉଦ୍ୟମ କରୁଥିବା କୁହାଯାଉଛି।

ମନେରଖିବାକୁ ହେବ ଯେ, ଭାରତର ପୁଞ୍ଜିନିବେଶ ଇରାନ୍‌ର ଚବାହାର ବନ୍ଦରରେ କରାଯାଇଛି। ସେଥିପାଇଁ ଇରାନ୍‌ରେ କୌଣସି ପ୍ରକାର ଯୁଦ୍ଧ କିମ୍ବା ଅସ୍ଥିରତା ସୃଷ୍ଟି ହେଲେ ତାହା ସିଧାସଳଖ ଭାରତକୁ ପ୍ରଭାବିତ କରିବ। ବିଶେଷକରି ଭାରତର ତୈଳ ଆମଦାନୀ ଅନ୍ୟ ଉପସାଗରୀୟ ଦେଶ ସମେତ ଇରାନ୍‌ଠାରୁ ମଧ୍ୟ କରାଯାଉଛି। ସେଥିପାଇଁ ଆମେରିକା ସୃଷ୍ଟି କରିଥିବା ଅସ୍ଥିରତା ଯୋଗୁ ଭାରତ କ୍ଷତି ସହିପାରେ। ଏଭଳି ପ୍ରଚ୍ଛଦପଟରେ ଭାରତର କୂଟନୈତିକ ଦକ୍ଷତା ଉପରେ ଏକ ଝଡ଼ ସୃଷ୍ଟି ହୋଇଛି। ଇରାନ୍ ସହିତ ସୁସମ୍ପର୍କ ରଖିଥିବା ଓ ସେଠାରେ ପୁଞ୍ଜିନିବେଶ କରିଥିବା ଭାରତ ନିରପେକ୍ଷ ରହିବା କଷ୍ଟକର। ନିଜ ପଡ଼ୋଶୀର ବିପଦ ପଡ଼ିବା ବେଳେ ଯଦି ଭାରତ ତାହାର ନିରପେକ୍ଷତା ଦେଖାଇବାକୁ ଯିବ, ତେବେ ଭବିଷ୍ୟତରେ ଆଉ ଗୋଟିଏ ଶକ୍ତିଶାଳୀ ପଡ଼ୋଶୀ ଶତ୍ରୁ ପାଲଟିବ। ଏଥିସହିତ ଆମେରିକାକୁ ବିରକ୍ତ କଲେ ତାହା ମଧ୍ୟ ଭାରତ ସକାଶେ ମହଙ୍ଗା ପଡ଼ିବ। କିନ୍ତୁ ଆଜିର ଭାରତର ଆଭ୍ୟନ୍ତରୀଣ ସମସ୍ୟାରେ ନିଆଁ ଲଗାଉଥିବା ମୋଦି ସରକାର ନିଜର ଭାରସାମ୍ୟ କେତେଦୂର ରଖିପାରିବେ ତାହା ଏକ ବଡ଼ ପ୍ରଶ୍ନବାଚୀ। ଆମେ ଏକ ଦାୟିତ୍ୱସମ୍ପନ୍ନ ଦେଶ ଭାବେ ନିଜର ଆଭିମୁଖ୍ୟକୁ କେଉଁଭଳି ଉତ୍ଥାପନ କରିବୁ ତାହା ବିଶ୍ୱ ଦରବାରରେ ନିଷ୍ପତ୍ତି ନିଆଯିବ। ଦୁଃଖର ବିଷୟ ଯେ ପାକିସ୍ତାନସ୍ଥିତ ନାନ୍‌କାନ୍ ସାହିବ ଗୁରୁଦ୍ୱାରା ଉପରେ ଆକ୍ରମଣ ଆମର ଦୁଇ ମୁଖ୍ୟ ରାଜନୈତିକ ଦଳକୁ ରାସ୍ତାକୁ ଟାଣିଆଣିଥିବା ବେଳେ ଇରାନ୍ ଘଟଣା ଭାରତ ପାଇଁ ଗୁରୁତ୍ୱ ରଖୁ ନାହିଁ। ପାକିସ୍ତାନ ପରି ଏକ ପିମ୍ପୁଡ଼ି ଭଳି ରାଷ୍ଟ୍ରକୁ ଅଧିକ ମାତ୍ରାରେ ନଜର ଦେଉଥିବା ଭାରତ ଏବେ ନିଜର ପରିସ୍ଥିତିକୁ ପୁନର୍ବିଚାର କରିବା ଦରକାର।

ଅନ୍ୟ ଏକ ଦୃଷ୍ଟିକୋଣରୁ ଦେଖିଲେ ଏକ ନୂଆ ସମୀକରଣ ସାମ୍ନାକୁ ଆସୁଛି। ନିକଟ ଅତୀତରେ ସୌଦି ଆରବର ତୈଳ ଟ୍ୟାଙ୍କ ଉପରେ ଇରାନ୍ ସମର୍ଥିତ ୟେମେନୀ ବିଦ୍ରୋହୀମାନେ ଡ୍ରୋନ୍ ଆକ୍ରମଣ କରିଥିଲେ। ପେଟ୍ରୋଲିୟମ ପଦାର୍ଥକୁ ଆଖି ଆଗରେ ରଖି ଏବେ ସୌଦି ଆରବକୁ ଆମେରିକା ଖୁସି କରିବାକୁ ଚାହୁଁଛି। ତେଣୁ ଇରାନ୍ ଉପରେ ଆକ୍ରମଣ କରିବା ପଛରେ ଆମେରିକାର ଲୁକ୍କାୟିତ ଇଚ୍ଛା ରହିଥାଇପାରେ। ଇରାନ୍ ଓ ଭାରତର ସମ୍ପର୍କ ଭଲ ରହିଥିବାରୁ ସୌଦି ଆରବ ମଧ୍ୟ ପାକିସ୍ତାନକୁ ସମର୍ଥନ କଲାଣି। ଭାରତକୁ ଅକଳରେ ପକାଇବାକୁ ଚାହିଁ ମାଲେସିଆଠାରେ ଇସ୍‌ଲାମୀୟ ସହଯୋଗ ସଙ୍ଗଠନ (ଓଆଇସି)ରେ ଯୋଗ ନ ଦେବା ପାଇଁ ଇସ୍‌ଲାମାବାଦ୍‌କୁ ରିୟାଦ କହିଥିଲା। ସେହି ଦୃଷ୍ଟିରୁ ପାକିସ୍ତାନ କୁଆଲାଲମପୁରରେ ହୋଇଥିବା ବୈଠକରେ ଯୋଗ ଦେଇ ନ ଥିଲା। ପାକିସ୍ତାନକୁ ଖୁସି କରିବା ପାଇଁ ସୌଦି ଆରବ ପୁଣି ଏକ ଇସ୍‌ଲାମିକ୍ ବୈଠକ କରି ସେଥିରେ କଶ୍ମୀର ପ୍ରସଙ୍ଗ ଉଠାଇବ ବୋଲି କହିଛି। ଏଭଳି ଏକ ଜଟିଳ କୂଟନୈତିକ ପୃଷ୍ଠଭୂମିରେ ଭାରତକୁ ସତର୍କତାର ସହିତ ପଦକ୍ଷେପ ନେବାକୁ ପଡ଼ିବ।

# ନାରୀ ନିର୍ଯାତନା ଓ ତା'ର ନିଦାନ


ଡ. ପ୍ରଫୁଲ୍ଲ କୁମାର ସାହୁ

ବାଣୀରେ ହେଉ କି ଠାଣିରେ ମହିଳାଙ୍କ ପ୍ରତି ଅସଦାଚରଣ ସଭ୍ୟ ସମାଜ ପାଇଁ ସର୍ବଦା ନିନ୍ଦନୀୟ। ମାତ୍ର ଆମ ଦେଶରେ ବାରମ୍ବାର ଘଟିଚାଲିଛି ଗଣବଳାତ୍କାର ଓ ହତ୍ୟା ଆଦି କଳଙ୍କିତ, ବୀଭତ୍ସ ଓ ଲୋମହର୍ଷଣକାରୀ ଘଟଣା। ଥମ୍‌ସନ୍ ରିଓଟର୍ସ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱବ୍ୟାପୀ ମହିଳାଙ୍କ ସୁରକ୍ଷାକୁ ନେଇ କରାଯାଇଥିବା ଏକ ସର୍ଭେ ରିପୋର୍ଟ ଅନୁଯାୟୀ ମହିଳାଙ୍କ ପ୍ରତି ଯୌନ ହିଂସା କ୍ଷେତ୍ରରେ ବିପଜ୍ଜନକ ରାଷ୍ଟ୍ରଭାବେ ଭାରତ ଏବେ ସବା ଆଗରେ। ନିଜକୁ ସଭ୍ୟ ସଂସ୍କୃତିସମ୍ପନ୍ନ ଓ ପାଶ୍ଚାତ୍ୟ ଲୋକଙ୍କଠାରୁ ଚରିତ୍ରବାନ୍ ବୋଲି ଭ୍ରମରେ ଥିବା ଭାରତୀୟଙ୍କ ପାଇଁ ଏହା ନିଶ୍ଚୟ ଏକ ସମୂହ ଲଜ୍ଜା। ଦିଲ୍ଲୀ ନିର୍ଭୟା ବଳାତ୍କାର ପରବର୍ତ୍ତୀ ଜନଅସନ୍ତୋଷକୁ ଦୃଷ୍ଟିରେ ରଖି ଆମ ଦେଶରେ ତିଆରି ହୋଇଥିଲା କାର୍ଯ୍ୟକାରୀ ହୋଇଥିଲା ପୋକ୍‌ସୋ ଆଇନ। ମାତ୍ର ଏତେ କଠୋର ଆଇନ କାର୍ଯ୍ୟକାରୀ ହେବା ସତ୍ତ୍ୱେ ଥମିବାର ନାଁ ଧରିଲାନି ନାରୀ ନିର୍ଯାତନା। ଗଣମାଧ୍ୟମରେ ପ୍ରକାଶ ପାଇଥିବା ଏକ ତଥ୍ୟ ଅନୁଯାୟୀ ଦେଶରେ ପ୍ରତି ୧୫ ମିନିଟ୍‌ରେ ଶାରୀରିକ ନିର୍ଯାତନାରେ ଶିକାର ହେଉଛନ୍ତି ଜଣେ ଲେଖାଏ ଶିଶୁକନ୍ୟା ଓ ମହିଳା। ସମାଜ ଯଦି ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେଇ ନ ପାରିଲା, ତେବେ କ'ଣ ମୂଲ୍ୟ ଅଛି ସେ କଠୋର ଆଇନ ତିଆରି କରିବାର? ସାଧାରଣତଃ ଯେଉଁଠି ଗଣବଳାତ୍କାର ଭଳି ଅମାନବୀୟ ଘଟଣା ବିରୋଧରେ ଯଥାର୍ଥ ପ୍ରତିକ୍ରିୟା ସୃଷ୍ଟି ହୁଏନି ସେଠାରେ ଆଙ୍ଗୁଳି ଉଠେ ଗଣ ବିବେକର ଅବକ୍ଷୟ ଆଡ଼କୁ। ମାତ୍ର ଗଣବଳାତ୍କାର ଭଳି ଜଘନ୍ୟ ଅପରାଧକୁ କେବେ ବରଦାସ୍ତ କରିନି ଭାରତୀୟ ଗଣବିବେକ। ୨୦୧୨ରେ ଦେଶର ଗଣବିବେକକୁ ଦୋହଲାଇ ଦେଇଥିଲା ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଘଟଣା। ତା'ର ସଦ୍ୟତମ ଦୃଷ୍ଟାନ୍ତ ହେଉଛି ଗତ ନଭେମ୍ବର ୨୭ ତାରିଖ ହାଇଦ୍ରାବାଦରେ ଘଟିଯାଇଥିବା ମହିଳା ପ୍ରାଣୀ ଚିକିତ୍ସକ ପ୍ରିୟଙ୍କା ରେଡ଼ି ଗଣବଳାତ୍କାର ଓ ହତ୍ୟା ପରବର୍ତ୍ତୀ ପ୍ରତିକ୍ରିୟା। ଲୋକେ ଏତେ ଉତ୍ତ୍ୟକ୍ତ ହୋଇଯାଇଥିଲେ ଯେ ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗୁଳି (ଏନ୍‌କାଉଣ୍ଟର) କରି ମାରିଦେବା ପରେ ସାରା ଦେଶରେ ଖେଳିଗଲା ଏକ ଉତ୍ସବମୟ ବାତାବରଣ। ଯେଉଁ ପରିସ୍ଥିତିରେ ଏନ୍‌କାଉଣ୍ଟର ହେଉନା କାହିଁକି ଅଭିଯୁକ୍ତମାନଙ୍କୁ ଦ୍ରୁତ ଦଣ୍ଡ ଦେଇଥିବାରୁ ତେଲେଙ୍ଗାନା ପୋଲିସ ଉପରେ ଅଜାଡ଼ି ହୋଇପଡ଼ିଲା ଉଚ୍ଛ୍ୱସିତ ପ୍ରଶଂସା।

କୁହାଯାଏ ନେତୃତ୍ୱ ଯେଉଁଠି ଅନୈତିକ ସେଠାରେ ଅପରାଧୀଙ୍କ ଦୌରାତ୍ମ୍ୟରେ ଅସ୍ୱଚ୍ଛ ହୋଇଯାଏ ରାଷ୍ଟ୍ରର ଛବି। ବାସ୍ତବରେ ଆମ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦରେ ବଢ଼ି ବଢ଼ି ଚାଲିଛି ଅପରାଧ ପୃଷ୍ଠଭୂମି ଥିବା ଜନପ୍ରତିନିଧିଙ୍କ ସଂଖ୍ୟା। ସେହି ଅପରାଧୀମାନେ ମାନ୍ୟବର ସାଜି ସଂସଦରେ ଆଇନ ତିଆରି କରୁଛନ୍ତି ଏବଂ ସେମାନଙ୍କ ରାଜନୈତିକ ଛଳନା ଓ ଶଠତା ଯୋଗୁ ଆଇନ କାର୍ଯ୍ୟକାରୀ ହୋଇପାରୁନି ଠିକଣା ଢଙ୍ଗରେ। ଗଣବଳାତ୍କାର ଓ ହତ୍ୟାକାଣ୍ଡ ଆଦି ଲୋମହର୍ଷଣକାରୀ ଘଟଣା ଗଣବିବେକକୁ ଦୋହଲାଇ ଦିଏ ସତ, କିନ୍ତୁ ଏଥିରେ ଆମ ମାନ୍ୟବରମାନଙ୍କୁ ମିଳିଯାଏ କୁମ୍ଭୀରକାନ୍ଦଣା କାନ୍ଦିବାର ମଉକା। ରାଜ୍ୟ ବିଧାନସଭାଠାରୁ କେନ୍ଦ୍ର ସଂସଦ ପର୍ଯ୍ୟନ୍ତ ସବୁଠି ଆରମ୍ଭ ହୋଇଯାଏ ତୁମ୍ଭିତୋଫାନ, କଥା କଟାକଟି ଏବଂ ଆରୋପ ପ୍ରତ୍ୟାରୋପ। ଏପରି କି ମହିଳା ପ୍ରତିନିଧିମାନେ ମଧ୍ୟ ଏଭଳି ସ୍ପର୍ଶକାତର ପ୍ରସଙ୍ଗକୁ ଦେଖିନ୍ତି ଦଳୀୟ ଦୃଷ୍ଟିଭଙ୍ଗୀରେ। ଅପରାଧ ରୋକିବା ଦିଗରେ ଗଠନମୂଳକ ଆଲୋଚନା ପରିବର୍ତ୍ତେ ବିତର୍କକୁ ଭଣ୍ଡୁର କରିବା ପାଇଁ ନାରାବାଜି କରନ୍ତି ପରସ୍ପର ବିରୋଧରେ। ଉତ୍ତରପ୍ରଦେଶ ଉନ୍ନାଓରେ ନାବାଳିକା ବଳାତ୍କାର ଅପରାଧରେ ଏବେ ଅଦାଲତରେ ଦୋଷୀସାବ୍ୟସ୍ତ ହୋଇଛନ୍ତି ଜଣେ ମାନ୍ୟବାର ବିଧାୟକ। କଶ୍ମୀରର କଠୁଆରେ ବଳାତ୍କାର ଅଭିଯୁକ୍ତଙ୍କ ସପକ୍ଷରେ ଦୁଇଜଣ ମନ୍ତ୍ରୀଙ୍କ ବୟାନବାଜି ଓ ଶୋଭାଯାତ୍ରାରୁ ବାରିହୋଇ ପଡ଼େ ସେମାନଙ୍କ ଆପରାଧିକ ପୃଷ୍ଠଭୂମି।

ବିହାରର ମୁଜାଫର ନଗର ସ୍ଥିତ ବାଳାଶ୍ରମ ହେଉ କି ଉତ୍ତରପ୍ରଦେଶର ଦେଓରିଆ ଆଶ୍ରମ ଗୃହ ହେଉ, ଏଠି ସେବା ନାଁରେ ଛଦ୍ମ ସମାଜସେବୀଙ୍କ ଦ୍ୱାରା ଚାଲିଥିବା ଯୌନ ଶୋଷଣ ସମ୍ପର୍କରେ କ'ଣ ଜାଣି ନ ଥିଲେ ସ୍ଥାନୀୟ ମାନ୍ୟବରମାନେ? ଏହିମାନଙ୍କ ବାହୁଛାୟା ତଳେ ଥିବା ଭୟଙ୍କର କୀଟମାନଙ୍କ କ୍ଷୁଧିତ ଦଂଶନରେ ଝରିପଡୁଛନ୍ତି କୁନ୍ଦୁଲିରୁ କଠୁଆ ଯାଏ ସୁନ୍ଦର ଉଦ୍ୟାନର ଅନେକ ନିଷ୍ପାପ କଳିକା। ଗଣବଳାତ୍କାର ଭଳି ଜଘନ୍ୟ ଅପରାଧରେ ସଂଶ୍ଳିଷ୍ଟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଦଣ୍ଡ ବିଧାନ ପାଇଁ ଏଠାରେ ରହିଛି ସ୍ୱତନ୍ତ୍ର ଅଦାଲତ ଗଠନର ପ୍ରାବଧାନ। ମାତ୍ର ମାନ୍ୟବରମାନଙ୍କ ଅଯଥା ହସ୍ତକ୍ଷେପ ପୋଲିସର ତ୍ରୁଟିଯୁକ୍ତ ତଦନ୍ତ ଓ ବେପରୁଆ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତି ଓ ସରକାରୀ ଓକିଲ ନିଯୁକ୍ତି ରାଜନୈତିକ ପକ୍ଷପାତିତା ଆଦି କାରଣରୁ ବିଚାର ପ୍ରକ୍ରିୟା ବିଳମ୍ବିତ ହେବା ସହିତ ଅନେକ କ୍ଷେତ୍ରରେ ଆଇନ ଜାଲରୁ ଖସିଯିବା ପାଇଁ ସକ୍ଷମ ହେଉଛି ଅପରାଧୀ। ନିର୍ଭୟା ଗଣବଳାତ୍କାରର ୭ବର୍ଷ ପରେ ବି ଏଯାବତ୍ ଅପରାଧୀମାନଙ୍କୁ ମିଳିନି ଶାସ୍ତି। ଏଥିପାଇଁ ବ୍ୟବସ୍ଥା ଉପରେ ରହୁନି ଲୋକଙ୍କ ଭରସା। ସେମାନେ ଚାହୁଁଛନ୍ତି ଦୋଷୀ ପ୍ରତି ତୁରନ୍ତ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେଉ ଏବଂ ସେହି ଭାବାବେଗର ଏକ ପ୍ରତିଫଳନ ଦେଖିବାକୁ ମିଳିଲା ହାଇଦ୍ରାବାଦ ଏନ୍‌କାଉଣ୍ଟର ପରେ।

ସାଧାରଣତଃ ପୋଲିସର ଚରିତ୍ର ଓ କାର୍ଯ୍ୟାବଳୀ ସର୍ବଦା ସନ୍ଦେହାଚ୍ଛନ୍ନ ଏବଂ ସାରା ଦେଶରେ ପ୍ରାୟତଃ ସମାନ। ଚାପର ବଶବର୍ତ୍ତୀ ହୋଇ କିମ୍ବା ପ୍ରତିଶୋଧ ନେବା ନିମନ୍ତେ ଏନ୍‌କାଉଣ୍ଟରର ନାଟକ ରଚନା କରିବାରେ ସେ ସିଦ୍ଧହସ୍ତ। ତେବେ ତା'ର ରେକର୍ଡ ଯାହାହେଉନା କାହିଁକି ହାଇଦ୍ରାବାଦ ଘଟଣାର ମାତ୍ର ୨୪ ଘଣ୍ଟା ଭିତରେ ୪ ଜଣ ଅଭିଯୁକ୍ତଙ୍କୁ ଧରିଆଣି କୋର୍ଟଚାଲାଣ କରିବା ଏବଂ ତଦନ୍ତ କରିବା ନିମନ୍ତେ ଅଭିଯୁକ୍ତମାନଙ୍କୁ ଘଟଣା ସ୍ଥଳକୁ ନେଇ ଏନ୍‌କାଉଣ୍ଟର କରିବା ଫଳରେ ଅପରାଧୀଙ୍କୁ ମିଳିଲା ଦ୍ରୁତ ଦଣ୍ଡ। ମାତ୍ର ବିଡ଼ମ୍ବନାର ବିଷୟ ଅପରାଧୀଙ୍କୁ ଦ୍ରୁତ ଦଣ୍ଡ ମିଳିବା ସତ୍ତ୍ୱେ ଏଭଳି ଜଘନ୍ୟ ଘଟଣା ଘଟିବାରେ ଲାଗିଲାନି ରୋକ୍। ଏବେ ପ୍ରତିଦିନ ଗଣମାଧ୍ୟମରେ ପ୍ରକାଶ ପାଉଛି ଦେଶରେ କେଉଁଠି ନା କେଉଁଠି ଘଟୁଥିବା ଗଣବଳାତ୍କାର ଖବର। ଅର୍ଥାତ୍ ବଳାତ୍କାରୀଙ୍କୁ ଧରିଆଣି ତତ୍କାଳ ଫାଶୀ ଖୁଣ୍ଟରେ ଝୁଲେଇଦେଲେ ବି ସରିବନି ଯୁଦ୍ଧ। କାରଣ ଦଣ୍ଡର ଭୟ ଦେଖାଇ ଅପରାଧୀଙ୍କୁ ଦବାଇ ଦିଆଯାଇ ପାରେ, ମାତ୍ର ଏହାଦ୍ୱାରା ମରିବନି ଅପରାଧପ୍ରବଣତା, ଅଥଚ ଏହା ଅପରାଧଠାରୁ ଆହୁରି ଭୟଙ୍କର। ଏହି ପ୍ରବଣତା ମନର ଏକ ନିଭୃତ ସ୍ଥାନରେ ଲୁଚିରହିଥାଏ ସୁଯୋଗ ଅପେକ୍ଷାରେ। ସୁଯୋଗ ପାଇବା ମାତ୍ରେ ବିବେକର ତଣ୍ଟି ମୋଡ଼ିଦେଇ ବଳାତ୍କାରରେ ପ୍ରବୃତ୍ତ ହୋଇଯାଏ ଏକ ଯନ୍ତ୍ରଚାଳିତ ରୋବୋ ପରି। ତେଣୁ କଠୋର ଦଣ୍ଡର ଭୟ ଦେଖାଇ ଅପରାଧପ୍ରବଣତାକୁ ଦୂର କରାଯାଇ ପାରିବନି, ବରଂ ଏଥିପାଇଁ ଲୋଡ଼ା ଏକ ସୁସ୍ଥ ସୁନ୍ଦର ସାମାଜିକ ପରିବେଶ। ସେହି ସୁସ୍ଥ ସୁନ୍ଦର ସାମାଜିକ ପରିବେଶ ଓ ଶୁଦ୍ଧପୂତ ଜୀବନଶୈଳୀ ପାଇଁ ଗାନ୍ଧିଜୀ ଚାହୁଁଥିଲେ ଏକ ନିଶାମୁକ୍ତ ସମାଜ। ମାତ୍ର ଦେଶରେ ଏବେ ସମସ୍ତଙ୍କୁ ମଦ ଖୁଆଇ ଉନ୍ମୁକ୍ତ କରି ଦିଆଗଲା ନାରୀ ନିର୍ଯାତନାର ପଥ। ନାରୀର ରୂପଶୋଭାକୁ ଲୋଭିଲା ଆଖିରେ ଚାହିଁବା ପୁରୁଷର ଏକ ଆଦିମ ପ୍ରକୃତି। ତା'ର ଏହି ଆଦିମ ଇଚ୍ଛାକୁ ଏବେ ବହୁ ମାତ୍ରାରେ ପ୍ରୋତ୍ସାହିତ କରୁଛି ଅଶ୍ଳୀଳତା। ରାମାୟଣରେ ଅଛି ଲକ୍ଷ୍ମଣରେଖା ଅତିକ୍ରମ କରିବା କାରଣରୁ ସୀତାଙ୍କୁ ଅପହରଣ କରିନେଲା ରାବଣ। ଏହାକୁ ଏକ କାରଣ ବୋଲି କିଏ ମାନୁ ବା ନ ମାନୁ, କବିବର ରାଧାନାଥ ରାୟ ଲେଖିଛନ୍ତି "ଯେ ଯେତେ ଦାମ୍ଭିକ ମୋତେ ଅଛଇ ଜଣା, ଫୁଲଶର ଆଗେ ପଡ଼ିଲେ ବୁଦ୍ଧି ହୁଅଇ ବଣା।" ଏକ ଶୃଙ୍ଖଳିତ ସମାଜ ଗଠନ ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାତ୍ର ଲାଭ ଓ ଲୋଭର ବଶବର୍ତ୍ତୀ ହୋଇ ଏବେ ଅଶ୍ଳୀଳତାକୁ ବିଜ୍ଞାପିତ କରୁଛି ଗଣମାଧ୍ୟମ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଯଦି ସମାଜ ପ୍ରତି ତା'ର ପ୍ରାଥମିକ ଦାୟିତ୍ୱ ଭୁଲିଯିବ ତେବେ ବଢ଼ିଚାଲିବ ବ୍ୟଭିଚାର।

ଅପରାଧପ୍ରବଣତା ନିରାକରଣର ମହୌଷଧି ହେଉଛି ନୈତିକ ଶିକ୍ଷା। ନୈତିକ ଶିକ୍ଷା ବଳରେ 'ମାତୃବତ୍ ପରଦାରେଷୁ' ଭାବନା ପୋଷଣ କରିଥିବା ମଣିଷ ମନକୁ କେବେ ଆନ୍ଦୋଳିତ କରିପାରେନି ବିକୃତ ବଳାତ୍କାର ଭାବନା। ସ୍ୱାମୀ ବିବେକାନନ୍ଦ କହିଥିଲେ, ଶିଶିର ଯେପରି ଅଦୃଶ୍ୟ ଓ ଅଶ୍ରୁତ ଭାବରେ ରାଶି ରାଶି ପଦ୍ମକୁ ପ୍ରସ୍ଫୁଟିତ କରାଏ ସେମିତି ସମସ୍ତଙ୍କ ଅଜାଣତରେ ଚରିତ୍ର ନିର୍ମାଣ କରେ ନୈତିକ ଶିକ୍ଷା। ଏଣୁ ପ୍ରାଥମିକ ସ୍ତରରୁ ପିଲାଙ୍କୁ ଆମ ଉଚ୍ଚ ପରମ୍ପରା ଓ ମାନବିକ ମୂଲ୍ୟବୋଧ ତଥା ଭଗବତ୍ ଚେତନା ସମ୍ପର୍କରେ ଶିକ୍ଷା ପ୍ରଦାନ କଲେ ମାନବିକତାର ସୁଗନ୍ଧରେ ମହକି ଉଠିବ ସମାଜ। ଅନ୍ୟଥା ଗଛମୂଳେ ସାର ନ ଦେଇ ତା' ପତ୍ରରେ ଦେବା ନ୍ୟାୟରେ ନୈତିକ ଶିକ୍ଷାକୁ ଅବହେଳା କରି ଯେତେ କଠୋର ଆଇନ ତିଆରି କଲେ ବି ସମାଜରୁ ହଟିବନି ନାରୀ ନିର୍ଯାତନା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ, ମୋ-୯୪୩୮୪୫୫୦୮

# ନିଦ କାହିଁ


ରୁଦ୍ର ପ୍ରସନ୍ନ ରଥ

ଖାଦ୍ୟ, ବସ୍ତ୍ର, ବାସଗୃହ ପରେ ଯଦି ମଣିଷ ନିଜ ଜୀବନରେ ଆଉ କାହାକୁ ସର୍ବାଧିକ ଗୁରୁତ୍ୱ ଦେଉଥାଏ ତାହା ହେଉଛି ନିଦ୍ରା। ମଣିଷ ଯେତେ ଧନୀ ହେଉ ବା ଗରିବ, ଭଦ୍ର ହେଉ ବା ଅଭଦ୍ର, ଶାନ୍ତ ହେଉ ବା କୁଟିଳ ଗୋଟିଏ ସୁନ୍ଦର ନିଦ ଆମ ସମସ୍ତଙ୍କର ଏକାନ୍ତ ଆବଶ୍ୟକ। ଆଉ ଜୀବନର ସର୍ବନିମ୍ନ ଆବଶ୍ୟକତା ଟିକକ ପୂରଣ କରିବା ପାଇଁ ମଣିଷ ପାରୁପର୍ଯ୍ୟନ୍ତ ଚେଷ୍ଟା କରେ। ଭଲ ଘର କରେ, ଦାମୀ ଖଟରେ ବିଦେଶୀ ଗଦି ବିଛାଏ। ବାତାନୁକୂଳିତ ଘରେ ନିଜ ଇଚ୍ଛା ଅନୁସାରେ ଆଲୁଅ ଲିଭାଇବା, ଜଳାଇବା ବ୍ୟବସ୍ଥା କରେ। ଶୋଇବା ଆଗରୁ ବହି ପଢେ। ଟିଭି ଦେଖେ। କିନ୍ତୁ ହାୟ ସମସ୍ତଙ୍କ ଭାଗ୍ୟରେ ନିଦ ନ ଥାଏ। ନିଦ୍ରାଦେବୀ ସମସ୍ତଙ୍କ ଆଖି ତଳକୁ ଓହ୍ଲାଇ ଆସନ୍ତି ନାହିଁ। ମଝି ରାତିଯାଏ କଡ଼ ଲେଉଟାଏ। ଖଟରୁ ଉଠିପଡି ଶୌଚାଳୟ ଯାଏ। ଶାନ୍ତ ରହିବାକୁ ଚେଷ୍ଟାକରେ। ଆଖି ବୁଜିକରି ନିଦ ସହ ସଂଘର୍ଷ କରେ। ହଁ ଆଉ କିଛି ସମୟ ପରେ ନିଦ ହୋଇଯିବାର ଆଶ୍ୱାସନା ନେଇ ଆଖିବୁଜେ। ପୁଣି ଉଠିପଡ଼ି ମୋବାଇଲ ଖେଳାଏ। କିନ୍ତୁ ହାୟ! ନିଦ୍ରାଦେବୀ ତାକୁ ଧରା ହିଁ ଦିଅନ୍ତି ନାହିଁ। ପାହାନ୍ତା ପହରରୁ ଉଠିପଡ଼ିଲା ବେଳକୁ ଆଖି ତଳ କଳା ପଡି ଯାଇଥାଏ। ଆଖି ଲାଲ ପଡିଥାଏ। ଘରେ ରହିବ ନା ବାହାରକୁ ବାହାରିବ ଏହି ହିସାବ କରୁ କରୁ ଦିନ ଅଧା ହୋଇଯାଏ। କେବଳ ଜଣେ ଅଧେ ନୁହେଁ ଅନେକ ଭାରତୀୟଙ୍କ ରାତି ଏବେ ବିନା ନିଦରେ କଟୁଛି। ଏ ସମସ୍ୟା ଏତେ ଭୟଙ୍କର ଯେ ବେଳକୁ ବେଳ ଏହା ଏକ ଜାତୀୟ ସମସ୍ୟା ରୂପେ ପରିଗଣିତ ହେଲାଣି। ରାତିରେ ଟିକିଏ ଶାନ୍ତିରେ ଶୋଇବା ପାଇଁ ଏବେ ଲୋକଙ୍କୁ କେତେ ଯେ କସରତ କରିବା ପାଇଁ ପଡୁଛି ତାହା କେବଳ ଅନୁଭବୀର ଅନୁଭବ ମାତ୍ର। ମଣିଷ ଭୌତିକ ଜଗତରେ ଯେତିକି ଆଗଉଛି ନିଦ ରାଇଜଠାରୁ ସେତିକି ପଛେଇ ଯାଉଛି। ଯଦି କେହି ପଚାରୁଛି କାଲି ରାତିରେ ନିଦ ହୋଇନି କି? ଆଖି କାହିଁକି ଲାଲ ପଡିଛି ତେବେ ତୁରନ୍ତ ଉତ୍ତର ଆସୁଛି, ନିଦ କାହିଁ?

ଭାରତରେ ନିଦ୍ରା ସଙ୍କଟ ଦିନକୁ ଦିନ ଘନଉଥିବା ବେଳେ ଏ ନେଇ କୌଣସି ସରକାରୀ ତଥ୍ୟ ଉପଲବ୍ଧ ନାହିଁ। ପ୍ରାୟ ପାଞ୍ଚବର୍ଷ ତଳେ ଏ ନେଇ ହୋଇଥିବା ଫିଲପ୍ସ ହେଲ୍‌ଥ କେୟାର ସର୍ଭେ ଅନୁସାରେ ଭାରତରେ ପ୍ରାୟ ୯୩% ଲୋକ ଉପଯୁକ୍ତଭାବେ ଶୋଇବାକୁ ପାଆନ୍ତି ନାହିଁ। ଏମାନେ ଆବଶ୍ୟକ ଦୈନିକ ୮ ଘଣ୍ଟା ଶୋଇବାକୁ ପାଆନ୍ତି ନାହିଁ। ପୁଣି ୭୩% ଲୋକ ରାତିରେ ଥରେରୁ ତିନି ଥର ଉଠିବାକୁ ବାଧ୍ୟ ହୁଅନ୍ତି। ଆଦୌ ଶୋଇ ନ ଥିବାରୁ ୧୧% ଲୋକ କାମରୁ ଛୁଟି ନିଅନ୍ତି ଏବଂ ୩୮% ଲୋକ ନିଜ କର୍ମସ୍ଥଳୀରେ ହିଁ ନିଜ ସହକର୍ମୀ ଶୋଇଥିବାର ଦେଖିଛନ୍ତି। ତେବେ ପାଦତଳୁ ମାଟି ଖସାଇଦେବା ପରି ତଥ୍ୟ ହେଉଛି ଯେ, ଉପଯୁକ୍ତଭାବେ ନିଦ ହେଉ ନ ଥିବାରୁ ପାଖାପାଖି ୩୩% ଭାରତୀୟ ବେଶ୍ ଭଲଭାବେ ଘୁଙ୍ଗୁଡ଼ି ମାରନ୍ତି। ଏହା ଏତେ ଜୋରରେ ଦୁଇଜଣ ଲୋକ କଥାବାର୍ତ୍ତା ହେଲେ ଯେତିକି ଶବ୍ଦ ଉତ୍ପନ୍ନହୁଏ ସେହିପରି କିମ୍ବା ତାହାଠାରୁ ଅଧିକ।

ଉପଭୋଗବାଦର ବୃହତ୍ ବୃଦ୍ଧି ଯୋଗୁ ମଣିଷ ଆଜିପାଇଁ ଚିନ୍ତାକରିବା ଛାଡି ଦେଇଛି। କାଲି କଥାକୁ ନେଇ ବେଶି ବ୍ୟସ୍ତ ହୋଇପଡୁଛି। ଆସନ୍ତାକାଲିକୁ ଭଲଭାବେ ବଞ୍ଚିବା ଚିନ୍ତାରେ ଭାବି ଭାବି ସେ ଖଟ ଉପରକୁ ଯାଉଛି ସତ ହେଲେ ଆଖିକୁ ନିଦ ଆସୁନି। ମୋବାଇଲ ଖେଳାଉ ଖେଳାଉ ନିଦ ପଳାଉଛି। ଦୋଷ ଦିଆଯାଉଛି ଖଟକୁ, ତକିଆକୁ, ଓଡ଼ଶକୁ। କିଛିବର୍ଷ ତଳେ ରାତି ନଅଟା ବେଳକୁ ନିଦ ମାଡି ଆସୁଥିଲା। ଖାଇବା ଯାଏ ଆଖି ଖୋଲି ରଖିବାକୁ ତର ରହୁ ନ ଥିଲା। ଖଟ ଉପରେ ପଡୁ ପଡୁ ହିଁ ନିଦ ଆସିଯାଉଥିଲା। ବଡିଭୋରରୁ ମଣିଷ ଉଠୁଥିଲା ସତେଜ ଆଖିରେ। କାକରଭିଜା ଘାସ, ନୂଆ କରି ଫୁଟିଥିବା ଫୁଲ, ଆଉ ପ୍ରଜାପତିକୁ ଦେଖି ଦିନ ଆରମ୍ଭ କରୁଥିଲା। ଫୁଲ ତୋଳିବା ଏବଂ ସକାଳର ପ୍ରାର୍ଥନା ଶୁଣିଲା ପରେ ଜଣାପଡୁଥିଲା ଯେ ସକାଳର ପୃଥିବୀଟା ଦିନଯାକ ପାଇଁ ଭଗବାନଙ୍କ ପାଖରେ ମୁଣ୍ଡନୁଆଇଁ କାମକୁ ଯିବାକୁ ପ୍ରସ୍ତୁତ ହେଉଛି। ହାୟ ଆଉ ବୋଧହୁଏ ସେ ସମୟ ଆସିବାର ନାହିଁ। ଏବେ ତ ଉଦିତ ସୂର୍ଯ୍ୟର ନରମ କିରଣ ଖାଇବା ପାଇଁ ଲୋକ ହିଁ ନାହାନ୍ତି। ପ୍ରାତଃଭ୍ରମଣ କରୁଥିବା କିଛି ବରିଷ୍ଠ ନାଗରିକଙ୍କୁ ଛାଡିଦେଲେ ଅନେକେ ତ ଏବେ ବି ଶୋଇବା ପାଇଁ ସଂଘର୍ଷରତ। ଉଦିତ ସୂର୍ଯ୍ୟର ରକ୍ତିମ ଆଭାକୁ ଦେଖିବ କିଏ? ବିଳମ୍ବରେ ଶୋଇବା ଏବଂ ମଧ୍ୟାହ୍ନ ବେଳକୁ ଉଠିବା ସତେ ଯେପରି ଏକ ଫ୍ୟାଶନ ପାଲଟିଲାଣି ଏବେ।

ନିଦ ନିରୁଦ୍ଦିଷ୍ଟ ହେଲା ପରେ ଏହା ଅନେକ ବିପଦକୁ ଟାଣି ଆଣୁଛି। ମୁଣ୍ଡବିନ୍ଧା, ଅଳସୁଆ ଲାଗିବା ସହ ଦେହହାତ ଘୋଳାବିନ୍ଧା ହେବା, କାମରେ ମନ ଲଗାଇବାରେ ସମର୍ଥ ନ ହେବା ତ ଆବଶ୍ୟକ ମାତ୍ରାରେ ନିଦ ନ ହେବା ଯୋଗୁ ଦେଖା ଦେଉଥିବା ସର୍ବନିମ୍ନ ବିପଦ। ତେବେ ଏହା ଏତେ ବଡ଼ ସମସ୍ୟା ହୋଇଥିବା ସତ୍ତ୍ୱେ ଭାରତୀୟମାନେ ଏ ନେଇ ଖୋଲାଖୋଲି ଭାବେ କଥା ହେବାକୁ ନାରାଜ। ବରଂ ଅନେକଙ୍କ ମତରେ କମ୍ ଶୋଇ କିମ୍ବା ଆଦୌ ନ ଶୋଇ କାମ କରିବାଟା ଗୋଟିଏ ବଡ଼ ବାହାଦୁରି। କେବଳ ୨% ନିଦ୍ରାହୀନତାରେ ପୀଡିତ ଭାରତୀୟ ହିଁ ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରିବାକୁ ଯାଆନ୍ତି।

ଯଦି ନିଦ ଆସୁନାହିଁ ତେବେ ଏ ନେଇ ଗୁରୁତ୍ୱର ସହ ଚିନ୍ତାକରିବାର ଆବଶ୍ୟକତା ରହିଛି। ମୋବାଇଲକୁ ଶୋଇବା ଘରୁ ବାହାର କରି ବହି ପଢିବା ପାଇଁ ଚିନ୍ତା କରିବା ଦରକାର। ପୁଣି ରାତିରେ ଶୀଘ୍ର ଖାଇଲେ ଓ ଦିନରେ କିଛି ଶାରୀରିକ ଶ୍ରମ କଲେ ନିଦ ଆସିବାରେ ବୋଧହୁଏ ବ୍ୟାଘାତ ଆସିବ ନାହିଁ। ପୁଣି ଯଦି ଏ ସବୁ ସତ୍ତ୍ୱେ ଆପଣଙ୍କୁ ନିଦ ଆସୁନାହିଁ ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। କିଏ ଜାଣେ ହୁଏତ ଏକ ରୋଗକୁ ଗୁରୁତର ହେବାକୁ ରକ୍ଷା କରିବାରେ ଆପଣଙ୍କ ଏହି ନିଷ୍ପତ୍ତି ସହାୟକ ହୋଇପାରେ।

ଧବଳଗିରି, ଯାଜପୁର ରୋଡ, ମୋ-୭୯୭୮୬୭୧୭୭୬

## ଏଇ ଭାରତରେ

ଉତ୍ତରପ୍ରଦେଶର କୌଶାମ୍ବୀ ଜିଲାର ଶିକ୍ଷକ ଅଜୟ ସାହୁ ଏକ ଗ୍ରାମୀଣ ସ୍କୁଲ୍‌ର ପରିବେଶକୁ ବଦଳାଇ ଉଦାହରଣ ସୃଷ୍ଟି କରିଛନ୍ତି। ୨୦୧୬-୧୭ ଶିକ୍ଷା ବର୍ଷରେ ଅଜୟ ସିରାଥୁ ତହସିଲର ସୋରାଇ ବୁଜୁର୍ଗ ଗାଁର ପ୍ରାଥମିକ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ସ୍କୁଲ୍‌ର ବିକାଶ ପାଇଁ ସେ ନିଜ ଦରମାର ୧୦ ପ୍ରତିଶତ ଓ ସେନାରେ କାର୍ଯ୍ୟରତ ତାଙ୍କ ତିନିଭାଇଙ୍କ ୧୦ ଲକ୍ଷ ଟଙ୍କାର ଅନୁଦାନ ଖର୍ଚ୍ଚକରି ସ୍କୁଲ୍‌ର ଛବି ସମ୍ପୂର୍ଣ୍ଣ ବଦଳାଇ ଦେଇଛନ୍ତି। ଅଜୟଙ୍କ ତିନି ଭାଇ ଅନିଲ, ଅରୁଣ ଓ ଅକ୍ଷୟ ଏହି ସ୍କୁଲ୍‌ରେ ଶିକ୍ଷା ଲାଭ କରିଥିଲେ। ଅଜୟଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ସ୍କୁଲ୍‌ର ଆଉ ତିନିଜଣ ସହକାରୀ ଶିକ୍ଷକ ସେମାନଙ୍କ ଦରମାରୁ ୫ ପ୍ରତିଶତ ସ୍କୁଲ୍‌ର ବିକାଶ ପାଇଁ ବ୍ୟୟ କରୁଛନ୍ତି। ଏବେ ସ୍କୁଲ୍‌ରେ ପିଲା ବସିବା ପାଇଁ ଚେୟାର ଟେବୁଲ, ସ୍ୱଚ୍ଛ ପାନୀୟ ଜଳ, ଟ୍ୱଏଲେଟ, ଖେଳନା, ବାଦ୍ୟଯନ୍ତ୍ର, ସାଉଣ୍ଡ ସିଷ୍ଟମ୍, ପଢିବା ଲାଗି ପ୍ରୋଜେକ୍ଟର, କମ୍ପ୍ୟୁଟର ଓ ଲାପ୍‌ଟପ୍ ଉପଲବ୍ଧ ହେଉଛି। ସପ୍ତାହରେ କେବଳ ୪ଦିନ ପିଲାଙ୍କୁ ବହି ପଢ଼ାଯାଉଛି ଓ ତା'ପରେ ଅନ୍ୟଦିନ ସେହି ବିଷୟକୁ ପ୍ରୋଜେକ୍ଟର ମାଧ୍ୟମରେ ସେମାନଙ୍କୁ ଦେଖାଇ ବୁଝାଯାଉଛି। ଆସନ୍ତା ଦିନ ସ୍କୁଲ୍‌ରେ କେଉଁ ବିଷୟ ପଢ଼ାହେବ ସେ ବିଷୟରେ ପିଲାମାନଙ୍କୁ ଜଣାଇ ଦିଆଯାଏ। ସ୍କୁଲ୍‌ର ନିଜସ୍ୱ ଲାଇବ୍ରେରି ମଧ୍ୟ ରହିଛି। ସ୍କୁଲ୍ ପରିବେଶ ବଦଳିବା ପରେ ପିଲାଙ୍କ ସଂଖ୍ୟା ଏବେ ୪୬୭ରେ ପହଞ୍ଚିଛି।

## ଚିରନ୍ତନୀ

କିପାଇଁ ଆସ ଯାଅ କିପାଇଁ
ନ କହ କିପାଁ ପଦେ ତ କଥା
କ୍ଷଣକେ ଚାହିଁ ଯାଅ ଉଭାଇ
ଚିରଦିନକୁ ଲଗାଇ ବ୍ୟଥା। (ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

### ୬ ଜାନୁୟାରୀ ୧୯୯୫

- ବମ୍ବେ ନିକଟସ୍ଥ ତାରାପୁରଠାରେ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଆଣବିକ ଶକ୍ତି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ପାଇଁ ଚାଇନା ଭାରତକୁ ସମୃଦ୍ଧ ୟୁରାନିୟମ ଇନ୍ଧନ ଯୋଗାଇ ଦେଇଛି।
- ଭାଇସ୍ ଆଡମିରାଲ ଏ.ଆର. ଟଣ୍ଡନଙ୍କୁ ନୌବାହିନୀର ଉପମୁଖ୍ୟ ରୂପେ ନିଯୁକ୍ତି ଦିଆଯାଇଛି।

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୨୯- ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କୁ ଭାରତୀୟ ଚଳଚ୍ଚିତ୍ର ଜଗତର ସର୍ବଶ୍ରେଷ୍ଠ ପୁରସ୍କାର ଦାଦାସାହେବ ଫାଲ୍‌କେ ଆୱାର୍ଡରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

୩୦- ସେନାଧ୍ୟକ୍ଷ ଜେନେରାଲ ବିପିନ ରାୱତ ଦେଶର ପ୍ରଥମ ଡିଫେନ୍ସ ଷ୍ଟାଫ୍ ମୁଖ୍ୟ (ସିଡିଏସ୍) ଭାବେ ମନୋନୀତ ହୋଇଛନ୍ତି।

୩୧- କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୧୦୨ ଲକ୍ଷ କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହାକୁ ନ୍ୟାଶନାଲ ଇନଫ୍ରାଷ୍ଟ୍ରକ୍ଚର ପାଇପଲାଇନ (ଏନ୍‌ଆଇପି) ଅଧୀନରେ ଆରମ୍ଭ କରାଯାଇଛି।

ଜାନୁୟାରୀ ୧- ଭାରତର ତୃତୀୟ ଚନ୍ଦ୍ର ଅଭିଯାନ ଚନ୍ଦ୍ରୟାନ-୩ ଆସନ୍ତା ୨୦୨୧ରେ ମହାକାଶକୁ ଛଡ଼ାଯିବ ବୋଲି ଇସ୍ରୋ ପକ୍ଷରୁ ଘୋଷଣା କରାଯାଇଛି। ଏଥିସହ ଏହି ଗଗନୟାନ କାର୍ଯ୍ୟକ୍ରମ ପାଇଁ ବାୟୁସେନାରୁ ୪ ଜଣଙ୍କୁ ଚୟନ କରାଯାଇଛି।

## ଆମ ସମସ୍ୟା

### ଜଟଣୀରେ ଜମିମାଫିଆଙ୍କ ପ୍ରାଦୁର୍ଭାବ

ମହାଶୟ,

କିଛିବର୍ଷ ହେଲା ଜଟଣୀରେ ଜମିମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ତଥା ଜମିମାଫିଆ ସରକାରୀ ଜମି ଜବରଦଖଲକୁ ନିଜ ମୁଖ୍ୟ ବ୍ୟବସାୟ ଭାବରେ ଗ୍ରହଣ କରି ନେଇଛନ୍ତି। ଏମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ହାତେଇ ରାସ୍ତାକଡରେ ଥିବା ମୂଲ୍ୟବାନ ସରକାରୀ ଜମିକୁ ଅକ୍ତିଆର କରି ତାହାକୁ ଚଢ଼ା ଦରରେ ବିକ୍ରି କରି ଚାଲିଛନ୍ତି। ଜଟଣୀ ପୌର ପରିଷଦ ଅଞ୍ଚଳରେ ଥିବା ବହୁ ସରକାରୀ ଜମି ବିଗତ କିଛିବର୍ଷ ମଧ୍ୟରେ ଜବରଦଖଲକାରୀମାନେ ନିଜ ଅକ୍ତିଆରକୁ ନେଇସାରିଲେଣି। ଜିଲା ପ୍ରଶାସନ ଏହି ଜବରଦଖଲକାରୀଙ୍କୁ ସରକାରୀ ଜମିରୁ ଉଚ୍ଛେଦ କରିବା ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ତୁରନ୍ତ ଜିଲାପାଳ, ୫-ଟି ସଚିବ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରନ୍ତୁ।

ସୁରେଶ ସାହୁ, ଜଟଣୀ, ଖୋର୍ଦ୍ଧା

### ରାସ୍ତା ଦୁରବସ୍ଥା

କେନ୍ଦ୍ରାପଡା ଜିଲାରେ ରାସ୍ତାଘାଟର ଦୁରବସ୍ଥା ପାଇଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଟ୍ଟାମୁଣ୍ଡାଇରୁ ରାଜନଗର ଓ ବଡଜରିଆ, ଗଣ୍ଡାକିଆର ମୁଖ୍ୟ ରାସ୍ତା ଅତ୍ୟନ୍ତ ଶୋଚନୀୟ। ଉକ୍ତ ମୁଖ୍ୟ ରାସ୍ତାଦ୍ୱୟକୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରାଯାଉ। ରାସ୍ତାର ଚଉଡା ସମ୍ପ୍ରସାରଣ ସହ ଗୁଣମାନର କାର୍ଯ୍ୟ ହେବା ଜରୁରୀ।

ଆଦିକନ୍ଦ ସାହୁ, ସାଆନ୍ତ ସାହି, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 4 | 5 | | 9 | | | | | | 8 | E | | | |
| | | C | | | | A | | | | | | | 2 | |
| 2 | | | 1 | | | 5 | | C | | | | 6 | | |
| | 7 | | | C | | | | | 1 | | | | B | 8 |
| 0 | A | | | 3 | 2 | | | 8 | | 6 | 9 | | | 5 |
| 6 | 8 | | | | 7 | C | | 9 | | A | | 4 | | |
| C | | | | 4 | | | | E | | 7 | 0 | | | |
| | 1 | | | 6 | | | | D | | 3 | | | | |
| | | 7 | | | 3 | | | | D | | 8 | | 5 | 9 |
| 3 | | | | | E | 0 | | | B | | | C | 1 | |
| | 2 | 8 | | 5 | | 6 | | | | | | 3 | | |
| | 6 | | 3 | | | B | | | | | C | | 4 | 1 |
| | | | 6 | A | | | | 3 | | B | | | | 7 |
| | C | | | 0 | | 8 | | | | 4 | D | | | 2 |
| A | | | | 1 | 8 | E | 0 | | 9 | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | E | 8 | 2 | 1 | A | 5 | D | 9 | 3 | 0 | B | C | 6 | 7 |
| D | 2 | 1 | 8 | 6 | 0 | A | B | E | 5 | 7 | C | 9 | 3 | 4 |
| 3 | 9 | 5 | 4 | 7 | B | 6 | 0 | C | 1 | 2 | 8 | D | A | E |
| 0 | 7 | 6 | 9 | 3 | C | 1 | 4 | 8 | E | A | D | B | 2 | 5 |
| C | B | A | E | D | 5 | 2 | 3 | 7 | 9 | 6 | 4 | 0 | 8 | 1 |
| 6 | 1 | 4 | 3 | B | D | 9 | E | 0 | 7 | 8 | 5 | A | C | 2 |
| B | 5 | E | 7 | C | 9 | 8 | 2 | 1 | A | 4 | 6 | 3 | D | 0 |
| 9 | D | C | 1 | A | 8 | 3 | 7 | 6 | 2 | E | 0 | 4 | 5 | B |
| 8 | A | 2 | 0 | 4 | 6 | B | C | 5 | D | 1 | 3 | E | 7 | 9 |
| 7 | 3 | 0 | 5 | 2 | E | 4 | A | D | C | B | 9 | 6 | 1 | 8 |
| 5 | 6 | B | A | 9 | 2 | C | 1 | 4 | 8 | 3 | E | 7 | 0 | D |
| 2 | C | 3 | D | 0 | 1 | 7 | 9 | B | 4 | 5 | A | 8 | E | 6 |
| A | 0 | D | 6 | 5 | 7 | E | 8 | 3 | B | 9 | 1 | 2 | 4 | C |
| E | 4 | 9 | C | 8 | 3 | 0 | 5 | 2 | 6 | D | 7 | 1 | B | A |
| 1 | 8 | 7 | B | E | 4 | D | 6 | A | 0 | C | 2 | 5 | 9 | 3 |

ଗତକାଲିର ଉତ୍ତର



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ

### ଲୋକ ମହୋତ୍ସବ ଦ୍ୱିତୀୟ ଦିବସ

# ସମ୍ବଲପୁରୀ ସଂସ୍କୃତିର ପଟାନ୍ତର ନାହିଁ



ଚନ୍ଦ୍ରଶେଖର ଦୁବେ ଢୋଲ ବଜାଉଛନ୍ତି ।





ରବିବାର ସମ୍ବଲପୁର ଲୋକମହୋତ୍ସବର ୨ୟ ଦିବସରେ ମଞ୍ଚରେ ଅତିଥିମାନେ (ବାମ) । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଓ ଅନ୍ତର୍ଜାତୀୟ ଲୋକସଂଗୀତ ଗାୟିକା ଇଲା ଅରୁଣ କଳାକାରଙ୍କ ସହ ନୃତ୍ୟ କରୁଛନ୍ତି ।

ସମ୍ବଲପୁର, ୫।୧ (ବ୍ୟୁରୋ)

ସମ୍ବଲପୁର ଲୋକମହୋତ୍ସବ ପୁରାତନ ଗାଥାକୁ ଉଜ୍ଜୀବିତ କରିଛି । ମଞ୍ଚ ମାଧ୍ୟମରେ ଲୁପ୍ତପ୍ରାୟ ଲୋକକଳା ପରିବେଷଣ କରି ଆଧୁନିକ ମଣିଷ ଜୀବନକୁ ବଞ୍ଚାଇ ରଖିବାରେ ସଫଳ ହୋଇଛି । ଏଥିସହ ଦେଶ, ରାଜ୍ୟର ବିଭିନ୍ନ ଅଞ୍ଚଳରୁ କଳାକାରମାନେ ନିଜ ଅଞ୍ଚଳର ଲୋକବାଦ୍ୟ, ନୃତ୍ୟ ଓ

## ଇଲାଙ୍କ ଗୀତରେ ନାଚିଲେ ଦର୍ଶକ

ଗୀତ ପରିବେଷଣ କରୁଛନ୍ତି । ଏହାଦ୍ୱାରା କଳାକାରମାନଙ୍କ ମଧ୍ୟରେ ସଂସ୍କୃତିର ଭାବ ବିନିମୟ ହୋଇପାରୁଛି । କହିବାକୁ ଗଲେ ସମ୍ବଲପୁରୀ ସଂସ୍କୃତିର ପଟାନ୍ତର ନାହିଁ । ରବିବାର ସମ୍ବଲପୁର ଲୋକ ମହୋତ୍ସବର ଦ୍ୱିତୀୟ ଦିବସରେ ଅତିଥିମାନେ ଏହା କହିଛନ୍ତି । ମୁଖ୍ୟ ସଂଯୋଜକ ସୌମେନ୍ଦ୍ର ପୂଜାରୀଙ୍କ ପରିଚାଳନାରେ ଉତ୍ସବ ଆୟୋଜିତ ହୋଇଥିଲା । ରାଜ୍ୟ ଶିଳ୍ପ, ଶକ୍ତି ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ବରଗଡ ଏମ୍‌ପି ସୁରେଶ ପୂଜାରୀ, ରାଜ୍ୟ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ କ୍ରୀଡାବିତ୍ ଦୁତୀ ଚାନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ ଶୁଭମ୍ ସକ୍‌ସେନା, ପିଡିଡିଆରଡିଏ ତଥା ଲୋକମହୋତ୍ସବ ନୋଡାଲ ଅଧିକାରୀ ସୁକାନ୍ତ ତ୍ରିପାଠୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଲୋକକଳାକାର ହାରାଚନ ନାଥ, ନାଟ୍ୟବିତ ପ୍ରଫେସର ପ୍ରସନ୍ନ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ରାମାଶିଷ ତ୍ରିପାଠୀ ଓ ସୀମାନ୍ତିକା ଦାଶ ଏବଂ ମାନସ ମିଶ୍ରଙ୍କ ସଂଯୋଜନାରେ ଲୋକଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏଥିରେ ଲହରୀ ଅନୁଷ୍ଠାନର ଗୁରୁ ମୋହିତ କୁମାର ସ୍ୱାଇଁ ଓ ଦଳ, କଳାହାଣ୍ଡି ପ୍ରତିଭା ଅନୁଷ୍ଠାନର ଗୁରୁ ସର୍ବେଶ୍ୱର ଭୋଇ ଓ ଦଳ, ରାଜସ୍ଥାନର ଲାଲ ଖାନ ଓ ଦଳ, ଆସାମ ବଙ୍ଗୋପୋ ସାଂସ୍କୃତିକ ଗୋଷ୍ଠୀ, ବଲାଙ୍ଗୀର ପରମ୍ପରା, କୋରାପୁଟ ଢେମସା, ଉତ୍ତରପ୍ରଦେଶ ଶ୍ୟାମ ଲୋକକଳା ମଞ୍ଚ ଏବଂ ସମ୍ବଲପୁର ଯବାନ କ୍ଲବ କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ । କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ ପୁରାତନ ରଚନାରୁ ରାଧା ନନି ଲହର ମନି...., ମୁଇଁ ତ ମା ମାଟିର୍ ପିଲା...., ଲେ ଲେ ଲେ ବୋଉଲ.... ଗୀତକୁ ମିଶ୍ରଣ କରି ଗାଇଥିଲେ । ସେହିପରି ଯୁବ କଣ୍ଠଶିଳ୍ପୀ ଲିପିକା ବିଭାର ତୁମର ପିରତି ଦୁଲି ଥି ଦେଲ ଝୁଲେଇ ଗୋ ବନମାଳୀ.... ଗାଇ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଅନ୍ତର୍ଜାତୀୟ ଲୋକ ସଂଗୀତ ଗାୟିକା ଇଲା ଅରୁଣଙ୍କୁ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅଭ୍ୟର୍ଥନା ଉପକମିଟି ଆବାହକ ଭୋଲା ମହତମ, ସମ୍ବର୍ଦ୍ଧନା ଉପ କମିଟି ଆବାହକ ସୂର୍ଯ୍ୟ ପାଣିଗ୍ରାହୀ, ମଞ୍ଚ ଉପ କମିଟି ଆବାହକ ନନ୍ଦକିଶୋର ସାହୁ ଓ ସତ୍ୟରଞ୍ଜନ ବେହେରା ଉପସ୍ଥିତ ଥିଲେ ।



ବିଭୂତି ପଟ୍ଟନାୟକ ଗୀତ ଗାଉଛନ୍ତି ।

## • ସମ୍ବଲପୁର ଲୋକମହୋତ୍ସବର ଏପାଖ ସେପାଖ •

### ଜିଲାପାଳ ଅନୁପସ୍ଥିତ

ସମ୍ବଲପୁର ଲୋକମହୋତ୍ସବ ଦ୍ୱିତୀୟ ଦିବସ ରବିବାର ଚଳଚ୍ଚିତ୍ର ଗାୟିକା ଇଲା ଅରୁଣ ଗୀତ ପରିବେଷଣ କରିଥିଲେ । ତାଙ୍କ ଗୀତରେ ଦର୍ଶକ ନାଚି ଉଠିଥିଲେ । ଗୀତ ଗାଇ ସାରିବା ପରେ ମଞ୍ଚରେ ତାଙ୍କୁ ସମ୍ବର୍ଦ୍ଧନା କରିବା କାର୍ଯ୍ୟକ୍ରମ ଥିଲା । ଏଥିପାଇଁ ମୁଖ୍ୟ ସଂଯୋଜକ ସୌମେନ୍ଦ୍ର ପୂଜାରୀ ମଞ୍ଚକୁ ଜିଲାପାଳ ଶୁଭମ୍ ସକ୍‌ସେନା ଓ ମହୋତ୍ସବ ନୋଡାଲ ଅଧିକାରୀ ସୁକାନ୍ତ ତ୍ରିପାଠୀଙ୍କୁ ଆମନ୍ତ୍ରଣ କରିଥିଲେ। ହେଲେ ସେହି ସମୟରେ ଦୁହେଁ ଅନୁପସ୍ଥିତ ଥିଲେ । ଶେଷରେ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ମଞ୍ଚକୁ ଡାକି ତାଙ୍କ ହାତରେ ଇଲାଙ୍କୁ ସ୍ମୃତିସନ୍ତକ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ବିରକ୍ତି କରୁଛି ମୋବାଇଲ ଫୋନ୍

ମହୋତ୍ସବ ମଞ୍ଚରେ ଲୋକନୃତ୍ୟ ଓ ଲୋକଗୀତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପରିବର୍ତ୍ତେ କିଛି ଯୁବକମାନେ ସମ୍ମୁଖ ଭାଗରେ ଫୋନ ଧରି ଫଟୋ ଉତ୍ତୋଳନ କରିବା ଦେଖାଯାଇଥିଲା । ଏହା ପ୍ରକୃତ ପକ୍ଷେ ଦର୍ଶକଙ୍କୁ ଦେଖିବାରେ ଅସୁବିଧା ସୃଷ୍ଟି ହୋଇଥିଲା । ଫୋନର ଫ୍ଲାସ ଲାଇଟ ଯୋଗୁ କଳାକାରମାନଙ୍କୁ ନୃତ୍ୟରେ ବ୍ୟାଘାତ ସୃଷ୍ଟି ହୋଇଥିଲା।

### ମଞ୍ଚରେ ଚଢ଼ିଲେ ଦର୍ଶକ

ମଞ୍ଚ ଓ ପ୍ରେକ୍ଷାଳୟ ମହୋତ୍ସବକୁ ଆକର୍ଷଣୀୟ କରିଥାଏ । ଉଦ୍‌ଘୋଷିକା, ଉଦ୍‌ଘୋଷକ, କଳାକାର, ମଞ୍ଚ ଓ ପ୍ରେକ୍ଷାଳୟ ଉପକମିଟି ଆବାହକ, ଦଳ ଉପକମିଟି ଆବହାକଙ୍କ ବ୍ୟତିତ କୌଣସି ବ୍ୟକ୍ତି ମଞ୍ଚ ଉପରେ ରହିବା ଆବଶ୍ୟକତା ନାହିଁ । କିନ୍ତୁ ପରିତାପର ବିଷୟ ଯେ, ଶତାଧିକ ଯୁବକ ମଞ୍ଚ ଉପରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା । ଏପରିକି ଅଜଣା ଯୁବକମାନେ ମଞ୍ଚକୁ ଯାଇ ଇଲା ଅରୁଣ କାର୍ଯ୍ୟକ୍ରମ ପରିବେଷଣ କରିବା ସମୟରେ ନୃତ୍ୟ କରିଥିଲେ।

### ନାଚି ନଚେଇଲେ ଇଲା ଅରୁଣ

ଅନ୍ତର୍ଜାତୀୟ ଲୋକ ସଂଗୀତ ଗାୟିକା ଇଲା ଅରୁଣ ସମ୍ବଲପୁର ଲୋକମହୋତ୍ସବ ମଞ୍ଚରେ ସଂଗୀତ ପରିବେଷଣ କରି ଦର୍ଶକଙ୍କୁ ଝୁମେଇ ଦେଇଥିଲେ । ତାଙ୍କ ଗୀତରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କଳାକାରମାନେ ସମବେତ ହୋଇ ନୃତ୍ୟ କରିଥିଲେ । ଫଳରେ କଳାକାରଙ୍କ ନୃତ୍ୟ ଓ ଇଲାଙ୍କ ସଂଗୀତରେ ମଞ୍ଚ ଦୁଲୁକି ଉଠିଥିଲା । ଏଥିସହ ପ୍ରସିଦ୍ଧ ରଙ୍ଗବତୀ ଗୀତରେ ସେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଡ. କ୍ରିଷ୍ଣା ପଟେଲ ଏବଂ ସମ୍ବଲପୁରୀ ନୃତ୍ୟଶିଳ୍ପୀଙ୍କ ସହ ନୃତ୍ୟ କରି ଦର୍ଶକଙ୍କୁ ନ ଚାଇଥିଲେ । ସଂଗୀତ ପରିବେଷଣ ପୂର୍ବରୁ ସେ ସମ୍ବଲପୁରୀ ଭାଷାରେ 'ଜୁହାର ସମ୍ବଲପୁର, କେନ୍ତା ଅଛ' ବୋଲି ଉଚ୍ଚାରଣ କରିଥିଲେ । ସେ କହିଥିଲେ ଯେ, ସମ୍ବଲପୁରୀ ସଂସ୍କୃତିର ପଟ୍ଟାନ୍ତର ନାହିଁ । ଏହାର ଲୋକନୃତ୍ୟ, ଲୋକଗୀତ, ଲୋକ ସଂଗୀତ, ପୋଷାକର ଖ୍ୟାତି ରହିଛି । ମହୋତ୍ସବରେ ନୃତ୍ୟ ଗୀତ ଉପଭୋଗ କରିବା ପାଇଁ ଆସିଥିଲେ। କିନ୍ତୁ ଏପରି ମଞ୍ଚ ଦେଖି ନିଜେ ସଂଗୀତ ପରିବେଷଣ କରି ଖୁସି ଅନୁଭବ କରଛନ୍ତି। ଏହା ସବୁଦିନ ପାଇଁ ମନେ ରହିବ।

### ପୋଲିସକୁ ନାକେଦମ୍ କଲା ଭିଡ, ଚେୟାର ମିଳିଲାନି

ସମ୍ବଲପୁର ଲୋକ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଛୁଟିଦିନ ଥିବାରୁ ଲୋକମହେତ୍ସବ ଦେଖିବା ପାଇଁ ପ୍ରବଳ ଭିଡ ରହିଥିଲା। ଫଳରେ ଅଇଁଠାପାଲି-ବୁଢାରଜା ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିଥିଲା । ଏଣୁ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ସେହିପରି ପଡିଆରେ ମଧ୍ୟ ଭିଡ ରହିଥିଲା। ଚେୟାର ନ ପାଇ ଦର୍ଶକ ଛିଡା ହୋଇ ରହିଥିଲେ।

### ମଞ୍ଚ ସମ୍ମୁଖରେ ସ୍ୱେଚ୍ଛାସେବୀଙ୍କ ଭିଡ଼

ଲୋକ ମହୋତ୍ସବର ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପ୍ରଶାସନ ଓ ଆୟୋଜକ କମିଟି ପକ୍ଷରୁ ସ୍ୱେଚ୍ଛାସେବୀମାନେ ରହିଥିଲେ। ହେଲେ ସେମାନେ ମଞ୍ଚ ସମ୍ମୁଖରେ ରହି ଭିଡ କରୁଥିଲେ । କେତେ ଜଣ ମୋବାଇଲ ଫୋନରେ ଭିଡିଓ ଉତ୍ତୋଳନ କରୁଥିଲେ। ଏହାକୁ ନେଇ ଜଣେ ମହିଳା ପାଲିସ କର୍ମଚାରୀ ମଞ୍ଚ ସମ୍ମୁଖରେ ଗହଳି ନ କରିବାକୁ କହିଥିଲେ। ପୋଲିସ ଓ ଆୟୋଜକ କର୍ମକର୍ତ୍ତା ମଞ୍ଚ ସମ୍ମୁଖରେ ଥିବା ସ୍ୱେଚ୍ଛାସେବୀଙ୍କୁ ଅନ୍ୟତ୍ର ଯିବାକୁ କହିଥିଲେ। ସେହିପରି ପାସ୍ ଅପବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଥିଲା।

### ଏଥର ଡ୍ରୋନ୍ ଉଡୁନି

ପୂର୍ବ ବର୍ଷଗୁଡିକରେ ଲୋକ ମହୋତ୍ସବରେ ଡ୍ରୋନ କ୍ୟାମେରାରେ କାର୍ଯ୍ୟକ୍ରମର ଭିଡିଓ ଉତ୍ତୋଳନ କରାଯାଇଥାଏ। ହେଲେ ଚଳିତ ବର୍ଷ ଡ୍ରୋନ କ୍ୟାମେରା ବ୍ୟବହାର କରାଯାଉ ନାହିଁ। ଏତେ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଭିଡିଓ ପାଇଁ ଡ୍ରେନ କ୍ୟାମେରା ବ୍ୟବହାର କରାଯାଉ ନାହିଁ ବୋଲି ଅନେକ କହୁଛନ୍ତି।

# ସିକିମ ୨୦୮ ରନ୍‌ରେ ଅଲ୍‌ଆଉଟ୍

## ■ ଦୃଢ଼ ସ୍ଥିତିରେ ଓଡ଼ିଶା ଦଳ



ରବିବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଓଡିଶା ବ୍ୟାଟିଂ ।

ସମ୍ବଲପୁର, ୫।୧ (ବ୍ୟୁରୋ)

୨୩ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି କ୍ରିକେଟ ମ୍ୟାଚ ରବିବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଓଡିଶା ବନାମ ସିକିମ ମଧ୍ୟରେ ଆରମ୍ଭ ହୋଇଛି। ଓଡିଶା ଟସ୍ ଜିଣି ଭ୍ରମଣକାରୀ ସିକିମ ଦଳକୁ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା । ସିକିମ ଦଳ ୫୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୦୮ ରନ ସଂଗ୍ରହ କରିଥିଲେ। ଦଳର ମହମ୍ମଦ ସାହାବାଜ ୪୭ ବଲରେ ୫୨ ରନ ସଂଗ୍ରହ କରିଥିଲେ । ଓଡିଶା ବୋଲର ପ୍ରିତସିଂ ଚୌହାନ ୧୭.୫ ଓଭରରେ ୫୯ ରନ ଦେଇ ୪ଟି, କାର୍ତ୍ତିକ ବିଶ୍ୱାଳ ୧୦ ଓଭରରେ ୪୨ ରନ ଦେଇ ୨ଟି ଏବଂ ଆୟଷକାନ୍ତ ସାହୁ ଓ ରାଜକିଶୋର ପଟେଲ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ । ଓଡିଶା ଦଳ ୩୦ ଓଭରରେ କୌଣସି ଉଇକେଟ ନ ହରାଇ ୮୮ ରନ ସଂଗ୍ରହ କରି ଦୃଢ଼ ସ୍ଥିତିରେ ରହିଛି । ଦଳର ବ୍ୟାଟ୍ସମ୍ୟାନ ବିନିତ କୁମାର ମହାନ୍ତି ୯୫ ବଲରେ ୫୨ ଓ ଅମ୍ରିତ ଖଟୁଆ ୮୫ ବଲରେ ୩୫ ରନ ସଂଗ୍ରହ କରି ଅପରାଜିତ ରହିଛନ୍ତି । ଭାରତୀ ଭିଜ ଓ ଅକ୍ଷୟ ମରାଠେ ଅମ୍ପାୟାରିଂ କରିଥିବା ବେଳେ ଏସ ସୁରେଶ ମ୍ୟାଚ ରେଫରି ରହିଛନ୍ତି । ଆୟୋଜକ ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ ସଂକ୍ଷିପ୍ତ ଉତ୍ସବ ହୋଇଥିଲା । ଆଥେଲେଟ ଦୁତି ଚାନ୍ଦ, ଆଥେଲେଟିକ କୋଚ ଶିବ ମିଶ୍ର, ପିଡିଡିଆରଡିଏ ସୁକାନ୍ତ କୁମାର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ଚୋରି ଅଭିଯୋଗରେ ୩ ଗିରଫ

ସମ୍ବଲପୁର,୫।୧(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଚୋରି ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ସୁମିତ ପ୍ରଧାନ, ଅନୀଲ ଭୋଇ, ନରେଶ ପ୍ରଧାନ । ଏମାନଙ୍କ ନିକଟରୁ ମୋବାଇଲ ଫୋନ, ବାଇକ୍ ଜବତ ହୋଇଛି । ଏ ନେଇ ଥାନରେ ଏକ ମାମଲା ରୁଜୁ ହୋଇଛି।

# ବରିଷ୍ଠ ନାଗରିକଙ୍କ ଚକ୍ଷୁ, ଶରୀର ଦାନ

ସମ୍ବଲପୁର,୫।୧(ବ୍ୟୁରୋ)

ସମ୍ବଲପୁର ବୁଢାରାଜା ନିବାସୀ କୁଲତା ସମାଜର ବରିଷ୍ଠ ସଭ୍ୟ ତଥା ଅବସରପ୍ରାପ୍ତ ସମବାୟ ସହ ନିବନ୍ଧକ ବୋଧାୟନ ସାହୁଙ୍କ ଶନିବାର ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ବୟସ ହୋଇଥିଲା । ଦୁଇ ପୁଅ ପ୍ରଶାନ୍ତ ଓ ସୁଶାନ୍ତ ଏକମାତ୍ର ଝିଅ ହରପ୍ରିୟା ଶେଷ ସମୟରେ ଉପସ୍ଥିତ ଥିଲେ । ଝାରସୁଗୁଡ଼ା ଜିଲା ତିଳିଆର ମୂଳ ବାସିନ୍ଦା ସ୍ୱର୍ଗତ ସାହୁଙ୍କ ପରଲୋକ ଖବର ପାଇ ବନ୍ଧୁ, ପରିଜନ ବୁଢ଼ାରଜା ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। କୁଲତା ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ତାଙ୍କ ମରଶରୀରରେ ସାଙ୍ଗଠନିକ ପତାକା ଦିଆଯାଇଥିଲା । ତାଙ୍କ ଅନ୍ତିମ ଇଚ୍ଛା ଅନୁସାରେ ଚକ୍ଷୁ ଓ ମୃତ ଦେହ ଭିମ୍‌ସାର ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ପାଇଁ ଆନାଟୋମି ବିଭାଗକୁ ଦାନ କରାଯାଇଛି। ଭିମ୍‌ସାର ଚକ୍ଷୁବ୍ୟାଙ୍କର ଡାକ୍ତର ଦୀପକ ଜ୍ୟୋତି ମହାନ୍ତି, ଡାକ୍ତର ଋତୁରାଜ ସାହୁ ଏବଂ କାଉନସେଲର ସୁରେଶ ଚନ୍ଦ୍ର ତ୍ରିପାଠୀ ସ୍ୱର୍ଗତ ସାହୁଙ୍କ ଚକ୍ଷୁପଟଳ ସଂଗ୍ରହ କରିଥିଲେ। ଜ୍ୟୋତି ଅନୁଷ୍ଠାନର ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ଏଥିରେ ସହଯୋଗ କରିଥିଲେ। ପରିବାର ବର୍ଗ ସ୍ୱର୍ଗତ ସାହୁଙ୍କ ମରଶରୀର ନେଇ ଭିମସାର ଆନାଟୋମି ବିଭାଗର ମୁଖ୍ୟ ଡାକ୍ତର ମମତା ସରଙ୍କୁ ହସ୍ତାନ୍ତର କରିଛନ୍ତି।

# ବୁର୍ଡା ସର୍କଲ ଡୁମାଲ ସମାଜର ବୈଠକ

ରେଢାଖୋଲ ୫।୧(ଡି.ଏନ.ଏ.)

ରେଢାଖୋଲ ବ୍ଲକ୍ ବୁର୍ଡା ସର୍କଲ ଡୁମାଲ ସମାଜର ଏକ ବୈଠକ ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଛି। ସମାଜର ସ୍ଥାୟୀ ସଭାପତି ସୁବ୍ରତ ମହାକୁଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଭାପତି ସୁଧୀର କର୍ଣ୍ଣ, ଜିଲା ସଭାପତି ଦେବୀଲାଲ ପ୍ରଧାନ ଯୋଗ ଦେଇଥିଲେ। ବୈଠକରେ ସମାଜର ଏକତା ଉପରେ ଆଲୋଚନା ହେବା ସହ ସମସ୍ତେ ସମସ୍ତଙ୍କୁ ସହଯୋଗ କରିବାକୁ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବେଦବ୍ରହ୍ମା ମହାକୁଡ, ଶ୍ରୀବତ୍ସ ମହାକୁଡ, ଦୟାନିଧି ମହାକୁଡ, ଟିକାୟତ ପାତ୍ର, ସୁରେଶ ମହାକୁଡ, ବୃନ୍ଦାବନ ମହାକୁଡଙ୍କ ସମେତ ସମସ୍ତ ସଭ୍ୟ ଯୋଗ ଦେଇଥିଲେ।

### ଭାଜପାର ଖବରଦାତା ସମ୍ମିଳନୀ..

# ନାଗରିକତ୍ୱ ସଂଶୋଧନ ନିୟମକୁ ଭୟ କରିବା ଉଚିତ ନୁହେଁ

ସମ୍ବଲପୁର,୫।୧ (ବ୍ୟୁରୋ)

ନାଗରିକତ୍ୱ ସଂଶୋଧନ ନିୟମକୁ ନେଇ ସମଗ୍ର ଦେଶରେ କଂଗ୍ରେସ ଓ ଏହାକୁ ସହଯୋଗ କରୁଥିବା ଅନ୍ୟଦଳ ବିରୋଧ କରୁଛନ୍ତି। ଏହା କେବଳ ରାଜନୀତି କରାଯାଉଛି । କଂଗ୍ରେସ ସମୟରୁ ଏହି ପ୍ରକ୍ରିୟାକୁ ଆରମ୍ଭ କରାଯାଇଥିଲା । ଅନେକ ବଡ ନେତୃତ୍ୱ ଏହାକୁ ଲାଗୁ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ହେଲେ ଭାଜପା ଏହି ଆଇନକୁ ପ୍ରଣୟନ କରିଛି । ଅଯଥାରେ ବିରୋଧୀମାନେ ନାନା କଥା କହି ଭୟଭୀତ କରୁଛନ୍ତି। ତେଣୁ ଏଥିରେ ଭୟ କରିବା ଉଚିତ ନୁହେଁ । ଭାରତରେ ସଂଖ୍ୟା ଲଘୁଙ୍କ ସହ ଏହାର ସମ୍ପର୍କ ନାହିଁ। ରବିବାର ଏଠାରେ ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ବିହାରୀ ମହାପାତ୍ର ଏହା କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମକର୍ତ୍ତା ।

ଏହି ଆଇନ ଲାଗୁ ହେବା ଫଳରେ ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରେ ଧାର୍ମିକ ଉତ୍ପୀଡନର ଶିକାର ହୋଇ ସେଠାରୁ ବିସ୍ଥାପିତ ହୋଇଥିବା ହିନ୍ଦୁ, ବୌଦ୍ଧ, ଶିଖ, ଜୈନ, ପାର୍ସୀ,ଖ୍ରୀଷ୍ଟୀୟାନମାନଙ୍କୁ ଭାରତରେ ନାଗରିକତ୍ୱ ଦେବାରେ ସହାୟକ ହେବ। ପାକିସ୍ତାନ ବିଭାଜନରେ ରହିଥିବା ଚୁକ୍ତିର ଖିଲାପୀ କରିଛି । ପୂର୍ବରୁ ୨୩ ପ୍ରକତିଶତ ସଂଖ୍ୟାଲଘୁ ରହିଥିବା ବେଳେ ଏବେ ତାହା କମି ଯାଇ ୩ ପ୍ରତିଶତରେ ପହଞ୍ଚିଲାଣି । ହେଲେ ଭାରତରେ ସଂଖ୍ୟାଲଘୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କୁ ସମସ୍ତ ସରକାରୀ ଯୋଜନା ଗୁଡିକର ସୁବିଧା ଦିଆଯାଉଛି। ତେଣୁ ଏହାକୁ ବିରୋଧ ନ କରି ସମର୍ଥନ କରିବାକୁ ଗୋଲକ କହିଛନ୍ତି।

ଏଥିରେ ଉପସ୍ଥିତ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଥିଲେ ଯେ, ଜାନୁୟାରୀ ୧୧ ତାରିଖ ସମ୍ବଲପୁରରେ ଏକ ଜନ ଜାଗରଣ ସଭା କରାଯିବ। ଏଥିପାଇଁ ରାଲି ଓ ସାଧାରଣ ସଭା ଅନୁଷ୍ଠିତ ହେବ । ଭୂତାପଡା ଛକ, ଲକ୍ଷ୍ମୀଟକିଜ ଛକ ଓ ବାଲିବନ୍ଧାରୁ ୩ଟି ବିଶାଳ ରାଲି ହେବ । ଗଙ୍ଗାଧର ମଣ୍ଡପରେ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହେବ । ଏଥିରେ କେନ୍ଦ୍ରମନ୍ତ୍ରୀ ଗିରିଜା ସିଂ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଜୟ କହିଛନ୍ତି। ସେହିପରି ରେଙ୍ଗାଲି ବିଧାୟକ

### ଜାନୁୟାରୀ ୧୧ ହେବ ଜନ ଜାଗରଣ ସଭା

ନାଉରୀ ନାଏକ ଏହି ବିଶାଳ ସମାବେଶରେ ଯୋଗ ଦେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ରାଜ୍ୟ ପ୍ରବକ୍ତା ଗୋବିନ୍ଦ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସଭାପତି ଗିରୀଶ ପଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ମିଡିଆ ପ୍ରଭାରୀ ମାନସ ରଞ୍ଜନ ବକ୍ସି, ସୀମାଞ୍ଚଳ ଖଟେଇ, ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ଅନୀଲ ବେହେରା, ସମୀର ରଞ୍ଜନ ବାବୁ, ଅଶ୍ୱିନୀ କୁମାର ମାଝୀ, ଶମ୍ଭୁ ବରେଲିଆ, ସୁଶାନ୍ତ ପୁରୋହିତ, ସରୋଜ କୁମାର ଘଡେଇ, ସଞ୍ଜୟ ଷଡଙ୍ଗୀ, ପ୍ରଭୁଦତ୍ତ ପଣ୍ଡା ପ୍ରମୁଖ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ




ଜିଲା ମହୋତ୍ସବ ଦୁଲ୍‌ଦୁଲିର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ)। ଉଦ୍‌ଯାପନୀ ଉତ୍ସବର କଳାକାରଙ୍କ ନୃତ୍ୟ ପରିବେଷଣ।

# ଝାରସୁଗୁଡ଼ା ଜିଲା ମହୋତ୍ସବ ଦୁଲ୍‌ଦୁଲି ଉଦ୍‌ଯାପିତ

**ଝାରସୁଗୁଡା ଅଫିସ୍/ଲଖନପୁର, ୫।୧(ଡି.ଏନ୍.ଏ.)**

ଝାରସୁଗଡ଼ା ଜିଲା ପ୍ରତିଷ୍ଠା ଅବସରରେ ୧୮ତମ ଜିଲା ମହୋତ୍ସବ ଦୁଲ୍‌ଦୁଲି ରବିବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୫ ଦିନ ଧରି କଳାକାରଙ୍କୁ ଗୋଟିଏ ମଞ୍ଚରେ ବାନ୍ଧି ରଖିଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ କଳାକାରଙ୍କ ନିଖୁଣ କଳା ଦର୍ଶକଙ୍କ ମନମୋହିଥିଲା। କାର୍ଯ୍ୟକ୍ରମରେ ପ୍ରତିଦିନ ରାଜନୈତିକ ନେତୃବୃନ୍ଦ, ପ୍ରଶାନିକ ଅଧିକାରୀ ଓ ସମାଜର ବିଶିଷ୍ଟ ବ୍ୟକ୍ତି ବିଶେଷ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାର କଳା, ସାହିତ୍ୟ, ସଂସ୍କୃତି ଉପରେ ଅବଗତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ସରୋଜ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ସାହିତ୍ୟକ ତଥା ପୂର୍ବତନ ଏମ୍‌ପି ଡ.ପ୍ରସନ୍ନ ପାଟ୍ଟଶାଣୀ, ସମ୍ମାନିତ ଅତିଥି ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ପ୍ରକଳ୍ପ ଅଧିକାରୀ ଡିଆର୍‌ଡିଏ ତପିରାମ ମାଝି, ତଲାବିରା ଏନ୍‌ଏଲ୍‌ସି କମ୍ପାନୀ ଅଧିକାରୀ ପି. ସାଥୀଆ ମୁକ୍ତି, କବି ଶଶାଙ୍କ ଚୂଡାମଣି, ଅଲ୍ଟ୍ରାଟେକ୍ କମ୍ପାନୀର ଅଧିକାରୀ ଦେବୀପ୍ରସାଦ ଭୁରୁଟି ପ୍ରମୁଖ ଉପସ୍ଥିତ ଥିଲେ। ତାପସରାୟ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ବିଧାୟକ ମହାନ୍ତି ବକ୍ତବ୍ୟରେ କହିଥିଲେ, ଜିଲା ପ୍ରତିଷ୍ଠା ଦିବସକୁ ଜିଲା ମହୋତ୍ସବ ଭାବେ ପାଳନ କରାଯାଉଛି। ଜିଲା ଗଠନରେ ଯେଉଁ ମହାନ ବ୍ୟକ୍ତି ବିଶେଷଙ୍କ ଅବଦାନ ରହିଛି। ଏହି ଅବସରରେ ଯୁବପିଢିଙ୍କୁ ସନ୍ଦେଶ ଦେବା ପାଇଁ ସେମାନଙ୍କ ସ୍ମୃତି ଉଦେଶ୍ୟରେ କାର୍ଯ୍ୟ କରିବାକୁ ଗୁରୁତ୍ୱରୋପ କରିଥିଲେ। ସେହିପରି ମୁଖ୍ୟବକ୍ତା ପୂର୍ବତନ ଏମ୍‌ପି ପାଟ୍ଟଶାଣୀ କହିଥିଲେ, ଝାରସୁଗୁଡା ମାଟି ବୀର ମାଟି। ଏହି ମାଟି କଳା, ସଂସ୍କୃତି ଓ ଐତିହ୍ୟକୁ ବଞ୍ଚାଇ ରଖିବା ପାଇଁ ଏକମାତ୍ର ଉଦ୍ୟମ ସଂସ୍କୃତିର ପର୍ବ ଦୁଲ୍‌ଦୁଲି। ଏହାକୁ ବଜାଇ ରଖିବା ଝାରସୁଗୁଡ଼ାବାସୀଙ୍କ ଗୁରୁଦାୟିତ୍ୱ ବୋଲି ସେ କହିଥିଲେ। ଏହି ଅବସରରେ ଏକ କବିତା ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଓ ଜିଲା ବାହାରର ଶତାଧିକ କବିୟତ୍ରୀ ଓ କବି ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ ବିଶିଷ୍ଟ ସାହିତ୍ୟ ସାଧକ ଡ. ପାଟ୍ଟଶାଣୀ, ଶଶାଙ୍କ ଚୂଡାମଣି, ଗୌନ୍ତିଆ ମହମ୍ମଦ ଜମିଉଲ୍ଲା ପ୍ରମୁଖ ଯୋଗ ଦେଇଥିଲେ। ମଦନାନନ୍ଦ ସେଠ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ମନ୍ଦାକିନୀ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ଭଗବାନ ପଟେଲଙ୍କ ସମାଲୋଚନା ପୁସ୍ତକ ଆଧୁନିକ କାବ୍ୟଧାର ଅନ୍ୱେଷା ଓ ଜିଜ୍ଞାସା, ସୀତା ବିରତିଆଙ୍କ କାବ୍ୟ ଶ୍ରୀକୃଷ୍ଣ, ଜନନାରାୟଣ ତ୍ରିପାଠୀଙ୍କ କାବ୍ୟ ନୈବେଦ୍ୟ ଆଦି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ଅନ୍ତର୍ଯାମୀ ପାଣିଗ୍ରାହୀ, ବିବେକାନନ୍ଦ ମିଶ୍ର, ବିରାଟରାଜା ପ୍ରଧାନ, ଅଞ୍ଜଳୀ ପଟ୍ଟନାୟକ, ପ୍ରେମସାଗର ଦେହେରିଆ, ରାଜଶ୍ରୀ ମେହେର, କମଳ ଲୋଚନ ସାହୁ, ସୁରଙ୍ଗ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ରେଡ୍‌କ୍ରସ୍ ବିଭାଗର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରିଥିଲେ। ପୂର୍ବାହ୍ନରେ ଜିଲାର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ବିଶ୍ୱଦେଖ ମଧୁମୟ ଶୀର୍ଷକ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏପରି କି ସନ୍ଧ୍ୟା ଅଧିବେଶନରେ ଛତିଶଗଡ଼ ରାୟପୁର କିନ୍‌କିନି ଗ୍ରୁପ୍‌ର ପଥକ ନୃତ୍ୟ, ସୋନପୁର ପଇଁରୀ ଅନୁଷ୍ଠାନର ମହାନଦୀର କୁରତେନୀ, ଝାରସୁଗୁଡ଼ା ବଙ୍ଗାଳୀ ସମିତି ଅନୁଷ୍ଠାନର ରବିନ୍ଦ୍ର ସଙ୍ଗୀତ ନୃତ୍ୟ, ବରଗଡ଼ କଳାଜୀବୀ ଅନୁଷ୍ଠାନର କୁଠି ଡାଲ୍‌ଖାଇ, ଭୁବନେଶ୍ୱର ନମାମୀ ନୃତ୍ୟ ଅନୁଷ୍ଠାନର ଓଡ଼ିଶୀ ନୃତ୍ୟ, ବ୍ରଜରାଜନଗର ବିଶ୍ୱ ଜନନୀ କଳାପରିଷଦର ପଶୁମୁଖା ନୃତ୍ୟ, ଲୋଇସିଂହା ସଙ୍ଗୀତ ସାଧନା ଅନୁଷ୍ଠାନର ରସରକେଲି, ରାଇରଙ୍ଗପୁରର ଛଉ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନ ପାଇଥିଲା। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧବାହାଲ କବାଡ଼ି ଚାମ୍ପିୟନଶିପ: ବ୍ରଜରାଜନଗର ଚାମ୍ପିୟନ

**ଲଖନପୁର,୫।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ହାଇସ୍କୁଲ୍ ପଡ଼ିଆରେ ଫ୍ରିଡମ କ୍ଲବ ପକ୍ଷରୁ ଦ୍ୱିଦିବସୀୟ କବାଡ଼ି ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ରାଉରକେଲା ଏବଂ ବ୍ରଜରାଜନଗର ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ବ୍ରଜରାଜନଗର ଦଳ ୨୧ପଏଣ୍ଟ କରିଥିବା ବେଳେ ରାଉରକେଲା ଦଳ ୧୯ ପଏଣ୍ଟ କରିଥିଲା। ରାଉରକେଲା ଦଳକୁ ହରାଇ ବ୍ରଜରାଜନଗର ଦଳ ବିଜୟୀ ହୋଇଥିଲା। ଆୟୋଜକ ଫ୍ରିଡମ୍ କ୍ଲବ ପକ୍ଷରୁ ବିଜେତା ବ୍ରଜରାଜନଗର ଦଳକୁ ଚାମ୍ପିୟନ ଟ୍ରଫି ସହ ୩ହଜାର ୫ଶହ ଟଙ୍କା ଓ ଉପବିଜେତା ରାଉରକେଲା ଦଳକୁ ରନର୍ସ ଟ୍ରଫି ସହ ୨ହଜାର ୨ଶହ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ରେଫରି ଭାବେ ଆଦିତ୍ୟ ମେହେର, ଗୌରାଙ୍ଗ ଡିଲା, ସୁଶାନ୍ତ ପଟେଲ, ଶିବ ପ୍ରଧାନ ଓ ଲୋଚନ କଣ୍ଡରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। କୃଷ୍ଣଚନ୍ଦ୍ର ଦୁବେ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ମୁଖ୍ୟଅତିଥି ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରାର କଂସ ମହାରାଜ ହୃଷୀକେଶ ଭୋଇ, ସମ୍ମାନିତ ଅତିଥି ବରଗଡ ଏମ୍‌ପି ସୁରେଶ ପୂଜାରୀ, ଭାଜପା ଜିଲା ସଭାପତି ମଙ୍ଗଳ ସାହୁ, ଉପସଭାପତି ରଘୁନନ୍ଦନ ପଣ୍ଡା, ଜିଲାପରିଷଦ ସଦସ୍ୟ ସାମଲ ନାଏକ, ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ ବଳିଆରସିଂହ, ସମଲେଇ ଟ୍ରକ୍ ମାଲିକ ସଂଘ ସମ୍ପାଦକ ସନ୍ତୋଷ ମହାନ୍ତି, ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିଶ୍ୱଜିତ ଷଡଙ୍ଗୀ ପ୍ରମୁଖ ଯୋଗଦେଇ କୃତି ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଆୟୋଜକ ଫ୍ରିଡମ୍ କ୍ଲବର ସଦସ୍ୟ ଫୁଲସିଂହ ମାଝି, ବିଶ୍ୱଜିତ ମହାନ୍ତି, ଡିଲେଶ୍ୱର ସିଂହ, ସିଦ୍ଧାର୍ଥ ଶତପଥୀ, ସଦାନନ୍ଦ ତନ୍ତୀ, ହରିଶ ପ୍ରଧାନ, ଏକାନ୍ତ ସା, ନରେନ୍ଦ୍ର କଅଁର, ସୁଜିତ ଛଞ୍ଚାଣୀ, ଭୋଲା ସିଂହ, ଦୀପକ ମହନ୍ତ, ବିବେକ ବହିଦାର, ବିକାଶ ପରାମୁ, ସରଣ ସିଂହ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ବେଲପାହାଡ଼ କ୍ରିକେଟ ଲିଗ୍: ଲିଓ ୟୁଥ ଚାମ୍ପିୟନ

**ବେଲପାହାଡ଼, ୫।୧ (ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଟିଆର୍‌ଏଲ ଷ୍ଟାଡ଼ିୟମରେ ଆୟୋଜିତ ୨୫ତମ କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟରେ ଲିଓ ୟୁଥ ଆସୋସିଏଶନ ଦଳ ଟାଇଗର କ୍ଲବକୁ ୭ ଉଇକେଟରେ ହରାଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ଉଭୟ ଦଳ ମଧ୍ୟରେ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟାଇଗର କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୧୭ ରନ୍ ସଂଗ୍ରହ କରିଥିଲା। ଦଳର ରଞ୍ଜନ ସାହୁ ସର୍ବାଧିକ ୩୩ ରନ୍ କରିଥିଲେ। ଜବାବରେ ଲିଓ ୟୁଥ ଅସୋସିଏଶନ ୧୯.୩ ଓଭରରେ ୩ ଉଇକେଟ ହରାଇ ୧୨୦ରନ୍ କରି ବିଜୟୀ ହୋଇଥିଲା। ଦଳର କମଲେଶ ଶର୍ମା ୫୦ ଏବଂ ଶିବମ ଦୁବେ ୫୬ରନ୍ କରି ନଟଆଉଟ ରହିଥିଲେ। ଶିବମ ମହାରଣା ଓ ବିଭୂତି ପାତ୍ର ଅମ୍ପେୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପାନୀ ସମାରୋହରେ ବ୍ରଜରାଜନଗରର ବିଧାୟକ କିଶୋର କୁମାର ମହାନ୍ତି, ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ପରିଚାଳନା ନିର୍ଦ୍ଦେଶକ ପ୍ରିୟବ୍ରତ ପଣ୍ଡା ଓ ବେଲପାହାଡ଼ ପୌର ପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଲିଓ ୟୁଥ ଆସୋସିଏଶନ ଓ ରନର୍ସ ଅପ ଦଳ ଟାଇଗର କ୍ଲବକୁ ଟ୍ରଫି ପ୍ରଦାନ କରିଥିଲେ।



ଅତିଥିମାନଙ୍କ ସହିତ ଚାମ୍ପିୟନ ଦଳର ଖେଳାଳିମାନେ।

# ଶୀତଳଭଣ୍ଡାର ପୁନରୁଦ୍ଧାର ନେଇ ସଂଘ ଆଶାବାଦୀ

**ଭୁବନେଶ୍ୱର,୫।୧(ବ୍ୟୁରୋ)**

ଚଳିତ ବର୍ଷ ରାଜ୍ୟରେ ଥିବା ଶୀତଳଭଣ୍ଡାରଗୁଡ଼ିକ ସବୁଦିନିଆ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନିଆଯିବ। ଏଥିପାଇଁ ସରକାରୀସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଓଡ଼ିଶା ଶୀତଳଭଣ୍ଡାର ସଂଘ ପକ୍ଷରୁ ରଖାଯାଇଥିବା ୮ ଗୋଟି ପ୍ରମୁଖ ଦାବିକୁ ବିଚାର କରାଯାଇଛି। ଶୀତଳଭଣ୍ଡାରଗୁଡ଼ିକର ପୁନରୁଦ୍ଧାର ପାଇଁ ଉଭୟ ବୈଷୟିକ ଏବଂ ଆର୍ଥିକ ଦିଗରୁ ତର୍ଜମା କରାଯାଇଛି। ଶନିବାର ଓଡ଼ିଶା ଶୀତଳଭଣ୍ଡାର ସଂଘ ପକ୍ଷରୁ ଅନୁଷ୍ଠିତ ବାର୍ଷିକ ସାଧାରଣ ପରିଷଦ ବୈଠକରେ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଛି। ସ୍ଥାନୀୟ ଉତ୍ପାଦ ବିଶେଷ ଭାବେ ଆଳୁ, କ୍ଷମତା ଅନୁଯାୟୀ ଅପରେଟିଂ ନ ହେବା ଦ୍ୱାରା ହେଉଥିବା କ୍ଷତି, ଭଣ୍ଡାରଗୁଡିକରେ ଅଧିକ ବିନିଯୋଗ, ଉଦ୍ୟୋଗୀଙ୍କ ଉପରେ ଋଣଭାର, ଅଧିକ ବିଜୁଳି ଦେୟ, ଲୋଡିଂ ସିଜନ୍‌ରେ ପଶ୍ଚିମବଙ୍ଗଠାରୁ ଅଧିକ ପରିବହନ ଖର୍ଚ୍ଚ, ଷ୍ଟୋରେଜ୍ ଫାଇନାନ୍ସ ଏବଂ ରୁଗ୍‌ଣ ସଂସ୍ଥାକୁ ପୁନରୁଦ୍ଧାର ପ୍ରସ୍ତାବ ଦିଆଯାଇଥିଲା। ଏହି ଦାବି ସମ୍ପର୍କରେ ନିୟମିତ ବ୍ୟବଧାନରେ ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ସହ ସଂଘ ଆଲୋଚନା କରିସାରିଛି। ଅଧିକାରୀସ୍ତରରେ ମଧ୍ୟ ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକାଟିଏ,**
**ଟୋକେଇ ପାଖରେ ଟୋକୀ ନାହିଁ ସେଠି**
**ଟୋକେଇ ଭିତରେ ଟଙ୍କାଟିଏ**
**ତୁ କି ସତେ ବୋକାଟିଏ ?**

ପ୍ରେମ ମଣିଷକୁ ଆନମନା କରିଦିଏ। ପ୍ରେମରେ ପଡ଼ିଥିବା ବ୍ୟକ୍ତି ସବୁବେଳେ ସ୍ୱପ୍ନ ରାଇଜରେ ଘୂରିବୁଲୁଥାଏ। ଶୟନେ ସପନେ ଜାଗରଣେ ସେ କେବଳ ନିଜ ପ୍ରେମୀ କଥା ଭାଳି ହେଉଥାଏ। ପ୍ରେମ ବାହାନାରେ ଅନ୍ୟମନସ୍କ ହୋଇପଡୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଟାଙ୍ଗିଆ ବେଣ୍ଟରେ ବାଉଁଶ ପଶି**
**ବାଉଁଶ ହାତରେ ମନ ହରଷି ।**

ଟାଙ୍ଗିଆ ବେଣ୍ଟରେ ବାଉଁଶ ଖିଲ ନ ରହିଲେ ତାହା ବ୍ୟବହାର ଉପଯୋଗୀ ହୋଇ ପାରି ନ ଥାଏ। ଟାଙ୍ଗିଆ ତୁଳନାରେ ବାଉଁଶ ଖିଲ ଅତି ନଗଣ୍ୟ ହୋଇଥିଲେ ମଧ ଉପାଦେୟତା ଖୁବ୍ ଅଧିକ, ତା'ର ଗୁରୁତ୍ୱ ଖୁବ ବେଶି। ସହଯୋଗ, ସମନ୍ୱୟ ଠିକ୍ ରହିଲେ ଯୋଗ ଫଳର ସଫଳ ରୂପ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

**ଜଗତସିଂହପୁର ଜିଲ୍ଲାର ସମସ୍ତ ଧାନ ଚାଷୀମାନଙ୍କ ନିମନ୍ତେ ସୂଚନା**

ସେବା ସମବାୟ ସମିତି ମଣ୍ଡିରେ କ୍ରୟ କରାଯିବାକୁ ଥିବା ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମକିସମ ଏବଂ ସମ ଆକାରର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥ ମୁକ୍ତ ହୋଇଥିବ ଆବଶ୍ୟକ। ସାଧାରଣ ମାନର ଧାନ ନିମିତ୍ତ ନିମ୍ନଲିଖିତ ପରିସୀମା ମଧ୍ୟରେ ବାହ୍ୟ ପଦାର୍ଥ ତଥା ଆର୍ଦ୍ରତା ଥିଲେ ତାହା ଗ୍ରହଣ ଯୋଗ୍ୟ ହେବ। FAQ ମାନର ଧାନ ବିକ୍ରୟ କରି ଉପଯୁକ୍ତ ମୂଲ୍ୟ ପାଇବାର ସୁଯୋଗ ନିଅନ୍ତୁ। ଧାନ ବିକ୍ରୟ ନିମନ୍ତେ ପଞ୍ଜୀକୃତ ଚାଷୀଙ୍କ ମୋବାଇଲ୍ ମାଧ୍ୟମରେ ୧୫ ଦିନ ପୂର୍ବରୁ ଆଗୁଆ ଟୋକେନ୍ ପ୍ରଦାନର ତଥ୍ୟ SMS ଜରିଆରେ ନିଶ୍ଚିତ ପ୍ରେରଣ କରାଯିବ। ଏଥିସହିତ ସେବା ସମବାୟ ସମିତିରେ ଟୋକେନ୍ ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ହେବ।

**ବିକ୍ରୟ ଯୋଗ୍ୟ ଧାନର ମାନ**
**ଅପମିଶ୍ରିତ ବାହ୍ୟଦ୍ରବ୍ୟର ପରିମାଣ**

| କ୍ର. ନଂ. | ଧାନରେ ମିଶ୍ରିତ ବା ବାହ୍ୟ ପଦାର୍ଥ | ଏଫ୍‌ଏକ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧. | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% |
| ୨. | କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ପଦାର୍ଥ | ୧% |
| ୩. | ଖରାପ, ବେରଙ୍ଗୀ, ପାଣି ଫୁଲା ବା ପୋକା ଇତ୍ୟାଦି | ୫% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୫. | ଗ୍ରେଡ୍ ଏରେ ସରୁ ଧାନରେ ମିଶ୍ରିତ ମୋଟା ଧାନର ପରିମାଣ | ୬% |
| ୬. | ଆର୍ଦ୍ରତା ଓ ଜଳୀୟ ଅଂଶ | ୧୭.୦% |

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏଫ୍.ଏ.କ୍ୟୁ.)- ସରକାରଙ୍କ ଦ୍ୱାରା ଚଳିତ ୨୦୧୯-୨୦ ଖରିଫ୍ ବିପଣନ ବର୍ଷ ପାଇଁ ଧାନର ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ନିମ୍ନରେ ପ୍ରଦତ୍ତ କରାଗଲା।

ବିନା ପଞ୍ଜୀକୃତ ଚାଷୀ ଓ ବିନା ଟୋକନରେ କୌଣସି ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ସୁଯୋଗ ଦିଆଯିବ ନାହିଁ

| କିସମ | କୁଇଣ୍ଟାଲ ପ୍ରତି ଧାର୍ଯ୍ୟଦର |
|---|---|
| ସାଧାରଣ ଧାନ | ଟ. ୧୮୧୫/- |
| ଗ୍ରେଡ୍ 'ଏ' ଧାନ | ଟ. ୧୮୩୫/- |

ଜିଲ୍ଲା ପ୍ରଶାସନ, ଜଗତସିଂହପୁର
ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଜେପୁର**

ପତ୍ର ସଂଖ୍ୟା: ୩୩୮୨ ତାରିଖ: ୨୪।୧୨।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ବରଗଡ଼ଙ୍କ ନିର୍ଦ୍ଦେଶ କ୍ରମେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ (୧ ଏପ୍ରିଲ ୨୦୧୯ରୁ ୩୦ ସେପ୍ଟେମ୍ବର ୨୦୧୯ ପର୍ଯ୍ୟନ୍ତ) କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକର ମଷ୍ଟର ରୋଲ ଯାଞ୍ଚ, ତନଖି, ଅନୁସନ୍ଧାନ ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମ୍ୟ ସାଧନ କର୍ମୀମାନଙ୍କ ସହାୟତାରେ ଗ୍ରାମସଭା ଅନୁଷ୍ଠିତ ହେବ। ଏହି ସଭାରେ ସମ୍ପୃକ୍ତ ସରପଞ୍ଚ, କନିଷ୍ଠଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ସମସ୍ତ କେଶ୍ ରେକର୍ଡ଼ ଓ କାଗଜାତ ଉପସ୍ଥାପନ କରିବେ। ପୁନଶ୍ଚ ଏହି ସଭାରେ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପ୍ରତିନିଧି, ଶିକ୍ଷିତ ଯୁବକ ଯୁବତୀ, ସମସ୍ତ ଜବ୍‌କାର୍ଡ଼ଧାରୀ ଶ୍ରମିକ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ହିତାଧିକାରୀ ନିମ୍ନ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ନିଜର କୌଣସି ଆପତ୍ତି ଅଭିଯୋଗ ଥିଲେ ଉପସ୍ଥାପନ କରିବେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଭାଗନେଇ ତଦାରଖ କାର୍ଯ୍ୟ ତୁଲାଇବେ।

| କ୍ର.ନଂ. | ଗ୍ରାମସଭା ତାରିଖ | ସମୟ | ଗ୍ରାମପଞ୍ଚାୟତର ନାମ | ଗ୍ରାମସଭାରେ ଉପସ୍ଥିତ ହେବାକୁଥିବା ଅଧିକାରୀ |
|---|---|---|---|---|
| ୧ | ୧୭।୦୧।୨୦୨୦ | ସକାଳ ୧୦.୩୦ ଘଟିକା | ବଡ଼ବାଉଁସେନ୍, ବୁଢ଼ାପାଲି, ସାଇପାଲି, ସାନବାଉଁସେନ୍, ଗଣ୍ଡିଆପାଲି | ଡବ୍ଲ୍ୟୁ.ଇ.ଓ. / ଏମ୍.ଆଇ. / ସି.ପି. / ଏ.ଇ.ଇ. / ବି.ଏସ୍.ଏସ୍.ଓ. |
| ୨ | ୩୧।୦୧।୨୦୨୦ | ସକାଳ ୧୦.୩୦ ଘଟିକା | ବରମୁଣ୍ଡା, ଯୋଖିପାଲି, ଖରମୁଣ୍ଡା, ବେନିଆଁବାଲ, ଜାରିଂ | ପି.ଏ. / ବି.ଏସ୍.ଏସ୍.ଓ. / ଏମ୍.ଆଇ. / ଏ.ଇ.ଇ. / ସି.ପି. |
| ୩ | ୧୪।୦୨।୨୦୨୦ | ସକାଳ ୧୦.୩୦ ଘଟିକା | ଚାରପାଲି, ପହଣ୍ଡି, ସୁରୁବାଲି, ତାଲପଦର, ଭଟିଗାଁ | ପି.ଏ. / ବି.ଏସ୍.ଏସ୍.ଓ. / ଏମ୍.ଆଇ / ସି.ପି. / ଡବ୍ଲ୍ୟୁ.ଇ.ଓ. |
| ୪ | ୨୮।୦୨।୨୦୨୦ | ସକାଳ ୧୦.୩୦ ଘଟିକା | ବଡ଼ବ୍ରାହ୍ମଣୀ, ସମଲେଇପଦର, ଏମ୍.ଶ୍ରୀଗିଡ଼ା, ଟି.ଗଣ୍ଡପାଲି | ଏମ୍.ଆଇ. / ପି.ଏ. / ସି.ପି. / ଡବ୍ଲ୍ୟୁ.ଇ.ଓ. |
| ୫ | ୧୩।୦୩।୨୦୨୦ | ସକାଳ ୧୦.୩୦ ଘଟିକା | ପଡ଼ା, ପଥର୍ଲା, ବୈରଖପାଲି, ଲାଉମୁଣ୍ଡା | ପି.ଏ. / ସି.ପି. / ବି.ଏସ୍.ଏସ୍.ଓ. / ଏ.ଇ.ଇ. |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଜେପୁର

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485 7608013153
Salt Lake City, Kolkata-700091, Panditagaon, Khalikote, Ganjam

ଲକ୍ଷ୍ମୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୧% ସୁଧରେ ଘରେ ବସି ପାଆନ୍ତୁ (All Odisha)।
ମହିଳା ଓ ଚାଷୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
Neha - 7587695952, Mansi - 9977126495, Vedika - 7773046066, Riya - 9630505047, Priya - 8269113958, Anju - 7509661004

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଳେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 20 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

KUBER FINANCE
Kuber ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ।
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
7056393742

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଈଶ୍ୱର ନିରାକାର, ସର୍ବବ୍ୟାପୀ ଓ ସର୍ବ ଶକ୍ତିମାନ।
- ଗୁରୁ ନାନକ



## ସଂକ୍ଷେପରେ

### ଓଲଟିଲା ଟାଟା ଏସିଇ, ୫ ଗୁରୁତର

କୋକସରା, ୫।୧ (ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ନିକଟରେ ରବିବାର ଟାଟା ଏସିଇ ଗାଡ଼ି ଏକ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଗାଡି ପଛପଟେ ଡାଲାରେ ଠିଆ ହୋଇଥିବା ଲୋକମାନେ ରାସ୍ତାକଡ଼ଲୁ ଛିଟିକି ପଡିଥିଲେ। ଏଥିରେ ୮ରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ହୋଇ ପଡିଥିଲା। ସ୍ଥାନୀୟ ଲୋକମାନେ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିବା ସହ କୋକସରା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆହତଙ୍କୁ ପ୍ରଥମେ ପୋଲିସ ଗାଡିରେ କୋକସରା ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ। ଗୁରୁତରମାନଙ୍କ ମଧ୍ୟରେ ଗମ୍ଭାରୀଗୁଡା ଗ୍ରାମର ଖଗେଶ୍ୱର ଗହୀର (୫୦), ଫୁପଗାଁର ପିଣ୍ଟୁ ଠାକୁର (୨୫), ବୈକୁଣ୍ଠ ଠାକୁର (୪୦) ଓ ସୁନାମାଲ ଗ୍ରାମର ପୁରନ୍ଦର ହଂସ (୨୫), ବସନ୍ତ ମାଝି (୨୫)। ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଲ ଓ ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମର ପାଖାପାଖି ୨୦ ରୁ ୨୫ ଜଣ ରବିବାର ଏକ ଟାଟା ଏସିଇ ଗାଡ଼ି (ନଂ. ଓଡି୦୮ସି-୦୬୮୨) ଯୋଗେ କଲମପୁର ବ୍ଲକ ଖଣି ଡଙ୍ଗରୀଗୁଡା ଗ୍ରାମରେ ଅନୁଷ୍ଠିତ ହେଉଥିବା ଟୋକିମରା ପର୍ବ ଦେଖିବା ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

### ମୋ ସ୍କୁଲ ଅଭିଯାନ

ଭବାନୀପାଟଣା,୫।୧ (ଡି.ଏନ.ଏ.) ଭବାନୀପାଟଣା ସଦର ବ୍ଲକ ସର୍ଗିଗୁଡା ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଓ ଆଲୁମ୍ନାଇ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବିଓ ଜୟକୁମାର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ ମୁଖ୍ୟଅତିଥି, ରାଜ୍ୟ ସାଧନ କର୍ମୀ ଜୟନ୍ତ ପତି ମୁଖ୍ୟବକ୍ତା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରବି କାନୁନଗୋ, ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, ସମିତି ସଭ୍ୟା ମନୀଷା ଭୋଇ, ରୋଶନ ଲାଲ ଛତର, ସିଆରସିସି ବଶିଷ୍ଠ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ସୀମାଞ୍ଚଳ ଗହିର ସ୍କୁଲ ପାଇଁ ଜମି ଦାନ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ହିମାଞ୍ଚଳ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ଟଙ୍କଧର ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ଜାନୀ ବିବରଣୀ ପାଠ କରିଥିଲେ।







ବରଗଡ଼ ଧନୁଯାତ୍ରାର ଷଷ୍ଠ ଦିବସରେ ଗୋପପୁର ବୃନ୍ଦାବନ ପଡ଼ିଆରେ ରାଧାକୃଷ୍ଣ ଦୋଳିରେ ଝୁଲୁଛନ୍ତି (ବାମ)। ବୃନ୍ଦାବନ ପଡ଼ିଆରେ ବସ୍ତ୍ରହରଣର ଦୃଶ୍ୟ ।

■ ବରଗଡ଼ ଧନୁଯାତ୍ରା

# ରଙ୍ଗସଭାରେ ଅଧିକାରୀଙ୍କୁ କଂସଙ୍କ ତାଗିଦ

**ମଥୁରାନଗରୀ/ଗୋପପୁର,୫।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବର ରବିବାର ଷଷ୍ଠ ଦିବସରେ ରାଜ ଦରବାରରେ ମହାରାଜ କଂସଙ୍କ ରଙ୍ଗସଭା ଦର୍ଶକମହଲରେ ପ୍ରମୁଖ ଆକର୍ଷଣ ପାଲଟିଥିଲା। ହାଟପଦା ସ୍ଥିତ ରାଜଦରବାରରେ ଅନୁଷ୍ଠିତ ରଙ୍ଗସଭାରେ ମଥୁରାନଗରୀ (ବରଗଡ଼)ର ଜିଲାସ୍ତରୀୟ ଅଧିକାରୀମାନେ କଂସଙ୍କ ସମ୍ମୁଖରେ ହାଜର ହୋଇଥିଲେ। ବିଦୂଷକ ଉପସ୍ଥିତ ଅଧିକାରୀଙ୍କ ବିରୋଧରେ ମଥୁରାବାସୀଙ୍କ ଅଭିଯୋଗ ଗୁଡ଼ିକୁ ଉପସ୍ଥାପନ କରିଥିଲେ। ସେହି ଅଭିଯୋଗ ଗୁଡ଼ିକ ଶୁଣିଲା ପରେ କଂସ ସମ୍ପୃକ୍ତ ଅଧିକାରୀଙ୍କ ଉପରେ ବିଗିଡ଼ି ଯାଇଥିଲେ ଏବଂ ତାଙ୍କ ସମ୍ମୁଖରେ ତତ୍କାଳ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତର ଶୁଣିଲା ପରେ ମହାରାଜ କଂସ ଉପସ୍ଥିତ ଅଧିକାରୀଙ୍କୁ ତାଗିଦ କରିଥିଲେ। ସେହିପରି ମହାରାଜଙ୍କ ଆଦେଶରେ ମଥୁରାବାସୀଙ୍କ ପାଇଁ ସଚେତନତାର ବାର୍ତ୍ତା ମଧ୍ୟ ରହିଥିଲା ଏବଂ ତାହା ଦର୍ଶକ ମହଲରେ ବେଶ୍ ଆଦୃତ ହୋଇଥିଲା ।

ମଥୁରାନଗରୀର ଚାଷ, ଚାଷୀ ସମସ୍ୟା ନେଇ ମହାରାଜା କଂସ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ପ୍ରଶ୍ନ କରିଥିଲେ। ମଣ୍ଡିରେ ଅବ୍ୟବସ୍ଥା, ଚାଷୀଙ୍କୁ ଟୋକନ ମିଳିବାରେ ବିଳମ୍ବ ନେଇ ପଚାରିବାରୁ ସେଥିରେ ସୁଧାର ଅଣାଯିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଜିଲାପାଳ କହିଥିଲେ। ତେବେ ଚାଷୀମାନେ ଯେଉଁଭଳି ପରିସ୍ଥିତିରେ ପଡ଼ିଲେ ମଧ୍ୟ କେବେ ଆତ୍ମହତ୍ୟା ନ କରିବାକୁ ମହାରାଜ ପରାମର୍ଶ ଦେଇଥିଲେ । ଅନେକ ବାସହୀନ ପରିବାରଙ୍କୁ ଏପର୍ଯ୍ୟନ୍ତ ଘରଡ଼ିହ ଜମିପଟ୍ଟା, ବାସିନ୍ଦା ପ୍ରମାଣପତ୍ର ଠିକ୍ ଭାବେ ମିଳୁ ନ ଥିବା ନେଇ ବିଦୂଷକ ମଥୁରାବାସୀଙ୍କ ଅଭିଯୋଗ ଉପସ୍ଥାପନ କରିଥିଲେ । ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ଏହାର ଉତ୍ତରରେ କହିଥିଲେ, ଗତ ଡିସେମ୍ବର ୩୧ତାରିଖ ସୁଦ୍ଧା ୧୨୨୦ଜଣଙ୍କୁ ବାସୋପଯୋଗୀ ଜମି ଦିଆଯାଇ ଥିବାବେଳେ ମୋବାଇଲ ଆପ୍ ମାଧ୍ୟମରେ ସେଭଳି ପ୍ରମାଣପତ୍ର ବ୍ୟବସ୍ଥା ହୋଇଥିବାରୁ ସେ କ୍ଷେତ୍ରରେ ଆଉ ଅସୁବିଧା ହେବ ନାହିଁ ଏବଂ ବିନା ଦେୟରେ ତାହା ମିଳିପାରିବ ବୋଲି ଟପ୍ପୋ କହିଥିଲେ । ସେହିପରି ମଥୁରା ରାଜ୍ୟର ଅନେକ ସାବାଳକ ଭୋଟର ତାଲିକାରୁ ବାଦ୍ ପଡ଼ିଥିବାରୁ ନିର୍ବାଚନ ସମୟରେ ମତାଧିକାର ସାବ୍ୟସ୍ତ କରି ପାରୁ ନ ଥିବା ଅଭିଯୋଗରେ ସେ ନେଇ ସର୍ଭେକ୍ଷଣ ଏବଂ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଉତ୍ତର ରଖିଥିଲେ।

ରଙ୍ଗସଭାରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପରେ କଂସ ମହାରାଜା ବର୍ଷିଥିଲେ। ପରିବାର ନିୟୋଜନ ଯୋଜନାରେ ପରିବାରରେ ୨ରୁ ଅଧିକ ସନ୍ତାନ ଜନ୍ମ ନେଇ ଆଦେଶ ସତ୍ତ୍ୱେ ଦେବକୀ ଗର୍ଭରୁ ୮ଟି ସନ୍ତାନ କିଭଳି ଜନ୍ମ ନେଲେ ବୋଲି ମଥୁରାଧିପତି ପ୍ରଶ୍ନ କରିଥିଲେ । ଏ ସମ୍ପର୍କରେ ମଥୁରାବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି ବୋଲି ଅଧିକାରୀ ଜଣକ କହିଥିଲେ । ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ଠିକ୍ ହୋଇ ନ ଥିବା ନେଇ ଉପସ୍ଥିତ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ସେଥିପାଇଁ ରାସ୍ତା ନିର୍ମାଣକାରୀ ସଂସ୍ଥାକୁ ତାଗିଦ୍ କରାଯାଇଛି ଏବଂ ମହାରାଜଙ୍କ ଆଦେଶରେ ମଥୁରାନଗରୀରେ ଫେୟାର ୱେଦର ରାସ୍ତା ନିର୍ମାଣ କରାଯିବ ବୋଲି ପୂର୍ତ୍ତ ଅଧିକାରୀ ଉତ୍ତର ରଖିଥିଲେ। ଶିକ୍ଷାକ୍ଷେତ୍ରରେ ମଥୁରାନଗରୀରୁ ୨୭ନମ୍ବରରୁ ଷଷ୍ଠ ସ୍ଥାନକୁ ଆସିଥିବା ଯୋଗୁ ମହାରାଜ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କୁ ପ୍ରଶଂସା କରିଥିଲେ । କିନ୍ତୁ ମଧ୍ୟାହ୍ନ ଭୋଜନ ଠିକ୍ ଚାଲୁ ନ ଥିବା ଏବଂ ସ୍କୁଲ ଗୁଡ଼ିକର ଫାଟକ ଅବ୍ୟବସ୍ଥିତ ହୋଇପଡ଼ି ଥିବା ଅଭିଯୋଗ ପାଇ ତୁରନ୍ତ ସୁବ୍ୟବସ୍ଥା କରିବାକୁ କଂସ ନିର୍ଦ୍ଦେଶ ଦେଇଥିଲେ।



ରଙ୍ଗମହଲରେ ଯୋଗଦାନ କରିଥିବା ଜିଲାପାଳ ଓ ଅନ୍ୟ ଅଧିକାରୀବୃନ୍ଦ ।

ଧନୁଯାତ୍ରାର ପ୍ରଚାର, ପ୍ରସାର ଠିକ୍‌ଭାବେ ହେଉ ନ ଥିବାବେଳେ ମଥୁରାନଗରୀର ଅନେକ କଳାକାର ସେମାନଙ୍କ ଭତ୍ତା ପାଇବାରୁ ବଞ୍ଚିତ ଥିବା ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଧନୁଯାତ୍ରା ଚାଲିଥିବାବେଳେ ମଥୁରାନଗରୀ ତଥା ରାଜ ଦରବାର ଆଗରେ ପରିଲକ୍ଷିତ ଜନସମୁଦ୍ର ହିଁ ପ୍ରଚାର ପ୍ରସାରର ବାସ୍ତବତାକୁ ପ୍ରତିଫଳିତ କରୁଛି ଏବଂ ଏଥିରେ ଗଣମାଧ୍ୟମର ହିଁ ପ୍ରମୁଖ ଭୂମିକା ରହିଛି ବୋଲି ଦାଶ ଉତ୍ତର ରଖିଥିଲେ । ଜିଲା କୋଷାଗାର ଅଧିକାରୀ ମୀନତି ପତିଙ୍କୁ ମଥୁରାରେ ପେନସନ ପ୍ରଦାନ କାହିଁକି ଅବ୍ୟବସ୍ଥିତ ହୋଇ ପଡ଼ିଛି ବୋଲି ପ୍ରଶ୍ନ କରିଥିଲେ । ଏଥିରେ ସୁଧାର ଅଣାଯାଇଛି ଏବଂ ଆଗକୁ ଏହି ବ୍ୟବସ୍ଥା ଆହୁରି ସରଳ ହୋଇଯିବ ବୋଲି ପତି କହିଥିଲେ । ଧନୁଯାତ୍ରା ମହୋତ୍ସବରେ ସାଧାରଣତଃ ୨ଟି ହାତୀ ରହୁଥିବାବେଳେ ଏଥର ମାତ୍ର ଗୋଟିଏ ହାତୀ ଥିବାରୁ ସେ ନେଇ ମହାରାଜ ଉପସ୍ଥିତ ବନଖଣ୍ଡ ଅଧିକାରୀଙ୍କ ଉପରେ ବର୍ଷିଥିଲେ ଏବଂ ତୁରନ୍ତ ଆଉ ଏକ ହାତୀ ଖୋଜି ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନିକଟ ଅତୀତରେ ଅମ୍ବାଭୋନାରେ ହୋଇଥିବା ହାତୀ ମୃତ୍ୟୁ ଘଟଣାର ଯେଉଁଭଳି ପୁନରାବୃତ୍ତି ନ ଘଟେ, ସେଥିପାଇଁ ମହାରାଜ ତାଙ୍କୁ ତାଗିଦ୍ କରିଥିଲେ । ଏହା ସହିତ ଜଙ୍ଗଲ ସୁରକ୍ଷା ନେଇ ମଥୁରାର ସମସ୍ତେ ଗୋଟିଏ ଲେଖାଏଁ ବୃକ୍ଷଚାରା ରୋପଣ କରିବାକୁ ମହାରାଜ ପରାମର୍ଶ ଦେଇଥିଲେ ।

ସେହିପରି ଚାଷୀଙ୍କୁ ଠିକ୍ ଭାବେ ବିକ୍ରିଧାନର ପ୍ରାପ୍ୟ ମିଳୁ ନ ଥିବା ନେଇ ଜିଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ଭେସ୍ରା ଏବଂ ରାସ୍ତାଘାଟର ଦୁରବସ୍ଥା ଅଭିଯୋଗ ନେଇ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କୁ କଂସ ମହାରାଜ ତାଗିଦ କରିଥିଲେ। ବେଆଇନ ମଦ ବିକ୍ରି ଏବଂ ଏଥିପାଇଁ ଧନ, ଜୀବନହାନି ନେଇ ଅବକାରୀ ଅଧିକାରୀଙ୍କ ଉପରେ ବର୍ଷିଥିଲେ । ପୌର ନିର୍ବାହୀ ଅଧିକାରୀ ରାଜେଶ ସାହୁଙ୍କୁ ସ୍ୱଚ୍ଛତା ଉପରେ ପଚାରିଥିଲେ। ଏସଡ଼ିପିଓ ସୁଧାକାର ସାହୁଙ୍କୁ ମହାରାଜ ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନ କରିଥିଲେ ଏବଂ ମଥୁରାରେ ଯେଉଁଭଳି ନାରୀ ନିର୍ଯାତନା ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ତାଗିଦ୍ କରିଥିଲେ। ନାରୀ ନିର୍ଯାତନାର ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ମହାରାଜ ରୋକ୍‌ଠୋକ୍ ଶୁଣାଇ ଦେଇଥିବାବେଳେ ଝାନସୀ ରାଣୀ ଲକ୍ଷ୍ମୀବାଈ, ମହିଷା ମର୍ଦ୍ଦିନୀ ଭଳି ନାରୀମାନେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ରଙ୍ଗସଭା ପରେ ଆସନ୍ନ ଯୁଦ୍ଧ ପ୍ରସ୍ତୁତି ପାଇଁ ରାଜନ୍ୟ ବର୍ଗଙ୍କ ସହିତ ମହାରାଜାଙ୍କ ଆଲୋଚନା ହୋଇଥିଲା। ଅନ୍ୟପଟେ ଗୋପପୁର ଜିରା ନଦୀ କୂଳ ବୃନ୍ଦାବନ ପଡ଼ିଆରେ ହୋଇଥିବା ବସ୍ତ୍ରହରଣ ଦୃଶ୍ୟକୁ ଲୋକେ ମନ ଭରି ଉପଭୋଗ କରିଥିଲେ ।

## ନାଗରିକତ୍ୱ ସଂଶୋଧନ ଆଇନ ପ୍ରସଙ୍ଗ: ମିସ୍‌କଲ୍ କର, ସମର୍ଥନ ଦିଅ

**ଲଖନପୁର,୫।୧(ଡି.ଏନ୍.ଏ.)**

ଦେଶରେ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଆଣିବା ପାଇଁ କେନ୍ଦ୍ର ସରକାର ଲୋକସଭା ଓ ରାଜ୍ୟ ସଭାରେ ପାସ୍ କରିଛନ୍ତି। ଏହାକୁ କେତେକ ରାଜନୈତିକ ଦଳ ବିରୋଧ କରି ଦେଶବାସୀଙ୍କୁ ବିଭ୍ରାନ୍ତି କରି ହିଂସା ଭିଆଉଛନ୍ତି। ଏହାକୁ ରାଜନୈତିକ ଦଳମାନେ ଭଲ ଭାବେ ବୁଝନ୍ତୁ, ଦେଶବାସୀଙ୍କୁ ବିଭ୍ରାନ୍ତି କରନ୍ତୁ ନାହିଁ ବୋଲି ଭାଜପା ପକ୍ଷରୁ କୁହାଯାଇଛି । ଏହି ଅବସରରେ ଭାଜପା ଦେଶବାସୀଙ୍କ ବହୁମତ ଲୋଡି ମୋବାଇଲ୍ ମାଧ୍ୟମରେ ଏକ ମିସ୍‌କଲ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି। କାର୍ଯ୍ୟକ୍ରମକୁ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ତଥା ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ବନ୍ଧବାହାଲ ଏମ୍‌ସିଏଲ୍ କଲୋନୀରେ ରବିବାର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଭାଜପା ଜିଲା ସଭାପତି ମଙ୍ଗଳ ସାହୁ, ଉପସଭାପତି ରଘୁନନ୍ଦନ ପଣ୍ଡା, ପୂର୍ବତନ ସଭାପତି ପ୍ରମୋଦ ସେନାପତି, ଜିଲା ପରିଷଦ ସାମଲ ନାଏକ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ବିଶ୍ୱଜିତ୍ ଷଡଙ୍ଗୀ, ବନ୍ଧବାହାଲ ଭାଜପା ମଣ୍ଡଳ ସଭାପତି ହେମନ୍ତ ପଟେଲ, ତପନ ସ୍ୱାଇଁ, ଅଶୋକ ପ୍ରଧାନ, ସମୀର ମିଶ୍ର, ରାହସ ଭୋଇ, ମୋହନ ସାହୁ, ମୁରଲୀ ପ୍ରଧାନ ଓ ଗୌତମ ସେଠ୍ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ସନ୍ଦେଶକୁ ନେଇ କର୍ମକର୍ତ୍ତାଙ୍କ ସହିତ ଏମ୍‌ପି ପୂଜାରୀ ଏମ୍‌ସିଏଲ୍ କଲୋନୀ ପରିକ୍ରମା କରି ବିଶି କେଶନ ପ୍ରଧାନ, ଲିଲିପ୍ରିୟା ମହନ୍ତ ଓ ଶିବଲାଲ୍ ପଟେଲ ପ୍ରମୁଖ ବ୍ୟକ୍ତିଙ୍କୁ ଭେଟି ନାଗରିକତ୍ୱ ସଂଶୋଧନ ଆଇନ୍ ସମ୍ପର୍କରେ ଅବଗତ କରି ମୋବାଇଲ୍ ମିସ୍‌କଲ୍ ମାଧ୍ୟମରେ ମତ ଲୋଡ଼ିଥିଲେ। କାର୍ଯ୍ୟକ୍ରମ ପଶ୍ଚିମ ଓଡ଼ିଶାର ଝାରସୁଗୁଡା ଜିଲାର ବନ୍ଧବାହାଲରେ ଆରମ୍ଭ ହୋଇଛି। ଭାଜପା ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ସବୁଆଡେ ଚାଲିବ ବୋଲି ଏମ୍‌ପି ପୂଜାରୀ ଉକ୍ତହିଛନ୍ତି।



**ମୋବାଇଲ୍ ମିସ୍‌କଲ୍ କାର୍ଯ୍ୟକ୍ରମ ସମ୍ପର୍କରେ ଏମ୍‌ପି ସୁରେଶ ପୂଜାରୀ ଜଣେ ମହିଳାଙ୍କୁ ସୂଚନା ଦେଉଛନ୍ତି।**

## ଜିଲାସ୍ତରୀୟ ଯାଦବ ମହାସଭା

**କୋଲାବିରା,୫।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ରଘୁନାଥପାଲି ପଞ୍ଚାୟତ ବୁଟୁପାଲି ଖେଳପଡ଼ିଆରେ ଜିଲାସ୍ତରୀୟ ଯାଦବ ମହାସଭା ଏବଂ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଯାଦବ ସମାଜର ସଭାପତି ପବିତ୍ର ମୋହନ ଶଣ୍ଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଧା, କୃଷ୍ଣଙ୍କ ଫଟୋଚିତ୍ରକୁ ଶୋଭାଯାତ୍ରାରେ ଆଣି ସଭାସ୍ଥଳରେ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ କିର୍ମିରା ବ୍ଲକ ଅଧ୍ୟକ୍ଷ ତେଜରାଜ ସାହୁ, ରାଜ୍ୟ ଉପଦେଷ୍ଟା ସଦସ୍ୟ ଯୁଗଳ କିଶୋର ପରୁଆ, ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲ, ଏମ୍‌ପିଙ୍କ ପ୍ରତିନିଧି ଶଣ୍ଢ, କିର୍ମିରା ବ୍ଲକ ଯାଦବ ସଭାପତି ତେଜରାଜ ଭଇଁଷା, ଲଇକେରା ସଭାପତି ଲୋକେନ୍ଦ୍ର ରାଉତ, କୋଲାବିରା ସଭାପତି ତ୍ରିନାଥ ଡିଲା, ଲଖନପୁର ବ୍ଲକ ଯାଦବ ସମାଜ ସଭାପତି ଭକ୍ତ ବନଛୋର, ଝାରସୁଗୁଡ଼ାର ଅନନ୍ତ ରାଉତ, ରଘୁନାଥପାଲି ସରପଞ୍ଚ ନନ୍ଦୀତା ସରାଫ, ମହିଳାନେତ୍ରି ମୀନାକ୍ଷୀ ଭଇଁଷା ପ୍ରମୁଖ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ କଣ୍ଡ ଶୀଳ୍ପି ଭୋଜରାଜ ପରୁଆ ଉପସ୍ଥିତ ରହିଥିଲେ। ଏଇ ଅବସରରେ ଉନ୍ମୋଚନ ହୋଇଥିବା ସାମାଜିକ ସମ୍ବିଧାନ ପୁସ୍ତିକାର ନିୟମାବଳି ବିଷୟରେ ଉପସ୍ଥିତ ଜନତାଙ୍କୁ ଅବଗତ କରାଇବା ସହିତ ଏହାର ନିୟମ ମାନି ଚଳିବାକୁ କୁହାଯାଇଥିଲା। ଯାଦବ ସମାଜ ସଂଘ ପକ୍ଷରୁ ଅଭିରାମ ପରୁଆ, ଭାଗୀରଥି ସୁନାନୀ, ନରେନ୍ଦ୍ର ସୋହେଲା, କୃଷ୍ଣଚନ୍ଦ୍ର ମାଜର, ନରସିଂହ ପୂଜାରୀ, ଡିଲେଶ୍ୱର ବିଜାର, ସୁଦର୍ଶନ ରାଉତ, କୁବେର ପରୁଆ, ଗୋବର୍ଦ୍ଧନ ପରୁଆ, ଉଦୟନାଥ କର୍ତ୍ତା, ସଂକିର୍ତ୍ତନ ଭଇଁଷା, ସୁରେଶ ଭଇଁଷା, ଦନାର୍ଦ୍ଦନ ଶଣ୍ଢ, ନୃପ ବନଛୋର, ଯଦୁମଣୀ ଭଇଁଷାଙ୍କୁ ସମ୍ମାନିତ କରାଯାଇଥିଲା। ବନ୍ଧୁମିଳନ ତଥା ମହାସଭାରେ ଜିଲା ତଥା ଜିଲା ବାହାରୁ କର୍ମକର୍ତ୍ତା ଯୋଗଦେଇଥିଲେ। ବୁଟୁପାଲି ଗ୍ରାମ ଯୁବକ ସଂଘର ସହଯୋଗରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଜିଲା ସମ୍ପାଦକ ହେମରାଜ ଶଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଇଖାନା ନିର୍ମାଣରେ ଦୁର୍ନୀତି

## ବାହ୍ୟ ମଳମୁକ୍ତ ଘୋଷଣା କେତେ ସତ କେତେ ମିଛ

**କଟକ ଅଫିସ, ୫।୧**

୨୦୧୯ ଅଗଷ୍ଟ ୧୫ରେ କଟକ ଜିଲାକୁ ବାହ୍ୟ ମଳମୁକ୍ତ ଜିଲା ଭାବେ ଘୋଷଣା କରାଯାଇଥିଲା। ଅର୍ଥାତ୍ ପ୍ରତ୍ୟେକ ପରିବାରକୁ ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପାଇଖାନା ଯୋଗାଇ ଦେଇଥିଲେ। ମାତ୍ର ଏହି ଘୋଷଣା ସମ୍ପୂର୍ଣ୍ଣ ଧୂଆଁବାଣ ବୋଲି ଏବେ ପ୍ରମାଣିତ ହୋଇଛି। ପାଇଖାନାକୁ ନେଇ ଜିଲାର ବିଭିନ୍ନ ବ୍ଲକରେ ବଡ଼ଧରଣର ଦୁର୍ନୀତି ହୋଇଥିବାର ପ୍ରମାଣ ହସ୍ତଗତ ହେବାରେ ଲାଗିଛି। କେଉଁଠି ଲୋକଙ୍କ ଘରେ ପାଇଖାନା ନାହିଁ, କିନ୍ତୁ ସରକାରୀ ଖାତାରେ ପାଇଖାନା ନିର୍ମାଣ ଦର୍ଶାଯାଇଛି ତ କେଉଁଠି ଠାକୁରଙ୍କ ନାଁରେ ପାଇଖାନା ବାବଦ ଅର୍ଥ ଆତ୍ମସାତ୍ କରାଯାଇଛି। ସେହିପରି ବହୁ ହିତାଧିକାରୀ ପାଇଖାନା ନିର୍ମାଣ କରି ବସିଥିଲେ ମଧ ସେମାନଙ୍କୁ ପାଇଖାନା ବାବଦ ଅର୍ଥ ମିଳି ନ ଥିବା ଭଳି ଅଭିଯୋଗ ଜିଲାପାଳଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ହେବାରେ ଲାଗିଛି। ବିଶେଷ କରି ଏଭଳି ଦୁର୍ନୀତିର ପ୍ରମାଣ ମାହାଙ୍ଗା ବ୍ଲକରୁ ମିଳିଛି।

ମାହାଙ୍ଗା ବ୍ଲକର ଉଷୁମା ପଞ୍ଚାୟତରେ ସୁକାନ୍ତ ଜେନା, ଭରତ ଜେନା, ବାସନ୍ତି ସେଠୀ, ପ୍ରମୋଦିନୀ ବଳ, ବିଦୁଲତା ବଳ, ସୀତା ସେଠୀ, ରବୀନ୍ଦ୍ର ଦାସ, ରାମଚନ୍ଦ୍ର ଦାସ ପ୍ରମୁଖ ହିତାଧିକାରୀ ଜିଲାପାଳଙ୍କ ନିକଟରେ ପାଇଖାନା ଦୁର୍ନୀତି ସମ୍ପର୍କରେ ଲିଖିତ ତଥ୍ୟ ପ୍ରମାଣ ସମ୍ବଳିତ ଅଭିଯୋଗ ଦାଖଲ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଉଛି ଯେ, ପାଇଖାନା ବିଲ୍‌କୁ ସେମାନଙ୍କ ଅଗୋଚରରେ ଅନ୍ୟ କିଏ ଉଠାଇ ନେଇଛନ୍ତି। ଆଉ କେତେଜଣଙ୍କ ଗୃହ କାର୍ଯ୍ୟ ଅଧାପନ୍ତରିଆ ହୋଇଥିଲେ ମଧ ସେମାନଙ୍କ ବିଲ୍‌କୁ ଅନ୍ୟମାନେ ଉଠାଣ କରିଛନ୍ତି। ଏପରିକି ମୃତ ଲୋକଙ୍କ ନାଁରେ ପାଇଖାନା ବିଲ୍ ଆତ୍ମସାତ୍ କରାଯାଇଛି। ଉଷୁମା ଗ୍ରାମର ପ୍ରମୋଦିନୀ ବଳ ନାମ୍ନୀ ଜଣେ ହିତାଧିକାରୀଙ୍କ ଅଭିଯୋଗ ହେଉଛି ଯେ ସେ ତାଙ୍କ ଘରେ ପାଇଖାନା ନିର୍ମାଣ କରି ନ ଥିଲେ। ମାତ୍ର ପଞ୍ଚାୟତର କେତେଜଣ ଜଣାଶୁଣା ଲୋକ ତାଙ୍କ ସ୍ୱାମୀ ଯତୀନ୍ଦ୍ରଙ୍କୁ ଆସି କହିଥିଲେ ଯେ, ତୁମ ପାଇଖାନା ବିଲ୍ ହୋଇଯାଇଛି।

ଉକ୍ତ ବିଲ୍ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ପାଖରେ ଅଛି। ଯତୀନ୍ଦ୍ର ତୁରନ୍ତ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଗାଯୋଗ କରିବାରୁ ତାଙ୍କ ପାଇଖାନା ଅର୍ଥ ଠାକୁରଙ୍କ କାମରେ (ଏକ ଠାକୁରଙ୍କ ନାମରେ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇଛି) ଲାଗିଥିବା ଉତ୍ତର ମିଳିଥିଲା। ଏହାକୁ ନେଇ ଯତୀନ୍ଦ୍ର ବିଡିଓଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଦୌଡ଼ିଥିଲେ ମଧ କୌଣସି ସୁଫଳ ମିଳିନାହିଁ।

ଜିଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ସାମଲଙ୍କ ସହିତ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ, ବ୍ଲକଗୁଡ଼ିକୁ ଏହି ଦାୟିତ୍ୱ ଦିଆଯାଇଥିଲା। ମାତ୍ର ସେଥିରେ କିଛି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେବା ପରେ ଏବେ ଦୁଇଥର ସର୍ଭେ କରାଗଲାଣି। ପ୍ରଥମ (ଲେଫ୍ଟ ଆଉଟ ବେନିଫିସିଆରି) ସର୍ଭେରେ ଜିଲାରେ ୧୨ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ପାଇଖାନା ନ ଥିବା ଜଣାପଡ଼ିଥିଲା। ଏହି ୧୨ହଜାର ହିତାଧିକାରୀଙ୍କୁ ଠାବ କରାଯିବା ପରେ ପୁନର୍ବାର ଆଉ ଥରେ (ନ୍ୟୁ ଲେଫ୍ଟଆଉଟ ବେନିଫିସିଆରି ସର୍ଭେ) କରାଯାଇଥିଲା। ସେଥିରେ ପାଖାପାଖି ୧୩ହଜାର ହିତାଧିକାରୀଙ୍କ ପାଇଖାନା ନ ଥିବା ଧରାପଡ଼ିଥିଲା। ଅର୍ଥାତ୍ ଜିଲାକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯିବା ପରେ ୨୫ହଜାରରୁ ଅଧିକ ହିତାଧିକାରୀଙ୍କ ପାଇଖାନା ନ ଥିବା ଧରାପଡ଼ିଲାଣି। ଏହା ପରେ ପୁନର୍ବାର ସର୍ଭେ କରାଗଲେ ଆଉ ହିତାଧିକାରୀ ବାହାରିବେ କି ବୋଲି ପ୍ରଶ୍ନରେ ନିର୍ବାହୀ ଯନ୍ତ୍ରୀ ସାମଲ କୁହନ୍ତି, ବାହାରି ପାରନ୍ତି।

■ ଠାକୁରଙ୍କ ନାଁରେ ଅର୍ଥ ଆତ୍ମସାତ୍

■ ନିର୍ମିତ ପାଇଖାନାରେ ରହୁଛି ଜାଳକୁଟା



ମାହାଙ୍ଗା ଅଞ୍ଚଳର ସାମାଜିକ କର୍ମୀ ସନ୍ତୋଷ କୁମାର ସାହୁଙ୍କ କହିବା କଥା ହେଉଛି, କେବଳ କାନ୍ଥ ଉଠାଇ ଉପରେ ଆଜ୍‌ବେଷ୍ଟସ ଖଣ୍ଡେ ପକାଇଦେଇ ତାହାକୁ ପାଇଖାନାର ନାଁ ଦିଆଯାଇଛି। କିନ୍ତୁ ପାଇଖାନା ଭିତରେ କେବଳ ଜାଳକୁଟା ହିଁ ରହୁଛି। ଅନ୍ୟପକ୍ଷରେ ଜଣେ ହିତାଧିକାରୀଙ୍କ ପାଇଖାନାର ଫଟୋକୁ ଆଧାର କରି ୩ ଜଣ ହିତାଧିକାରୀ ବିଲ୍ ନେଇଥିବା ଭଳି ଘଟଣା ଘଟିଛି। ସୂଚନାଥାଉକି, ଗତ ଅକ୍ଟୋବର ୨୮ରେ ଜିଲା ଜଳ ଓ ପରିମଳ ବିଭାଗ ପକ୍ଷରୁ ପାଇଖାନାକୁ ନେଇ ହୋଇଥିବା ସର୍ଭେରେ ଦର୍ଶାଯାଇଛି ଯେ, ଜିଲାର ୪,୧୧,୯୭୦ ପରିବାରକୁ ପାଇଖାନା ଯୋଗାଇ ଦିଆଯାଇଛି। ମାତ୍ର ବାସ୍ତବ ସ୍ଥିତି ଏଭଳି ରହିଛି। କେବଳ ମାହାଙ୍ଗା ନୁହେଁ, ଜିଲାର ଅନ୍ୟ ବ୍ଲକଗୁଡ଼ିକରେ ମଧ ସମାନ ଅବସ୍ଥା ଘଟିଥିବା ଅଭିଯୋଗମାନ ହେଉଛି।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ୨୩ରୁ ଚିପିଲିମା ଉତ୍ସବ

**ଚିପିଲିମା, ୫।୧ (ଡି.ଏନ.ଏ.):** ଚିପିଲିମା ବୀର ସୁରେନ୍ଦ୍ର ସାଏ ସାଂସ୍କୃତିକ ଓ କ୍ରୀଡା କ୍ଲବ ପକ୍ଷରୁ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ତଥା ଚିପିଲିମା ଉତ୍ସବ ଆୟୋଜିତ ହେବ। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିପିଲିମା ଜଳ ବିଦ୍ୟୁତ ପ୍ରକଳ୍ପ (ସିଏଚଇପି) ଇଂ. ଅଶୋକ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରଶ୍ନୋତ୍ତର, ଫ୍ୟାନ୍ସି, ନାଚଗୀତ, କ୍ଷୁଦ୍ର ନାଟକ ଆଦି କାର୍ଯ୍ୟକ୍ରମ ପ୍ରଭୃତି ଅନୁଷ୍ଠିତ ହେବ। ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ମଶାଲ ମାରାଥନ ଦୌଡ ମାଧମରେ ଚିପିଲିମା ଉତ୍ସବ ମଣ୍ଡପରେ ପହଞ୍ଚିବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ଭିଏସଏସ କ୍ଲବ୍ ସଭାପତି ଜୟଶଙ୍କର ତିୱାରୀ, ସମ୍ପାଦକ ଗଣେଶ ତାଣ୍ଡିଆ, ପୂର୍ବତନ ସଭାପତି ମହେନ୍ଦ୍ର ରାଉତ, ପ୍ରସନ୍ନ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ହରେଶ୍ଚନ୍ଦ୍ର ଦଲାଇ, ଚିତ୍ତରଞ୍ଜନ ପାଢ଼ୀ, ରାଜକିଶୋର ବେହେରା ପ୍ରମୁଖଙ୍କ ସମେତ କ୍ଲବ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ରାଜକିଶୋର ଧନ୍ୟବାଦ ଅର୍ପଣ କରିଥିଲେ।

### ■ ପୁଣି ଜିଲା ବିଜେଡି ରାଜନୀତି ସରଗରମ

# ପଦାରେ ପଡ଼ିଲା ଗୋଷ୍ଠୀ କନ୍ଦଳ, ଦଳ ବିରୋଧୀ କାମ

**ସମ୍ବଲପୁର,୫।୧(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନରେ ବିଧାୟକ ଓ ଏମ୍‌ପି ପଦ ହାତରୁ ଚାଲି ଯିବା ପରେ ଜିଲାରେ ବିଜେଡି ରାଜନୀତି ଶାନ୍ତ ପଡିଥିଲା। ନେତା ଓ କର୍ମକର୍ତ୍ତା ଭିତରେ ଭିତରେ ଗତିଶୀଳ ରହିଥିଲେ। ବିଭିନ୍ନ ପଦପଦବୀକୁ ନେଇ ଲବି କରୁଥିଲେ। ହେଲେ ସମ୍ବଲପୁର ଜିଲାର ବିଜେଡି ନେତାଙ୍କୁ ଦଳ ପଦ ପଦବୀ ଦେବାରୁ ଦୂରେଇ ରଖିଛି। ସମ୍ବଲପୁର ବିଧାନସଭା ଓ ଲୋକ ସଭା ଆସନରେ ପରାଜୟର କାରଣକୁ ନେଇ ଚର୍ଚ୍ଚା ହୋଇ ଆସୁଛି। ତେବେ ରବିବାର ଅମ୍ବିରାନଗରରେ ଜୟଲାଲ ବେହେରାଙ୍କ ଆହ୍ୱାନ କ୍ରମେ ବିଜେଡି କର୍ମୀ ସମ୍ମିଳନୀରେ ଦଳୀୟ ରାଜନୀତି ପୁଣି ସରଗରମ ହୋଇଛି। ଏଥିରେ ଗୋଟିଏ ଗୋଷ୍ଠୀର ନେତା ଓ କର୍ମକର୍ତ୍ତା ଯୋଗଦେଇ ଥିବାବେଳେ ଅନ୍ୟ ଗୋଷ୍ଠୀର ନେତା ଓ କର୍ମକର୍ତ୍ତା ଯୋଗଦେଇ ନାହାନ୍ତି। ଅନେକଙ୍କୁ ନିମନ୍ତ୍ରଣ ଥିଲେ ମଧ ଦଳ ବିରୋଧରେ ଯିବା ପାଇଁ ସାହସ ଜୁଟାଇ ନ ପାରି ଯୋଗ ଦେଇ ନାହାନ୍ତି। ଏହି ବୈଠକରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ବିଧାୟକ ରମେଶ ପଟୁଆ, ପୂର୍ବତନ ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ରଙ୍କ ସମେତ ଧନକଉଡା, ମାନେଶ୍ୱର, ରେଙ୍ଗାଲି, କୁଚିଣ୍ଡା ବ୍ଲକରୁ ବିଜେଡି କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲା ସଭାପତି ପଦ ପାଇଁ ଜୟଲାଲଙ୍କ ବଳ ଦେଖାଇବାକୁ ଏହି ବୈଠକ ଆୟୋଜନର ଅସଲ ଉଦ୍ଦେଶ୍ୟ ବୋଲି ଚର୍ଚ୍ଚା ହେଉଛି। ଏଣୁ ଜୟଲାଲ ଜିଲା ସଭାପତିର ମୁଖ୍ୟ ଦୌଡରେ ଥିବା ନେଇ ସ୍ପଷ୍ଟ ହୋଇଛି। ତେଣୁ ଜିଲା ସଭାପତି ପାଇଁ ଅନେଇ ବସିଥିବା ଅନ୍ୟ କେତେକ ଆଶାୟୀଙ୍କ ସମର୍ଥକ ଓ କେତେକ କର୍ମୀ ଅଭିଯୋଗ କରିଛନ୍ତି ଯେ, ବୈଠକର ଆୟୋଜକ ବେହେରା ୨୦୧୯ରେ ରେଢାଖୋଲ ବିଧାୟକ ପ୍ରାର୍ଥୀ ପାଇଁ ଲବିରେ ଥିଲେ । ହେଲେ ଦଳ ଟିକେଟ ନ ଦେବାରୁ ସେ ସ୍ୱାଧୀନ ଭାବେ ନିର୍ବାଚନରେ ଛିଡା ହୋଇଥିଲେ। ଏଣୁ ଦଳ ବିରୋଧୀ କାମ କରିବାରୁ ସେ ନିଲମ୍ବିତ ହୋଇଛନ୍ତି। ଏଣୁ ସେ ଡାକିଥିବା ବୈଠକକୁ ବିଜେଡି ନେତା ଓ କର୍ମକର୍ତ୍ତା ଯିବା ଆଦୌ ଦଳ ପାଇଁ ଶୁଭଙ୍କର ନୁହେଁ । ଏହାଦ୍ୱାରା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ମଧ ଏଠାରେ ଅବମାନନା କରାଯାଉଛି। ତେଣୁ ଏ ଦିଗରେ ସଂଜମତା ନ ରଖିଲେ ଆଗାମୀ ଦିନରେ ଦଳରେ ଫାଟ ହେବ ବୋଲି ସେମାନେ କହିଛନ୍ତି। ହେଲେ ଏ ସମ୍ପର୍କରେ ଆୟୋଜକ ଜୟଲାଲ କହିଛନ୍ତି ଯେ, ସେ ଦଳରୁ ନିଲମ୍ବିତ ହୋଇ ନାହାନ୍ତି। ଦଳ ପାଇଁ ସଦସ୍ୟ ଗ୍ରହଣ କରିବା ସହ ନିଜେ ମଧ ସଭ୍ୟ ଅଛନ୍ତି । ଦଳ ବିରୋଧୀ କୌଣସି କାମ କରାଯାଇ ନାହିଁ । ଦଳର ସମସ୍ତଙ୍କୁ ଡକାଯିବା ସମ୍ଭବ ନୁହେଁ। ତଥାପି ଜିଲାସ୍ତରୀୟ ସମସ୍ତ ନେତୃବୃନ୍ଦଙ୍କୁ ନିମନ୍ତ୍ରଣ କରାଯାଇଥିଲା। ନିମନ୍ତ୍ରଣ ପାଇବା ପରେ ମଧ ବ୍ୟକ୍ତିଗତ ସମସ୍ୟା ଥିବାରୁ ଅନୁପସ୍ଥିତ ରହିଥିବା କେତେକ ନେତୃମଣ୍ଡଳୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଏ ସମ୍ପର୍କରେ ସମ୍ବଲପୁର ଓ ଦେବଗଡ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ କହିଛନ୍ତି ଯେ ବୈଠକକୁ ନେଇ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ଦଳୀୟ ଶୃଙ୍ଖଳା ଭିତରେ ରହି କାମ କରିବା ଉଚିତ। ନ ହେଲ ଅଗାମୀ ଦିନରେ ଦଳ ପାଇଁ ବଡ ସମସ୍ୟା ହେବ। ଏ ନେଇ ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯିବ। ସୂଚନାଯୋଗ୍ୟ ଯେ, ପ୍ରାୟ ୨ ବର୍ଷ ହେଲା ବିଜେଡି ଜିଲା ସଭାପତି ପଦ ଖାଲି ପଡିଛି। ଏହାକୁ ନେଇ ଅନେକ ପୁରୁଣା ଓ ନୂଆ ନେତା ଆଶାୟୀ ଅଛନ୍ତି । ହେଲେ ଜିଲାରେ ଦଳୀୟ କନ୍ଦଳ ଭରି ରହିଛି। ନିଜ ସମର୍ଥକଙ୍କୁ ନେଇ ଆଶାୟୀମାନେ ଲବି କରି ଭୁବନେଶ୍ୱରରେ ପଡି ରହୁଛନ୍ତି। ହେଲେ ଦଳୀୟ କନ୍ଦଳ ଓ ଆଶାୟୀଙ୍କ ଉପରେ ଭରସା କରି ନ ପାରି ଦଳ ଜିଲା ସଭାପତି ପଦ ପୂରଣ କରି ପାରୁ ନାହିଁ।



ଅତିଥି ଓ ଆୟୋଜକଙ୍କ ସହ ଖେଳାଳି।

### ■ ଅନ୍ଧାରୀ କପ୍ କ୍ରିକେଟ ଟୁର୍ନାମେଣ୍ଟ

## କତରାପାଲିକୁ ହରାଇ ଗୋଲ୍ଡେନ ଇଗଲବିଜୟୀ

**ନାକଟିଦେଉଳ,୫।୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ଖେଳ ପଡ଼ିଆଠାରେ ବଳମର ୟୁଥ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଅନ୍ଧାରୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ବଳମର ଗୋଲ୍ଡେନ ଇଗଲ ଏବଂ କତରାପାଲି କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଲ୍ଡେନ ଇଗଲ ବିଜୟୀ ହୋଇଛି। ଟସ୍ ଜିଣି ଗୋଲ୍ଡେନ ଇଗଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ରନ୍ ସଂଗ୍ରହ କରିଥିଲା। ଜବାବରେ କତରାପାଲି କ୍ରିକେଟ କ୍ଲବ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ରନ୍ ସଂଗ୍ରହ କରି ଗୋଲ୍ଡେନ ଇଗଲଠାରୁ ପରାଜିତ ହୋଇଥିଲା। ଲକ୍ଷ୍ମୀକାନ୍ତ ନାଏକ ଏବଂ ସିଦ୍ଧୁନ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ନାକଟିଦେଉଳ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆସନ୍ତା ୧୧ତାରିଖରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିରେ ସମୁଦାୟ ୧୬ଟି ଦଳ ଅଂଶ ଗ୍ରହଣ କରିବେ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।

### ■ ସାହେବୀରେ ୧୩ ପରିବାରର ଘରଭଙ୍ଗା ଘଟଣା

# ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ

**ନାକଟିଦେଉଳ,୫।୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ ଗ୍ରାମରେ ସରକାରୀ ଜମିକୁ ଜବରଦଖଲ କରି ରହୁଥିବା ୧୩ଟି ପରିବାରର ଘରକୁ ଗତ ୨ତାରିଖରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସଂଘବଦ୍ଧ ଭାବେ ଆକ୍ରମଣ କରି ଭାଙ୍ଗି ଦେଇଛନ୍ତି। ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଏ ନେଇ ଅଭିଯୋଗ ପହଞ୍ଚିଛି। ଭୁବନେଶ୍ୱରର ରଞ୍ଜିତ ସୂତାର ନାମକ ଜଣେ ମାନବାଧିକାର କର୍ମୀ ଏହି ପିଟିଶନ ଦାଖଲ କରିଛନ୍ତି। ଏହି ପିଟିସନରେ ଦର୍ଶାଯାଇଛି ଯେ, ସାହେବୀ ଗ୍ରାମର ସରକାରୀ ଜମିକୁ ଦଖଲ କରି ଦେବା ବିଶ୍ୱାଳ, ଆଦିକନ୍ଦ ସାହୁ, ଜଗବନ୍ଧୁ ସାହୁ, ରମେଶ ସାହୁ, କପିଳ ସାହୁ, ଶରତ ଦେହୁରୀ, ରମେଶ ଦେହୁରୀ, ଗଣେଶ ଦେହୁରୀ ପ୍ରମୁଖ ୧୩ଟି ଭୂମିହୀନ ପରିବାର ଦୀର୍ଘ ଦିନ ହେଲା ରହିଆସୁଛନ୍ତି। ଏହି ସରକାରୀ ଜମି ଜବରଦଖଲ ନେଇ ସେମାନେ ସରକାରଙ୍କୁ ଜରିମାନା ମଧ ଦେଇଛନ୍ତି। ଏପରିକି ଏହି ଜବରଦଖଲ ଉଚ୍ଛେଦ ପାଇଁ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ହେଲେ କିଛି ବ୍ୟକ୍ତି ଏମାନଙ୍କୁ ସେଠାରୁ ଘର ଛାଡ଼ିବାକୁ ଧମକ ଦେଇ ଆସୁଛନ୍ତି। ତେବେ ଅଚାନକ ଗତ ୨ତାରିଖ ଦିନ ସାଢେ ୧୨ଟାରୁ ଗୋଟାଏ ମଧରେ ସାହେବୀ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ସଂଘବଦ୍ଧ ଭାବେ ସେମାନଙ୍କ ଘର ଉପରେ ଆକ୍ରମଣ କରି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେଇଛନ୍ତି । ସମସ୍ତ ପ୍ରକାରର ମାନବାଧିକାରକୁ ଜଳାଞ୍ଜଳି ଦେଇ ଏହି ଭଙ୍ଗାରୁଜା କରାଯାଇଛି। ସ୍ଥାନୀୟ ପୋଲିସକୁ ଏ ନେଇ ସୂଚନା ଦିଆଯାଇଥିଲା। ହେଲେ ଥାନାଠାରୁ ମାତ୍ର ୬ କି.ମି. ଦୂର ସାହେବୀ ଗ୍ରାମରେ ପୋଲିସକୁ ପହଞ୍ଚିବାକୁ ଦେଢଘଣ୍ଟା ସମୟ ଲାଗିଥିଲା ବୋଲି ପିଟିଶନରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ଏହି ଘଟଣାରେ ପୋଲିସ ଉଭୟ ପକ୍ଷର ସମୁଦାୟ ୪୨ଜଣଙ୍କ ନାମରେ ଆଇପିସିର ଦଫା ୧୦୭ ଅନୁସାରେ ମାମଲା ରୁଜୁ କରିଛି।

**ବିବାଦୀୟ ଜମିରେ ଲାଗୁ ହେଲା ୧୪୪ଧାରା**

ସାହେବୀ ଗ୍ରାମରେ ଥିବା ଏହି ସରକାରୀ ଜମି ଜବରଦଖଲକୁ ନେଇ ଗତ କିଛି ବର୍ଷ ହେଲା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ଏହି ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବାକୁ ଗ୍ରାମବାସୀ ମାନେ ପ୍ରଶାସନ ନିକଟରେ ଅଭିଯୋଗ କରିଆସୁଛନ୍ତି। ଦେଢ ବର୍ଷ ତଳେ ମଧ ଗ୍ରାମବାସୀ ଏମାନଙ୍କ ଘରଦ୍ୱାର ଭାଙ୍ଗିଦେଇ ପୋଡ଼ାଜଳା କରିଥିଲେ। ଏହାକୁ ନେଇ ପ୍ରଶାସନ ଏବଂ ପୋଲିସ ପକ୍ଷରୁ ଗ୍ରାମର ଉଭୟ ପକ୍ଷକୁ ନେଇ ଏକ ଶାନ୍ତି ବୈଠକ ମଧ ଆୟୋଜିତ ହୋଇଥିଲା। ତେବେ ଆଜି ଯାଏ ଏହି ସମସ୍ୟାର ସମାଧାନ କରିବାରେ ପ୍ରଶାସନ ବିଫଳ ହୋଇଛି। ଶେଷରେ ପ୍ରଶାସନ ପକ୍ଷରୁ ଏହି ବିବାଦୀୟ ଜମି ଉପରେ ଶେଷରେ ୧୪୪ଧାରା ଲାଗୁକରାଯାଇଛି।

**୪୨ ଜଣଙ୍କ ନାଁରେ ମାମଲା**

# ବିରାଟ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶିତ




ରବିବାର ସମ୍ବଲପୁର ବିରାଟ ପରିସରରେ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶ କରାଯାଉଛି।

**ସମ୍ବଲପୁର, ୫।୧ (ବ୍ୟୁରୋ)**

ସମ୍ବଲପୁରସ୍ଥିତ ଇଞ୍ଜିନିୟରିଂ ଓ ମେଡିକାଲ ପ୍ରସ୍ତୁତି ଶିକ୍ଷାନୁଷ୍ଠାନ ବିରାଟ ପକ୍ଷରୁ ମେଧାବୃତ୍ତି ପରୀକ୍ଷା ୨୦୧୯-୨୦ର ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ସହଯୋଗନଗରସ୍ଥିତ ବିରାଟ ପରିସରରେ ଅଧକ୍ଷ ରାହୁଲ ରାଜ ମେଧାବୃତ୍ତି ପରୀକ୍ଷା ଫଳାଫଳ ସମ୍ପର୍କରେ ଖବରଦାତା ସମ୍ମିଳନୀ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଚଳିତ ବର୍ଷ ମେଧାବୃତ୍ତି ପରୀକ୍ଷା ନଭେମ୍ବର ଓ ଡିସେମ୍ବର ମାସରେ ୫ଟି ପର୍ଯ୍ୟାୟରେ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧ଶହ ଜଣ ମେଧାବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଷଷ୍ଠରୁ ନବମ ଶ୍ରେଣୀ ପାଇଁ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କୁ ଫାଉଣ୍ଡେଶନ ପାଠ୍ୟକ୍ରମରେ ନାମଲେଖା ସକାଶେ ବୃତ୍ତି ପ୍ରଦାନ କରାଯିବ। ସେହିପରି ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ର ଯୁକ୍ତ ୨ ଇଣ୍ଟିଗ୍ରେଟେଡ ଓ ରେଗୁଲାର ପାଠ୍ୟକ୍ରମରେ ନାମ ଲେଖାଇବାକୁ ମେଧାବୃତ୍ତି ପାଇବେ। ଯେଉଁ ଛାତ୍ରୀଛାତ୍ର ଦ୍ୱାଦଶ ଶ୍ରେଣୀ ଲାଗି ପରୀକ୍ଷା ଦେଇଥିଲେ ସେମାନଙ୍କୁ ଇଞ୍ଜିନିୟରିଂ ଓ ମେଡିକାଲ ପ୍ରସ୍ତୁତିର ଟାର୍ଗେଟ ବ୍ୟାଚ୍‌ରେ ନାମଲେଖା ସକାଶେ ବୃତ୍ତି ମିଳିବ ବୋଲି ରାହୁଲ କହିଛନ୍ତି ।

## 'ବାଟେଘାଟେ' ପାଇଁ ସମସ୍ତଙ୍କ ଆଗ୍ରହ



ପ୍ରତୀଯୋଗୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଦେବଗଡ,୫।୧(ଡି.ଏନ.ଏ.)**

ଦେବଗଡ଼ରେ ରବିବାର 'ବାଟେଘାଟେ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ନିକଟରୁ ପ୍ରଧାନପାଟସ୍ଥିତ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ଏବଂ ବଡବଗିଚାଠାରେ ନୃତ୍ୟ, ସଂଗୀତ, ଯୋଗ, କବିତା ପାଠୋତ୍ସବ, ଝୋଟି, କୌତୁକ ପୋଷାକ ସମେତ କବାଡି, ବ୍ୟାଡମିଟନ, ଭଲିବଲ ଓ କ୍ରିକେଟ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଧାନପାଟ ଶିଶୁ ଉଦ୍ୟାନ ସମ୍ମୁଖରେ 'କଳାକାର' ଅନୁଷ୍ଠାନର ମୁଖ୍ୟ ଅନିଲ ଟାଲୀଙ୍କ ଦ୍ୱାରା ନିର୍ମିତ 'ଆଇ ଲଭ୍ ଦେବଗଡ' ନିକଟରେ ସେଲ୍‌ଫି ନେବାକୁ ଭିଡ ହୋଇଥିଲା। ଅନ୍ୟପକ୍ଷେ ର୍ୟାମ୍ପ ଶୋ' ମଧ ଆୟୋଜିତ ହୋଇଥିଲା। ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କୀତ ସଚେତନତା ପ୍ରଦର୍ଶନୀ ଷ୍ଟଲ ଖୋଲାଥିଲା। ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ମଧ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଘରୋଇ ବ୍ୟାଙ୍କ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଗଣାରେ ପାନୀୟ ଜଳ ଓ ଚା' ବିସ୍କୁଟ ଷ୍ଟଲ ଖୋଲା ଯାଇଥିଲା। ଜିଲାପାଳ ସୁଧାଂଶୁ ମୋହନ ସାମଲ, ଅତିରିକ୍ତ ଜିଲାପାଳ ଧରମ ହାଁସଦା, ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଦେବଗଡ ତହସିଲଦାର ପଲ୍ଲବୀ ନାୟକ, ସହକାରୀ ଜିଲାପାଳ ଯଶୋବନ୍ତ ଦେହୁରୀ, କୈବଲ୍ୟ କର, ସୁଶାନ୍ତ କୁମାର ନାୟକ, ସିପ୍ରା ସେଠୀ, ବିକ୍ରାନୀ କିଶପଟ୍ଟା, ଦେବଗଡ ପୌରପରିଷଦର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ, ଜିଲା କ୍ରୀଡା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ ବନମାଳୀ ଭୂୟାଁ, ଜିଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଅତୁଲ୍ୟ କୁମାର ପୂଜାରୀ, ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲୀପ କୁମାର ଗୁରୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ବୁଢାପାଳ ଆଦର୍ଶ ସ୍କୁଲରୁ ପାଣିପମ୍ପ ଚୋରି

**ଦେବଗଡ଼,୫।୧(ଡି.ଏନ.ଏ.):** ରିଆମାଳ ବ୍ଲକ ତଥା କୁଣ୍ଡେଇଗୋଳା ଥାନା ଅଧୀନ ବୁଢାପାଳସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରୁ ଏକ ପାଣିପମ୍ପ ଚୋରି ହୋଇଥିବା ଅଭିଯୋଗ ହୋଇଛି। କୁଣ୍ଡେଇଗୋଳା ଥାନା ପୋଲିସ ଏକ ମାମଲା ରଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁରୁବାର ପାଣିପମ୍ପର ସୁଇଚ୍ ଦିଆଯାଇଥିଲେ ମଧ ଟାଙ୍କିକୁ ପାଣି ଉଠି ନ ଥିଲା। ଫଳରେ ପରିଦିନ ପାଣି ପମ୍ପରେ ତ୍ରୁଟି ରହିଥିବା ଭାବି ବିଦ୍ୟାଳୟ କର୍ତ୍ତୃପକ୍ଷ ସଜାଡିବା ପାଇଁ ମେକାନିକ ଡକାଇଥିଲେ। ମେକାନିକ ଆସି ଦେଖିବା ବେଳକୁ କୂଅରେ ପାଣିପମ୍ପଟି ନ ଥିଲା। ଏ ନେଇ ବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର ନାୟକ କୁଣ୍ଡେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ବିରଞ୍ଚିପାଲିରେ ଜଙ୍ଘାଲିଙ୍ଗା ବଡ଼ଦେଓ ପୂଜା

**ରିଆମାଳ, ୫।୧ (ଡି.ଏନ୍.ଏ.):** ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ କଣ୍ଟାବାହାଲ ପଞ୍ଚାୟତ ବୀରଞ୍ଚିପାଲି ଗ୍ରାମରେ ନଈକୁଳ ଗୁଡ଼ିଗଣ୍ଡ ସମାଜର ସଭାପତି ଦାଶରଥି ନାୟକ ଓ ସମ୍ପାଦକ ଭାଗ୍ୟରଥି କୁଜୁରଙ୍କ ତତ୍ତ୍ୱାବଧାନରେ ରବିବାର ଜଙ୍ଘାଲିଙ୍ଗା ବଡ଼ଦେଓଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବ୍ରାହ୍ମଣୀଦେଇ ନଦୀ କୂଳରେ ପୂଜାର୍ଚ୍ଚନା ପରେ ଏକ କଳସ ଶୋଭାଯାତ୍ରା ବାହାରି ପୂଜା ମଣ୍ଡପରେ ପହଞ୍ଚିଥିଲା। ପରେ ପୂଜା ମଣ୍ଡପରେ କଳସ ସ୍ଥାପନ ସହ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏପରି କି ଜଙ୍ଘାଲିଙ୍ଗା ଦେଓଙ୍କୁ ଅମୃତ ସ୍ନାନ, ଠାକୁର ପୂଜା ହୋଇଥିଲା। ପୂଜାରେ ନୂଆଡିହି, ଖୀଲେଇ, ବାଘବର, କରଲଗା, କଣ୍ଟାବାହାଲ ପଞ୍ଚାୟତର ୨୭ଟି ଗ୍ରାମର ୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଦେବଗଡ଼ ଜିଲା ଗଣ୍ଡ ସମାଜ ସଭାପତି ଦିବାକର ପାତ୍ର, ସମ୍ପାଦକ ତାରାସିଂ ନାୟକ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଶରତ ସାହୁ ମଞ୍ଚ ପରିଚାଳନା କରିଥିଲେ। ନଳିନୀକାନ୍ତ ଗଡ଼ତିଆ, ମୂଳିଆ ଗଡ଼ତିଆ, ବିରଞ୍ଚି ନାୟକ, କହ୍ନେଇ ନାୟକ, ନିଧି ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭୋଳାନାଥ କ୍ରିକେଟ୍ : ତେନ୍ତଲାବାହାଲ ବିଜୟୀ

**ରିଆମାଳ, ୫।୧ (ଡି.ଏନ.ଏ.):** ରିଆମାଳ ବ୍ଲକ ରେଙ୍ଗାଲବେଡ଼ା ଶିବ ମନ୍ଦିରର ଖେଳପଡ଼ିଆରେ ଭୋଳାନାଥ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଘାଟିତ ହୋଇଯାଇଛି। କ୍ଲବ ସଭାପତି ଦୀପକ କୁମାର ସାହୁ ଓ ସମ୍ପାଦକ ତ୍ରିଲୋଚନ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଇଂ. ଚିତ୍ତରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ତାବଡ଼ା ସରପଞ୍ଚ ପାଞ୍ଚିଆ ଭୋଇ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବରପାଲି ଓ ତେନ୍ତଲାବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେନ୍ତଲାବାହାଲ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୬ଉଇକେଟ ହରାଇ ୧୯୨ ରନ୍ କରିଥିଲା। ଜବାବରେ ବରପାଲି ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୭୭ ରନ୍ କରି ପରାଜିତ ହୋଇଥିଲା। ପ୍ରଶାନ୍ତ ପ୍ରଧାନ ଓ ଚକ୍ରଧର ସାହୁ ଖେଳ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଉଥିବାବେଳେ ଏହା ୮ ଦିନ ଧରି ହେବ ବୋଲି ସଭାପତି ଦୀପକ କୁମାର ସାହୁ ପ୍ରକାଶ କରିଛନ୍ତି।

## ଗୋଣ୍ଡ ସମାଜର ଜଙ୍ଘାଲିଙ୍ଗା ପୂଜା

**ଦେବଗଡ଼,୫।୧,(ଡ଼ି.ଏନ୍.ଏ.):** ରିଆମାଳ ବ୍ଲକର ନୂଆଁଡ଼ିହି, ଖିଲେଇ, ବାଘବର, କରଲଗା ଓ କଣ୍ଟାବାଳ ପଞ୍ଚାୟତର ୩୦ ଗ୍ରାମବାସୀଙ୍କୁ ନେଇ ବିରଞ୍ଚିପାଲିଠାରେ ଗୋଣ୍ଡ ସମାଜର ଆରାଧ ଦେବତା ଜଙ୍ଘାଲିଙ୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଗୋଣ୍ଡ ସମାଜର ଜିଲା ସଭାପତି ଦିବାକର ପାତ୍ର, ସମ୍ପାଦକ ତାରାସିଂ ନାୟକ, ସୁନୀଲ କୁମାର ଅଟୀ, ନଈକୁଳ ଗୁଡ଼ିର ସଭାପତି, ସମ୍ପାଦକ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶରତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

# ରୋଜଗାର ପାଇଁ ଯାଇଥିଲେ, ମୃତଦେହ ଫେରିଲା

**ରେଢାଖୋଲ ୫।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଅଞ୍ଚଳରେ ଦାଦନ ଦୁଃଖ ବୃଦ୍ଧି ପାଉଛି। ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଇ ୨ଜଣ ଯୁବକ ନିଖୋଜ ହୋଇଥିବା ବେଳେ ଆଉ କେତେକ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରୁଛନ୍ତି। ମେଶିନରେ ଚାପି ହୋଇ ମଧ ମୃତ୍ୟୁ ଘଟୁଥିବା ଅଭିଯୋଗ ହୋଇଛି। ତେବେ ଚାରମାଳ ଥାନା ଅଧୀନ ବାରବାଙ୍କ ଗ୍ରାମର ଜିତେନ ପଧାନ (୨୦) ନାମକ ଜଣେ ଯୁବକ ଗୁଜରାଟ ଉମରଗାଁଓସ୍ଥିତ ଏକ ସୂତାକଳକୁ କାମ କରିବାକୁ ଯାଇଥିବା ବେଳେ ରବିବାର ସନ୍ଧ୍ୟାରେ ତାଙ୍କ ମୃତଦେହ ଗାଁରେ ପହଞ୍ଚିଛି। ଜିତେନ ସେଠାରେ ଗତ ୨ ତାରିଖ ଆତ୍ମହତ୍ୟା କରିଥିବା କମ୍ପାନୀ ପକ୍ଷରୁ ପରିବାର ବର୍ଗଙ୍କୁ ସୂଚନା ଦିଆଯାଇଛି। ତେବେ ଜିତେନଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ସହଯୋଗରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ତେବେ ଚାରମାଳ ଥାନା ଅଧୀନ ବିଭିନ୍ନ ଗ୍ରାମରେ ଏଭଳି ଘଟଣା ଘଟୁଥିଲେ ହେଁ ପୋଲିସ ପାଖରେ ସୂଚନା ନ ଥିବା ଜଣାପଡିଛି। ଜିତେନଙ୍କ ମୃତ୍ୟୁ ଖବର ନେଇ କୌଣସି ସୂଚନା ନ ଥିବା ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି।

ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି ଯେ, ଜିତେନ ଗତ ୧ ବର୍ଷ ହେବ ଗ୍ରାମର ୫ ଜଣ ଯୁବକଙ୍କ ସହ ଗୁଜରାଟ ଯାଇଥିଲେ। ସେଠାରେ ସମସ୍ତେ ଏକାଠି ରହୁଥିଲେ। ଗତ ୨ ତାରିଖ ଦିନ ଅନ୍ୟମାନେ କାମକୁ ଯାଇଥିବା ବେଳେ ଜିତେନ ଦେହ ଭଲ ଲାଗୁ ନ ଥିବା କହି କାମକୁ ଯାଇ ନ ଥିଲେ। କାମରୁ ଫେରିବା ପରେ ଘର ଭିତରେ ଜିତେନଙ୍କ ମୃତ ଦେହ ଝୁଲୁଥିବା ଦେଖିଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଘଟଣା ଜଣାଇବା ପରେ ଜିତେନଙ୍କ ମୃତ୍ୟୁ ସମ୍ପର୍କରେ ପରିବାର ଲୋକଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ତେବେ ପରିବାର ଲୋକେ ଜିତେନଙ୍କ ମୃତଦେହ ଗାଁକୁ ଆଣିବାକୁ କହିବାରୁ କମ୍ପାନୀ ପକ୍ଷରୁ ଜିତେନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ରବିବାର ସନ୍ଧ୍ୟାରେ ଏକ ଆମ୍ବୁଲାନ୍ସ ଯୋଗେ ଅଣାଯାଇଛି। ଜିତେନଙ୍କ ସହ ବାରବାଙ୍କ ଗ୍ରାମର ଦାମୋଦର ନାଏକ, ଡବ୍ଲୁ ନାଏକ, ଜିଲୁ ନାୟକ, ରବୀନ୍ଦ୍ର ନାଏକ, ବ୍ରଜେନ୍ଦ୍ର ପ୍ରଧାନ ମଧ ଗୁଜରାଟରୁ ରବିବାର ଫେରିଆସିଛନ୍ତି।

ପ୍ରକାଶଯୋଗ୍ୟ, ଚାରମାଳ ଥାନା ଅଧୀନ ବଡମାଳ ଗ୍ରାମର ତ୍ରିଲୋଚନ ଭୋଇ (୪୦) ନାମକ ଜଣେ ବିବାହିତ ଯୁବକ ତାମିଲନାଡୁର ଶ୍ରୀକାକୁଲମକୁ ଦାଦନ ଖଟିବାକୁ ଯାଇ ଗତ ୩ ବର୍ଷ ହେବ ଗାଁକୁ ଫେରି ନାହାନ୍ତି। ଏଣୁ ତାଙ୍କ ବାପା, ମା, ସ୍ତ୍ରୀ ଓ ପିଲାମାନଙ୍କନେ ବହୁ ଦୁଃଖ କଷ୍ଟରେ ଚଳୁଛନ୍ତି। ସେହିପରି ଏହି ଥାନା ଅନ୍ତର୍ଗତ ସାତସମା ଗ୍ରାମର ବାବୁଲାଲ ପ୍ରଧାନ(୪୦)ଆନ୍ଧ୍ରପ୍ରଦେଶର ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ। ଗତ ନଭେମ୍ବର ମାସ ୨ ତାରିଖ ସେଠାରୁ ଘରକୁ ବାହାରିଥିଲେ। ହେଲେ ଏ ପର୍ଯ୍ୟନ୍ତ ଘରକୁ ଫେର ନାହାନ୍ତି। ଏ ନେଇ ତାଙ୍କ ସ୍ତ୍ରୀ ଚାରମାଳ ଥାନାରେ ବାବୁଲାଲଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ କରିଛନ୍ତି। ହେଲେ ପୋଲିସ ପକ୍ଷରୁ ଏ ନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିଭଳି କୁଆଖୋଲ ଗ୍ରାମର ମୁନା ପ୍ରଧାନ ନାମକ ଅନ୍ୟ ଜଣେ ଯୁବକ ଆନ୍ଧ୍ରପ୍ରଦେଶର ବିଜୟୱାଡାରେ ଥିବା ଏକ ପଥର ଖାଦାନରେ କାମ କରୁଥିଲେ। ହେଲେ ୨୦୧୮ ଜାନୁୟାରୀରେ ମେଶିନରେ ଚାପି ହୋଇଯିବାରୁ ମୃତ୍ୟୁ ଘଟିଛି।

■ ଗୁଜରାଟ ଉମରଗାଓଁରେ ସୂତାକଳରେ ବର୍ଷେ ହେଲା କାମ କରୁଥିଲେ

■ ମୃତ୍ୟୁକୁ ନେଇ ସନ୍ଦେହ, କମ୍ପାନୀ କହୁଛି ଆତ୍ମହତ୍ୟା କରିଛନ୍ତି

■ ସାଙ୍ଗରେ ଯାଇଥିବା ଅନ୍ୟମାନେ ବି ଫେରି ଆସିଲେ

■ ଚାରମାଳ ପୋଲିସ ପାଖେ ସୂଚନା ନାହିଁ



ଜିତେନ ପଧାନ(ଫାଇଲ ଫଟୋ।



ଟିଭି ସିରିଏଲ୍ 'ହାଇଓ୍ବାନ'ରେ ଅଭିନେତା ପରମ ସିଂ ଜଣେ ବୈଜ୍ଞାନିକ ଭୂମିକାରେ ଅଭିନୟ କରୁଛନ୍ତି। ଭିନ୍ନ ଧରଣର ଚରିତ୍ରରେ ଅଭିନୟ କରିବାକୁ ସେ ଉପଭୋଗ କରିଥାନ୍ତି ବୋଲି ପରମ କହିଛନ୍ତି।

# ସୁନ୍ଦର ଭବିଷ୍ୟତ ଅପେକ୍ଷାରେ ଯୁଦ୍ଧ ଅନାଥ

## ଓ୍ବାର୍ଲ୍ଡ ଡେ' ଫର୍ ଓ୍ବାର୍ ଅର୍ଫାନ୍ସ

ବିଶ୍ୱରେ କୌଣସି ସମୟରେ ଯୁଦ୍ଧ ସଂଘଟିତ ହେଲେ ମୁଖ୍ୟତଃ ପିଲାମାନେ ଏହାଦ୍ୱାରା ବେଶି କ୍ଷତିଗ୍ରସ୍ତ ହୋଇଥାନ୍ତି। ଘର ପରିବାର ହରାଇ ଅନେକ ଅନାଥ ପାଲଟିଯାଆନ୍ତି। ଏମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଏ। ଏପରିକି ଏମାନେ ସମାଜର ଦୃଷ୍ଟି ଆଢୁଆଳରେ ରହିଯାନ୍ତି । ଭୋକରେ ଦିନ କାଟନ୍ତି,ପୁଷ୍ଟିହୀନତାର ଶିକାର ହୁଅନ୍ତି। ରୋଗଗ୍ରସ୍ତ ହୋଇ ଜୀବନ ହାରିବା ଏମାନଙ୍କ ପାଇଁ ସାଧାରଣ କଥା ପାଲଟିଯାଏ। ଏଣୁ ଏମାନଙ୍କ ସାମାଜିକ ସୁରକ୍ଷାକୁ ଦୃଷ୍ଟିରେ ରଖି ଫ୍ରାନ୍ସର ଏକ ସଂଗଠନ ଦ୍ୱାରା ପ୍ରଥମେ ଯୁଦ୍ଧ ପାଇଁ ଅନାଥ ଦିବସ ଅର୍ଥାତ ଓ୍ବାର୍ଲ୍ଡ ଡେ' ଫର୍ ଓ୍ବାର୍ ଅର୍ଫାନ୍ସ ପାଳନ କରାଯାଇଥିଲା। ସେବେଠାରୁ ବିଶ୍ୱରେ ପ୍ରତିବର୍ଷ ୬ ଜାନୁୟାରୀରେ ଏହି ଦିବସ ପାଳନ କରାଯାଉଛି। ଅନାଥ ଶିଶୁମାନଙ୍କୁ ଏହି ଦିନ ମନେପକାଇବା ସହ ସେମାନଙ୍କ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଏ। ବିଭିନ୍ନ ଯୋଜନା ମାଧ୍ୟମରେ ସେମାନଙ୍କୁ ସୁରକ୍ଷା ଓ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପଲବ୍ଧ କରାଇବା ଏହି ଦିବସର ଉଦ୍ଦେଶ୍ୟ। ବିକଶିତ ରାଷ୍ଟ୍ରଗୁଡିକରେ ଯୁଦ୍ଧ ଅନାଥଙ୍କ ଅବସ୍ଥା ଶୀଘ୍ର ସୁଧୁରିଯାଏ। କିନ୍ତୁ ଦରିଦ୍ର କିମ୍ବା ବିକାଶଶୀଳ ଦେଶଗୁଡିକରେ ସବୁବେଳେ ସାମାଜିକ ହିଂସା ତଥା ଯୁଦ୍ଧ ଲାଗି ରହୁଥିବାରୁ ଏମାନଙ୍କ ଜୀବନ ସଙ୍କଟରେ ପଡିଯାଉଛି। ପ୍ରଥମ ବିଶ୍ୱଯୁଦ୍ଧ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଗତ କିଛି ଦଶନ୍ଧି ମଧ୍ୟରେ ଯୁଦ୍ଧ, ଜାତିଗତ ହିଂସା ଓ ସନ୍ତ୍ରାସବାଦ ଦମନଲୀଳା ଯୋଗୁ ବିଶ୍ୱରେ ଅନାଥଙ୍କ ସଂଖ୍ୟା ବଢିଯାଇଛି। ସମ୍ପ୍ରତି ବିଶ୍ୱର ବିଭିନ୍ନ ଭାଗରେ ଶରଣାର୍ଥୀ ଶିବିରରେ କାଳ କାଟୁଛନ୍ତି ବହୁ ଅନାଥ ଶିଶୁ। ଆଫ୍ରିକା ମହାଦେଶରେ ୩୪ ମିଲିୟନରୁ ଊର୍ଦ୍ଧ୍ୱ ଶିଶୁଙ୍କ ମଧ୍ୟରୁ ୧୨ ପ୍ରତିଶତ ଯୁଦ୍ଧ କିମ୍ବା ଏଡ୍‌ସ ଯୋଗୁ ଅନାଥ ଜୀବନ ବିତାଉଛନ୍ତି। ଚଳିତ ଶତାବ୍ଦୀରେ ପୂର୍ବାପେକ୍ଷା ବିଭିନ୍ନ ସଶସ୍ତ୍ର ଯୁଦ୍ଧରେ ନିହତଙ୍କ ସଂଖ୍ୟା ୯୦ ପ୍ରତିଶତରୁ ଅଧିକ ବୃଦ୍ଧିପାଇଛି। ଏମାନଙ୍କ ମଧ୍ୟରୁ ଅଧା ହେଉଛନ୍ତି ଶିଶୁ। ବିଭିନ୍ନ ଯୁଦ୍ଧ ଏବଂ ମାନବାଧିକାର ଉଲ୍ଲଂଘନ ଯୋଗୁ ୨୦ ମିଲିୟନ ଶିଶୁ ସେମାନଙ୍କ ଘର ଛାଡିବା ଲାଗି ବାଧ୍ୟ ହୋଇଛନ୍ତି। ଏମାନଙ୍କୁ ଦେଶ ଭିତରେ ଆଉ ଏକ ସ୍ଥାନକୁ ଯାଇ ରହିବାକୁ ପଡୁଛି କିମ୍ବା ପଡ଼ୋଶୀ ଦେଶରେ ଶରଣାର୍ଥୀଭାବେ ଜୀବନ ବିତାଉଛନ୍ତି। ସଶସ୍ତ୍ର ଯୁଦ୍ଧରେ ଗତ ଶତାବ୍ଦୀରେ ୨ ମିଲିୟନରୁ ଊର୍ଦ୍ଧ୍ୱ ଶିଶୁଙ୍କର ପ୍ରାଣହାନି ଘଟିଛି। ଏହାଠାରୁ ତିନିଗୁଣ ଅଧିକ ଅର୍ଥାତ୍ ୬ ମିଲିୟନ ଶିଶୁ ଗୁରୁତର ଆହତ ହୋଇଛନ୍ତି କିମ୍ବା ଦିବ୍ୟାଙ୍ଗ ପାଲଟିଯାଇଛନ୍ତି। ଏମାନଙ୍କ ମଧ୍ୟରେ ୧ ମିଲିୟନ ଶିଶୁ ପରିବାରଠାରୁ ଦୂରରେ ରହିଛନ୍ତି କିମ୍ବା ଅନାଥ ହୋଇଯାଇଛନ୍ତି। ପ୍ରତିବର୍ଷ ସଶସ୍ତ୍ର ଯୁଦ୍ଧରେ ୮ ହଜାରରୁ ୧୦ ହଜାର ଶିଶୁଙ୍କ ମୃତ୍ୟୁ ଘଟୁଛି କିମ୍ବା ଦିବ୍ୟାଙ୍ଗ ପାଲଟି ଯାଉଛନ୍ତି। ଯୁଦ୍ଧ ଅନାଥ ଶିଶୁମାନେ ସାମାଜିକ ସ୍ତରରେ କିମ୍ବା ବ୍ୟକ୍ତିଗତ ସ୍ତରରେ ସ୍ନେହ ଓ ସହଯୋଗ ଆଶାକରିଥାନ୍ତି ଓ ଏହା ଏମାନଙ୍କୁ ଯୋଗାଇ ଦେବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ। ଏମାନଙ୍କ ଜୀବନ ବିଶ୍ୱ ଲାଗି ମୂଲ୍ୟବାନ୍ ଏବଂ ଏକ ସୁନ୍ଦର ଭବିଷ୍ୟତ ଚାହୁଁଛନ୍ତି ଯାହା ଏମାନଙ୍କ ସ୍ୱପ୍ନ । ଏହା ପୂରଣ କରିବାରେ ବିଶ୍ୱ ସମୁଦାୟ ସାହାଯ୍ୟ କରିପାରିବ। ଏଥପାଇଁ ବିଶ୍ୱ ଏମାନଙ୍କ ଲାଗି ଏକ ସୁନ୍ଦର ପରିବେଶ ଗଢ଼ିବା ଆବଶ୍ୟକ।



# ପରେଶ୍ ହେବେ ଅବ୍ଦୁଲ୍ କାଲାମ



**ମୁମ୍ବାଇ:** ବଲିଉଡ୍‌ରେ ବେଶ୍ କିଛିବର୍ଷ ହେବ ବାୟୋପିକ୍ ନିର୍ମାଣର ଯୁଗ ଆରମ୍ଭ ହୋଇଯାଇଛି। ଏହାରି ଭିତରେ ବି-ଟାଉନ୍ ଫିଲ୍ମ ମେକର୍‌ମାନେ ଅନେକ ବାୟୋପିକ୍ ଭେଟି ଦେଇସାରିଲେଣି, ଯାହାକୁ ଦର୍ଶକେ ପସନ୍ଦ ମଧ୍ୟ କରୁଛନ୍ତି। ସଞ୍ଜୟ ଦତ୍ତ, ମ୍ୟାରି କମ୍, ଏମ୍.ଏସ୍. ଧୋନୀ, ସଚିନ୍ ତେନ୍ଦୁଲକର୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ବ୍ୟକ୍ତିତ୍ୱଙ୍କ ବାୟୋପିକ୍ ନିର୍ମାଣ ହେବା ପରେ ଏବେ ପୂର୍ବତନ ରାଷ୍ଟ୍ରପତି ତଥା ବୈଜ୍ଞାନିକ ଭାରତ ରତ୍ନ ଡ. ଏ.ପି.ଜେ ଅବ୍‌ଦୁଲ କଲାମଙ୍କ ବାୟୋପିକ୍ ନିର୍ମାଣ କରାଯାଉଥିବା ଜଣାପଡ଼ିଛି। ବଲିଉଡ୍‌ର ଭର୍ସାଟାଇଲ୍ ଆକ୍ଟର ପରେଶ୍ ରାଓ୍ବଲ ଏନେଇ ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲରେ ସୂଚିତ କରିଛନ୍ତି। ସେ ଲେଖିଛନ୍ତି, "ମୋ ମତରେ ସେ ସନ୍ଥ କଲାମ ଥିଲେ। ମୁଁ ଭାଗ୍ୟଶାଳୀ ଯେ, କଲାମ ସାହାବଙ୍କ ବାୟୋପିକ୍‌ରେ ତାଙ୍କ ଚରିତ୍ରରେ ଅଭିନୟ କରୁଛି।" କିଛି ଏଭଳି ଟୁଇଟ୍ କରି ପରେଶ୍ ନିଜ ଫ୍ୟାନ୍‌ମାନଙ୍କୁ ଖୁସି ଖବର ଦେଇଛନ୍ତି। ତେବେ ଏହା ପୂର୍ବରୁ ସେ ଟୁଇଟ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାୟୋପିକ୍‌ରେ ମୋଦିଙ୍କ ଭୂମିକାରେ ଅଭିନୟ କରିବାର ଇଚ୍ଛା ପ୍ରକାଶ କରିଥିଲେ। ହେଲେ ଏହି ବାୟୋପିକ୍ ନିର୍ମାଣ ହୋଇପାରିଲା ନାହିଁ। ପରେ, ପିଏମ୍ ମୋଦି ବାୟୋପିକ୍‌ରେ ବିବେକ ଓବରାୟ ମୋଗଦିଙ୍କ ଭୂମିକାରେ ନଜରକୁ ଆସିଥିଲେ। ଅନ୍ୟପଟେ ପରେଶ୍ ରାଓ୍ବଲ ହେଉଛନ୍ତି ବି-ଟାଉନ୍‌ର ଜଣେ ଭର୍ସାଟାଇଲ୍ ଅଭିନେତା। ସେ ବିଭିନ୍ନ ପ୍ରକାର ଭୂମିକାରେ ଅଭିନୟ କରିସାରିଛନ୍ତି। ଏବେ ମହାନ୍ ବୈଜ୍ଞାନିକ ତଥା ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ କଲାମଙ୍କ ଭୂମିକାରେ ପରେଶ୍‌ଙ୍କୁ ଦେଖିବା ପ୍ରକୃତରେ ଉତ୍ସାହଜନକ।

# ଅଟୋରେ ମହିଳା ଥିଲେ ପୁରୁଷଙ୍କୁ ନା

**ଧାନବାଦ୍:** ମହିଳାମାନଙ୍କ ସୁରକ୍ଷାକୁ ନେଇ ଏବେ ସମସ୍ତେ ଚିନ୍ତିତ ରହିଥିବା ବେଳେ ଏହାକୁ ଗମ୍ଭୀରତାର ସହ ବିଚାର କରିଛନ୍ତି ଝାଡ଼ଖଣ୍ଡର ଜଣେ ଅଟୋ ଚାଳକ। ଧାନ୍‌ବାଦ ଜିଲା ପାଥରଡିହର ଅଟୋ ଚାଳକ ଜିତୁ ରୋଜଗାର କଥା ପଛକୁ ରଖି ମହିଳାଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ଅଟୋରେ ମହିଳା ଯାତ୍ରୀ ବସିଲେ ସେ କୌଣସି ପୁରୁଷଙ୍କୁ ଆଉ ସେଥିରେ ବସାଉନାହାନ୍ତି। ଜିତୁ ଗତ ୮ ବର୍ଷ ହେବ ଅଟୋ ଚଳାଉଥିଲେ ବି ୬



ମାସ ତଳୁ ଏହି ନିୟମ ଲାଗୁ କରିଛନ୍ତି। ସେ ସ୍କୁଲ୍ ଓ କଲେଜ ଛାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ପୁରୁଷଯାତ୍ରୀଙ୍କୁ ନେଇ ଯାଉଥିବା ସମୟରେ ଯଦି କୌଣସି ମହିଳା ତାଙ୍କ ଅଟୋକୁ ଯିବାଲାଗି ଅଟକାନ୍ତି ଜିତୁ ପୁରୁଷ ଯାତ୍ରୀଙ୍କୁ ଅନ୍ୟ ଅଟୋରେ ଯିବାର ବ୍ୟବସ୍ଥା କରିଦିଅନ୍ତି। ବହୁ ସମୟରେ ଏଥିଲାଗି ଜିତୁଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି , ହେଲେ ସେ ତାଙ୍କ ନିଷ୍ପତ୍ତିରୁ ଓହରି ନାହାନ୍ତି। ଜିତୁ ଝରିଆରୁ ଧାନ୍‌ବାଦ ମଧ୍ୟରେ ଦିନକୁ ୪ ଥର ଯିବା ଆସିବା କରନ୍ତି। ଏଥିରୁ ସେ ୩ରୁ ୪ ଶହ ଟଙ୍କା ରୋଜଗାର କରନ୍ତି। ଅପରପକ୍ଷରେ ଅନ୍ୟ ଅଟୋଚାଳକ ଦିନକୁ ଏହାଠାରୁ ଅଧିକ ରୋଜଗାର କରୁଛନ୍ତି। ଅଧିକ ରୋଜଗାର ନୁହେଁ , ବରଂ ମହିଳାଙ୍କ ସୁରକ୍ଷା ପ୍ରଥମ ବୋଲି କୁହନ୍ତି ଜିତୁ।

# ବାପାଙ୍କ ଗୁରୁମନ୍ତ୍ର ମାନି ସଫଳା ଦୀପିକା



**ମୁମ୍ବାଇ:** ଫିଲ୍ମ 'ଓମ୍ ଶାନ୍ତି ଓମ୍'ରୁ ନିଜର କ୍ୟାରିୟର ଆରମ୍ଭ କରିଥିବା ଅଭିନେତ୍ରୀ ଦୀପିକା ପାଦୁକୋନ୍ ବର୍ତ୍ତମାନ ସୁଦ୍ଧା ବଲିଉଡ୍‌ର ଜଣେ ଆଗ ଧାଡ଼ିର ଅଭିନେତ୍ରୀଭାବେ ନିଜ ପରିଚୟ ସୃଷ୍ଟି କରିସାରିଲେଣି। ରବିବାର ସ୍ୱାମୀ ରଣବୀର ସିଂହଙ୍କ ସହ ସେ ନିଜ ଜନ୍ମଦିନ ପାଳନ କରିଛନ୍ତି। ୧୯୮୬ ଜାନୁୟାରୀ ୫ରେ ସେ ଜନ୍ମଗ୍ରହଣ କରିଥିଲେ। ଆଜି ବି-ଟାଉନ୍‌ର ଏକ ହାଇପେଡ୍ ସଫଳ ଆକ୍ଟ୍ରେସ୍ ହେଉଛନ୍ତି ଦୀପିକା। ହେଲେ ଏ ସଫଳତାର ଯାତ୍ରା ଦୀପିକାଙ୍କ ପାଇଁ ଏତେ ସହଜ ନ ଥିଲା। ବାପାଙ୍କ ଗୁରୁମନ୍ତ୍ର ମାନି ଚାଲିଥିବାରୁ ସେ ସଫଳତା ପାଇଥିବା କହିଛନ୍ତି।

କିଛିବର୍ଷ ପୂର୍ବେ ଦୀପିକା ସୋସିଆଲ ମିଡିଆରେ ନିଜ ଜୀବନର ଷ୍ଟ୍ରଗଲ ଏବଂ ଡିପ୍ରେଶନ ବିଷୟରେ ଖୋଲାଖୋଲି କହି ଚର୍ଚ୍ଚାକୁ ଆସିଥିଲେ। ସେ ହୁଏତ ପ୍ରଥମ ଅଭିନେତ୍ରୀ ଯିଏ, ଡିପ୍ରେଶନର ଶିକାର ହୋଇଥିବା ସର୍ବସମ୍ମୁଖରେ ସ୍ୱୀକାର କରିବା ସହ ସେଥିରୁ ବାହାରିବା ଲାଗି ଅନ୍ୟକୁ ପ୍ରେରଣା ମଧ୍ୟ ଯୋଗାଇଛନ୍ତି। ତେବେ ଦୀପିକାଙ୍କ ଜୀବନର ସବୁଠାରୁ ଦୁଃଖର ଦିନଗୁଡ଼ିକରେ ବାପାଙ୍କ ଗୁରୁମନ୍ତ୍ର ତାଙ୍କୁ ମୋଟିଭେଟ୍ କରିଥିଲା। ଦୀପିକା କୁହନ୍ତି, "ଯେତେବେଳେ ମୁଁ ବଡ଼ ହେଉଥିଲି, '୩-ଡି' ସବୁବେଳେ ମନେରଖିବାକୁ ମୋ ବାପା କହିଥିଲେ। ତାହା ହେଲା ଡିସିପ୍ଲିନ୍, ଡେଡିକେଶନ୍ ଏବଂ ଡିଟରମିନେଶନ୍। ନିଜ ହୃଦୟକୁ ମାନିଚାଲ। ନିଜ ପ୍ୟାଶନ୍‌କୁ ଫଲୋ କର।" ବାପାଙ୍କ ଏହି ଗୁରୁମନ୍ତ୍ର ଜୀବନର କଠିନ ସମୟରେ ତାଙ୍କୁ ରାସ୍ତା ଦେଖାଇଥିବା ଦୀପିକା କୁହନ୍ତି।

ଦୀପିକାଙ୍କ ଅନୁଯାୟୀ, ସଫଳତାକୁ ଦୀର୍ଘସ୍ଥାୟୀ କରିବାର କଳା ସେ ସ୍ପୋର୍ଟ୍ସରୁ ଶିଖିଛନ୍ତି। କିଭଳି ଡାଉନ୍-ଟୁ-ଆର୍ଥ ହୋଇ ରହିବ, ତାହା ସ୍ପୋର୍ଟ୍ସ ତାଙ୍କୁ ଶିଖାଇଛି। ସ୍ପୋର୍ଟ୍ସ ମୋତେ ବିନମ୍ରତା ମଧ୍ୟ ଶିଖାଇଛି। ଦୁଇବର୍ଷ ତଳେ ମୋତେ ଡିପ୍ରେଶନ୍ ହୋଇଥିଲା। ମୁଁ ହାର୍ ମାନିଯାଇଥିଲି। ମୁଁ ରାସ୍ତା ପାଉ ନ ଥିଲି। କିନ୍ତୁ ମୋ ଭିତରେ ଥିବା ଆଥ୍‌ଲେଟ୍ ମୋତେ ହାର୍ ମାନିବାକୁ ଦେଲା ନାହିଁ। ଏଣୁ ସମସ୍ତଙ୍କୁ ମୁଁ ସ୍ପୋର୍ଟ୍ସ ଖେଳିବାକୁ ପରାମର୍ଶ ଦେବାକୁ ଚାହୁଁଛି। ଏହାଦ୍ୱାରା ଆପଣଙ୍କ ଜୀବନ ବଦଳିଯିବ। କିଭଳି ସର୍ଭାଇଭ୍ କରିବାକୁ ହୁଏ, ସ୍ପୋର୍ଟ୍ସ ମୋତେ ଶିଖାଇପାରିଛି ବୋଲି ଦୀପିକା ସବୁବେଳେ କହିଆସିଛନ୍ତି। ଆଗକୁ ଏସିଡ୍ ଆଟାକ୍ ପୀଡ଼ିତାଙ୍କ ଜୀବନୀ ଉପରେ ଆଧାରିତ୍ ଫିଲ୍ମ 'ଛପାକ୍'ରେ ତାଙ୍କୁ ଦେଖିବାକୁ ମିଳିବ। ଫିଲ୍ମର ଟ୍ରେଲର୍ ରିଲିଜ୍ ପରେ ଦୀପିକାଙ୍କ ଅଭିନୟ ଲାଗି ପ୍ରଶଂସାର ସୁଅ ଛୁଟୁଛି।

# ସ୍ନାତକ ହେଲେ ମହିଳା କ୍ୟାବ୍ ଡ୍ରାଇଭର୍

## ଯାତ୍ରୀଙ୍କ ବଦାନ୍ୟତା

**ଜର୍ଜିଆ(ଆମେରିକା):** ଆପଣ ଅନେକ ଥର ଅଟୋ ଏବଂ ଟ୍ୟାକ୍ସି ବୁକ୍ କରି ଯାତ୍ରା କରିଥିବେ। ଯାତ୍ରା ସମୟରେ ନିଜ ଗନ୍ତବ୍ୟସ୍ଥଳରେ କିପରି ଶୀଘ୍ର ଏବଂ ସୁରକ୍ଷିତଭାବେ ପହଞ୍ଚିବେ ତାହା ହିଁ ଚିନ୍ତା କରିଥିବେ। ହେଲେ ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଜାଣିବା ଏବଂ ତାଙ୍କୁ ସାହାଯ୍ୟ କରିବା ନେଇ କମ୍ ଲୋକ ଭାବିଥିବେ।



ଆମେରିକାର ଜର୍ଜିଆରେ ଜଣେ ମହିଳା ଡ୍ରାଇଭର୍‌ଙ୍କ ଗାଡ଼ିରେ ଯାତ୍ରା କରିବା ସମୟରେ ଜଣେ ଅଜଣା ଯାତ୍ରୀ ଏପରି ବଦାନ୍ୟତା ଦେଖାଇଛନ୍ତି, ତାହା ମହିଳାଙ୍କ ଜୀବନ ବଦଳାଇଦେଇଛି। ଲା ଟୋନ୍‌ୟା(୪୩) ନାମ୍ନୀ ମହିଳାଙ୍କ କ୍ୟାବ୍‌ରେ କେଭିନ୍ ନାମକ ବ୍ୟକ୍ତି ଯାତ୍ରା କରୁଥିଲେ। ଏହି ସମୟରେ ସେ ମହିଳାଙ୍କ ସହ କଥାବାର୍ତ୍ତା ହେବାସହ ତାଙ୍କ ଜୀବନ କାହାଣୀ ଜାଣିବାକୁ ପାଇଥିଲେ। ହେଲେ ୨୦ ମିନିଟ୍‌ର ଯାତ୍ରା ତାଙ୍କ ଜୀବନ ବଦଳାଇଦେବ, ତାହା ମହିଳା ଚିନ୍ତା କରି ନ ଥିଲେ। କମ୍ ବୟସରେ ବିବାହ କରିଥିବା ଟୋନ୍‌ୟା ୧୬ ବର୍ଷ ବୟସରେ ମା' ହୋଇଥିଲେ। ଫଳରେ ସେ ପାଠପଢ଼ା ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ପରିବାର ଚଳାଇବାକୁ ଦିନରେ ହେୟାର୍ ଷ୍ଟାଇଲିଷ୍ଟ ଏବଂ ରାତିରେ ଏକ ସଂସ୍ଥା ମାଧ୍ୟମରେ କ୍ୟାବ୍ ଚଳାଉଥିଲେ। ଏବେ ସେ ପାଠ ପଢ଼ିବାକୁ ଚାହୁଁଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟରେ ୫୦ହଜାର ଟଙ୍କା(୭୦୦ ଡଲାର୍) ବକେୟା ଫି' ଜମା କରିବାରେ ବିଫଳ ହେବାରୁ ତାଙ୍କୁ ପୁଣି ପାଠ ଛାଡ଼ିବାକୁ ପଡ଼ିଥିଲା। ଏହା ଶୁଣି କେଭିନ୍ ବକେୟା କଲେଜ ଫି ଜମା କରିଥିଲେ, ଯଦ୍ୱାରା ମହିଳା କ୍ରିମିନାଲ୍ ଜଷ୍ଟିସ୍‌ରେ ସ୍ନାତକ ଡିଗ୍ରୀ ହାସଲ କରିବାରେ ସଫଳ ହୋଇପାରିଛନ୍ତି। ଏପରିକି ମହିଳାଙ୍କ ଗ୍ରାଜୁଏଶନ୍ ସେରିମୋନିରେ ମଧ୍ୟ କେଭିନ୍ ସାମିଲ୍ ହୋଇ ଶୁଭେଚ୍ଛା ଜଣାଇଥିଲେ। ବ୍ୟକ୍ତିଙ୍କ ମହାନତା ପାଇଁ ଟୋନ୍‌ୟା ଫେସ୍‌ବୁକ୍ ଜରିଆରେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଗିନିଜ୍ ରେକର୍ଡ ପାଇଁ ୪.୫ କିମି କେକ୍

**ଥିରୁଭାନନ୍ତପୁରମ:** ଗିନିଜ୍ ବୁକ୍ ଅଫ୍ ଓ୍ବାର୍ଲ୍ଡ ରେକର୍ଡରେ ସ୍ଥାନ ପାଇବା ପାଇଁ ୧୫ ତାରିଖରେ କେରଳ ୪.୫ କିଲୋମିଟର ଦୀର୍ଘ କେକ୍ ପ୍ରସ୍ତୁତ କରିବାକୁ ଯାଉଛି। ଥ୍ରିଶୂରରେ ହେବାକୁ ଥିବା ଏହି କେକ୍ ପାଇଁ ସାରା ରାଜ୍ୟରୁ ୭୦୦ ସୂପକାର ଓ ବେକର ଯୋଗଦେବେ। ଦୀର୍ଘତମ କେକ୍ ପ୍ରସ୍ତୁତିରେ ଗିନିଜ୍ ବୁକ୍‌ରେ ଥିବା ଚାଇନା ରେକର୍ଡକୁ ଭାଙ୍ଗିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଥିବା ନ୍ୟାଶନାଲ ବେକର୍ ଫୋରମ୍‌ର ଅଧ୍ୟକ୍ଷ ପି.ଏମ୍. ଶଙ୍କରନ କହିଛନ୍ତି। କେକ୍‌ର ମୋଟେଇ ଓ ଓସାର ୪ ଇଞ୍ଚ ରହିବ ଏବଂ ଏହାକୁ ରାସ୍ତା ପାର୍ଶ୍ୱରେ ଟେବୁଲ ଓ ଡେସ୍କ ଯୋଡ଼ି ପ୍ରଦର୍ଶନ କରାଯିବ। ଏଥିପାଇଁ ୪୦୦୦ ଡେସ୍କ ସଂଗ୍ରହ କରାଯାଇଛି। ପୂର୍ବରୁ ଚାଇନା ୩.୨ କିଲୋମିଟର କେକ୍ ପ୍ରସ୍ତୁତ କରି ଗିନିଜ୍ ରେକର୍ଡର ଅଧିକାରୀ ହୋଇଥିଲା।



# ରିୟଲ ହିରୋ 'ଚାର୍ମର'

**ମୋରୁଆ:** ଧୀରେ ଧୀରେ ମରିଯାଉଛି ମାନବିକତା। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରିବା ବଦଳରେ ଏହାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିବା ହେଉ କି ପରିଣତ ବୟସରେ ବୃଦ୍ଧା ମା'ବାପାଙ୍କୁ ପର କରିଦେବା ଭଳି ଘଟଣା ଏବେ ଗଣମାଧ୍ୟମର ଶିରୋନାମା ପାଲଟୁଛି। ଦିନକୁ ଦିନ ବଢ଼ିଚାଲିଥିବା ଏପରି ଘଟଣାବଳୀ ଦର୍ଶାଉଛି ସଭ୍ୟ ସମାଜରେ ମାନବିକତାର ଅବକ୍ଷୟ। ହେଲେ ନିଆଁ ବଳୟରେ ଫସିଥିବା ଗୋଟିଏ ପରିବାରର ୩ଜଣଙ୍କୁ ଉଦ୍ଧାର କରି ରିୟଲ ଲାଇଫ୍ ହିରୋ ସାଜିଛି ଏକ ଘୋଡ଼ା। ମରଣ ମୁହଁରେ ପଡ଼ିଥିବା ମହିଳା ବେକ୍ ବିଷ୍ଟର ନିଜର ଅଙ୍ଗେନିଭା କାହାଣୀ ବଖାଣିବା ପରେ ପାଳିତ ଘୋଡ଼ା 'ଚାର୍ମର' ଏବେ ସୋସିଆଲ ମିଡିଆ ପାଲଟିଛି ସେଲିବ୍ରେଟି।

ଘଟଣାଟି ଘଟିଛି ଅଷ୍ଟ୍ରେଲିଆରେ। ସିଡ୍‌ନୀଠାରୁ ୨୫୦ କିମି ଦୂର ମୋରୁଆସ୍ଥିତ ସମୁଦ୍ର ତଟବର୍ତ୍ତୀ ଏକ ପବ୍‌କୁ ବିଦାୟୀ ବର୍ଷର ଶେଷଦିନକୁ ସ୍ମୃତିମଧୁର କରିବାକୁ ବିଷ୍ଟରଙ୍କ ପୁଅ ଏବଂ ତାଙ୍କ ବାନ୍ଧବୀ ପ୍ରଥମେ ଏକ ଗାଡ଼ିରେ ଯାଇଥିଲେ। ପରେ ନିଜର ପାଳିତ ଘୋଡ଼ା 'ଚାର୍ମର' ପିଠିରେ ସବାର ହୋଇ ବିଷ୍ଟର ସେମାନଙ୍କ ସହ ଯୋଗ ଦେଇଥିଲେ। ଅଚାନକ ଆଖପାଖ ଜଙ୍ଗଲରେ ଲାଗିଥିବା ଭୟଙ୍କର ନିଆଁ ମାଡ଼ି ଆସିଲା ପବ୍ ଆଡ଼କୁ। ଅତି ଅଳ୍ପ ସମୟ ଭିତରେ ଧୂଆଁର କଳାବାଦଲ ସମଗ୍ର ଅଞ୍ଚଳକୁ ଅକ୍ତିଆର କରିନେଲା। ସେଠାରୁ ସୁରକ୍ଷିତ ଭାବେ ବାହାରିବା କଷ୍ଟକର ହୋଇପଡ଼ିଲା। ଝାପ୍ସା ଅନ୍ଧାରରେ ରାସ୍ତା ମିଳିଲା ନାହିଁ। ଜୀବନ ମରଣର ଆଶାଆଶଙ୍କା ଭିତରେ ଥିବାବେଳେ 'ଚାର୍ମର' ସମସ୍ତଙ୍କୁ ସେଠାରୁ ବାହାର କରି ସୁରକ୍ଷିତ ଜାଗାରେ ପହଞ୍ଚାଇଥିଲା। ମୃତ୍ୟୁକୁ ଅତି ନିକଟରୁ ଅନୁଭବ କରିଥିବା ବିଷ୍ଟର କୁହନ୍ତି, ଜଙ୍ଗଲରେ ବ୍ୟାପିଥିବା ନିଆଁ କ୍ଷଣିକ ମଧ୍ୟରେ ମାଡ଼ିଆସିଲା। ରାସ୍ତାଘାଟ କଳା ଧୂଆଁରେ ଭର୍ତ୍ତି ହୋଇଗଲା। ତାପମାତ୍ରା ବି ଅସ୍ୱାଭାବିକ ଭାବେ ବଢ଼ିଗଲା। ସେଠାରୁ ବାହାରି ରିସର୍ଟ ଯାଏ ପହଞ୍ଚିବା ମୁସ୍କିଲ ହୋଇପଡ଼ିଲା। କିଛି ବୁଦ୍ଧିବାଟ ଦେଖାଯାଉ ନ ଥିଲା। ଏହି ସମୟରେ 'ଚାର୍ମର' ସମସ୍ତଙ୍କୁ ରାସ୍ତା ଦେଖାଇ ସୁରକ୍ଷିତ ଜାଗାରେ ପହଞ୍ଚାଇଥିଲା।

ସୂଚନାଯୋଗ୍ୟ, ଦୀର୍ଘ ୪ ମାସ ହେଲା ଅଷ୍ଟ୍ରେଲିଆରେ ଭୟଙ୍କର ବନାଗ୍ନି ସାଧାରଣ ଜୀବନଯାତ୍ରାକୁ ବ୍ୟାହତ କରିଦେଇଛି। ପ୍ରତିଦିନ ନିଆଁ ନୂଆ ଏରିଆ କବ୍‌ଜାକୁ ନେଉଛି। ନିଆଁରେ ହଜାର ହଜାର ଘର ଧ୍ୱଂସ ହୋଇଯାଇଛି। ଲୋକମାନେ ପ୍ରାଣ ବିକଳରେ ସୁରକ୍ଷିତ ସ୍ଥାନକୁ ପଳାଉଛନ୍ତି। ଲୋକମାନେ ନ ଥିବା ସୁଯୋଗରେ ଚୋରିହାରି ବଢ଼ିଯାଇଛି। ବିଷ୍ଟରଙ୍କ ଘର ପୋଡ଼ିଯିବା ସହ ବାଇକ୍ ଚୋରି ହୋଇଯାଇଛି। ବନାଗ୍ନି ବିପନ୍ନ ପରିବାର ପାଇଁ ଓ୍ବାଟରଫ୍ରଣ୍ଟ ହୋଟେଲ ମାଲିକ ଲିଣ୍ଡା ଏବଂ ମାର୍କ ଦ୍ୱାର ଉନ୍ମୁକ୍ତ କରିଦେଇଛନ୍ତି। ବିଷ୍ଟରଙ୍କ ପରିବାର ସେଠାରେ ସୁରକ୍ଷିତ ଥିବା କହିଛନ୍ତି। ଚଳିତ ଋତୁରେ ଅଷ୍ଟ୍ରେଲିଆରେ ଦ୍ୱିତୀୟ ଥର ପାଇଁ ଏଭଳି ଭୟଙ୍କର ବନାଗ୍ନିର ପ୍ରକୋପ ଦେଖିବାକୁ ମିଳିଛି। ଏଥିରେ ପାଖାପାଖି ୧୨ କୋଟି ଏକର ଜଙ୍ଗଲ ଧ୍ୱଂସ ହୋଇଯାଇଛି। ସରକାରୀ ଏବଂ



ବେସରକାରୀସ୍ତରରେ ବ୍ୟାପକ ଉଦ୍ୟମ ସତ୍ତ୍ୱେ ନିଆଁକୁ ଆୟତ୍ତ କରାଯାଇପାରୁନାହିଁ। ଏଥିରେ ୫୦ କୋଟିରୁ ଊର୍ଦ୍ଧ୍ୱ ବନ୍ୟଜୀବ ପ୍ରାଣ ହରାଇସାରିଲେଣି। ସେହିପରି ୨୫ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା ଜଣାପଡ଼ିଛି।



# ଔଷଧ ସାହାରାରେ ଜୀବନ



ଡା. ଆଶିଷ ବାନାର୍ଜୀ

"ମଣିଷ ବଞ୍ଚିବା ପାଇଁ ଖାଦ୍ୟ ସହ ଔଷଧ ମଧ୍ୟ ଏକ ଆବଶ୍ୟକତାରେ ପରିଣତ ହୋଇଗଲାଣି। ପେନ୍‌କିଲର ପରି ଶକ୍ତିଶାଳୀ ରାସାୟନିକ ଔଷଧ ପ୍ରୟୋଗ, ଯାହାକି ଆମ ଶରୀରର କୋଷଗୁଡ଼ିକୁ ରୁଗ୍ଣ ଦୁର୍ବଳକରି ବ୍ୟାଧି ପ୍ରତିରୋଧକ କ୍ଷମତାକୁ ହ୍ରାସକରେ। ଏହି ଔଷଧ ବ୍ୟତୀତ ଅନ୍ୟ କୌଣସି ପ୍ରାକୃତିକ ଔଷଧ ନାହିଁ ଯାହାକି ଏହାଠୁ ଅତି ଉନ୍ନତ କାର୍ଯ୍ୟ କରିବା ସହ ବ୍ୟାଧି ପ୍ରତିରୋଧ ଶକ୍ତିକୁ ଶରୀରରେ ବୃଦ୍ଧିକରି କୋଷଗୁଡ଼ିକୁ ବଳଶାଳୀ କରିପାରିବ? ଉତ୍ତର– ହଁ ଅଛି, ମାତ୍ର ବୈଜ୍ଞାନିକ ଭିତ୍ତିରେ ପରୀକ୍ଷା ଆବଶ୍ୟକ।"





ମଣିଷ ବଞ୍ଚିବା ପାଇଁ ଖାଦ୍ୟ ସହ ଔଷଧ ମଧ୍ୟ ଏକ ଆବଶ୍ୟକତାରେ ପରିଣତ ହୋଇଗଲାଣି। ପେନ୍‌କିଲର ପରି ଶକ୍ତିଶାଳୀ ରାସାୟନିକ ଔଷଧ ପ୍ରୟୋଗ, ଯାହାକି ଆମ ଶରୀରର କୋଷଗୁଡ଼ିକୁ ରୁଗ୍ଣ ଦୁର୍ବଳ କରି ବ୍ୟାଧି ପ୍ରତିରୋଧକ କ୍ଷମତାକୁ ହ୍ରାସ କରେ। ଏହି ଔଷଧ ବ୍ୟତୀତ ଅନ୍ୟ କୌଣସି ପ୍ରାକୃତିକ ଔଷଧ ନାହିଁ ଯାହାକି ଏହାଠୁ ଅତି ଉନ୍ନତ କାର୍ଯ୍ୟ କରିବା ସହ ବ୍ୟାଧି ପ୍ରତିରୋଧ ଶକ୍ତିକୁ ଶରୀରରେ ବୃଦ୍ଧିକରି କୋଷଗୁଡ଼ିକୁ ବଳଶାଳୀ କରିପାରିବ? ଉତ୍ତର– ହଁ ଅଛି, ମାତ୍ର ବୈଜ୍ଞାନିକ ଭିତ୍ତିରେ ପରୀକ୍ଷା ଆବଶ୍ୟକ।

ସୁଖ ପ୍ରସବ ନିମନ୍ତେ ମାଆ ପ୍ରତ୍ୟହ କିଛି ହାଲୁକା ପରିଶ୍ରମ କରିବେ, ସୁଷମ ଖାଦ୍ୟ ଖାଇବେ ଓ ଆୟୁର୍ବେଦ ଚିକିତ୍ସକ ପରାମର୍ଶାନୁଯାୟୀ ପ୍ରାକୃତିକ ଭେଷଜ ସେବନ କରିବେ। ଏତଦ୍‌ବ୍ୟତୀତ ଶିଶୁ ଜନ୍ମ ପରେ ମାଆକୁ ତ୍ରିକଟୁ ଘୃତ ମିଶ୍ରିତ ଅନ୍ନ ସେବା କରାଇବା, ସାଧାରଣ କାଶ, ଥଣ୍ଡା ହେଲେ ବାସଙ୍ଗପତ୍ର ସ୍ୱରସ ମହୁ, ତୁଳସୀ ପତ୍ରର ସ୍ୱରସ ମହୁ ସେବନ କରାଇଲେ ଥଣ୍ଡା ସହ ଟନ୍‌ସିଲାଇଟିସ୍ ପାଇଁ ଉପକାରୀ। ପିଲାଙ୍କ ପତଳା ଝାଡ଼ାରେ ଜାଇଫଳ ଘୋରା ମହୁ ଦେଲେ ଆରୋଗ୍ୟ ହୁଏ। ସେହିପରି ବୟସ୍କ ବ୍ୟକ୍ତିଙ୍କ ମ୍ୟାଲେରିଆ ଜ୍ୱରରେ ଗଙ୍ଗଶିଉଳି ପତ୍ର ରସ ମହୁ ସେବନ କଲେ, ଡେଙ୍ଗୁ ରୋଗୀର ପ୍ଲାଟିଲେଟ୍‌ସ କମିଗଲେ ଅମୃତଭଣ୍ଡା ପତ୍ର ରସ ସେବନ କଲେ ଭଲ ହୁଏ। ଏତଦ୍‌ବ୍ୟତୀତ ଗୁଳଞ୍ଚ ସ୍ୱରସ ମଧ୍ୟ ଏଥିରେ ଉତ୍ତମ କାର୍ଯ୍ୟକରେ। ଅଣ୍ଟା ବ୍ୟଥା, ବାତରୋଗ ତଥା ଦେହ ହାତ ସର୍ବାଙ୍ଗ ବ୍ୟଥାରେ ବେଗୁନିଆ, ଭୃସଙ୍ଗ, ଗନ୍ଧାଳି ପତ୍ର ରସ ମାତ୍ରାନୁଯାୟୀ ସେବନ କଲେ ଆରୋଗ୍ୟ ହୁଏ। ଚାଳିଶ ବୟସ ପରେ ଆସ୍ତେ ଆସ୍ତେ ଅସ୍ଥି କ୍ଷୟହେବାକୁ ଲାଗେ ଓ ସ୍ତ୍ରୀ ଲୋକଙ୍କ ହରମୋନ କ୍ଷରଣ ବନ୍ଦ ହେବା ପରେ ଅଷ୍ଟିଓପୋରସିସ୍ ହେବା ଦେଖାଯାଏ। ଏହାକୁ ମୌସୁମୀ, ସନ୍ତରାଇ ରସ ପ୍ରତିରୋଧ କରେ। ଏତଦ୍ ସଙ୍ଗେ ସଜନା ଶାଗ, ମୁଗଗଜା, କ୍ଷୀର, ପାଳଙ୍ଗ ଇତ୍ୟାଦି ଶାଗ ସେବନ କରିବା ସହ ସକାଳ ଓ ସନ୍ଧ୍ୟା ସୂର୍ଯ୍ୟ କିରଣରେ ଅଧଘଣ୍ଟା ବସିଲେ ବା ଭ୍ରମଣ କଲେ ଅସ୍ଥି ଭଗ୍ନ ହୁଏ ନାହିଁ।

ମଧୁମେହ ଏହା ମଧ୍ୟ ଏକ ନୀରବ ଘାତକ । ଏହା ଭଲ ନ ହୋଇ ଅନ୍ୟ ରୋଗକୁ ଆମନ୍ତ୍ରଣକରେ ଏଥିରେ ଖାଲି ଏଲୋପ୍ୟାଥକ୍ ଔଷଧ ବ୍ୟବହାର କଲେ ପାୱାର ବଢ଼ି ଚାଲି ଇନ୍‌ସ୍ୟୁଲିନ୍ ନେବାକୁ ପଡ଼େ, ମାତ୍ର ଯଦି ରୋଗୀ ଏଲୋପ୍ୟାଥିକ୍ ଔଷଧ ସହ ପ୍ରାକୃତିକ ଔଷଧ ସେବନ କରେ ତେବେ ଏହାର ପାୱାର କମି କମି ଚାଲେ । ଏହିପରି ଚର୍ମରୋଗରେ ନିମ୍ବପତ୍ର କ୍ୱାଥରେ ଆକ୍ରାନ୍ତ ସ୍ଥାନ ଧୌତକରି ଗନ୍ଧକ ମଲମ ଲଗାଇବା ସହ ହରିଦ୍ରା ଚୂର୍ଣ୍ଣ ସେବନରେ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ, ଯୌନ ରୋଗରେ ତୋପଚିନି ଚୂର୍ଣ୍ଣ ଓ ସ୍ନାୟୁ ଦୌର୍ବଲ୍ୟରେ ଅଶ୍ୱଗନ୍ଧା ଚୂର୍ଣ୍ଣ ଅତିବ ଲାଭକାରୀ। ଏହିପରି ବିଭିନ୍ନ ଜଟିଳ ଅସାଧ ବ୍ୟାଧିରୁ ଚିର ଆରୋଗ୍ୟ ନିମନ୍ତେ ଆୟୁର୍ବେଦରେ ସଫଳ ଉପଚାର ପାଇଁ ସୁନାମ ରହିଅଛି । କେତେକ ପାରମ୍ପରିକ ଚିକିତ୍ସକଙ୍କ ନିକଟରେ ମଧ୍ୟ ଏଲୋପ୍ୟାଥିକ୍‌ରୁ ଫେରି ଆସିଥିବା ରୋଗୀ ଅସ୍ଥିଭଗ୍ନ ହୋଇଥିବାବେଳେ ଚେରମୂଳି, ପଟ୍ଟି ଚିକିତ୍ସାରୁ ଆରୋଗ୍ୟ ହେବା ଦେଖାଯାଉ ଅଛି । ଏହି ଦୁର୍ଲଭ ଚିକିତ୍ସା, ଚିକିତ୍ସକ ଗଣ ପ୍ରୋତ୍ସାହନ ଓ ସରକାରଙ୍କ ଆନ୍ତରିକତା ଅଭାବରୁ ପୁରୁଷାନୁକ୍ରମେ ଲୋପହେବାକୁ ବସିଲାଣି। ତେଣୁ ଏମାନଙ୍କୁ ପ୍ରୋତ୍ସାହିତକରି ଏବଂ ଏମାନେ ଚିକିତ୍ସା କରୁଥିବା ପ୍ରଣାଳୀକୁ ବୈଜ୍ଞାନିକ ଭିତ୍ତିରେ ପରୀକ୍ଷା ନିରୀକ୍ଷା କରି ଲୋକଲୋଚନକୁ ଆଣିବା ଉଚିତ । ନଚେତ୍ ଭବିଷ୍ୟତରେ ଖାଦ୍ୟ ସହ ଏଲୋପ୍ୟାଥିକ ଔଷଧ ପୁଟୁଳି ବେକରେ ଝୁଲାଇ ଆବାଳ ବୃଦ୍ଧ ବନିତା ସମସ୍ତେ ବୁଲିବେ। ରୋଗ ଓ ରୋଗୀ ସଂଖ୍ୟା ନ କମି କ୍ରମଶଃ ବୃଦ୍ଧି ପାଇବ। ଏଥି ନିମନ୍ତେ ସରକାର ଦୃଷ୍ଟିଦେବା ଆବଶ୍ୟକ ।

*–ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ*

*ମୋ: ୯୮୬୧୩୭୪୩୮୫*

# ହୃଦ୍‌ରୋଗ ଆଶଙ୍କା କମାଏ ଭିଟାମିନ୍ 'ସି'

ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଇଲେ ତାହା ହୃଦ୍‌ଘାତ ଆଶଙ୍କା କମାଇ ଦେଇଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏ ସମ୍ପର୍କିତ ବିଷୟବସ୍ତୁକୁ ନେଇ ଡେନ୍‌ମାର୍କର ହୃଦ୍‌ରୋଗ ବିଶେଷଜ୍ଞମାନେ ଗବେଷଣା କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କଠାରେ ହୃଦ୍‌ଜନିତ ରୋଗର ଲକ୍ଷଣ କମ୍ ଦେଖିବାକୁ ମିଳିଥିଲା। ଭିଟାମିନ୍ 'ସି' ହେଉଛି ଏକ ପ୍ରକାର ଆଣ୍ଟିଅକ୍ସିଡାଣ୍ଟ। ଏହା ସୁସ୍ଥ କୋଷକୁ ସୁରକ୍ଷିତ ରଖିଥାଏ। କେବଳ ସେତିକି ନୁହେଁ, ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଆମ୍ବ, ଅମୃତଭଣ୍ଡା, ସପୁରି, ଷ୍ଟ୍ରବେରି, ତରଭୂଜ, ପୋଇ, କୋବି, ଆଳୁ ଆଦିରେ ଭିଟାମିନ୍ 'ସି' ଭରି ରହିଛି।



# ଉଡ଼ନ୍ତା ପାଉଁଶରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ

"ଆମ ପରିବେଶର ଏକ ପ୍ରମୁଖ ସମସ୍ୟା ଭାବରେ ଉଡ଼ନ୍ତା ପାଉଁଶ ଉଭାହୋଇଛି। ଏକବିଂଶ ଶତାବ୍ଦୀର ଦ୍ରୁତ ଶିଳ୍ପାୟନ ଫଳରେ ଏହା ଆମ ଆଗରେ ଏକ ପ୍ରମୁଖ ସମସ୍ୟା ହୋଇ ରହିଆସିଛି। ବିଶେଷକରି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାହାରୁଥିବା ଏହି ପାଉଁଶ କେବଳ ମୃତ୍ତିକା ପାଇଁ ନୁହେଁ ବରଂ ପରିବେଶ ପାଇଁ ମଧ୍ୟ ଏକ କ୍ଷତିକାରକ ପଦାର୍ଥ।"



ବିରାଟ ରାଜା ପଧାନ

ଆମ ପରିବେଶର ଏକ ପ୍ରମୁଖ ସମସ୍ୟା ଭାବରେ ଉଡ଼ନ୍ତା ପାଉଁଶ ଉଭାହୋଇଛି। ଏକବିଂଶ ଶତାବ୍ଦୀର ଦ୍ରୁତ ଶିଳ୍ପାୟନ ଫଳରେ ଏହା ଆମ ଆଗରେ ଏକ ପ୍ରମୁଖ ସମସ୍ୟା ହୋଇ ରହିଆସିଛି। ବିଶେଷକରି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାହାରୁଥିବା ଏହି ପାଉଁଶ କେବଳ ମୃତ୍ତିକା ପାଇଁ ନୁହେଁ ବରଂ ପରିବେଶ ପାଇଁ ମଧ୍ୟ ଏକ କ୍ଷତିକାରକ ପଦାର୍ଥ।

କିନ୍ତୁ ବର୍ତ୍ତମାନ ଏହି ସମସ୍ୟାରୁ ଏକ ସମାଧାନ ବାହାର କରିଛନ୍ତି ହାଇଦ୍ରାବାଦସ୍ଥିତ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ଗବେଷକ। ପ୍ରତିଷ୍ଠାନର ଗବେଷକ ଡଃ. ମୁଦ୍ରିକା ଖଣ୍ଡେୱାଲ ଓ ଡ. ଅତୁଲ ସୁରେଶ ଦେଶପାଣ୍ଡେଙ୍କ ମତରେ ଆମେ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାହାରୁଥିବା ପାଉଁଶରୁ ପାଣିର ମିଶ୍ରଣରେ ଯେପରି ତେଲ ଓ ପାଣି ସହଜରେ ପୃଥକ୍ ହୋଇଯାଏ, ଠିକ୍ ସେହିପରି ଷ୍ଟିଅରିକ୍ ଏସିଡ୍ କାମ କରିଥାଏ। ଷ୍ଟିଅରିକ୍ ଏସିଡ୍ ଓ ଉଡ଼ନ୍ତା ପାଉଁଶର ସମ୍ମିଶ୍ରଣରେ ବୈଜ୍ଞାନିକମାନେ ଉଡ଼ନ୍ତା ପାଉଁଶର ଏକ ବିଶେଷ କଣିକା ପ୍ରସ୍ତୁତ କରିପାରିଛନ୍ତି।

ବୈଜ୍ଞାନିକମାନେ ସର୍ବଦା ପ୍ରକୃତିକୁ ଅନୁକରଣ ତଥା ଗବେଷଣାକରି ନୂଆ ନୂଆ ଚିନ୍ତା ଓ ପରିକଳ୍ପନା କରିପାରନ୍ତି, ଯାହାକି ସେମାନଙ୍କୁ ଏକ ନୂତନ ଉଦ୍ଭାବନ ଆଡ଼କୁ ଟାଣିନିଏ। ଉଡ଼ନ୍ତା ପାଉଁଶର ବିବିଧ ରୂପ ଅନୁସାରେ ବିଭିନ୍ନ ଆକାର ଓ ପ୍ରକାରର ପଦାର୍ଥ ତିଆରି କରାଯାଇପାରିବ, ଯେପରିକି ପଦ୍ମଫୁଲର ପତ୍ର। ଏ ଭିତରକୁ ପାଣି ଆଦୌ ସହଜରେ ପଶିପାରେ ନାହିଁ। ସେହିପରି, ଯେତେବେଳେ ଉଡ଼ନ୍ତା ପାଉଁଶର ଆଉ ଏକ



ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ତିଆରି କରିପାରିବା। ଏହା ପୁଣି ଅପେକ୍ଷାକୃତ କମ୍ ଖର୍ଚ୍ଚରେ। କେବଳ ସେତିକି ନୁହେଁ, ଜଳ ନିରୋଧୀ ପଦାର୍ଥ (ୱାଟର ପ୍ରୁଫ୍) ଏଥିରୁ ସହଜରେ ତିଆରି କରାଯାଇପାରିବ।

ଆମେ ଆମର ନିତ୍ୟ ବ୍ୟବହାର ପାଇଁ ସାବୁନ ଏବଂ ଶାମ୍ପୁ ଦେହରେ ପ୍ରଲେପ କରିଥାଉ। ଏହାଦ୍ୱାରା ଆମକୁ ସତେଜ ଓ ଫୁର୍ତ୍ତି ଲାଗିଥାଏ। ତେବେ ଏହି ସାବୁନ ଓ ଶାମ୍ପୁ ତିଆରି କରିବା ପାଇଁ ଷ୍ଟିଅରିକ୍ ଏସିଡ୍ ବ୍ୟବହାର କରାଯାଇଥାଏ। ଷ୍ଟିଅରିକ୍ ଏସିଡ୍‌ର ଗୁଣ ହେଲା ଏହା ଶରୀର ତଥା ଲୁଗାର ମଇଳା/ଅପରିଷ୍କାର ଅଂଶକୁ ଅଲଗା କରିଥାଏ। ଫଳରେ ତେଲ ଓ ଗୁଡ଼ ରହେ। ଫଳରେ ଏହା ଗୋଲାପଫୁଲର ପତ୍ର ପରି କାର୍ଯ୍ୟ କରିବ।

ଏହାକୁ ଆମେ ସହଜରେ ବୁଝିପାରିବା। ପତ୍ରର କୌଣସି ଅଂଶରେ ପାଣି ପଡ଼ିଲେ ଏହା ସାଧାରଣତଃ ମଝିରେ ଜମା ହୁଏ ଏବଂ ମଝିରେ ଅପେକ୍ଷାକୃତ ମୋଟା ଅଂଶ ଥାଏ ; ଯାହାର ଫଳ ସ୍ୱରୂପ ପାଣି ପତ୍ରର ଆରପାରିକୁ ଯାଇପାରେ ନାହିଁ। ପାଣିକୁ ଶୋଷିପାରେ ନାହିଁ। ଏହାର ବ୍ୟାପକ ପ୍ରସ୍ତୁତି ପାଇଁ ବୈଜ୍ଞାନିକମାନେ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଏମିତି ବି ଉଡ଼ନ୍ତା ପାଉଁଶ ଏକ ଅବ୍ୟବହୃତ ପଦାର୍ଥ ଏବଂ ଷ୍ଟିଅରିକ୍ ଏସିଡ୍ ମଧ୍ୟ ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ।

*–ବେଙ୍କମୁରା, ଝାରସୁଗୁଡ଼ା*



## ଭୂକମ୍ପରୁ ଘରକୁ ସୁରକ୍ଷା ଦେବ ଚୁମ୍ବକ

ଅନ୍ୟତମ ପ୍ରମୁଖ ପ୍ରାକୃତିକ ବିପର୍ଯ୍ୟୟ ଭାବରେ ପରିଗଣିତ ଭୂକମ୍ପ ଦ୍ୱାରା ଆମର ଅଶେଷ କ୍ଷତି ହୋଇଥାଏ । ତେବେ ଏହି ସମୟରେ ଘରକୁ ସୁରକ୍ଷା ଦେବାର ଏକ ନୂଆ ଉପାୟ ଉଦ୍ଭାବିତ ହୋଇଛି। 'ଭୂକମ୍ପ ଏବଂ ଘରର ସୁରକ୍ଷା' ଶୀର୍ଷକ ବିଷୟବସ୍ତୁକୁ ନେଇ ଆମେରିକାସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ସେମାନେ ଏପରି ଏକ ଘର ତିଆରି କରିଛନ୍ତି ଯାହା ଭୂମିକମ୍ପ ହେବା ମାତ୍ରେ ଭୂପୃଷ୍ଠଠାରୁ କିଛି ଉପରକୁ ଉଠିଯିବ। ଘରର ତଳଭାଗରେ ଏକ ଉଚ୍ଚ ଶକ୍ତିସମ୍ପନ୍ନ ଇଞ୍ଜିନ ସହ ଚୁମ୍ବକ ସଂଯୋଗ କରାଯାଇଛି। ଫଳରେ ଭୂମିକମ୍ପ ହେଲେ ଘରର କୌଣସି କ୍ଷତି ହେବ ନାହିଁ। ଭୂମିକମ୍ପର ସୂଚନା ମିଳିବା ମାତ୍ରେ ଉକ୍ତ ଇଞ୍ଜିନକୁ ଷ୍ଟାର୍ଟ କରିଦିଆଯିବ ଏବଂ ତତ୍‌କ୍ଷଣାତ ଘରଟି ଉପରକୁ ଉଠିଯିବ ବୋଲି କହିଛନ୍ତି ଏହି ଗବେଷଣାର ମୁଖ୍ୟ ଗ୍ରେଗ୍ ହେଡେରସନ୍। ଉକ୍ତ ପ୍ରଣାଳୀକୁ 'ସେକ୍ ଆଲର୍ଟ' ନାମରେ ନାମିତ କରାଯାଇଛି। ଏହି ଇଞ୍ଜିନକୁ ଷ୍ଟାର୍ଟ କରିବାକୁ ସେଥିରେ ଉଚ୍ଚ ଶକ୍ତିବିଶିଷ୍ଟ ବ୍ୟାଟେରି ସଂଯୋଗ କରାଯାଇଛି।

## ଡ୍ରପ୍‌ଲେଟ୍ କମ୍ପ୍ୟୁଟର

କମ୍ପ୍ୟୁଟର ପାଣିରେ ଚାଲିବ–ଏକଥାକୁ ଅନେକେ ହୁଏତ ବିଶ୍ୱାସକରି ନ ପାରନ୍ତି। ହେଲେ ଏହା ସତ। ଦୀର୍ଘ ୫ବର୍ଷ ଧରି ଗବେଷଣା କରିବା ପରେ ଆମେରିକାସ୍ଥିତ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ବିଶେଷଜ୍ଞ ମାନେ ଏଭଳି ଏକ ହାଇଟେକ୍ କମ୍ପ୍ୟୁଟର ପ୍ରସ୍ତୁତ କରିଛନ୍ତି। ଗୋଟିଏ ଇଲେକ୍ଟ୍ରୋନିକ୍ କମ୍ପ୍ୟୁଟର ଯେତିକି କାମ କରିପାରିବ ଏହି ନୂଆ କମ୍ପ୍ୟୁଟର ମଧ୍ୟ ଠିକ୍ ସେତିକି କାମ ଅନାୟାସରେ କରିପାରିବ ବୋଲି ସେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ଉକ୍ତ କମ୍ପ୍ୟୁଟର ନାମ 'ଡ୍ରପ୍‌ଲେଟ୍ କମ୍ପ୍ୟୁଟର' ଦିଆଯାଇଛି। ଏହା ଭିତରେ ଥିବା ଜଳବିନ୍ଦୁର ଚୁମ୍ବକୀୟ ଗୁଣ ରହିଛି, ଯାହା କମ୍ପ୍ୟୁଟର ଚଲାଇବାକୁ ଶକ୍ତି ଯୋଗାଇଥାଏ।



## ସ୍ୱାସ୍ଥ୍ୟ ସୂଚନା

- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ସମୟରେ ରୋଗର କାରଣ ସମ୍ପର୍କରେ ସବିଶେଷ ସୂଚନା ଦିଅନ୍ତୁ। ଯଦି ଆପଣଙ୍କର ଆଉ କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି ତେବେ ତାହା ଜଣାଇବାକୁ ଭୁଲନ୍ତୁ ନାହିଁ।
- ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ତେଣୁ ଏଥିରୁ ନିଜକୁ ରକ୍ଷା କରିବା ପାଇଁ ଖାଦ୍ୟପେୟ ପ୍ରତି ବିଶେଷ ଯତ୍ନବାନ ହୁଅନ୍ତୁ।
- କୌଣସି କାମ କରୁଥିବା ସମୟରେ ନିଜକୁ ଯେତେ ସମ୍ଭବ ଚାପଠାରୁ ନିଜକୁ ଦୂରେଇ ରଖନ୍ତୁ।
- ରାତିରେ ଯେତେ ସମ୍ଭବ ହାଲକା ତଥା ସହଜରେ ହଜମ ହୋଇପାରୁଥିବା ଖାଦ୍ୟ ଖାଆନ୍ତୁ।



ଗୋଟିଏ କଥା ମନେରଖିବା ଦରକାର ଯେ, ରାତ୍ରଭୋଜନ କରିବା ସମୟରେ ଏବଂ ଶୋଇବା ସମୟ ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିବା ଦରକାର।

- ରାତ୍ରଭୋଜନ କରିସାରିବା ପରେ କିଛି ସମୟ ଚାଲବୁଲ କରନ୍ତୁ, ଯାହା ଖାଦ୍ୟକୁ ହଜମ କରିବାରେ ସହାୟକ ହୋଇଥାଏ।
- ବୟସ ବଢ଼ିବା ସହ ନିୟମିତ ସମୟ ଅନ୍ତରାଳରେ ଦୃଷ୍ଟିଶକ୍ତି ପରୀକ୍ଷା କରାଇ ନିଅନ୍ତୁ।

## ସଂକ୍ଷେପରେ

ବଜେଟ ୨୦୨୦-୨୧

### ବ୍ୟାଙ୍କଗୁଡ଼ିକୁ ମିଳି ନ ପାରେ ପୁଞ୍ଜି ସହାୟତା



**ନୂଆଦିଲ୍ଲୀ,୫-୧:** ଫେବୃୟାରୀ ପହିଲାରେ ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ସାଧାରଣ ବଜେଟ ଉପସ୍ଥାପନ ହେବ। ଏଥିରେ ଚଳିତଥର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ସରକାର କୌଣସି ପୁଞ୍ଜି ସହାୟତା ସମ୍ପର୍କରେ ଘୋଷଣା କରି ନ ପାରନ୍ତି। ଅପରପକ୍ଷରେ ଅନାଦାୟ ଋଣ (ଏନ୍‌ପିଏ) ଅସୁଲିକୁ ଉନ୍ନତ କରିବା ଏବଂ ବଜାରରୁ ପୁଞ୍ଜି ଉଠାଣ ନେଇ ବ୍ୟାଙ୍କଗୁଡ଼ିକୁ ସରକାର ଉତ୍ସାହିତ କରିପାରନ୍ତି। ପ୍ରକ୍ରିୟା ସହ ଜଡ଼ିତ ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, ବ୍ୟାଙ୍କଗୁଡ଼ିକ ସେମାନଙ୍କ ଅଣପ୍ରମୁଖ ବାଣିଜ୍ୟର ବିକ୍ରି କିମ୍ବା ଅଂଶ ଖସାଇବା ଦ୍ୱାରା ବଜାରରୁ ପୁଞ୍ଜି ସଂଗ୍ରହ ନେଇ ବ୍ୟାଙ୍କ ଧ୍ୟାନ କେନ୍ଦ୍ରିତ କରିପାରନ୍ତି। ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି) ଏବଂ ଅଣଏନ୍‌ସିଏଲ୍‌ଟି ଦ୍ୱାରା ମାମଲା ସମାଧାନ ଏବଂ ଋଣ ଅସୁଲି ଉପରେ ବ୍ୟାଙ୍କ ଧ୍ୟାନ ଦେବେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଏହାର ସହାୟକ କମ୍ପାନୀ ଏସ୍‌ବିଆଇ କାର୍ଡ ଆଣ୍ଡ ପେମେଣ୍ଟ ସର୍ଭିସ ଲିମିଟେଡ ଓ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ଅଂଶଧନ ସାମାନ୍ୟ କମାଇବା ନେଇ ଯୋଜନା ରଖିଛି। ବ୍ୟାଙ୍କ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜରେ ଏହାର ୧.୦୧% ବା ୫୦ ଲକ୍ଷ ଶେୟାର ବିକିବାକୁ ଯୋଜନା ରଖିଛି। ଏଭଳି ପଦକ୍ଷେପ ଅନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ନେଇ ପାରନ୍ତି ବୋଲି କୁହାଯାଉଛି। ଚଳିତ ବର୍ଷ ଅଗଷ୍ଟମାସରେ ବ୍ୟାଙ୍କଗୁଡ଼ିକୁ ୭୦ ହଜାର କୋଟି ଟଙ୍କା ଯୋଗାଣ ନେଇ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହି ଯୋଜନା ଅନ୍ତର୍ଗତ ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କଗୁଡ଼ିକୁ ୬୮,୮୫୫ କୋଟି ଟଙ୍କା ପ୍ରଦାନ କରାଯାଇଛି।

> ବିଏସ୍‌ଏନ୍‌ଏଲ୍ ବନ୍ଦ ହୋଇଯିବା ନେଇ ସାମ୍ନାକୁ ଆସିଥିବା ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ। ୧୪ ସମ୍ପତ୍ତିର ମନିଟାଇଜେଶନ ଲାଗି ରିପୋର୍ଟ ଦିଆଯାଇଛି।
> – ପି.କେ. ପୁରୱାର, ବିଏସ୍‌ଏନ୍‌ଏଲ୍ ଅଧ୍ୟକ୍ଷ



> ଇ–ଯାନକୁ ପ୍ରୋତ୍ସାହନ ଦେବା ଲାଗି ସରକାର ଦେଶରେ ଅଧିକ ଚାର୍ଜିଂ ଷ୍ଟେଶନ ସ୍ଥାପନକୁ ଗୁରୁତ୍ୱ ଦେଉଛନ୍ତି।
> – ପ୍ରକାଶ ଜାଭଡେକର, କେନ୍ଦ୍ର ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ



## ଜିଏସ୍‌ଟି କ୍ଷତିପୂରଣ ବନ୍ଦ ହେଲେ
# ରାଜ୍ୟଗୁଡ଼ିକର ରାଜସ୍ୱ ୧.୨୩ ଲକ୍ଷ କୋଟି କମିବ

**ନୂଆଦିଲ୍ଲୀ,୫–୧**

ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରେ ସରକାର ପ୍ରଦାନ କରୁଥିବା କ୍ଷତିପୂରଣ ବନ୍ଦ କଲେ ରାଜ୍ୟଗୁଡ଼ିକର ମୋଟ୍ ରାଜସ୍ୱ ୧.୨୩ ଲକ୍ଷ କୋଟି ଟଙ୍କା କମିବା ନେଇ ଆକଳନ କରାଯାଇଛି। ଏଭଳି ସ୍ଥିତିରେ ଜିଏସ୍‌ଟି କ୍ଷତିପୂରଣ ବ୍ୟବସ୍ଥା ହଟିବା ଏବଂ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ସଂଗ୍ରହ ଲଗାତର କମିଲେ ଓଡ଼ିଶା ସମେତ ଅନ୍ୟ ରାଜ୍ୟ ଏହା ଦ୍ୱାରା ପ୍ରଭାବିତ ହେବେ। ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ପଞ୍ଜାବ, ଗୋଆ, ଛତିଶଗଡ, କର୍ଣ୍ଣାଟକ ରହିଛନ୍ତି। ସେହିଭଳି ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ତ୍ରିପୁରା, ମେଘାଳୟ ଭଳି ଛୋଟ ରାଜ୍ୟ ରାଜସ୍ୱ କ୍ଷେତ୍ରରେ ଏଭଳି କ୍ଷତି ସାମ୍ନା କରିବେ ବୋଲି ଅର୍ଥନୈତିକ ଥିଙ୍କ ଟ୍ୟାଙ୍କ ଏନ୍‌ଆଇପିଏଫ୍‌ପି ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି।

୨୦୧୭ ଜୁଲାଇ ପହିଲାରୁ ଦେଶରେ ନୂଆ ପରୋକ୍ଷ ଟିକସ ଲାଗୁ ହେବା ପରେ ରାଜ୍ୟଗୁଡ଼ିକୁ ରାଜସ୍ୱ ଜନିତ କ୍ଷତି କ୍ଷେତ୍ରରେ କେନ୍ଦ୍ର ସରକାର ୫ ବର୍ଷ ଯାଏ କ୍ଷତି ପୂରଣ ଦେବାର ବ୍ୟବସ୍ଥା ରହିଥିଲା। ୫ ବର୍ଷକୁ ଟ୍ରାଞ୍ଜିଶନ ସମୟ କୁହାଯାଉଥିବା ବେଳେ ଏହା ୨୦୨୨ ଜୁନ ୩୦ରେ ଶେଷ ହେଉଛି। ଯଦି ୨୦୨୨ ଜୁନରେ କ୍ଷତି ପୂରଣ ବ୍ୟବସ୍ଥାକୁ ସରକାର ହଟାଇ ଦିଅନ୍ତି ତେବେ ରାଜ୍ୟଗୁଡ଼ିକ ୧,୦୦,୭୦୦ କୋଟିରୁ ୧,୨୩,୬୪୬ କୋଟି ମଧ୍ୟରେ ରାଜସ୍ୱ ଅନ୍ତର ସାମ୍ନା କରିବେ। ଏହା ଟିକସ ରାଜସ୍ୱ ବୃଦ୍ଧି ଏବଂ ଭରସାଯୋଗ୍ୟ ଡାଟା ଉତ୍ସ ଉପରେ ନିର୍ଭରଶୀଳ। ଏଭଳି ସ୍ଥିତିରେ ରାଜ୍ୟଗୁଡ଼ିକ ସେମାନଙ୍କ ଯୋଜନା ବାବଦ ଖର୍ଚ୍ଚ ଉଠାଇବାକୁ ହେଲେ ବର୍ତ୍ତମାନର ଟିକସ ଉତ୍ସଠାରୁ ଆବଶ୍ୟକ ପରିମାଣର ଟିକସ ସଂଗ୍ରହ କରିବାକୁ ପଡ଼ିବ କିମ୍ବା ରାଜ୍ୟଙ୍କୁ ନିଜର ଯୋଜନା ବାବଦ ଖର୍ଚ୍ଚକୁ କାଟ କରିବାକୁ ପଡ଼ିବ। କାରଣ ଜିଏସ୍‌ଟି କ୍ଷତିପୂରଣ ବନ୍ଦ ହେଲେ ରାଜ୍ୟଗୁଡ଼ିକୁ ଏକ ପ୍ରକାରର ଝଟକା ଲାଗିବ ବୋଲି ଅନୁମାନ କରାଯାଇଛି।

ଏବେ ଜିଏସ୍‌ଟି ରାଜସ୍ୱ ସଂଗ୍ରହ ହ୍ରାସ ଘଟିଛି। ଜିଏସ୍‌ଟି କ୍ଷତିପୂରଣ ଦେବା ଲାଗି ଅର୍ଥର ଆବଶ୍ୟକତା ଏବଂ କ୍ଷତିପୂରଣ ସେସ୍ ବାବଦ ସଂଗ୍ରହ ହେଉଥିବା ଟିକସ ମଧ୍ୟରେ ବଡ଼ ପାର୍ଥକ୍ୟ ରହିଛି। ଏହା ଫଳରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଠିକ୍ ସମୟରେ ଜିଏସ୍‌ଟି କ୍ଷତିପୂରଣ ଦେବାକୁ ସକ୍ଷମ ହେଉନାହାନ୍ତି। ଏହାକୁ ନେଇ ରାଜ୍ୟଗୁଡ଼ିକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଭଳି ବିଭିନ୍ନ ସମସ୍ୟାକୁ ନଜରରେ ରଖି ରାଜ୍ୟଗୁଡ଼ିକ ଜିଏସ୍‌ଟି କ୍ଷତିପୂରଣ ସମୟ ସୀମା ୨୦୨୪–୨୫ ଯାଏ ବଢ଼ାଇବାକୁ ପଞ୍ଚଦଶ ଅର୍ଥକମିଶନଙ୍କୁ ନିବେଦନ କରିଛନ୍ତି। କ୍ଷତିପୂରଣ ସେସ୍ ଉଠିଲା ପରେ ଯଦି ରାଜ୍ୟଗୁଡ଼ିକୁ ରାଜସ୍ୱ ଜନିତ ଝଟକା ଲାଗେ ତେବେ ଏହା ଦେଶର ବିତ୍ତୀୟ ପରିଚାଳନା, ସାମଗ୍ରିକ ଆର୍ଥିକ ସ୍ଥିରତାକୁ ପ୍ରଭାବିତ କରିବ ବୋଲି ରିପୋର୍ଟରେ କୁହାଯାଇଛି। ସରକାର କ୍ଷତିପୂରଣ ପ୍ରଦାନ ସମୟଠାରୁ ଅଧିକ ସମୟ କ୍ଷତିପୂରଣ ପ୍ରଦାନ ନେଇ ଯଦି ବ୍ୟବସ୍ଥା କରନ୍ତି ତେବେ ବର୍ତ୍ତମାନର ଅବସ୍ଥାକୁ ଦେଖିଲେ ତାହା ପ୍ରତୀୟମାନ ହେଉନାହିଁ।

### କ୍ଷତି ସହିପାରନ୍ତି ଓଡ଼ିଶା ସହ ଅନ୍ୟ ରାଜ୍ୟ




## ୪ ଦିନ ଧରି ବଢ଼ୁଛି ତେଲ ଦର

**ନୂଆଦିଲ୍ଲୀ,୫–୧**



ଇରାନ ଉପରେ ଆମେରିକାର ଏୟାର ଷ୍ଟ୍ରାଇକ ପରେ ରବିବାର ସମେତ ଗତ ୪ ଦିନ ହେବ ଲଗାତର ତେଲ ଦର ବୃଦ୍ଧି ଘଟୁଛି। ଆମେରିକା ଏବଂ ଇରାନ ମଧ୍ୟରେ ଏହି ତିକ୍ତତା ବଢ଼ିଲେ ଏହା ବଜାର ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଛନ୍ତି। ତେଲ ବଜାରରେ ପ୍ରଭାବ ଆସିବା ଯୋଗୁ ପେଟ୍ରୋଲର ରିଟେଲ ପମ୍ପ ମୂଲ୍ୟ କ୍ଷେତ୍ରରେ ୯ ପଇସା ଏବଂ ଡିଜେଲର ଲିଟର ପ୍ରତି ଦର ୧୧ ପଇସା ବଢ଼ିଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ସୂଚନା ଦେଇଛନ୍ତି। ଦିଲ୍ଲୀରେ ରବିବାର ପେଟ୍ରୋଲ ଲିଟର ପିଛା ଦର ୭୫.୫୪ ଟଙ୍କା ଥିବା ବେଳେ ଏହା ଗୋଟିଏ ବର୍ଷର ରେକର୍ଡ ଭାଙ୍ଗିଛି। ଏହି ସମୟରେ ଡିଜେଲ ଦର ୬୮.୫୧ ଟଙ୍କା ଛୁଇଁଛି। ସୋମବାର ତୈଳ ବଜାର ପୁଣି ଥରେ ଖୋଲିବ। ଭାରତ ଏହାର ୮୪% ଇନ୍ଧନ ଆବଶ୍ୟକତା ଆମଦାନୀ ଦ୍ୱାରା ପୂରଣ କରୁଛି। ଭାରତ ଏହାର ମୋଟ ଇନ୍ଧନ ଆବଶ୍ୟକତା ମଧ୍ୟରୁ ଦୁଇ ତୃତୀୟାଂଶ କେବଳ ମଧ୍ୟପ୍ରାଚ୍ୟରୁ ଆମଦାନୀ କରିଥାଏ। ଭାରତକୁ ତେଲ ଯୋଗାଉଥିବା ପ୍ରମୁଖ ରାଷ୍ଟ୍ର ମଧ୍ୟରେ ଇରାକ ଏବଂ ସୌଦି ଆରବ ରହିଛି। ତ୍ୱରିତ ଭିତ୍ତିରେ ଯୋଗାଣ କ୍ଷେତ୍ରରେ ଭାରତ ଉପରେ କୌଣସି ପ୍ରଭାବ ପଡ଼ିବନି ବୋଲି କୁହାଯାଇଛି। ମାତ୍ର ତେଲ ଦର ଉପରେ ଏହାର କିଛିଟା ପ୍ରଭାବ ପଡ଼ିବ ବୋଲି ଜଣେ ସରକାରୀ ଅଧିକାରୀ କହିଛନ୍ତି। ଚଳିତ ବର୍ଷ ଜାନୁୟାରୀ ୨ ପରଠାରୁ ପେଟ୍ରୋଲ ଦର ୩୮ ପଇସା ଏବଂ ଡିଜେଲ ଦର ୫୫ ପଇସା ବଢ଼ିଛି। ଡିସେମ୍ବର ୨୬ ପରଠାରୁ ପେଟ୍ରୋଲ ଦର ୯୧ ପଇସା ବଢ଼ିଥିବା ବେଳେ ନଭେମ୍ବର ୨୯ ପରଠାରୁ ଡିଜେଲ ଦର ୨.୭୮ ଟଙ୍କା ବଢ଼ିଛି।

## ଇରାନକୁ ପ୍ରଭାବିତ ହୋଇପାରେ ରପ୍ତାନି

**ନୂଆଦିଲ୍ଲୀ,୫–୧**

ଆମେରିକା–ଇରାନ ମଧ୍ୟରେ ଏବେ ଯୁଦ୍ଧ ଆଶଙ୍କା ଲାଗି ରହିଛି। ଦୁଇ ଦେଶ ମଧ୍ୟରେ ତିକ୍ତତା ବଢ଼ିଲେ ପାରସ୍ୟ ଗଲ୍ଫ ଦେଶଗୁଡ଼ିକୁ ଭାରତର ରପ୍ତାନି ପ୍ରଭାବିତ ହୋଇପାରେ ବୋଲି ଫେଡେରେଶନ ଅଫ୍ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେଶନ (ଏଫ୍‌ଆଇଇଓ) ମହାନିର୍ଦ୍ଦେଶକ ଅଜୟ ସାହାଇ କହିଛନ୍ତି। ବର୍ତ୍ତମାନ ଯାଏ ଇରାନକୁ ରପ୍ତାନି ନେଇ କୌଣସି ଆଶଙ୍କା ପ୍ରକାଶ ପାଇ ନ ଥିଲା। ହେଲେ ଇରାନରେ ସମସ୍ୟା ଲାଗି ରହିଲେ ଉକ୍ତ ଦେଶକୁ ଭାରତର ରପ୍ତାନି ପ୍ରଭାବିତ ହେବ। ଇରାନ ଭାରତ ସହ ବାଣିଜ୍ୟ ସହଭାଗିତାରେ ସାମିଲ ହୋଇଛି। ଏହା ଭାରତକୁ ତେଲ, ସାର, ରସାୟନ ସାମଗ୍ରୀ ପଠାଉଥିବା ବେଳେ ଭାରତଠାରୁ ଡାଲି, ଚା, କଫି, ବାସମତି ଚାଉଳ, ମସଲା ଭଳି ବିଭିନ୍ନ ସାମଗ୍ରୀ ଆମଦାନୀ କରୁଛି। ପର୍ସିଆ ଗଲ୍ଫ ଦେଶଗୁଡ଼ିକୁ ଭାରତ ୨୦୧୮–୧୯ରେ ୨୪,୯୨୦ କୋଟି ଟଙ୍କାର ସମାଗ୍ରୀ ପଠାଇଛି।

## 'ଟାଟାସନ୍ସ ଅଧ୍ୟକ୍ଷ ପଦବୀକୁ ଫେରିବାକୁ ଇଚ୍ଛା ନାହିଁ'

**ନୂଆଦିଲ୍ଲୀ,୫–୧**



ଟାଟାସନ୍ସର ଅଧ୍ୟକ୍ଷ ପଦବୀକୁ ଫେରିବା ଲାଗି ଇଚ୍ଛା ନାହିଁ ବୋଲି ପୂର୍ବତନ ଅଧ୍ୟକ୍ଷ ସାଇରସ ମିସ୍ତ୍ରି ରବିବାର କହିଛନ୍ତି। କ୍ଷୁଦ୍ର ଅଂଶୀଦାର ଭାବେ ସାପୋରଜୀ ପାଲୋଞ୍ଜୀ ଗ୍ରୁପ, ଟାଟାସନ୍ସ ବୋର୍ଡରେ ବସିବାର ଅଧିକାରକୁ ସୁରକ୍ଷା ପ୍ରଦାନ ଭଳି ବିଭିନ୍ନ ବିକଳ୍ପ ଉପରେ ବିଚାର କରାଯାଇଛି ବୋଲି ମିସ୍ତ୍ରି ରବିବାର ମତ ରଖିଛନ୍ତି। ମାତ୍ର ଟାଟା ଗ୍ରୁପର ଅଧ୍ୟକ୍ଷ ଭାବେ ବମ୍ବେ ହାଉସକୁ ଆଉ ଫେରିବାକୁ ଇଚ୍ଛା ନ ଥିବା ସେ ମତ ରଖିଛନ୍ତି। ୨୦୧୬ ଅକ୍ଟୋବରରେ ଏକ ବିବାଦୀୟ ସ୍ଥିତିରେ ମିସ୍ତ୍ରିଙ୍କୁ ଟାଟା ଗ୍ରୁପ ଅଧ୍ୟକ୍ଷ ପଦବୀରୁ ହଟାଯାଇଥିଲା। ଟାଟାସନ୍ସରେ ମିସ୍ତ୍ରିଙ୍କ ସାପୋରଜୀ ପାଲୋଞ୍ଜୀ ଗ୍ରୁପର ୧୮.୫% ଅଂଶଧନ ରହିଛି। ଏନ୍‌ସିଏଲ୍‌ଏଟି ଦେଇଥିବା ରାୟକୁ ମିସ୍ତ୍ରି ସ୍ୱାଗତ କରିବା ସହ ଏହି ମାମଲା ଉପରେ ନିଜର ନୀରବତା ଭାଙ୍ଗିଛନ୍ତି। ଗତ ୩ ବର୍ଷ ହେବ କ୍ଷୁଦ୍ର ଅଂଶୀଦାରଙ୍କ ଅଧିକାରୀ ଉପରେ କୁଠାରଘାତ କରାଯାଇଥିବା ସେ ମତ ରଖିଛନ୍ତି। ଅପରପକ୍ଷରେ ଏନ୍‌ସିଏଲ୍‌ଏଟିଙ୍କ ରାୟ ବିରୋଧରେ ଟାଟା ଗ୍ରୁପର ଅନ୍ୟ ଏକ କମ୍ପାନୀ ଟିସିଏସ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

## ବଜେଟକୁ ଅପେକ୍ଷା ନ କରି ବିଭିନ୍ନ ପଦକ୍ଷେପ ନିଆଯାଉଛି: ସୀତାରାମନ୍



**ନୂଆଦିଲ୍ଲୀ,୫–୧:** ବିଭିନ୍ନ କ୍ଷେତ୍ର ସାମ୍ନା କରୁଥିବା ସମସ୍ୟାକୁ ବିଚାର କରି ସରକାର ପଦକ୍ଷେପ ନେଉଛନ୍ତି। ଏଥି ଲାଗି ବଜେଟ ଯାଏ ଅପେକ୍ଷା କରାଯାଉନାହିଁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ଗତ ୨ ମାସ ହେବ ଲଗାତର ଭାବେ ଜିଏସ୍‌ଟି ସଂଗ୍ରହରେ ଉନ୍ନତି ଆସିଥିବାରୁ ଆଗାମୀ ମାସଗୁଡ଼ିକରେ ସ୍ଥିତି ଭଲ ରହିବ ବୋଲି ସୀତାରାମନ୍ ଆଶାବାଦୀ ରହିଛନ୍ତି। ଏହାସହ କେନ୍ଦ୍ର ସରକାର ଭାଜପା ଶାସିତ ଏବଂ ଅଣଭାଜପା ଶାସିତ ରାଜ୍ୟ ମଧ୍ୟରେ କୌଣସି ପାର୍ଥକ୍ୟ କରୁନାହାନ୍ତି। ଚତୁର୍ଦ୍ଦଶ ଅର୍ଥ କମିଶନ ଦେଇଥିବା ପ୍ରସ୍ତାବ ଆଧାରରେ ରାଜ୍ୟଗୁଡ଼ିକୁ ଅର୍ଥ ଯୋଗାଇ ଦିଆଯାଉଛି। ପାର୍ବଣ ସମୟରେ ବ୍ୟାଙ୍କଗୁଡ଼ିକ ଲୋକଙ୍କୁ ଋଣ ଯୋଗାଇଥିବା ସୀତାରାମନ୍ କହିଛନ୍ତି।


# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ମଡ୍ଲେ ଟ୍ରାଇବାଲ୍ ଏଜୁକେସନ ସୋସାଇଟି (OMTES), ଭୁବନେଶ୍ୱର
**Biju Pattanaik Adarsha Vidyalaya**
## (ଟ୍ରାଇବାଲ ରୁରାଲ ଟ୍ୟାଲେଣ୍ଟ ସର୍ଚ୍ଚ) TRTS ପ୍ରବେଶିକା ପରୀକ୍ଷା ବିଜ୍ଞାପନ

No.: V-70: ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ୧ ଗୋଟି ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ୨୦୧୮– ୧୯ ଶିକ୍ଷାବର୍ଷଠାରୁ କାର୍ଯ୍ୟକ୍ଷମ ହୋଇଅଛି। ଏଥି ନିମନ୍ତେ ଶିକ୍ଷାବର୍ଷ ୨୦୨୦–୨୧ ପାଇଁ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଟି.ଆର୍.ଟି.ଏସ୍ (TRTS) ପ୍ରବେଶିକା ପରୀକ୍ଷା ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ସମୁଦାୟ ସ୍ଥାନର ୫ ଶତକଡ଼ା ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଯଦି ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଆବେଦନକାରୀ ନଥାନ୍ତି ତେବେ ଉକ୍ତ ସ୍ଥାନଗୁଡ଼ିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂରଣ କରାଯିବ। ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ୍ ଦେବାକୁ ପଡ଼ିବ ନାହିଁ। **ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୩୧।୦୧।୨୦୨୦।** ଆଗ୍ରହୀ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଦା କାଗଜରେ ପୂରଣ କରି ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟକୁ ପଠାଇବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଉକ୍ତ **ପ୍ରବେଶିକା ପରୀକ୍ଷା ୦୧।୦୩।୨୦୨୦ ତାରିଖ (ରବିବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ** ନିମ୍ନୋକ୍ତ କେନ୍ଦ୍ରମାନଙ୍କରେ ଅନୁଷ୍ଠିତ ହେବ। ଆବେଦନ ପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୱେବ୍‌ସାଇଟ୍ www.stscodisha.gov.in/ କିମ୍ବା ଓଡ଼ିଶା ମଡ୍ଲେ ଟ୍ରାଇବାଲ୍ ଏଜୁକେସନ ସୋସାଇଟି (OMTES)ର ୱେବ୍‌ସାଇଟ୍ www.omtes.orgରୁ ପାଇପାରିବେ।

| କ୍ରମିକ ସଂଖ୍ୟା | ବିଦ୍ୟାଳୟର ନାମ ଏବଂ ଠିକଣା | ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ସଂଖ୍ୟା: ବାଳକ | ବାଳିକା | ପ୍ରବେଶିକା ପରୀକ୍ଷା କେନ୍ଦ୍ରର ନାମ | ଦରଖାସ୍ତ ଜମା କରିବା ସ୍ଥାନ ଏବଂ ଠିକଣା |
|---|---|---|---|---|---|
| ୧ | ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, କନିସି, ବ୍ରହ୍ମପୁର, ଗଞ୍ଜାମ | ଅନୁସୂଚିତ ଜନଜାତି – ୫୦ ଆଦିମ ଜନଜାତି – ୦୪ ଅନୁସୂଚିତ ଜାତି – ୦୬ | ଅନୁସୂଚିତ ଜନଜାତି – ୫୦ ଆଦିମ ଜନଜାତି – ୦୪ ଅନୁସୂଚିତ ଜାତି – ୦୬ | ହୁମ୍ମା ଉଚ୍ଚ ବିଦ୍ୟାଳୟ, ହୁମ୍ମା (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଛତ୍ରପୁର, ଗଞ୍ଜାମ |

**ବିଶେଷ ଦ୍ରଷ୍ଟବ୍ୟ:** (୧) ଏଠାରେ ପୁନଶ୍ଚ ସୂଚାଇ ଦିଆଯାଉଛି ଯେ, ଅନୁସୂଚିତ ଜନଜାତିର ପିଲାମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ରର ନକଲ ଦରଖାସ୍ତରେ ସଂଲଗ୍ନ କରି ଆବେଦନ କରିବେ।

ସ୍ୱା./– ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି)
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

### ପ୍ରବେଶିକା ପରୀକ୍ଷା ପାଇଁ ଦରଖାସ୍ତ ନମୁନା

୧. ଛାତ୍ରଛାତ୍ରୀଙ୍କ ନାମ :
୨. ପିତା/ଅଭିଭାବକଙ୍କ ନାମ :
୩. ମାତାଙ୍କ ନାମ :
୪. ଠିକଣା: ଗ୍ରାମ: ପୋଷ୍ଟ: ଭାୟା: ଥାନା: ବ୍ଲକ: ତହସିଲ: ଜିଲ୍ଲା:
୫. ଜନ୍ମ ତାରିଖ :
୬. ଅନୁସୂଚିତ ଜନଜାତିର ନାମ (ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ) :
୭. ଆବେଦନକାରୀଙ୍କ ଆଧାର ପ୍ରମାଣପତ୍ରର ସଂଲଗ୍ନ କରିବେ :
୮. ଯଦି ଆବେଦନକାରୀ ଦିବ୍ୟାଙ୍ଗ ହୋଇଥାନ୍ତି ତେବେ ତାହାର ପ୍ରମାଣପତ୍ରର ସଂଲଗ୍ନ କରିବେ :
୯. ପଞ୍ଚମ ଶ୍ରେଣୀରେ ପଢ଼ୁଥିବା ସ୍କୁଲର ନାମ :
୧୦. ପଞ୍ଚମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ବର୍ଷ :
୧୧. ପଢ଼ିବାକୁ ଚାହୁଁଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ନାମ :
୧୨. ଅଭିଭାବକଙ୍କ ମୋବାଇଲ ନମ୍ବର :
୧୩. ପ୍ରବେଶିକା ପରୀକ୍ଷା ଦେବାକୁ ଚାହୁଁଥିବା କେନ୍ଦ୍ରର ନାମ :
୧୪. ଆବେଦନକାରୀ ୨ଗୋଟି କଲର ପାସ୍‌ପୋର୍ଟ ସାଇଜ ଫଟୋ ପ୍ରମାଣପତ୍ରର ସଂଲଗ୍ନ କରିବେ :

ପାସ୍‌ପୋର୍ଟ ଫଟୋ

ଘୋଷଣା

ଦରଖାସ୍ତରେ ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ।
ପ୍ରଧାନଶିକ୍ଷକଙ୍କ ସ୍ୱାକ୍ଷର/ତାରିଖ/ମୋହର — ଛାତ୍ର/ଛାତ୍ରୀଙ୍କ ସ୍ୱାକ୍ଷର

# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ମଡ୍ଲେ ଟ୍ରାଇବାଲ୍ ଏଜୁକେସନ ସୋସାଇଟି (OMTES), ଭୁବନେଶ୍ୱର
**Kalinga Model Residential Schools (KMRS)**
## (ଟ୍ରାଇବାଲ ରୁରାଲ ଟ୍ୟାଲେଣ୍ଟ ସର୍ଚ୍ଚ) TRTS ପ୍ରବେଶିକା ପରୀକ୍ଷା ବିଜ୍ଞାପନ

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ୪ ଗୋଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ (KMRS) ୨୦୧୮– ୧୯ ଶିକ୍ଷାବର୍ଷଠାରୁ କାର୍ଯ୍ୟକ୍ଷମ ହୋଇଅଛି। ଏଥି ନିମନ୍ତେ ଶିକ୍ଷାବର୍ଷ ୨୦୨୦–୨୧ ପାଇଁ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଟି.ଆର୍.ଟି.ଏସ୍ (TRTS) ପ୍ରବେଶିକା ପରୀକ୍ଷା ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ସମୁଦାୟ ସ୍ଥାନର ୫ ଶତକଡ଼ା ଭିନ୍ନକ୍ଷମ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଯଦି ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଆବେଦନକାରୀ ନଥାନ୍ତି ତେବେ ଉକ୍ତ ସ୍ଥାନଗୁଡ଼ିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂରଣ କରାଯିବ। ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ୍ ଦେବାକୁ ପଡ଼ିବ ନାହିଁ। **ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୩୧।୦୧।୨୦୨୦।** ଆଗ୍ରହୀ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଦା କାଗଜରେ ପୂରଣ କରି ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟକୁ ପଠାଇବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଉକ୍ତ **ପ୍ରବେଶିକା ପରୀକ୍ଷା ୦୧।୦୩।୨୦୨୦ ତାରିଖ (ରବିବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ** ନିମ୍ନୋକ୍ତ କେନ୍ଦ୍ରମାନଙ୍କରେ ଅନୁଷ୍ଠିତ ହେବ। ଆବେଦନ ପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୱେବ୍‌ସାଇଟ୍ www.stscodisha.gov.in/ କିମ୍ବା ଓଡ଼ିଶା ମଡ୍ଲେ ଟ୍ରାଇବାଲ୍ ଏଜୁକେସନ ସୋସାଇଟି (OMTES)ର ୱେବ୍‌ସାଇଟ୍ www.omtes.orgରୁ ପାଇପାରିବେ।

| କ୍ରମିକ ସଂଖ୍ୟା | ବିଦ୍ୟାଳୟ ଗୁଡ଼ିକର ନାମ ଏବଂ ଠିକଣା | ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ସଂଖ୍ୟା: ବାଳକ | ବାଳିକା | ପ୍ରବେଶିକା ପରୀକ୍ଷା କେନ୍ଦ୍ରର ନାମ | ଦରଖାସ୍ତ ଜମା କରିବା ସ୍ଥାନ ଏବଂ ଠିକଣା |
|---|---|---|---|---|---|
| ୧ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ବାଲିମେଳା, କୋରକୁଣ୍ଡା, ମାଲକାନଗିରି | ଅନୁସୂଚିତ ଜନଜାତି – ୨୫ ଆଦିମ ଜନଜାତି – ୦୨ ଅନୁସୂଚିତ ଜାତି – ୦୩ | ଅନୁସୂଚିତ ଜନଜାତି – ୨୫ ଆଦିମ ଜନଜାତି – ୦୨ ଅନୁସୂଚିତ ଜାତି – ୦୩ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମାଲକାନଗିରି (ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ମାଲକାନଗିରି |
| ୨ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଇକିଆ, କନ୍ଧମାଳ | ଅନୁସୂଚିତ ଜନଜାତି – ୨୫ ଆଦିମ ଜନଜାତି – ୦୨ ଅନୁସୂଚିତ ଜାତି – ୦୩ | ଅନୁସୂଚିତ ଜନଜାତି – ୨୫ ଆଦିମ ଜନଜାତି – ୦୨ ଅନୁସୂଚିତ ଜାତି – ୦୩ | ରାଇକିଆ ଉଚ୍ଚ ବିଦ୍ୟାଳୟ, କନ୍ଧମାଳ (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, କନ୍ଧମାଳ |
| ୩ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ଖଜୁରିପଡ଼ା, କନ୍ଧମାଳ | ଅନୁସୂଚିତ ଜନଜାତି – ୨୫ ଆଦିମ ଜନଜାତି – ୦୨ ଅନୁସୂଚିତ ଜାତି – ୦୩ | ଅନୁସୂଚିତ ଜନଜାତି – ୨୫ ଆଦିମ ଜନଜାତି – ୦୨ ଅନୁସୂଚିତ ଜାତି – ୦୩ | ଦୁତିପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ, ଖଜୁରିପଡ଼ା (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) | |
| ୪ | କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ଓମରକୋଟ, ନବରଙ୍ଗପୁର | ଅନୁସୂଚିତ ଜନଜାତି – ୨୫ ଆଦିମ ଜନଜାତି – ୦୨ ଅନୁସୂଚିତ ଜାତି – ୦୩ | ଅନୁସୂଚିତ ଜନଜାତି – ୨୫ ଆଦିମ ଜନଜାତି – ୦୨ ଅନୁସୂଚିତ ଜାତି – ୦୩ | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଉଚ୍ଚ ବିଦ୍ୟାଳୟ, ଓମରକୋଟ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର |

**ବିଶେଷ ଦ୍ରଷ୍ଟବ୍ୟ:** (୧) ଏଠାରେ ପୁନଶ୍ଚ ସୂଚାଇ ଦିଆଯାଉଛି ଯେ, ଅନୁସୂଚିତ ଜନଜାତିର ପିଲାମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ରର ନକଲ ଦରଖାସ୍ତରେ ସଂଲଗ୍ନ କରି ଆବେଦନ କରିବେ।

ସ୍ୱା./– ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି)
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

### ପ୍ରବେଶିକା ପରୀକ୍ଷା ପାଇଁ ଦରଖାସ୍ତ ନମୁନା

୧. ଛାତ୍ରଛାତ୍ରୀଙ୍କ ନାମ :
୨. ପିତା/ଅଭିଭାବକଙ୍କ ନାମ :
୩. ମାତାଙ୍କ ନାମ :
୪. ଠିକଣା: ଗ୍ରାମ: ପୋଷ୍ଟ: ଭାୟା: ଥାନା: ବ୍ଲକ: ତହସିଲ: ଜିଲ୍ଲା:
୫. ଜନ୍ମ ତାରିଖ :
୬. ଅନୁସୂଚିତ ଜନଜାତିର ନାମ (ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ) :
୭. ଆବେଦନକାରୀଙ୍କ ଆଧାର ପ୍ରମାଣପତ୍ରର ସଂଲଗ୍ନ କରିବେ :
୮. ଯଦି ଆବେଦନକାରୀ ଦିବ୍ୟାଙ୍ଗ ହୋଇଥାନ୍ତି ତେବେ ତାହାର ପ୍ରମାଣପତ୍ରର ସଂଲଗ୍ନ କରିବେ :
୯. ପଞ୍ଚମ ଶ୍ରେଣୀରେ ପଢ଼ୁଥିବା ସ୍କୁଲର ନାମ :
୧୦. ପଞ୍ଚମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ବର୍ଷ :
୧୧. ପଢ଼ିବାକୁ ଚାହୁଁଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ନାମ :
୧୨. ଅଭିଭାବକଙ୍କ ମୋବାଇଲ ନମ୍ବର :
୧୩. ପ୍ରବେଶିକା ପରୀକ୍ଷା ଦେବାକୁ ଚାହୁଁଥିବା କେନ୍ଦ୍ରର ନାମ :
୧୪. ଆବେଦନକାରୀ ୨ଗୋଟି କଲର ପାସ୍‌ପୋର୍ଟ ସାଇଜ ଫଟୋ ପ୍ରମାଣପତ୍ରର ସଂଲଗ୍ନ କରିବେ :

ପାସ୍‌ପୋର୍ଟ ଫଟୋ

ଘୋଷଣା

ଦରଖାସ୍ତରେ ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ।
ପ୍ରଧାନଶିକ୍ଷକଙ୍କ ସ୍ୱାକ୍ଷର/ତାରିଖ/ମୋହର — ଛାତ୍ର/ଛାତ୍ରୀଙ୍କ ସ୍ୱାକ୍ଷର

# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଓଡ଼ିଶା ମଡ୍ଲେ ଟ୍ରାଇବାଲ୍ ଏଜୁକେସନ ସୋସାଇଟି (OMTES), ଭୁବନେଶ୍ୱର
**Ekalavya Model Residential School (EMRS)**
## (ଟ୍ରାଇବାଲ ରୁରାଲ ଟ୍ୟାଲେଣ୍ଟ ସର୍ଚ୍ଚ) TRTS ପ୍ରବେଶିକା ପରୀକ୍ଷା ବିଜ୍ଞାପନ

ଭାରତ ସରକାରଙ୍କ ଅନୁଦାନରେ କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର, ଗଜପତି, କନ୍ଧମାଳ, ନବରଙ୍ଗପୁର, ଯାଜପୁର, ମାଲକାନଗିରି, ନୂଆପଡ଼ା, ସମ୍ବଲପୁର, ବଲାଙ୍ଗିର, ସୁନ୍ଦରଗଡ଼, କଳାହାଣ୍ଡି, ଦେବଗଡ଼, ଝାରସୁଗୁଡ଼ା ଏବଂ ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (EMRS) ମାନଙ୍କରେ ଶିକ୍ଷାବର୍ଷ ୨୦୨୦–୨୧ ପାଇଁ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ଟି.ଆର୍.ଟି.ଏସ୍ (TRTS) ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ସମୁଦାୟ ସ୍ଥାନର ୫ ଶତକଡ଼ା ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଯଦି ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଆବେଦନକାରୀ ନଥାନ୍ତି ତେବେ ଉକ୍ତ ସ୍ଥାନଗୁଡ଼ିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂରଣ କରାଯିବ। ପ୍ରବେଶିକା ପରୀକ୍ଷାର ସଫଳତା ଭିତ୍ତିରେ ପ୍ରତ୍ୟେକ ବିଦ୍ୟାଳୟରେ ୩୦ଜଣ ଛାତ୍ର ଓ ୩୦ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯିବ। ଏତଦ୍‌ବ୍ୟତୀତ ନିର୍ଦ୍ଦିଷ୍ଟ ସ୍ଥାନ ସଂଖ୍ୟାର ୧୦ ପ୍ରତିଶତ ଅଧିକ ସ୍ଥାନ ଅଣ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ତନ୍ମଧ୍ୟରୁ ସମ୍ପୃକ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟମାନଙ୍କରେ କାର୍ଯ୍ୟରତ ଶିକ୍ଷକ/କର୍ମଚାରୀମାନଙ୍କ ପିଲା, ଉଗ୍ରବାଦ ଦ୍ୱାରା ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କର ପିଲା, ବିଧବାଙ୍କ ପିଲା ଓ ଦିବ୍ୟାଙ୍ଗ ପିତାମାତାଙ୍କ ପିଲାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନାମ ଲେଖାଇବାପାଇଁ ସୁଯୋଗ ଦିଆଯିବ। ଏତଦ୍‌ବ୍ୟତୀତ ୨୦ ପ୍ରତିଶତ ସ୍ଥାନ ଅନୁସୂଚିତ ଜନଜାତିର ଖେଳାଳିମାନଙ୍କ ପାଇଁ ଉଦ୍ଦିଷ୍ଟ।

ଉକ୍ତ ପରୀକ୍ଷା ପାଇଁ କୌଣସି ଫିସ୍ ଦେବାକୁ ପଡ଼ିବ ନାହିଁ। **ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୩୧।୦୧।୨୦୨୦।** ଉପରୋକ୍ତ ବର୍ଗର ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଦା କାଗଜରେ ପୂରଣ କରି ସମ୍ପୃକ୍ତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟକୁ ପଠାଇବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଉକ୍ତ **ପ୍ରବେଶିକା ପରୀକ୍ଷା ୦୧।୦୩।୨୦୨୦ ତାରିଖ (ରବିବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ** ନିମ୍ନୋକ୍ତ କେନ୍ଦ୍ରମାନଙ୍କରେ ଅନୁଷ୍ଠିତ ହେବ। ଆବେଦନ ପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୱେବ୍‌ସାଇଟ୍ www.stscodisha.gov.in/ କିମ୍ବା ଓଡ଼ିଶା ମଡ୍ଲେ ଟ୍ରାଇବାଲ୍ ଏଜୁକେସନ ସୋସାଇଟି (OMTES)ର ୱେବ୍‌ସାଇଟ୍ www.omtes.orgରୁ ପାଇପାରିବେ।

| କ୍ରମିକ ସଂଖ୍ୟା | ଆଦର୍ଶ ବିଦ୍ୟାଳୟର ଅବସ୍ଥିତି | ସମ୍ପୃକ୍ତ ପ୍ରବେଶିକା ପରୀକ୍ଷା କେନ୍ଦ୍ରର ନାମ | ଦରଖାସ୍ତ ଗ୍ରହଣ କରିବା ଅଧିକାରୀଙ୍କ ଠିକଣା |
|---|---|---|---|
| ୧ | ଧାନଘେରା, ଜିଲ୍ଲା– ମୟୂରଭଞ୍ଜ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଧାନଘେରା | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଧାନଘେରା |
| ୨ | ଭବାନୀପୁର, ଜିଲ୍ଲା– ସୁନ୍ଦରଗଡ଼ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଭବାନୀପୁର | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଭବାନୀପୁର |
| ୩ | ସିରିଗୁଡ଼ା, ଜିଲ୍ଲା– ରାୟଗଡ଼ା | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସିରିଗୁଡ଼ା | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସିରିଗୁଡ଼ା |
| ୪ | ପୁଙ୍ଗାର, ଜିଲ୍ଲା– କୋରାପୁଟ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ପୁଙ୍ଗାର | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ପୁଙ୍ଗାର |
| ୫ | ରାଜି, ଜିଲ୍ଲା– କେନ୍ଦୁଝର | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଜି | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାଜି |
| ୬ | ଚନ୍ଦ୍ରଗିରି, ଜିଲ୍ଲା– ଗଜପତି | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି |
| ୭ | ମହାସିଙ୍ଗି, ଜିଲ୍ଲା– କନ୍ଧମାଳ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମହାସିଙ୍ଗି, ବାଲିଗୁଡ଼ା | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମହାସିଙ୍ଗି, ବାଲିଗୁଡ଼ା |
| ୮ | ହିଲି, ଜିଲ୍ଲା– ନବରଙ୍ଗପୁର | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ହିଲି, ଜିଲ୍ଲା– ନବରଙ୍ଗପୁର | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ହିଲି, ଜିଲ୍ଲା– ନବରଙ୍ଗପୁର |
| ୯ | ଲହୁଣିପଡ଼ା, ଜିଲ୍ଲା– ସୁନ୍ଦରଗଡ଼ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲହୁଣିପଡ଼ା, ସୁନ୍ଦରଗଡ଼ | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲହୁଣିପଡ଼ା, ସୁନ୍ଦରଗଡ଼ |
| ୧୦ | ଲାଇଙ୍ଗ (ମନ୍ଦିରାଡ୍ୟାମ ପାଖ), ଜିଲ୍ଲା– ସୁନ୍ଦରଗଡ଼ | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲାଇଙ୍ଗ (ମନ୍ଦିର ଡ୍ୟାମ ପାଖ), ସୁନ୍ଦରଗଡ଼ | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଲାଇଙ୍ଗ (ମନ୍ଦିର ଡ୍ୟାମ ପାଖ), ସୁନ୍ଦରଗଡ଼ |
| ୧୧ | ରାମ୍ପିଲୋ, କଳିଙ୍ଗନଗର, ଜିଲ୍ଲା– ଯାଜପୁର | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାମ୍ପିଲୋ, କଳିଙ୍ଗନଗର, ଯାଜପୁର | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ରାମ୍ପିଲୋ, କଳିଙ୍ଗନଗର, ଯାଜପୁର |
| ୧୨ | ମାଲକାନଗିରି, ଜିଲ୍ଲା– ମାଲକାନଗିରି | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମାଲକାନଗିରି | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ମାଲକାନଗିରି |
| ୧୩ | ନୂଆପଡ଼ା, ଜିଲ୍ଲା– ନୂଆପଡ଼ା | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଖରିଆର ରୋଡ୍ | ଅଧ୍ୟକ୍ଷ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ନୂଆପଡ଼ା, ଖରିଆର ରୋଡ୍ |
| ୧୪ | କୁଚିଣ୍ଡା, ଜିଲ୍ଲା– ସମ୍ବଲପୁର | ବାଳକ ଉଚ୍ଚ ବିଦ୍ୟାଳୟ, କୁଚିଣ୍ଡା (ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ସମ୍ବଲପୁର |
| ୧୫ | ତୁମରବାହାଲ, ଜିଲ୍ଲା– ବଲାଙ୍ଗିର | ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ତୁମରବାହାଲ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗିର |
| ୧୬ | ବିକ୍ରମପୁର, ଜିଲ୍ଲା– ରାୟଗଡ଼ା | ସରକାରୀ ଉଚ୍ଚ ବିଦ୍ୟାଳୟ, କୁଚେନ୍ଦ୍ରୀ (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) | ପ୍ରକଳ୍ପ ପ୍ରଶାସକଙ୍କ କାର୍ଯ୍ୟାଳୟ, ଗୁଣୁପୁର (ରାୟଗଡ଼ା) |
| ୧୭ | ବାଙ୍ଗିରପୋଷି, ଜିଲ୍ଲା– ମୟୂରଭଞ୍ଜ | ବାରିପଦା ମହାବିଦ୍ୟାଳୟ, ବାରିପଦା | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ |
| ୧୮ | କରଞ୍ଜିଆ, ଜିଲ୍ଲା– ମୟୂରଭଞ୍ଜ | କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ, କରଞ୍ଜିଆ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ |
| ୧୯ | କୁଆଁରମୁଣ୍ଡା, ଜିଲ୍ଲା– ସୁନ୍ଦରଗଡ଼ | ସରକାରୀ ଉଚ୍ଚ ବିଦ୍ୟାଳୟ, ଉଦିତ୍‌ନଗର (ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼ |
| ୨୦ | ଧନରଭଟ୍ଟା, ଜିଲ୍ଲା– କଳାହାଣ୍ଡି | ସରକାରୀ ଉଚ୍ଚ ବିଦ୍ୟାଳୟ, ପାସ୍ତିକୁଡ଼ି (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, କଳାହାଣ୍ଡି |
| ୨୧ | ରାଇରଙ୍ଗପୁର, ଜିଲ୍ଲା– ମୟୂରଭଞ୍ଜ | ରାଇରଙ୍ଗପୁର ମହାବିଦ୍ୟାଳୟ, ରାଇରଙ୍ଗପୁର | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ |
| ୨୨ | ଫିରିଙ୍ଗିଆ, ଜିଲ୍ଲା– କନ୍ଧମାଳ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନେଡ଼ିପଦର (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, କନ୍ଧମାଳ |
| ୨୩ | ଚମ୍ପୁଆ, ଜିଲ୍ଲା– କେନ୍ଦୁଝର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଅସନପାଟ (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, କେନ୍ଦୁଝର |
| ୨୪ | ଜୟପୁର, ଜିଲ୍ଲା– କୋରାପୁଟ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ହରଡ଼ାପୁଟ (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, କୋରାପୁଟ |
| ୨୫ | ତିଲେଇବଣୀ, ଜିଲ୍ଲା– ଦେବଗଡ଼ | ସରକାରୀ ବୈଷୟିକ ମହାବିଦ୍ୟାଳୟ, ଦେବଗଡ଼ | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଦେବଗଡ଼ |
| ୨୬ | କିରମୀରା, ଜିଲ୍ଲା– ଝାରସୁଗୁଡ଼ା | ଇଞ୍ଜିନିୟରିଂ କଲେଜ, ଝାରସୁଗୁଡ଼ା | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା |
| ୨୭ | ନୀଳଗିରି, ଜିଲ୍ଲା– ବାଲେଶ୍ୱର | ସରକାରୀ ଉଚ୍ଚ ବିଦ୍ୟାଳୟ, ଦଣ୍ଡଭୂଇଁ (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ବାଲେଶ୍ୱର |

**ବିଶେଷ ଦ୍ରଷ୍ଟବ୍ୟ:** (୧) ଏଠାରେ ସୂଚାଇ ଦିଆଯାଉଛି ଯେ, ଯେଉଁ ରାଜସ୍ୱ ଗ୍ରାମରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଟି ଅବସ୍ଥିତ ସେହି ଗ୍ରାମରେ ବସବାସ କରୁଥିବା ଅଧିବାସୀମାନଙ୍କ ଛାତ୍ରଛାତ୍ରୀମାନଙ୍କୁ ସ୍ଥାୟୀ ବାସିନ୍ଦା ରୂପେ ବିବେଚିତ କରାଯିବ। (୨) ଏଠାରେ ପୁନଶ୍ଚ ସୂଚାଇ ଦିଆଯାଉଛି ଯେ, ଅନୁସୂଚିତ ଜନଜାତିର ପିଲାମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ରର ନକଲ ଦରଖାସ୍ତରେ ସଂଲଗ୍ନ କରି ଆବେଦନ କରିବେ।

ସ୍ୱା./– ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି)
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

### ପ୍ରବେଶିକା ପରୀକ୍ଷା ପାଇଁ ଦରଖାସ୍ତ ନମୁନା

୧. ଛାତ୍ରଛାତ୍ରୀଙ୍କ ନାମ :
୨. ପିତା/ଅଭିଭାବକଙ୍କ ନାମ :
୩. ମାତାଙ୍କ ନାମ :
୪. ଠିକଣା: ଗ୍ରାମ: ପୋଷ୍ଟ: ଭାୟା: ଥାନା: ବ୍ଲକ: ତହସିଲ: ଜିଲ୍ଲା:
୫. ଜନ୍ମ ତାରିଖ :
୬. ଅନୁସୂଚିତ ଜନଜାତିର ନାମ (ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ) :
୭. ଆବେଦନକାରୀଙ୍କ ଆଧାର (ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ) :
୮. ଯଦି ଆବେଦନକାରୀ ଦିବ୍ୟାଙ୍ଗ ହୋଇଥାନ୍ତି ତେବେ ତାହାର ପ୍ରମାଣପତ୍ରର ସଂଲଗ୍ନ କରିବେ :
୯. ପଞ୍ଚମ ଶ୍ରେଣୀରେ ପଢ଼ୁଥିବା ସ୍କୁଲର ନାମ :
୧୦. ପଞ୍ଚମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ବର୍ଷ :
୧୧. ପଢ଼ିବାକୁ ଚାହୁଁଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ନାମ :
୧୨. ଅଭିଭାବକଙ୍କ ମୋବାଇଲ ନମ୍ବର :
୧୩. ପ୍ରବେଶିକା ପରୀକ୍ଷା ଦେବାକୁ ଚାହୁଁଥିବା କେନ୍ଦ୍ରର ନାମ :
୧୪. ଆବେଦନକାରୀ ୨ଗୋଟି କଲର ପାସ୍‌ପୋର୍ଟ ସାଇଜ ଫଟୋ ସଂଲଗ୍ନ କରିବେ :
୧୫. ଅଣ ଅନୁସୂଚିତ ଜନଜାତି ଆବେଦନକାରୀଙ୍କ ଜାତି ଓ ଆବାସିକ ପ୍ରମାଣପତ୍ର ସଂଲଗ୍ନ କରିବେ :

ପାସ୍‌ପୋର୍ଟ ଫଟୋ

ଘୋଷଣା

ଦରଖାସ୍ତରେ ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ।
ପ୍ରଧାନଶିକ୍ଷକଙ୍କ ସ୍ୱାକ୍ଷର/ତାରିଖ/ମୋହର — 26009/11/0001/1920 — ଛାତ୍ର/ଛାତ୍ରୀଙ୍କ ସ୍ୱାକ୍ଷର



ପ୍ରଦର୍ଶନରେ ଉନ୍ନତି ଘଟୁଥିବାରୁ ମୁଁ ୟୁକ୍ରେନର ପ୍ରଥମ ମହିଳା ଟେନିସ ଖେଳାଳି ହିସାବରେ ଏକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛି।–ଏଲିନା ସ୍ୱିତୋଲିନା, ଟେନିସ ଖେଳାଳି



ଏକ ଗ୍ରାଣ୍ଡସ୍ଲାମ ଜିତିବା ସହ ର୍‍ୟାଙ୍କିଙ୍ଗ ତାଲିକାରେ ଶୀର୍ଷ ସ୍ଥାନରେ ପହଞ୍ଚିବା ମୋର ଅଭିଳାଷ ରହିଛି। ଏ ଦିଗରେ ଆଣ୍ଡି ମୁରେଙ୍କ ପୂର୍ବତନ କୋଚ୍ ମୋତେ ସହାୟକ ହେବେ। – କାରୋଲିନା ପ୍ଲିସ୍କୋଭା, ବିଶ୍ୱର ୨ ନମ୍ବର ଖେଳାଳି

## ଭାରତ-ଶ୍ରୀଲଙ୍କା ପ୍ରଥମ ଟି୨୦ ବାତିଲ

ଗୁଆହାଟୀ, ୫।୧

ବର୍ଷା ଯୋଗୁ ଭାରତ-ଶ୍ରୀଲଙ୍କା ପ୍ରଥମ ଟି୨୦ କ୍ରିକେଟ ମ୍ୟାଚ୍ ବାତିଲ ହୋଇଛି। ଟସ୍ ପଡ଼ିବା ପରେ ବର୍ଷା ହୋଇଥିଲା। ବର୍ଷା ଛାଡ଼ିବା ପରେ ପଡ଼ିଆ ଶୁଖାଇବା ପାଇଁ ସମସ୍ତ ଉଦ୍ୟମ କରାଯାଇଥିଲେ ହେଁ ଓଦା ଆଉଟ୍‌ଫିଲ୍ଡ ଓ ସମୟସୀମାକୁ ଦୃଷ୍ଟିରେ ରଖି ମ୍ୟାଚ୍‌କୁ ବାତିଲ କରାଯାଇଛି। ରାତି ୯ଟା ୩୦ରେ ପଡ଼ିଆ ଅନୁଧ୍ୟାନ ପରେ ଅମ୍ପାୟର ଓ ମ୍ୟାଚ୍ ରେଫରି ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ସିରିଜର ଦ୍ୱିତୀୟ ଟି୨୦ ଇନ୍ଦୋରରେ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ।





ମ୍ୟାଚରେ ୩ ଉଇକେଟ୍ ଅକ୍ତିଆର କରିଥିବା ସୁଶ୍ରୀ ଦିବ୍ୟଦର୍ଶିନୀ ବୋଲିଂ କରୁଛନ୍ତି। ଓଡ଼ିଶା କ୍ରିକେଟ୍ ଆସୋସିଏଶନର ସଭାପତି ପଙ୍କଜ ଲୋଚନ ମହାନ୍ତି ସୁଶ୍ରୀଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

# ଇଣ୍ଡିଆ 'ବି'କୁ ଜିତାଇଲେ ଓଡ଼ିଶାର ସୁଶ୍ରୀ

### ମହିଳା ଚ୍ୟାଲେଞ୍ଜର ଟ୍ରଫି

କଟକ ଅଫିସ,୫।୧

ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୩ ଉଇକେଟ ସଫଳତା ବଳରେ ଇଣ୍ଡିଆ 'ବି' ବାରବାଟୀ ଷ୍ଟାଡିୟମରେ ଚାଲିଥିବା ମହିଳା ଚ୍ୟାଲେଞ୍ଜର ଟ୍ରଫିରେ ପ୍ରଥମ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଇଣ୍ଡିଆ-ବି' ୪ ରନ୍‌ରେ ଇଣ୍ଡିଆ-ସି'କୁ ପରାସ୍ତ କରିଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିଲେ ସୁଶ୍ରୀ। ସୋମବାର ଇଣ୍ଡିଆ-ସି' ଓ ଇଣ୍ଡିଆ-ଏ' ଦଳ ମଧ୍ୟରେ ମୁକାବିଲା ହେବ।

ବେଦ କ୍ରୀଷ୍ଣମୂର୍ତ୍ତିଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ସି' ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଇଣ୍ଡିଆ-ସି' ଦଳରେ ଓଡ଼ିଶାର ମାଧୁରୀ ମେହେଟା ସାମିଲ ହୋଇଥିଲେ ମଧ୍ୟ ତାଙ୍କୁ ଏହି ମ୍ୟାଚ୍‌ର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନ ଥିଲା। ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଇଣ୍ଡିଆ-ବି' ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ତେବେ ଅଦିନିଆ ବର୍ଷା ଯୋଗୁ ଧିମା ହୋଇଯାଇଥିବା ବାରବାଟୀ ପିଚ୍‌ରେ ବଡ଼ ଶଟ୍ ଖେଳିବା ସହଜ ହୋଇ ନ ଥିଲା। ୬ ରନ୍ କରିଥିବା ବେଳେ ଇଣ୍ଡିଆ-ବି'ର ଅଧିନାୟିକା ତଥା ଓପନର ସ୍ମୃତି ଆଉଟ ହୋଇଥିଲେ। ମୋନିକା ଶର୍ମାଙ୍କ ବଲରେ ଉଇକେଟ କିପର ନୁଜହତ ପରୱିନ୍‌ଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ ସ୍ମୃତି। ପରେ କ୍ରିଜ୍‌କୁ ଆସିଥିବା ଭାରତୀୟ ଦଳର ଧୂଆଁଧାର ବ୍ୟାଟ୍ସଓମ୍ୟାନ ଜେମିହା ରୋଡ୍ରିଗ୍ସେଜ ୧ ରନ୍‌ରେ ଅରୁନ୍ଧତୀ ରେଡ୍ଡୀଙ୍କ ବଲରେ କ୍ୟାଚ୍‌ଆଉଟ ହୋଇଥିଲେ। ଦଳର ମଧ୍ୟକ୍ରମ ବ୍ୟାଟ୍ସଓମ୍ୟାନ ରିଚା ଘୋଷ୍ ସର୍ବାଧିକ ୨୫ ରନ୍ କରିଥିଲେ। ଅନ୍ୟତମ ଓପନର ଭେଲାସ୍ୱାମୀ ଭନିଥା ୧୧, ଅନୁଜା ପାଟିଲ ୧୧, ଶିଖା ପାଣ୍ଡେ ୧୫, ପୂଜା ବସ୍ତ୍ରକାର ୪ ଓ ତନୁଜା କନ୍‌ୱର ୭ ରନ୍ କରିଥିଲେ। ୯ନଂ ବ୍ୟାଟିଂ କ୍ରମରେ ଆସି ସୁଶ୍ରୀ ଗୋଟିଏ ଚୌକା ବଳରେ ଉପଯୋଗୀ ୮ ରନ୍ କରିଥିଲେ। ଫଳରେ ଇଣ୍ଡିଆ-ବି' ୨୦ ଓଭରରେ ୮ ଉଇକେଟ ବିନିମୟରେ ୯୪ ରନ୍ କରିଥିଲା। ଇଣ୍ଡିଆ-ସି' ପକ୍ଷରୁ ରାଜେଶ୍ୱରୀ ଗାଏକ୍‌ୱାଡ ୪ ଓଭର ବୋଲିଂ କରି ୭ ରନ୍ ବିନିମୟରେ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ମୋନିକା, ଅରୁନ୍ଧତୀ ଓ ତନୁଶ୍ରୀ ସରକାରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

୯୫ ରନ୍‌ର ବିଜୟଲକ୍ଷ୍ୟ ପିଛା କରି ଇଣ୍ଡିଆ-ସି' ପୂରା ୨୦ ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୯୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ପାୱାର ପ୍ଲେ ତଥା ପ୍ରଥମ ୬ ଓଭରରେ ଇଣ୍ଡିଆ-ସି' ୨ ଉଇକେଟ ହରାଇ ୩୨ ରନ୍ କରିଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ବ୍ୟାଟିଂ ବିଫଳତା ଯୋଗୁ ପରାଜିତ ହୋଇଥିଲା। ୪୦ ରନ୍‌ରେ ୨ଟି ଉଇକେଟ ହରାଇଥିବା ଇଣ୍ଡିଆ-ସି' ଦଳ ଆଉ ୧୭ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଇଣ୍ଡିଆ-ସି' ଅଧିନାୟିକା ବେଦ କ୍ରୀଷ୍ଣମୂର୍ତ୍ତିଙ୍କୁ ଆଉଟ କରି ଇଣ୍ଡିଆ-ବି'କୁ ବଡ଼ ସଫଳତା ଦେଇଥିଲେ ଓଡ଼ିଆ ଝିଅ ସୁଶ୍ରୀ। ଏହାଛଡ଼ା ଅରୁନ୍ଧତୀ ରେଡ୍ଡୀ ଓ ଭୃଷାଲି ଭଗତ ମଧ୍ୟ ସୁଶ୍ରୀଙ୍କ ଶିକାର ହୋଇଥିଲେ। ଦଳ ପକ୍ଷରୁ ଦୟଲାନ ହେମଲତା ସର୍ବାଧିକ ୨୦, ତନୁଶ୍ରୀ ସରକାର ୧୮, ଶେଫାଳି ବର୍ମା ୧୬ ରନ୍ କରିଥିବାବେଳେ ଅନ୍ୟ କେହି ଖେଳାଳି ୨ ଅଙ୍କ ଛୁଇଁପାରି ନ ଥିଲେ। ନିଜ ୪ ଓଭର ସ୍ପେଲ୍‌ରେ ୧୫ ରନ୍ ବିନିମୟରେ ୩ଟି ଉଇକେଟ ନେଇଥିଲେ ସୁଶ୍ରୀ। ଶିଖା ପାଣ୍ଡେ, ଅନୁଜା ପାଟିଲ ଓ ତନୁଜା କନ୍‌ୱାରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

### ଡଟ୍ ବଲ୍ ଉଦ୍ୟମରୁ ଉଇକେଟ

''ଅଧିକରୁଅଧିକଡଟ୍‌ବଲପକାଇବାକୁ ଚେଷ୍ଟା କରିଥିଲି। ଯାହାଫଳରେ ଉଇକେଟ ମିଳି ଯାଇଥିଲା। ପିଚ୍ ସାମାନ୍ୟ ଧିମା ରହିବା ଯୋଗୁ ସ୍ପିନ୍ ବୋଲରଙ୍କୁ ସଫଳତା ମିଳିଥିଲା'' ବୋଲି ସୁଶ୍ରୀ କହିଛନ୍ତି। ମ୍ୟାଚ୍ ବିଜୟୀ ପ୍ରଦର୍ଶନ ଯୋଗୁ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ସୁଶ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ସୁଶ୍ରୀ ଭୁବନେଶ୍ୱରସ୍ଥିତ ଜାଗୃତି କ୍ରିକେଟ ଏକାଡେମୀ (ଏସ୍‌ଜିଓ)ରେ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।

### ସର୍ବଭାରତୀୟ ଆନ୍ତଃ ଜୋନ ବିଶ୍ୱବିଦ୍ୟାଳୟ ଭଲିବଲ

## ଖେଲୋ ଇଣ୍ଡିଆ ଗେମ୍ସ ପାଇଁ ଉତ୍କଳକୁ ଯୋଗ୍ୟତା

ଭୁବନେଶ୍ୱର, ୫।୧(କ୍ରୀଡ଼ା ପ୍ରତିନିଧି): କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ (ପୁରୁଷ) ଭଲିବଲର ତୃତୀୟ ଦିବସ ଖେଳ ଶେଷ ହୋଇଛି। ପ୍ରଦର୍ଶନ ଆଧାରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ୮ଟି ଦଳ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ୭ ଦଳ ହେଲେ କୋଟ୍ଟାୟମର ମହାତ୍ମାଗାନ୍ଧୀ ବିଶ୍ୱବିଦ୍ୟାଳୟ, କୁରୁକ୍ଷେତ୍ର, ବାରାଣସୀର ମହାତ୍ମାଗାନ୍ଧୀ କାଶୀ ବିଦ୍ୟାପୀଠ, ମାଙ୍ଗାଲୋର, ୟୁନିଭର୍ସିଟି ଅଫ୍ କାଲିକଟ, ଫଗୱାରାର ଲଭ୍‌ଲି ପ୍ରଫେସନାଲ ଏବଂ ଚେନ୍ନାଇର ଏସ୍‌ଆରଏମ୍। ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ କୋଟ୍ଟାୟମ ୩-୦ରେ ଫଗୱାରାକୁ, ଏସ୍‌ଆରଏମ୍ ୩-୧ରେ ମାଙ୍ଗାଲୋରକୁ, କୁରୁକ୍ଷେତ୍ର ୩-୧ରେ ବାରାଣସୀକୁ ଓ କାଲିକଟ୍ ୩-୦ ସେଟ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି।

# ବିଜୟ୍ ବଜାୟ୍ ଲକ୍ଷ୍ୟରେ ଓଡ଼ିଶା



ଅଭ୍ୟାସ ସେସନ ଅବସରରେ ରବିବାର ଓଡ଼ିଶା ଏଫ୍‌ସିର ଖେଳାଳିମାନେ।

### ଇଣ୍ଡିଆନ ସୁପର୍ ଲିଗ୍

ଭୁବନେଶ୍ୱର, ୫।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ର ୬ଷ୍ଠ ସଂସ୍କରଣର ଏକ ମୁକାବିଲାରେ ସୋମବାର ଘରୋଇ ଓଡ଼ିଶା ଏଫ୍‌ସି ୨ଥରର ଚାମ୍ପିୟନ ଚେନ୍ନାଇନ ଏଫ୍‌ସିକୁ ଭେଟିବାକୁ ଯାଉଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଚଳିତ ସିଜନରେ ଆଇଏସ୍‌ଏଲ୍ ପଦାର୍ପଣ କରିଥିବା ଭୁବନେଶ୍ୱର ଭିତ୍ତିକ ଏହି ଦଳର ଘରୋଇ ଗ୍ରାଉଣ୍ଡରେ ଏହା ୨ୟ ମୁକାବିଲା ହେବ। ପୂର୍ବରୁ ଓଡ଼ିଶା ଏଫ୍‌ସି ଘରୋଇ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଜାମସେଦପୁର ଏଫ୍‌ସିକୁ ୨-୧ ଗୋଲରେ ପରାସ୍ତ କରିଥିଲା। ତେଣୁ ସୋମବାର ଖେଳାଯିବାକୁ ଥିବା ମ୍ୟାଚକୁ ଜିତି ଜୋସେଫ୍ ଗୋମ୍ବାଉଙ୍କ ପ୍ରଶିକ୍ଷଣ ପ୍ରାପ୍ତ ଓଡ଼ିଶା ଘରୋଇ ଗ୍ରାଉଣ୍ଡରେ ୨ୟ ବିଜୟ ସହ ପଏଣ୍ଟ ଟେବୁଲର ଟପ୍-୪ର ନିକଟତର ହେବାକୁ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ଚେନ୍ନାଇନ୍ ମଧ୍ୟ ମ୍ୟାଚ୍‌ରୁ ପୂରା ୩ ପଏଣ୍ଟ ହାସଲ କରି ଓଡ଼ିଶା ସହ ମିଳିତ ଭାବେ ୬ଷ୍ଠ ସ୍ଥାନରେ ରହିବା ଲକ୍ଷ୍ୟରେ ରହିଛି।

ଓଡ଼ିଶା ବର୍ତ୍ତମାନ ୧୦ ମ୍ୟାଚ୍‌ରୁ ୪ ପରାଜୟ ଏବଂ ୩ଟି ଲେଖାଏ ବିଜୟ ଓ ଡ୍ର ସହ ୧୨ ପଏଣ୍ଟ ପାଇ ଟେବୁଲ ତାଲିକାର ୬ଷ୍ଠ ସ୍ଥାନରେ ରହିଛି। ଯଦି ଚେନ୍ନାଇନ ବିପକ୍ଷରେ ଦଳ ବିଜୟ ହାସଲ କରେ ତେବେ ୧୫ ପଏଣ୍ଟ ସହ ମୁମ୍ବାଇ ସିଟି ଏଫ୍‌ସି (୧୬) ପଛକୁ ୫ମ ସ୍ଥାନରେ ରହିବ। ଓଡ଼ିଶା ଏହାର ପୂର୍ବ ମୁକାବିଲାରେ ଘରୋଇ ଗ୍ରାଉଣ୍ଡରେ ଜାମସେଦପୁରକୁ ପରାସ୍ତ କରିଥିବାରୁ ସମସ୍ତ ଖେଳାଳିଙ୍କ ମନୋବଳ ବେଶ୍ ଉଚ୍ଚରେ ରହିଛି। ଗୋମ୍ବାଉଙ୍କ ଦଳ ଏହି ଫର୍ମକୁ ଚେନ୍ନାଇନ ବିପକ୍ଷରେ ବଜାୟ ରଖିବାକୁ ଉଦ୍ୟମ କରିବ। ଦ୍ୱିତୀୟାର୍ଦ୍ଧରେ ଗୋଲସ୍କୋରିଂ କରିବାର ଦୁର୍ବଳତାକୁ ମଧ୍ୟ ଓଡ଼ିଶା ଏଡ଼ାଇବା ଲକ୍ଷ୍ୟରେ ରହିଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ପ୍ରତିଯୋଗିତାରେ ମୋଟ୍ ୧୩ ଗୋଲ କରିଥିବାବେଳେ ସେଥିରୁ ଦ୍ୱିତୀୟାର୍ଦ୍ଧରେ ମାତ୍ର ୫ଟି ରହିଛି। ପ୍ରଥମାର୍ଦ୍ଧ ଭଳି ଦ୍ୱିତୀୟାର୍ଦ୍ଧରେ ଦଳ ବିଶେଷ ସଫଳ ହୋଇନି। ଅପରପକ୍ଷରେ ୨୦୧୫-୧୬ ଓ ୨୦୧୭-୧୮ ସଂସ୍କରଣ ଚାମ୍ପିୟନ ଚେନ୍ନାଇନର ପ୍ରଦର୍ଶନ ଚଳିତ ସିଜନରେ ବେଶ୍ ନୈରାଶ୍ୟଜନକ ରହିଛି। ଓୱେନ କୋଏଲଙ୍କ ପ୍ରଶିକ୍ଷଣ ପ୍ରାପ୍ତ ଚେନ୍ନାଇନ ୯ ମ୍ୟାଚ୍ ଖେଳି ମାତ୍ର ୨ଟି ଜିତିଛି। ଗତ ୩ଟି ମ୍ୟାଚ୍‌ରେ ୪ ଗୋଲସ୍କୋର କରିଥିବା ବ୍ରାଜିଲିଆନ ଷ୍ଟ୍ରାଇକର୍ ରାଫେଲ କ୍ରିଭେଲାରୋଙ୍କଠାରୁ ଦଳ ଏଥର ମଧ୍ୟ ପ୍ରଭାବୀ ପ୍ରଦର୍ଶନ ଆଶା ରଖିଛି। ସିଜନରେ ବାହାର ପଡ଼ିଆରେ ଗୋଟିଏ ହେଲେ ମ୍ୟାଚ୍ ଜିତି ନ ଥିବା ଚେନ୍ନାଇନ ପ୍ରଥମ ବିଜୟ ସନ୍ଧାନରେ ରହିଛି।

**ଓଡ଼ିଶା ଏଫ୍‌ସି**

| ପ୍ରତିପକ୍ଷ | ଫଳାଫଳ |
|---|---|
| ଜାମସେଦପୁର | ୨-୧ ଗୋଲରେ ପରାସ୍ତ |
| ନର୍ଥଇଷ୍ଟ ୟୁନାଇଟେଡ୍ | ୨-୧ରେ ପରାସ୍ତ |
| ମୁମ୍ବାଇ ସିଟି ଏଫ୍‌ସି | ୪-୨ରେ ବିଜୟୀ |
| କେରଳ ବ୍ଲାଷ୍ଟର୍ସ | ୦-୦ରେ ଡ୍ର |
| ଏଟିକେ | ୦-୦ରେ ଡ୍ର |
| ଚେନ୍ନାଇନ ଏଫ୍‌ସି | ୨-୨ରେ ଡ୍ର |
| ବେଙ୍ଗାଲୁରୁ ଏଫ୍‌ସି | ୧-୦ରେ ପରାସ୍ତ |
| ହାଇଦ୍ରାବାଦ୍ ଏଫ୍‌ସି | ୩-୨ରେ ବିଜୟୀ |
| ଏଫ୍‌ସି ଗୋଆ | ୩-୦ରେ ପରାସ୍ତ |
| ଜାମସେଦପୁର ଏଫ୍‌ସି | ୨-୧ରେ ବିଜୟୀ |



'ଘରୋଇ ହେଉ କି ବାହାର ଗ୍ରାଉଣ୍ଡ ଆମେ ସବୁ ମ୍ୟାଚ୍‌କୁ ଏକ ପ୍ରକାର ଦେଖୁ। ଓଡ଼ିଶାରେ ଆମକୁ ବହୁତ ଭଲ ସମ୍ମାନ ମିଳିଛି। ଆମ ପାଖରେ ଭଲ ସ୍କୋରର ରହିଥିବାରୁ ଆମେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିପାରିବୁ। ଗୋଟିଏ ସମୟରେ ଆମ ଦଳ ସର୍ବନିମ୍ନ ଗୋଲ ସ୍କୋର କରିଥିଲା। କିନ୍ତୁ ଗତ ୩ ମ୍ୟାଚ୍‌ରେ ୭ ଗୋଲସ୍କୋର କରିସାରିଲୁଣି। ଓଡ଼ିଶା ବିପକ୍ଷରେ ପଜିଟିଭ ଆଶା ରଖିଛୁ' ବୋଲି ଚେନ୍ନାଇନ କୋଚ୍ କୋଏଲ୍ କହିଛନ୍ତି।



'ଆମେ ଅନେକ ସୁଯୋଗ ସୃଷ୍ଟି କରିଛୁ। ନିଶ୍ଚିତ ଭାବେ ଆମକୁ ଅଧିକ ଗୋଲସ୍କୋର କରିବାର ଥିଲା, ଯାହା ଆଗକୁ ଅଧିକ ଆତ୍ମବିଶ୍ୱାସ ବଢ଼ାଇଥାନ୍ତା। ପ୍ରତି ପରିସ୍ଥିତିରେ ଆମକୁ ଉନ୍ନତି କରିବାକୁ ପଡ଼ିବ। ଆମେ ଅଧିକ ଗୋଲସ୍କୋର କରିପାରିନୁ। ଏହା ଆମର ସମସ୍ୟା। କୋଚ୍ ଜୋସେଫ୍ ଗୋମ୍ବାଉଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆମେ ସୁଧାର ଆଣିବା ସହ ପରବର୍ତ୍ତୀ ମ୍ୟାଚ୍‌କୁ ଜିତିବା ଲକ୍ଷ୍ୟରେ ରହିଛୁ' ବୋଲି ରବିବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଏଫ୍‌ସି ସହାୟକ କୋଚ୍ ଜ୍ୟାକବ ଭାରେଲା କହିଛନ୍ତି।

# ଗୋଟିଏ ଓଭରରେ ୬ ଛକା ମାରିଲେ କାର୍ଟର

ଅକ୍‌ଲାଣ୍ଡ,୫।୧

ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ଲିଓ କାର୍ଟର ରବିବାର ଗୋଟିଏ ଓଭରରେ ୬ ଛକା ମାରି ସ୍ୱତନ୍ତ୍ର ବ୍ୟାଟ୍ସମ୍ୟାନ୍‌ଙ୍କ କ୍ଲବରେ ସାମିଲ ହୋଇଛନ୍ତି। ଘରୋଇ ଟି୨୦ ଟୁର୍ନାମେଣ୍ଟ ସୁପର ସ୍ମାଶ୍‌ରେ କାଣ୍ଟରବରି କିଙ୍ଗ୍ସ ପକ୍ଷରୁ ଖେଳୁଥିବା କାର୍ଟର ନର୍ଦ୍ଦର୍ନ ନାଇଟ୍ସ ବିପକ୍ଷରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ୨୫ ବର୍ଷୀୟ ଏହି ବ୍ୟାଟ୍ସମ୍ୟାନ ବାମହାତୀ ସ୍ପିନର ଆଣ୍ଟୋନ ଡେଭସିଚ୍‌ଙ୍କ ଓଭରରେ ୬ ଛକା ମାରିଥିଲେ। ହାଗ୍‌ଲେ ଓଭାଲଠାରେ ସେ ୨୯ ବଲ ଖେଳି ୭୦ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ।



ଲିଓ କାର୍ଟର

କାର୍ଟରଙ୍କ ଯୋଗୁ ୨୨୦ ରନ୍‌ର ବିଶାଳ ଟାର୍ଗେଟର ପିଛାକରି ଦଳ ୭ ବଲ୍ ବାକି ଥାଇ ବିଜୟ ହାସଲ କରିନେଇଥିଲା। ବିଶ୍ୱର ୭ମ ବ୍ୟାଟ୍ସମ୍ୟାନ ଭାବେ କାର୍ଟର ଏହି ସଫଳତା ପାଇଛନ୍ତି। ଏହି ତାଲିକାରେ ଗ୍ୟାରି ସୋବର୍ସ, ରବି ଶାସ୍ତ୍ରୀ, ହର୍ସେଲ ଗିବ୍ସ, ୟୁବରାଜ ସିଂ, ଆଫଗାନିସ୍ତାନର ହାଜ୍ରାତୁଲ୍ଲା ଜାଜାଇ ଓ ରସ୍ ହ୍ୱାଇଟ୍‌ଲେ ଅଛନ୍ତି। ତେବେ ଟି୨୦ ଫର୍ମାଟ୍‌ରେ ୬ ଛକା ମାରିବାରେ କାର୍ଟର ୪ର୍ଥ ବ୍ୟାଟ୍ସମ୍ୟାନ। ତାଙ୍କ ପୂର୍ବରୁ ୟୁବରାଜ (୨୦୦୭), ହ୍ୱାଇଟ୍‌ଲେ (୨୦୧୭) ଓ ଜାଜାଇ (୨୦୧୮) ଏହି ସଫଳତା ହାସଲ କରିଥିଲେ।

# ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ସିଡନୀ ଟେଷ୍ଟ

ସିଡନୀ,୫।୧(ଏଏଫ୍‌ପି)

ସ୍ଥାନୀୟ ସିଡନୀ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆ ସ୍ଥିତି ଦୃଢ଼ କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ମାର୍ନସ ଲାବୁସେନଙ୍କ ଶତକ ସହାୟତାରେ ୧୫୦.୧ ଓଭରରେ ୪୫୪ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ସ୍ପିନର ନାଥନ ଲିୟନଙ୍କର ସଫଳ ମୁକାବିଲା କରି ନ ପାରି ୯୫.୪ ଓଭରରେ ୨୫୧ ରନ କରି ଅଲଆଉଟ ହୋଇଥିଲା। ଫଳରେ ଅଷ୍ଟ୍ରେଲିଆ ୨୦୩ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ରବିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୬ ଓଭରରେ କୌଣସି ଉଇକେଟ ନ ହରାଇ ୪୦ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକି ଥିବା ବେଳେ ୧୦ ଉଇକେଟ ହାତରେ ରଖି ଅଷ୍ଟ୍ରେଲିଆ ମୋଟ ଉପରେ ୨୪୩ ରନର ବୃହତ୍ ଅଗ୍ରଣୀ ହାସଲ କରି ମ୍ୟାଚ୍‌କୁ ନିଜର ନିୟନ୍ତ୍ରଣକୁ ଆଣିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ଡେଭିଡ ୱାର୍ନର ୨୩ ଓ ଜୋ ବର୍ନ୍ସ ୧୬ ରନକରି ଅପରାଜିତ ରହିଛନ୍ତି। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଅଷ୍ଟ୍ରେଲିଆ ୩-୦ରେ ସିରିଜ କ୍ଲିନ୍ ସୁଇପ୍ କରିବ। ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୬୩/୦ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ରବିବାର ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଟମ୍ ଲଥାମ ୨୬ରୁ ଖେଳ ଆରମ୍ଭ କରି ୪୯ ରନ କରି ଆଉଟ ହୋଇଥିଲେ। ସେହିପରି ଅନ୍ୟତମ ଓପନର ଟମ୍ ବ୍ଲଣ୍ଡେଲ ୩୪ ରନରୁ ଖେଳ ଆରମ୍ଭ କରିଥିଲେ ମଧ୍ୟ ଆଉ ଅଧିକ ରନ୍ ସଂଗ୍ରହ କରି ନ ପାରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ନ୍ୟୁଜିଲାଣ୍ଡ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଭଲ ଆରମ୍ଭ କରିଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ବଡ଼ ସ୍କୋର ହାସଲ କରି ନ ଥିଲା। ଦଳ ତରଫର ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିତ ରାଭାଲ ୩୧, ଅଭିଜ୍ଞ ରସ୍ ଟେଲର ୨୨, କଲିନ ଡି ଗ୍ରାଣ୍ଡହୋମ ୨୦, ଉଇକେଟକିପର



### ଲିୟନଙ୍କୁ ୫ ଉଇକେଟ

ବିଜେ ୱାଟଲିଂ ୯, ମ୍ୟାଟ ହେନେରୀ ୩ ରନ କରି ଆଉଟ ହୋଇଥିବା ବେଳେ ଟୋଡ ଆସେଲେ ୨୫ ରନ କରି ଅପରାଜିତ ରହିଥିଲେ। ୱିଲିୟମ ସମରଭିଲେ ଓ ନିଲ ୱାଗନର ଖାତା ଖୋଲିପାରି ନ ଥିଲେ। ଆଉ ୨୦ ରନ ସଂଗ୍ରହ କରିଥିଲେ ଟେଲର ନ୍ୟୁଜିଲାଣ୍ଡର ସର୍ବାଧିକ ଟେଷ୍ଟ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଥାନ୍ତେ ଓ ଷ୍ଟିଫେନ୍ ଫ୍ଲେମିଙ୍ଗ୍ (୭,୧୭୨)ଙ୍କୁ ପଛରେ ପକାଇଥାନ୍ତେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ଅଭିଜ୍ଞ ସ୍ପିନର ନାଥନ ଲିୟନ ସର୍ବାଧିକ ୫ ଉଇକେଟ ଅକ୍ତିଆର କରିଛନ୍ତି। ଏଥିସହିତ ସେ କ୍ୟାରିୟରର ୩୮୫ ଟେଷ୍ଟ ଉଇକେଟ ହାସଲ କରିଛନ୍ତି। ସେହିପରି ପ୍ୟାଟ୍ କମିନ୍ସ ୩ ଓ ମିଚେଲ ଷ୍ଟାର୍କ ଗୋଟିଏ ଉଇକେଟ ହାସଲ କରିଥିଲେ।



ଜଙ୍ଗଲରେ ନିଆଁ ଯୋଗୁ ଧୂଆଁ ମିଶ୍ରିତ ବାୟୁ ମଣ୍ଡଳ ଯଦି କ୍ଷତିକାରକ ତେବେ ଖେଳାଳିଙ୍କ ହିତ ପାଇଁ ଅଷ୍ଟ୍ରେଲିଆନ୍ ଓପନ ଟେନିସକୁ ଘୁଞ୍ଚାଇ ଦିଆଯିବା ଉଚିତ୍।
– ନୋଭାକ୍ ଜୋକୋଭିଚ୍, ବିଶିଷ୍ଟ ଟେନିସ ଖେଳାଳି



ଚୁକ୍ତି ଶେଷ ହୋଇ ନ ଥିଲେ ମଧ୍ୟ ମୋତେ ପଦବୀରୁ ବହିଷ୍କାର କରାଯାଇଥିବାରୁ ଶ୍ରୀଲଙ୍କା କ୍ରିକେଟ ମୋତେ କ୍ଷତିପୂରଣ ବାବଦରେ ୫ ନିୟୁତ ଡଲାର ଦେବା ଉଚିତ୍।
– ଚଣ୍ଡିକା ହାଥୁରୁସିଂଘେ, ଶ୍ରୀଲଙ୍କାର ବହିଷ୍କୃତ କୋଚ୍

## ସଂକ୍ଷେପରେ

### ଗୁରୁକୁଳ ରିସୋର୍ଟରେ ସ୍ପେଶାଲ ଅଲିମ୍ପିକ ଆସେସମେଣ୍ଟ କ୍ୟାମ୍ପ

ଭୁବନେଶ୍ୱର, ୫।୧ (ସ୍ପୋର୍ଟ୍ସ ବ୍ୟୁରୋ): ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସୋର୍ଟଠାରେ ରବିବାର ସ୍ୱତନ୍ତ୍ର ଅଲିମ୍ପିକ ଆସେସମେଣ୍ଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ସ୍ୱାଭିମାନ (ରାଜ୍ୟ ଭିନ୍ନକ୍ଷମ ସୂଚନା ଏବଂ ସମ୍ବଳ କେନ୍ଦ୍ର) ଏବଂ ପ୍ୟାସୋମର୍କ (ମାନସିକ ଅନଗ୍ରସର ଶିଶୁ ଅଭିଭାବକ ଆସୋସିଏଶନ)ର ସହାୟତାରେ ଏହାର ଆୟୋଜନ ହୋଇଥିଲା। ପୂର୍ବତନ ଏଟିପି ପ୍ରଫେସନାଲ ଚିନ୍ମୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଗ୍ରାମାଞ୍ଚଳରେ ଲନ୍ ଟେନିସର ପ୍ରସାର ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଗ୍ରାମାଞ୍ଚଳ ବ୍ୟତୀତ ମାନସିକ ଅନଗ୍ରସର ପିଲାମାନେ ଏହି କ୍ୟାମ୍ପରେ ଭାଗ ନେଇଥିଲେ। ଏଥିରେ ଭିନ୍ନକ୍ଷମଙ୍କ ସଂଖ୍ୟା ୬୬ ରହିଥିଲା। ଟେନିସ ବ୍ୟତୀତ ଅନ୍ୟାନ୍ୟ ଖେଳ ଯଥା ଭାରୋତ୍ତୋଳନ, ଟେବୁଲ ଟେନିସ, ବାସ୍କେଟବଲ୍, ତୀରନ୍ଦାଜୀ, ବ୍ୟାଡ୍‌ମିଣ୍ଟନ ଏବଂ ଶଟ୍‌ପୁଟ୍ ଖେଳ ସମ୍ପର୍କରେ ସେମାନଙ୍କୁ ବିଶେଷ ଜ୍ଞାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ଛୋଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଇଭେଣ୍ଟର ମୁଖ୍ୟଅତିଥି ପୂର୍ବତନ ଏମ୍‌ପି ବାସନ୍ତୀ ଶର୍ମା ପୁରସ୍କାର ବିତରଣ କରିଥିଲେ।

### ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ: ଗୀତାଞ୍ଜଳି, କନ୍ଦନ ଟେକ୍‌ନିକାଲ ଅଫିସିଆଲ୍

ଭୁବନେଶ୍ୱର, ୫।୧ (ସ୍ପୋର୍ଟ୍ସ ବ୍ୟୁରୋ): ଆସାମର ଗୁଆହାଟୀଠାରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୦ ପାଇଁ ଜୁଡୋ ଫେଡେରେଶନ ଅଫ୍ ଇଣ୍ଡିଆ ଓଡ଼ିଶାର ଦୁଇଜଣ ଗୀତାଞ୍ଜଳୀ ପଣ୍ଡା ଏବଂ କନ୍ଦନ



ମୁର୍ମୁଙ୍କୁ ଟେକ୍‌ନିକାଲ ଅଫିସିଆଲ ଭାବେ ନିଯୁକ୍ତି ଦେଇଛି। ଗୀତାଞ୍ଜଳି ହେଉଛନ୍ତି ଜଣେ ଜୁଡୋ କୋଚ୍, ଇଣ୍ଟରନ୍ୟାଶନାଲ ରେଫରି (ଜେୟୁଏ), ଥାର୍ଡ ଡାନ୍ ବ୍ଲାକବେଲ୍ଟ, ଓଡ଼ିଶା ରାଜ୍ୟ ଜୁଡୋ ଆସୋସିଏଶନର ସିଇଓ ଏବଂ ଜେଏଫ୍‌ଆଇର ପୂର୍ବତନ ଯୁଗ୍ମ ସଂପାଦକ। ସେହିଭଳି କନ୍ଦନ ହେଉଛନ୍ତି କିସ୍, କିଚ୍‌ର ଜୁଡୋ କୋଚ୍ ଏବଂ ରାଜ୍ୟ ଜୁଡୋ ଆସୋସିଏଶନର ବୈଷୟିକ ସମ୍ପାଦକ। ଓଡ଼ିଶାରୁ ୨ ଜଣ ଜୁଡୋକା ରାଜେଶ କୁମାର ସାହୁ ଏବଂ ଉର୍ମିଳା ସାହୁ ଉକ୍ତ ଇଭେଣ୍ଟରେ ଅଂଶଗ୍ରହଣ କରିବା ଲାଗି ମନୋନୀତ ହୋଇଛନ୍ତି।

# ମିଲିନ୍ଦ କୁମାରଙ୍କ ଶତକ

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୫।୧ (କ୍ରୀଡ଼ା ପ୍ରତିନିଧି)

ବର୍ଷା ଯୋଗୁ କ୍ରମାଗତ ୨ ଦିନ ଖେଳ ବାତିଲପରେ ରବିବାର ଅଗରତାଲାର ବୀର ବିକ୍ରମ କଲେଜ ଷ୍ଟାଡିୟମରେ ଓଡ଼ିଶା–ତ୍ରିପୁରା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ଦିଲ୍ଲୀ ଖେଳାଳି ଅଧିନାୟକ ମିଲିନ୍ଦ କୁମାରଙ୍କ ଶତକ, ମଣିଶଙ୍କର ମୁରା ସିଂ ଓ ସମ୍ରାଟ ସିଂଙ୍କ ଅର୍ଦ୍ଧଶତକ ବଳରେ ତ୍ରିପୁରା ୨୮୮/୬ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଛି। ତୃତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା କୌଣସି ଉଇକେଟ ନ ହରାଇ ୫ ରନ ସଂଗ୍ରହ କରିଛି। ଗୋବିନ୍ଦ ପୋଦ୍ଦାର ୪ ଓ ଶାନ୍ତନୁ ମିଶ୍ର ୧ ରନ କରି ଅପରାଜିତ ରହିଛନ୍ତି। ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ପ୍ରଥମ ଇନିଂସ ଅଗ୍ରଣୀ ପାଇଁ ଓଡ଼ିଶାକୁ ସୋମବାର ଅନ୍ତିମ ଦିବସରେ ୨୮୪ ରନ ଆବଶ୍ୟକ ହେଉଛି।



ଶତକ ହାସଲକାରୀ ମିଲିନ୍ଦ କୁମାର।

ଟସ୍ ଜିତି ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଶା ପେସ୍ ସେନସେଶନ ରାଜେଶ ମହାନ୍ତି ୨୭ ରନ ମଧ୍ୟରେ ୨ଟି ଉଇକେଟ ନେଇ ତ୍ରିପୁରାର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୪ ନମ୍ବର ଖେଳାଳି କମଲ ଦାସ ୨୦ ରନରେ ଆଉଟ ହୋଇଥିଲେହେଁ ସମ୍ରାଟ ଓ ମିଲିନ୍ଦ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ସମ୍ରାଟ ୧୬୨ ବଲ୍‌ରୁ ୧୦ ଚୌକା ସହାୟତାରେ ୬୫ ରନ କରି ବସନ୍ତ ମହାନ୍ତିଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମିଲିନ୍ଦ ପ୍ରଥମଶ୍ରେଣୀ କ୍ରିକେଟରେ ୯ମ ଶତକ ହାସଲ କରି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ରଜତ ଦେ ୪ ରନ କରି ଆଉଟ ହୋଇଥିବାବେଳେ ଲୋୟର ଅର୍ଡରରେ ମଣିଶଙ୍କର ମୁରାସିଂ ୭୨ ରନ କରି ତ୍ରିପୁରାକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇ ଦେଇଥିଲେ। ୮୨ତମ ଓଭରରେ ମଣିଶଙ୍କର ଆଉଟ ହେବାପରେ ମିଲିନ୍ଦ ଇନିଂସ ଘୋଷଣା କରିଥିଲେ। ମଣିଶଙ୍କର ୭୦ ବଲ୍‌ରୁ ୧୨ ଚୌକା ଓ ୧ ଛକା ସହ ୭୨ ରନ କରି ଆଉଟ ହୋଇଥିବାବେଳେ ମିଲିନ୍ଦ ୧୫୨ ବଲ୍‌ରୁ ୧୫ ଚୌକା ଓ ୨ ଛକା ସହାୟତାରେ ୧୦୫ ରନରେ ଅପରାଜିତ ରହିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ୩ଟି ଏବଂ ବସନ୍ତ ମହାନ୍ତି, ପପୁ ରୟ ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ତ୍ରିପୁରା ପ୍ରଥମ ଇନିଂସ: ୨୮୮/୬/ଘୋଷଣା (ମିଲିନ୍ଦ–୧୦୫*, ମଣିଶଙ୍କର–୭୨, ସମ୍ରାଟ–୬୫, ରାଜେଶ–୩/୭୮, ବସନ୍ତ–୧/୫୦, ପପୁ–୧/୫୧, ଗୋବିନ୍ଦ–୧/୩୯)। ଓଡ଼ିଶା ପ୍ରଥମ ଇନିଂସ: ୫/୦।

## ସୌମ୍ୟଙ୍କୁ ୫୮ତମ ଚେସ୍ ଟାଇଟଲ



ଭୁବନେଶ୍ୱର, ୫।୧ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସ୍‌ସିଏ) ଓ ୟୁନିକ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲା ବୋଲଗଡ଼ର ଅସରାଳସ୍ଥିତ ହରିହର ବିଦ୍ୟାପୀଠରେ ୨ୟ ଦେବରାଜ କର ମେମୋରିଆଲ ଓପନ୍ ର୍‌ୟାପିଡ୍ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ସୌମ୍ୟ ୬.୫ ପଏଣ୍ଟ ସହ ଏହି ସଫଳତା ପାଇଛନ୍ତି। ସୌମ୍ୟଙ୍କ କ୍ୟାରିୟରର ଏହା ହେଉଛି ୫୮ତମ ଓପନ୍ ଚେସ୍ ଟାଇଟଲ। ମାନସ ରଞ୍ଜନ ପରିଡ଼ା ୬ ପଏଣ୍ଟ ସହିତ ରନର୍ସଅପ୍ ହୋଇଛନ୍ତି। ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥିତପ୍ରଜ୍ଞ ସାହୁ, ସୃଜନ ରାୟ, ରବୀନ୍ଦ୍ର କୁମାର ଓଝା, ଅବିନାଶ ବଳିୟାରସିଂ, ଶିଶିର କୁମାର ନାୟକ, ପ୍ରକାଶ ଚନ୍ଦ୍ର ସାହୁ, ଧୀରେନ୍ଦ୍ର କୁମାର ଦାସ ଏବଂ ଓମ୍ ଆଦିତ୍ୟ ଖାଡ଼ଙ୍ଗା ଯଥାକ୍ରମେ ୩ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ପ୍ରଦର୍ଶନ ଆଧାରରେ ୨୦ ଜଣ ମୁଖ୍ୟ ଖେଳାଳିଙ୍କ ବ୍ୟତୀତ ୮ ସ୍କୁଲ ଛାତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ପୁରସ୍କୃତ କରାଯାଇଛି। ରଶ୍ମିତା ପାତ୍ର ଶ୍ରେଷ୍ଠ ମହିଳା ଓ ବଂଶୀଧର ଭୋଇ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଛନ୍ତି। ୟୁନିକ୍ ଫାଉଣ୍ଡେଶନର ସମ୍ପାଦକ ସନ୍ତୋଷ ମିଶ୍ର, ଯୁଗ୍ମ ସମ୍ପାଦକ ବିଷ୍ଣୁପ୍ରସାଦ କର ଏବଂ ଓଏସ୍‌ସିଏର ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## କ୍ୟାଚ୍‌ରେ ଷ୍ଟୋକ୍ସଙ୍କ ରେକର୍ଡ

କେପ୍ ଟାଉନ,୫।୧୨ (ଏଏଫ୍‌ପି)

କ୍ୟାଚ୍ ନେବାରେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ନିଜ ଦେଶ ପାଇଁ ରେକର୍ଡ ସୃଷ୍ଟି କରିଛନ୍ତି। ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିବସରେ ପ୍ରଥମ ଇନିଂସରେ ଜେମ୍ସ ଆଣ୍ଡରସନଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ ଏନ୍‌ରିକ ନୋର୍ଟେଜଙ୍କ କ୍ୟାଚ୍ ନେଇ ଗୋଟିଏ ଇନିଂସରେ ସର୍ବାଧିକ ୫ଟି କ୍ୟାଚ୍ ଧରିଛନ୍ତି। ଟେଷ୍ଟରେ ଗୋଟିଏ ଇନିଂସରେ ସେ ସର୍ବାଧିକ ୫ଟି କ୍ୟାଚ୍ ଧରିବାରେ ବିଶ୍ୱ ଟେଷ୍ଟ ରେକର୍ଡର ମଧ୍ୟ ସମକକ୍ଷ ହୋଇଛନ୍ତି। ଇଂଲଣ୍ଡ ଖେଳିଥିବା ଗତ ୧୦୧୯ ଟେଷ୍ଟ ମ୍ୟାଚ୍‌ରେ ୨୩ଥର କୌଣସି ଖେଳାଳି ଗୋଟିଏ ଇନିଂସରେ ୪ଟି କ୍ୟାଚ୍ ନେବାର ରେକର୍ଡ ରହିଛି। ଗତବର୍ଷ ଲର୍ଡ୍ସରେ ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ଟେଷ୍ଟର ଗୋଟିଏ ଇନିଂସରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ ୪ଟି କ୍ୟାଚ୍ ନେଇଥିଲେ। ପୂର୍ବରୁ ଗୋଟିଏ ଇନିଂସରେ ୧୧ଥର ବିଶ୍ୱର ବିଭିନ୍ନ ଖେଳାଳି ୫ଟି କ୍ୟାଚ୍ ଧରିବାର ରେକର୍ଡ ରହିଛି। ଶେଷଥର ପାଇଁ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ୨୦୧୭/୧୮ରେ ନ୍ୟୁଲାଣ୍ଡ୍ସରେ ଗୋଟିଏ ଇନିଂସରେ ୫ ଉଇକେଟ ହାସଲ କରିଥିଲେ।

## ଅଶ୍ୱିନ, ବୋଥାମଙ୍କୁ ଟପିଲେ ଆଣ୍ଡରସନ

କେପ୍ ଟାଉନ, ୫।୧

ଅଭିଜ୍ଞ ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଟେଷ୍ଟରେ ସର୍ବାଧିକ ୫ ଉଇକେଟ୍ ସଫଳତା ପାଇବାରେ ସାର୍ ଇଆନ ବୋଥାମ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ପଛରେ ପକାଇ ଦେଇଛନ୍ତି। ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟରେ ରବିବାର ୪୦ ରନରେ ୫ ଉଇକେଟ୍ ହାସଲ କରି ସେ ଏହି ସଫଳତା ପାଇଛନ୍ତି। ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସରେ ଏନ୍‌ରିକ ନୋର୍ଟେଜଙ୍କୁ ସ୍ଲିପ୍‌ରେ ବେନ୍ ଷ୍ଟୋକ୍ସଙ୍କ ହାତରେ କ୍ୟାଚ୍ କରାଇ ଆଣ୍ଡରସନ ଇନିଂସରେ ୫ମ ଉଇକେଟ୍ ହାସଲ କରିଥିଲେ। ଟେଷ୍ଟ କ୍ୟାରିୟରରେ ଏହା ତାଙ୍କର ୨୮ତମ ୫ ଉଇକେଟ୍ ସଫଳତା ଥିଲା। ପୂର୍ବରୁ କ୍ରିକେଟ୍‌ର ଏହି ଲମ୍ବା ଫର୍ମାଟ୍‌ରେ ବୋଥାମ



ଓ ଅଶ୍ୱିନ ୨୭ଥର ୫ ଉଇକେଟ୍ ଅକ୍ତିଆର କରିଥିଲେ। ଏହି ତାଲିକାରେ ଶ୍ରୀଲଙ୍କାର କିମ୍ବଦନ୍ତୀ ସ୍ପିନର ମୁଥୟା ମୁରଲୀଧରନ ଶୀର୍ଷରେ ରହିଛନ୍ତି। ସେ ୧୩୩ ମ୍ୟାଚ୍‌ରୁ ସର୍ବାଧିକ ୬୭ଥର ୫ ଉଇକେଟ୍ ନେଇଛନ୍ତି। ଭାରତର ଅନିଲ କୁମ୍ବଲେ (୩୫ ଥର) ଏହି ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି।

## ବ୍ରହ୍ମପୁର ୟୁନାଇଟେଡ୍ ଇଲେଭେନ ବିଜୟୀ

**ସର୍ବଭାରତୀୟ ମା' ବାସୁଳି କପ୍ କ୍ରିକେଟ**

ହାଟଡିହୀ, ୫।୧ (ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାଟଡିହୀ ମଠ କପୁଣ୍ଡି ମିନି ଷ୍ଟାଡିୟମଠାରେ ସର୍ବଭାରତୀୟ ମା' ବାସୁଳି କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳ ପତାକାକୁ ଉତ୍ତୋଳନ କରିଥିଲେ। ବ୍ଲକ ଅଧକ୍ଷା ସଞ୍ଜୁଲତା ବିଶ୍ୱାଳ, ଡାକ୍ତର ବିଜୟ ନାରାୟଣ ରାଉତ, ଆଞ୍ଚଳିକ ଯୁବ ପରିଷଦ ସଭାପତି ଚିନ୍ମୟ ନାୟକ ଓ ଉପଦେଷ୍ଟା ମନୋଜ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ବିଧାୟକ ସେଠୀ ଦୁଇ ଦଳର ଖେଳାଳିଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିବାବେଳେ ଯୁବ ପରିଷଦର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିବା ସହ ଖେଳପଡ଼ିଆର ଉନ୍ନତୀକରଣ ପାଇଁ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯିବ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବୋଲି ଘୋଷଣା କରିଥିଲେ । ପ୍ରଥମ ଦିନ ମ୍ୟାଚ୍ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲ୍‌ୱେ ଓ ବ୍ରହ୍ମପୁର ୟୁନାଇଟେଡ୍ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୨୦ ଓଭର ମ୍ୟାଚ୍‌ବିଶିଷ୍ଟ ଟୁର୍ନାମେଣ୍ଟରେ ଇଷ୍ଟକୋଷ୍ଟ ରେଲୱେ ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୟୁନାଇଟେଡ୍ ଇଲେଭେନ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୬ ରନ୍ ସଂଗ୍ରହ କରିଥିଲା । ଜବାବରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୩୮ ରନ୍ ସଂଗ୍ରହ କରିଥିଲା । ୟୁନାଇଟେଡ୍ ଇଲେଭେନର ସନ୍ତୋଷ ସେଠୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଭାବେ ଶାନ୍ତନୁ ରାଉତ ଓ ସଞ୍ଜୀବ ବେହେରା, ଭାଷ୍ୟକାର ଭାବେ ଗଣେଶ କୁଅଁର ଓ ଜ୍ଞାନରଞ୍ଜନ ଘଡେଇ, ସ୍କୋରର ଭାବେ ଜ୍ୟୋତିରଞ୍ଜନ ଜେନା ଦାୟିତ୍ୱ ତୁଲାଇଥିଲେ। ସମ୍ପାଦକ ଚିତ୍ତରଞ୍ଜନ ପାତ୍ର, ଧବଳ ପଟ୍ଟନାୟକ, ପଦ୍ମନାଭ ସାମଲ, ବଳରାମ ଜେନା, ଦେବାଶିଷ ବାରିକ, ପ୍ରଦୀପ ଜେନା, ଅମିୟ ରଞ୍ଜନ ନାୟକ, ବିଜୟ ମଳିକ, ମାନସ ଜେନା, ଭଗବାନ ନାୟକ, ଚାନ୍ଦିଆ ମୁଦୁଲି, ପ୍ରତାପ ଦେବତା, ସୁଧାଂଶୁ ମଲିକ, ବିପିନ ଜେନା, ମଣ୍ଟୁ ଜେନା ପ୍ରମୁଖ ଯୁବ ପରିଷଦର କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ୟକ୍ତିଗତ ଟିପ୍ପଣୀ ଦେଇ ଷ୍ଟୋଇନିସ୍ ଦଣ୍ଡିତ

ସିଡନୀ,୫।୧ (ଏଏଫ୍‌ପି)

ଅଷ୍ଟ୍ରେଲିଆ ତାରକା ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ୍ ସାଥି ଖେଳାଳିଙ୍କୁ ବ୍ୟକ୍ତିଗତ ଟିପ୍ପଣୀ ଦେଇ ଜରିମାନାର ସମ୍ମୁଖୀନ ହୋଇଛନ୍ତି। ବିଗ୍ ବାସ୍ ଟି୨୦ ଲିଗ୍‌ରେ ଶନିବାର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଏକ ମ୍ୟାଚ୍ ଖେଳିବା ଅବସରରେ ସେ ଅନ୍ୟତମ ଅଷ୍ଟ୍ରେଲିଆ ଖେଳାଳି କେନ୍ ରିଚାର୍ଡସନଙ୍କୁ ଆକ୍ଷେପ କରି ବ୍ୟକ୍ତିଗତ ଟିପ୍ପଣୀ ଦେଇଥିବାରୁ କ୍ରିକେଟ ଅଷ୍ଟ୍ରେଲିଆର ଆଚରଣ ବିଧିର ଉଲ୍ଲଂଘନ କରିଛନ୍ତି। ଫଳରେ ତାଙ୍କ ଉପରେ ୫,୨୦୦ ଆମେରିକୀୟ ଡଲାର ଜରିମାନା ଧାର୍ଯ୍ୟ କରାଯାଇଛି। ମେଲବୋର୍ନ ଷ୍ଟାର୍ସ ତରଫରୁ ଖେଳୁଥିବା ଷ୍ଟୋଇନିସ୍ ନିଜ ଭୁଲ ସ୍ୱୀକାର କରିଛନ୍ତି ଓ ଏଥିପାଇଁ କ୍ଷମା ମଧ୍ୟ ମାଗିଛନ୍ତି। ଆକ୍ଷେପ କରିବା ପରେ ଭୁଲ କରିଛି ବୋଲି ଜାଣିପାରିଥିଲି ଓ ସଙ୍ଗେସଙ୍ଗେ ରିଚାର୍ଡସନ ଓ ଫିଲ୍ଡ ଅମ୍ପାୟରଙ୍କୁ କ୍ଷମା ମାଗିଥିଲି ବୋଲି ଷ୍ଟୋଇନିସ କହିଛନ୍ତି। ଉଲ୍ଲେଖଥାଉ କି, ଚଳିତ ବର୍ଷ ବିଗ୍ ବାସ ଲିଗ୍‌ରେ ଷ୍ଟୋଇନିସ ସର୍ବାଧିକ ୨୮୧ ରନ ସଂଗ୍ରହ କରିଛନ୍ତି। କିନ୍ତୁ ସେ ଭାରତ ଗସ୍ତ ପାଇଁ ଘୋଷିତ ଦିନିକିଆ ଦଳରୁ ବାଦ୍ ପଡିଛନ୍ତି। ତେବେ ରିଚାର୍ଡସନ ଏହି ଦଳରେ ସ୍ଥାନ ପାଇଛନ୍ତି। ପୂର୍ବରୁ ୬ ସପ୍ତାହ ତଳେ ଦ୍ରୁତ ବୋଲର ଜେମ୍ସ ପାଟିନସନ ଏକ ସେଫିଲ୍ଡ ସିଲ୍ଡ ମ୍ୟାଚ୍ ଖେଳିବା ଅବସରରେ ପ୍ରତିପକ୍ଷ ଖେଳାଳିଙ୍କୁ ଗାଳି ଦେଇ ଗୋଟିଏ

## ନିମାପଡ଼ା କ୍ରିକେଟ ଉଦ୍‌ଘାଟିତ

ନିମାପଡ଼ା,୫।୧ (ଡି.ଏନ୍.ଏ.)

ନିମାପଡ଼ା କ୍ରିକେଟ ଆସୋସିଏଶନ ପକ୍ଷରୁ ୧୧ତମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଜୁଭେନାଇଲ କ୍ଲବକୁ ୧ ଉଇକେଟରେ ହରାଇ ଭୁବନେଶ୍ୱରର କ୍ରାଉନ୍ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ ଦଳ ୨୪.୫ ଓଭରରେ ୧୪୮ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ରାମଚନ୍ଦ୍ର ବେହେରା ସର୍ବାଧିକ ୩୬ ଓ ତାପସ ରାଉତ ୩୩ ରନ୍ କରିଥିଲେ। ବୋଲିଂରେ କ୍ରାଉନ୍ ସ୍ପୋର୍ଟିଂ ପକ୍ଷରୁ ସୂର୍ଯ୍ୟକାନ୍ତ ସାମଲ ୪ ଓ ନୀଲ ପ୍ରଧାନ ୩ ଉଇକେଟ ନେଇଥିଲେ। ଜବାବରେ କ୍ରାଉନ୍ ଦଳ ଧାର୍ଯ୍ୟ ୨୫ ଓଭରର ଅନ୍ତିମ ବଲ ଓ ଶେଷ ଉଇକେଟ ପୂର୍ବରୁ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ୨୪.୫ ଓଭରରେ ୯



ଅତିଥିମାନେ ନାୟକ ଜନ୍ମେଜୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

ଉଇକେଟ ହରାଇ ୧୫୦ ରନ୍ କରିଥିଲା। ବିଜୟୀ ଦଳ ପାଇଁ ନାୟକ ଜନ୍ମେଜୟ ସର୍ବାଧିକ ୭୬ ରନ୍ କରିଥିବାବେଳେ ଦେବଗ୍ରହ କର ଓ କିଶାନ ରଥ ୨୪ ରନ୍ ଲେଖାଏ ସ୍କୋର କରିଥିଲେ। ମ୍ୟାଚ୍‌କୁ ଅୟସକାନ୍ତ ମିଶ୍ର ଓ ତାପସ ଦାସ ଅମ୍ପାୟର ଭାବେ ପରିଚାଳନା କରିଥିଲେ। ଜୁଭେନାଇଲ ଲାଗି ପ୍ରଜ୍ୱଳ ୩ ଉଇକେଟ ହାତେଇଥିଲେ। ବିଜୟୀ ଦଳ ପାଇଁ ସର୍ବାଧିକ ରନ୍ କରିଥିବା ଜନ୍ମେଜୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ପ୍ରଜ୍ୱଳଙ୍କୁ ହଟ୍‌ଷ୍ଟାର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି। ସ୍କୋରର ଭାବେ ପାର୍ଥସାରଥି ପରିଡ଼ା, ଦେବାଶିଷ ରାୟ, ସମ୍ବିତ୍ କୁମାର ପଟ୍ଟନାୟକ ପ୍ରମୁଖ ଦାୟିତ୍ୱରେ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ଶିକ୍ଷାବିତ୍ କ୍ଷୀରୋଧ ଚନ୍ଦ୍ର ରାୟ ମହାପାତ୍ର, ବିଜୟ ପ୍ରସାଦ ମିଶ୍ର, ଗୋପବନ୍ଧୁ ପଣ୍ଡା, କ୍ରୀଡ଼ାବିତ୍ ତଥା ଆୟୋଜକ ଆସୋସିଏଶନ ସମ୍ପାଦକ ଅକ୍ଷୟ ବେହେରା, ରଞ୍ଜନ କୁମାର ସେନାପତି ପ୍ରମୁଖ ଯୋଗଦେଇଥିଲେ। ସୋମବାର ଜାଗୃତି ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବ।

## କଟକ ସୋଲାର ସେମିରେ

**ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି**

ଭଣ୍ଡାରିପୋଖରୀ,୫।୧ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ରଘୁନାଥପୁର ଖେଳପଡ଼ିଆରେ ରଘୁନାଥପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ତ୍ରୟୋଦଶ ବାର୍ଷିକ ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ବାଲେଶ୍ୱର ୟୁ ଏଣ୍ଡ ମି ଓ କଟକ ସୋଲାର କ୍ଲବ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋଲାର କ୍ରିକେଟ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସୋଲାର ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ୍ ହରାଇ ୧୩୦ ରନ୍ କରିଥିଲା। ଦଳ ପକ୍ଷରୁ ଏମ୍.ଡି. ଦିନେଶ ୨୪ ବଲରେ ୩୧ ରନ୍, ପ୍ରତୀକ ଦାସ ୩ଟି ଛକା ବଳରେ ୨୮ ଓ ପ୍ରଦୀପ୍ତ ଦାସ ୨୪ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଜ୍ଞାନେନ୍ଦ୍ର ପରିଡ଼ା ୫ ଓଭରରେ ୩ ଉଇକେଟ, ଏସ୍.କେ. ମିନାଜ ୫ ଓଭରରେ ୨ ଉଇକେଟ୍ ଓ ବିଶାଳ ଦାସ ୫ ଓଭରରେ ୨ ଉଇକେଟ ପାଇଥିଲେ। ଜବାବରେ ୟୁ ଏଣ୍ଡ ମି ୨୨ ଓଭରରେ ୯୨ ରନ୍ କରି ଅଲଆଉଟ ହୋଇଥିଲା। ଦଳର ଦେବାଶିଷ ମହାନ୍ତି ୪୮ ବଲରେ ୪ ଛକା ଓ ୨ ଚଉକା ବଳରେ ୪୭ ରନ୍ କରିଥିଲେ।



ପ୍ରଦୀପ୍ତ ଦାସ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ପ୍ରତିପକ୍ଷର ବୋଲର ପ୍ରଦୀପ୍ତ ଦାସ ୪ ଓଭରରେ ୧୪ ରନ୍ ଦେଇ ୪ ଉଇକେଟ, ଏମ୍‌ଡି ଦିନେଶ ୪ ଓଭରରେ ୧୨ ରନ୍ ଦେଇ ୨ ଉଇକେଟ, କମଲ ଦୟାଲ ୫ ଓଭରରେ ୨୧ ରନ୍ ଦେଇ ୨ ଉଇକେଟ୍ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ କଟକ ସୋଲାର ଟିମ୍‌ର ପ୍ରଦୀପ୍ତ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟରେ ଅତିଥି ଭାବେ ଶିକ୍ଷାବିତ୍ ଗୋପୀନାଥ ନାୟକ, ଶକୁନ୍ତଳା ନାୟକ ଓ କ୍ଲବର ସଭାପତି ବିଶ୍ୱନାଥ ମାଝି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅମ୍ପାୟର ଲଲାଟ କେଶରୀ ନନ୍ଦ, ଖଗେଶ୍ୱର ପ୍ରଧାନ, ସ୍କୋରର ଭାବେ ଚିନ୍ମୟ ରାଉତରାୟ, ଜୟନ୍ତ ନାୟକ ଓ ବିଷ୍ଣୁନାରାୟଣ ମାଝି ଥିଲେ।

# ଘରମାଲିକଙ୍କୁ ଛାତରୁ ଠେଲି ହତ୍ୟା ଅଭିଯୋଗ

- ଭଡ଼ାଟିଆ ଦମ୍ପତି ଅଟକ
- ଗିରଫ ଦାବିରେ ଥାନା ଘେରିଲେ ବାସିନ୍ଦା

ପୁରୀ ଅଫିସ,୫।୧

କୋଠାର ଉପର ମହଲାରୁ ତଳକୁ ଖସି ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟାଉନ ଥାନା ଅଧୀନ ପଥୁରିଆ ସାହିର ନରେନ୍ଦ୍ର ମହାରଣା (୭୫)। ଘରଭଡ଼ାକୁ କେନ୍ଦ୍ରକରି ତାଙ୍କୁ ଭଡ଼ାଟିଆ ଦମ୍ପତି ଛାତରୁ ଠେଲି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପୋଲିସ ଭଡାଟିଆ ଦମ୍ପତିଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପକ୍ଷରେ ଉକ୍ତ ଦମ୍ପତିଙ୍କୁ ଗିରଫ ଦାବିରେ ସ୍ଥାନୀୟ ବାସିନ୍ଦା ଥାନା ଘେରାଉ କରିବା ସହ ଲିଖିତ ଅଭିଯୋଗ କରିଛନ୍ତି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ନରେନ୍ଦ୍ର 'ମୋତେ ଠେଲିଦେଲେ' ବୋଲି ଚିତ୍କାର କରିଥିଲେ। ତାହା ଶୁଣି ସାହି ପଡ଼ିଶା ଲୋକେ ଘର ଆଗରେ ରୁଣ୍ଡ ହୋଇଯାଇଥିଲେ। ଘରେ ଭିତରେ ପଶିବା ବେଳେ ନରେନ୍ଦ୍ର ତଳେ ପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପ୍ରକାରେ, ନରେନ୍ଦ୍ର ଘରୋଇ କମ୍ପାନୀରୁ ଅବସର ନେବା ପରେ ସ୍ତ୍ରୀ ସରୋଜିନୀଙ୍କ ସହ ପଥୁରିଆ ସାହିରେ ନିଜ ଘରେ ରହୁଥିଲେ। ତାଙ୍କ ପୁଅ ବାଙ୍ଗାଲୋରରେ ରହୁଛନ୍ତି। ଦୁଇ ମହଲା କୋଠାରେ ବୃଦ୍ଧ ଦମ୍ପତି ତଳ ମହଲାରେ ରହୁଥିଲେ। ଉପର ମହଲାକୁ ଅନ୍ୟ ଜଣେ ଦମ୍ପତିଙ୍କୁ ଭଡ଼ା ଦେଇଥିଲେ। ତେବେ ଉକ୍ତ ଦମ୍ପତି ପ୍ରାୟ ୩ବର୍ଷ ଧରି ରହିଥିଲେ ମଧ୍ୟ କିଛିମାସ ଧରି ଭଡ଼ା ଅର୍ଥ ଦେଉ ନ ଥିଲେ। ଏନେଇ ପୂର୍ବରୁ ନରେନ୍ଦ୍ର ଓ ଭଡାଟିଆ ମୁହାଁମୁହିଁ ହୋଇଥିଲେ। ୨୦୧୯ ସେପ୍ଟେମ୍ବରରେ ସ୍ଥାନୀୟ ବାସିନ୍ଦା ଓ ପୋଲିସ ଉପସ୍ଥିତିରେ ଥାନାରେ ଏକ ବୁଝାମଣା ହୋଇଥିଲା। ବୁଝାମଣା ମୁତାବକ ଭଡାଟିଆ କିଛି ମାସ ସମୟ ନେଇଥିଲେ ବୋଲି ସ୍ଥାନୀୟ ବାସିନ୍ଦା ସନ୍ତୋଷ ମହାପାତ୍ର, ଯୁବନେତା ସବ୍ୟସାଚୀ ମହାପାତ୍ର ପ୍ରମୁଖ ଗଣମାଧ୍ୟମ ଆଗରେ କହିଛନ୍ତି। ଏହି ଘଟଣାର ତଦନ୍ତ ଜାରି ରହିଛି। ଅଭିଯୋଗକୁ ଭିତ୍ତି କରି ଆଇପିସି ଦଫା ୩୦୨, ୨୯୪, ୫୦୬, ୩୪ ଅନୁଯାୟୀ କେସ୍ ନଂ.୩/୨୦୨୦ ରୁଜୁ କରାଯାଇଛି ବୋଲି ଥାନାଧିକାରୀ ପ୍ରଧାନ କହିଛନ୍ତି।




ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ।
ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଶଶିକାନ୍ତ



ରୋହିତ



ଶ୍ରୀତମ୍



ପପୁ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

# 'ଗୁଣାତ୍ମକ ଶିକ୍ଷାର ବିକାଶରେ ଶିକ୍ଷକମାନେ ବ୍ରତୀ ହୁଅନ୍ତୁ'

କପ୍ତିପଦା,୫।୧(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟରେ ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘର ୧୭ତମ ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଶରତ ଚନ୍ଦ୍ର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ଶିକ୍ଷକମାନେ ସମାଜ ଗଠନ ଦିଗରେ ପଦକ୍ଷେପ ନେଉଥିବାରୁ ସମାଜରେ ସେମାନଙ୍କ ସ୍ଥାନ ସ୍ୱତନ୍ତ୍ର। ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ସେମାନେ ବ୍ରତୀ ହେବା ଆବଶ୍ୟକ ବୋଲି କହିଥିଲେ। ରାଜ୍ୟ ସରକାର ଅଧ୍ୟାପକମାନଙ୍କ ବିଭିନ୍ନ ଦାବି ପୂରଣ କରିଥିବାବେଳେ ସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ନ୍ୟାଯ୍ୟ ଦାବି ପୂରଣ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ମାନନୀୟ ଅତିଥି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍ ତାଙ୍କ ବକ୍ତବ୍ୟରେ ଶିକ୍ଷକମାନଙ୍କ ଦାବି ପୂରଣ ଦିଗରେ ସେ ସରକାରଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରକାଶ କରିଥିଲେ।




ରାଜ୍ୟସ୍ତରୀୟ ସମ୍ମିଳନୀରେ ଉପସ୍ଥିତ ଅତିଥି।

ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଚିତ୍ତ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ୭ମ ବେତନ କମିଶନ ଅନୁଯାୟୀ ଅଧ୍ୟାପକ ଓ କର୍ମଚାରୀ ଏବଂ ୟୁଜିସି ଅଧ୍ୟାପକମାନେ ଅନ୍ୟାୟ ଭାବରେ ୨୧ମାସ ଦରମାରୁ ବଞ୍ଚିତ ହେବା, ଗ୍ରାଚ୍ୟୁଇଟି ସୀମା ୧୫ଲକ୍ଷକୁ ବୃଦ୍ଧି କରିବା, ଅବସର ବୟସ ସୀମା ୬୨କୁ ବୃଦ୍ଧି କରିବା, ଅଣଶିକ୍ଷକ ଡ଼େମୋନ୍‌ଷ୍ଟ୍ରେଟର, ଲାଇବ୍ରେରିଆନ୍ ଓ ଖେଳ ଶିକ୍ଷକମାନଙ୍କ ସମସ୍ୟାର ସମାଧାନ ଉପରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ଉଚ୍ଚ ଶିକ୍ଷାକ୍ଷେତ୍ରରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ତାଙ୍କ ବକ୍ତବ୍ୟରେ ଦାବି କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ନଟବର ଗିରି, ଜିଲା ସଭାପତି ଗିରୀଶ ଚନ୍ଦ୍ର ଦାସ, ଜିଲା ସମ୍ପାଦକ ପ୍ରତାପ କେଶରୀ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ମେଘାସନ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ.ରମେଶ ଚନ୍ଦ୍ର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଫକୀର ଚରଣ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା କାର୍ଯ୍ୟକାରୀ ସଭାପତି ଡ.ପ୍ରକାଶ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀର ସମ୍ପାଦକ ଭାବେ ପ୍ରସନ୍ନ ଗନ୍ତାୟତ, ଉପସଭାପତି ମହେଶ୍ୱର ମିଶ୍ର, ଯୁଗ୍ମ-ସମ୍ପାଦକ ଭାବେ ରମେଶ ଚନ୍ଦ୍ର ନାୟକ ନିର୍ବାଚିତ ହୋଇଥିଲେ। ସଂଗଠନ ସମ୍ପାଦକ ମଦନ ମହଲା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ସଂଘର ସ୍ମରଣିକାକୁ ଉନ୍ମୋଚନ କରିଥିଲେ । ମେଘାସନ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ପରିଚାଳନା କମିଟିର ସଦସ୍ୟ, ଅଣଶିକ୍ଷକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପାର ସିଏଏ ସଚେତନତାକୁ କଂଗ୍ରେସର ସମାଲୋଚନା

**ଭୁବନେଶ୍ୱର,୫।୧(ବ୍ୟୁରୋ):** ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ସମ୍ପର୍କରେ ଭାଜପା ପକ୍ଷରୁ ରାଜ୍ୟରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ାରେ କେନ୍ଦ୍ରମନ୍ତ୍ରୀ ଫଗନ ସିଂ କୁଲସ୍ତେଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅପରପକ୍ଷରେ କଂଗ୍ରେସ ପକ୍ଷରୁ ଭାଜପାର ଏପରି ପଦକ୍ଷେପକୁ ବିରୋଧ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଶରତ ରାଉତ କହିଛନ୍ତି ଯେ, ସିଏଏ ଦେଶରେ ବିଭେଦ ସୃଷ୍ଟି କରିବ। ଭାଜପା ପକ୍ଷରୁ ନିଆଯାଉଥିବା ପଦକ୍ଷେପ ବିଦ୍ୱେଷ ହିଁ ସୃଷ୍ଟି କରିବ। ଦେଶକୁ ଆଉ ଏକ ବିଭାଜନ ଆଡ଼କୁ ନିଆଯାଉଛି। ଏଭଳି ଆଇନ ପ୍ରତ୍ୟାହୃତ ହେବା ଆବଶ୍ୟକ ବୋଲି ରାଉତ କହିଛନ୍ତି। ଅପରପକ୍ଷରେ ଏହି ପ୍ରସଙ୍ଗରେ ବିଜେଡି ନେତାଙ୍କ ପକ୍ଷରୁ ମାପିଚୁପି ବକ୍ତବ୍ୟ ଦିଆଯାଇଛି। ଲୋକ ସଭାର ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର କହିଛନ୍ତି ଯେ, ସିଏଏ ସହ ଭାରତୀୟ ନାଗରିକଙ୍କ କୌଣସି ସମ୍ପର୍କ ନାହିଁ। ଏହା ବିଦେଶୀ ଏବଂ ଶରଣାର୍ଥୀଙ୍କ ସମ୍ପର୍କିତ ବ୍ୟାପାର। ତେବେ ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି) ରାଜ୍ୟରେ ହେବ ନାହିଁ ବୋଲି ଆଗରୁ ସ୍ପଷ୍ଟ କରାଯାଇଛି। ସିଏଏ ନେଇ ଭାଜପା ସଚେତନତା ସଭା କରିବାରେ କୌଣସି ଅସୁବିଧା ନାହିଁ। ଏହି ଆଇନ ସମ୍ପର୍କରେ ପୂର୍ବରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲେ କେତେକ ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା ବୋଲି ପିନାକୀ କହିଛନ୍ତି।

■ ଶ୍ରୀ ଜଂଘା ବଡ଼ଦେଓ ବାର୍ଷିକ ପୂଜା

# ବିଧାୟକଙ୍କ ଅସ୍ୱାଭାବିକ ଆଚରଣକୁ ନେଇ ଚର୍ଚ୍ଚା

ବଇଣ୍ଡା, ୫।୧(ଡି.ଏନ.ଏ.)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଆମ୍ବଶରମୁଣ୍ଡା ଗ୍ରାମରେ ରବିବାର ଅନୁଷ୍ଠିତ ଶ୍ରୀ ଜଂଘା ବଡ଼ଦେଓଙ୍କ ବାର୍ଷିକ ପୂଜା ଉତ୍ସବରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ଅସ୍ୱାଭାବିକ ଆଚରଣକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ପୂଜା ଉତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା ଚାଲିଥିବାବେଳେ ମୁଖ୍ୟଅତିଥି ଭାବେ ଆଗରେ ଚାଲି ଚାଲି ଯାଉଥିଲେ ବିଧାୟକ। ଏହି ସମୟରେ ହାତରେ ଖଣ୍ଡା ଧରି ସେ ହଠାତ୍ ନାଚିବାକୁ ଆରମ୍ଭ କଲେ। ଧୀରେ ଧୀରେ ଅଣାୟତ୍ତ ହୋଇପଡୁଥିବା ବିଧାୟକଙ୍କୁ ଆୟତ୍ତ କରିବାକୁ କେତେଜଣ ଲୋକ ତାଙ୍କୁ ଦୁଇ ବାହୁକୁ ଧରିଥିବା ଦେଖିବାକୁ ମିଳିଥିଲା। ବିଧାୟକଙ୍କ ନିକଟରେ ଏପରି ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ୍ୟ କରି ସେଠାରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ତାଙ୍କୁ କାଳିଶି ଲାଗିଥିବା ଅନୁମାନ କରିଥିଲେ। ଏପରି କି ତାଙ୍କ ଶରୀରରେ ପ୍ରଭୁ ଜଂଘା ବଡ଼ଦେଓଙ୍କ ଆବିର୍ଭାବ ହୋଇଥିବା କହି କେତେଜଣ ମହିଳା ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା।

ତେବେ ଏଥିପୂର୍ବରୁ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକ ସାଏ ସେଠାରେ ଉପସ୍ଥିତ ସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ସେତେବେଳେ ସେ ସ୍ୱାଭାବିକ ଥିଲେ। ଏହାପରେ ଅନୁଷ୍ଠିତ ଶୋଭାଯାତ୍ରାରେ ତାଙ୍କ ନିକଟରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ବିଧାୟକଙ୍କ ଏପରି ଆଚରଣକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏ ନେଇ ବିଧାୟକଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।



ହାତରେ ଖଣ୍ଡା ଧରି ବିଧାୟକ ନାଚୁଛନ୍ତି।

# ବିଷାକ୍ତ ଖାଦ୍ୟ ନେଲା ମାଖନ ହାତୀ ଜୀବନ

ବନ୍ତଲା, ୫।୧(ଡି.ଏନ.ଏ.)

ଅନୁଗୋଳ ବନଖଣ୍ଡ ପୁପୁଣ୍ଡା ସେକ୍ସନ ବିଟ୍ ଅଧୀନ ବୃନ୍ଦାବନପୁର ଗ୍ରାମରୁ ରବିବାର ସକାଳେ ଏକ ମାଖନ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ମୃତହାତୀର ଆନୁମାନିକ ବୟସ ୨୦ ବର୍ଷ ହେବ। ବିଷାକ୍ତ ଖାଦ୍ୟ ଖାଇ ହାତୀଟିର ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୃତ୍ୟୁ ପୂର୍ବରୁ ହାତୀଟି ୧୦୦ ମିଟର ଦୂରରୁ ଘୋଷାଡ଼ି ହୋଇ ଆସିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଛି।

ସୂଚନାପାଇ ଡିଏଫଓ ଭି. କାର୍ତ୍ତିକ, ଏସିଏଫ ବାସୁଦେବ ବେହେରା, ପ୍ରୋବେଶନାଲ ଆଇଏଫଏସ୍ ସାଇ କରଣ, ରେଞ୍ଜ ଅଧିକାରୀ ସତ୍ୟବ୍ରତ ପ୍ରଧାନ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଜିଲା ପ୍ରାଣୀଧନ ଚିକିତ୍ସା ବିଭାଗର ଡେପୁଟି ନିର୍ଦ୍ଦେଶକ ଡ. ଭରତ ଚନ୍ଦ୍ର ଗଡ଼ନାୟକ, ସାତକୋଶିଆ ପ୍ରାଣୀ ଚିକିତ୍ସକ ଡ. କିଶୋର ଚନ୍ଦ୍ର ସାହୁ, ଭିଏସ୍ ଡ. ସୁଶାନ୍ତ କୁମାର ସେଠୀ ପ୍ରମୁଖ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ଏଥିରୁ ବିଷାକ୍ତ ଖାଦ୍ୟ ଖାଇ ହାତୀଟିର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

# ଧାନ ଝାଡିବା ମେଶିନ ସହ ଟ୍ରାକ୍ଟର ଓଲଟି ୨ ମୃତ

**ଜଳେଶ୍ୱର, ୫।୧ (ଡି.ଏନ୍.ଏ./ସ୍ୱ.ପ୍ର.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ହଳଦୀଗୁଣ୍ଡା ଗ୍ରାମ ଠାରେ ଟ୍ରାକ୍ଟରରେ ନେଇ ଯାଉଥିବା ଧାନ ଝାଡ଼ିବା ମେଶିନ ଓଲଟି ପଡ଼ିବାରୁ ୨ଜଣଙ୍କର ମୃତ୍ୟୁ ଘଟିଛି। ପୋଲିସ ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ଟ୍ରାକ୍ଟରରେ ଧାନ ଝାଡିବା ମେଶିନ ନିଆଯାଉଥିବା ବେଳେ କୁଶଗଡ଼ ଫାଣ୍ଡି ଅଧୀନ କୁଞ୍ଜବଣିଆ ଗ୍ରାମର ଗୋପାଳ ଟୁଡୁ ଏବଂ ମାତ୍ରା ହାସଦା ମେଶିନ ସହ ବସିଥିଲେ। ଟ୍ରାକ୍ଟରଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିବାରୁ ୨ଜଣ ଯାକ ମେଶିନ ତଳେ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

# ସୁନ୍ଦରଗଡ଼ରେ 'ବହିପଢ଼' ଅଭିଯାନ

- ଜିଲାପାଳଙ୍କ ବାସଗୃହ ପରିସରରେ ଖୋଲିଲା ବହିବଗିଚା
- ପୁସ୍ତକ ପଠନ ଅଭ୍ୟାସକୁ ଜାରି ରଖିବା ପାଇଁ ଜିଲାପାଳଙ୍କ ପ୍ରୟାସ

ସୁନ୍ଦରଗଡ଼, ୫।୧ (ଡି.ଏନ୍.ଏ.)

ସୁନ୍ଦରଗଡ଼ରେ ଆରମ୍ଭ ହୋଇଛି 'ବହିପଢ' ଅଭିଯାନ। ଏହି କ୍ରମରେ ରବିବାର ଜିଲାପାଳଙ୍କ ବାସଗୃହ ପରିସରରେ ସ୍ୱତନ୍ତ୍ର ବହିବଗିଚା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଏହି ବହିବଗିଚାକୁ ଉଦ୍‌ଘାଟନ କରିଥିଲେ। ପ୍ରକୃତ ଜ୍ଞାନ ପୁସ୍ତକ ପଠନରୁ ହିଁ ମିଳିଥାଏ ବୋଲି ନିଜ ବକ୍ତବ୍ୟରେ ଜିଲାପାଳ ପ୍ରକାଶ କରିଥିଲେ। ସମ୍ପ୍ରତି ବହି ପଢାର ଆଗ୍ରହ କ୍ରମଶଃ କମି ଯାଉଥିବାବେଳେ ବହିପଢିବାର ଆଗ୍ରହକୁ ଛାତ୍ରୀଛାତ୍ର ତଥା ସାଧାରଣ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସୃଷ୍ଟି କରିବା ପାଇଁ ଜିଲାପାଳଙ୍କ ଏହି ମହତ୍ ପ୍ରୟାସକୁ ସହରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସାହିତ୍ୟିକ, ଶିକ୍ଷାବିତ୍ ଓ ଛାତ୍ରୀଛାତ୍ର ସ୍ୱାଗତ କରିଛନ୍ତି। ରବିବାର ଅପରାହ୍ନରେ ଜିଲାପାଳଙ୍କ ବାସଗୃହ ପରିସର ସଂଲଗ୍ନ ବଗିଚା ମଧ୍ୟରେ ଆରମ୍ଭ ହୋଇଥିଲା ଏହି ବହି ବଗିଚା। ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା ଏହି ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଜିଲାପାଳଙ୍କ ଏହି ଅଭିନବ ପ୍ରୟାସକୁ ସ୍ୱାଗତ କରିଥିଲେ। ସାଧାରଣ ଲୋକଙ୍କ ମଧ୍ୟରେ ବହିପଢ଼ିବା ଅଭ୍ୟାସ ସୃଷ୍ଟି କରିବାରେ ବେଶ ସହାୟକ ହେବ ବୋଲି ଏସ୍‌ପି ଆଶା ପ୍ରକାଶ କରିବା ସହ ଉପସ୍ଥିତ ଛାତ୍ରୀଛାତ୍ର, ସାହିତ୍ୟିକ ଓ ପୁସ୍ତକପ୍ରେମୀଙ୍କ ସହ ବିଭିନ୍ନ ପୁସ୍ତକ ସମ୍ପର୍କରେ ଭାବ ବିନିମୟ କରିଥିଲେ। ଅତିରିକ୍ତ ଏସ୍‌ପି ରବିନାରାୟଣ ବାରିକ, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ସଦର ବ୍ଲକ ଶିକ୍ଷାଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ସବ୍‌ଡେଗା ବ୍ଲକ ଶିକ୍ଷାଧିକାରୀ ଅଜୟ ଏକ୍କା, ସୁନ୍ଦରଗଡ଼ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ର, ରାଜଗାଙ୍ଗପୁର ପୌରନିର୍ବାହୀ ଅଧିକାରୀ ସୌରିନ୍ଦ୍ର ରାଉତରାୟ, ସମଗ୍ର ଶିକ୍ଷା ବିଭାଗର ଅମାତ୍ୟ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ଅନୀଲ କେରକେଟା ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ଉପସଭାପତି ତଥା ଗାଳ୍ପିକ ଗିରି ଦଣ୍ଡସେନା, ବରିଷ୍ଠ ନାଗରିକ ସଂଘର ସଭାପତି ଡା. ହିମାଂଶୁ ଶେଖର ଗୁରୁ, ଗୋପକୃଷ୍ଣ ନାୟକ, ବିବିଧ ବିଶ୍ୱ, ଅଧ୍ୟାପକ ଗଣେଶ ତ୍ରିପାଠୀ, ସିଷ୍ଟର ପି ସେଲଭି, ସୁସ୍ମିତା ଯୋଶୀ, ସୁସ୍ମିତା ଭୋଇ, ନନ୍ଦିତା ନାଏକ, ସୂଚିତା ପାଣିଗ୍ରାହୀ, ମୀନାକ୍ଷୀ ନାଏକ, ଜିଲା ବିଜ୍ଞାନ ନିରୀକ୍ଷକ ଗୋପୀନାଥ ନାଏକଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ପୁସ୍ତକପ୍ରେମୀ ଉପସ୍ଥିତ ଥିଲେ। ପ୍ରତିଷ୍ଠିତ ଲେଖକଙ୍କ ବିଭିନ୍ନ ଗଳ୍ପ, ଉପନ୍ୟାସ, ବିଭିନ୍ନ ମହାପୁରୁଷଙ୍କ ଜୀବନୀ ସମ୍ବଳିତ ପୁସ୍ତକ ତଥା ଛାତ୍ରୀଛାତ୍ରଙ୍କ ପାଇଁ ସାଧାରଣଜ୍ଞାନ ସମ୍ବଳିତ ପୁସ୍ତକ, ବିଭିନ୍ନ ଶିକ୍ଷଣୀୟ ଗଳ୍ପ ପୁସ୍ତକକୁ ଏହି ବହିବଗିଚାରେ ସ୍ଥାନିତ କରାଯାଇଛି। ପ୍ରତ୍ୟେହ ରବିବାର ଅପରାହ୍ନ ସାଢେ ୩ଟା ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ବହିବଗିଚା ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ।



ସୁନ୍ଦରଗଡ଼ରେ ବହିବଗିଚା ଉଦ୍‌ଘାଟନ ଅବସରରେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ ଉପସ୍ଥିତ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଆଜବେଷ୍ଟସ ଭାଙ୍ଗି ଦୋକାନରୁ ଚୋରି

ବାଉଁଶୁଣୀ, ୫।୧ (ଡି.ଏନ.ଏ)
ବୌଦ୍ଧ ବ୍ଲକ ବାଉଁଶୁଣୀ ଛକ ଏନଏଚ-୫୭ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ଥିବା ଏକ ଘଣ୍ଟା ଦୋକାନର ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି । କେହି ଦୁର୍ବୃତ୍ତ ଦୋକାନର ଆଜବେଷ୍ଟସ ଭାଙ୍ଗି ଭିତରକୁ ପଶି ପ୍ରାୟ ୦ ଜାର ଟଙ୍କାର ଦାମୀ ଘଣ୍ଟା, ଚଷମା ଆଦି ଚୋରି କରି ନେଇଛି । ଏ ନେଇ ଦୋକାନ ମାଲିକ ରାକେଶ ମେହେର ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଛି ।

### ବୌଦ୍ଧରେ ସାରଳା ବିଶ୍ୱଭାଷା ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା

ବୌଦ୍ଧ,୫।୧(ସ୍ୱ.ପ୍ର)
ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଜିଲାସ୍ତରୀୟ ସାରଳା ବିଶ୍ୱଭାଷା ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ଜିଲା ସଂଯୋଜକ ସୀତାକାନ୍ତ ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଆମେ ଓଡ଼ିଆ, ଆମ ଭାଷା ବଢ଼ିଆ, ଭାଷା ବଞ୍ଚିଲେ ଦେଶ ବଞ୍ଚିବ ଏହି ନାରା ନେଇ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରୁ ଛାତ୍ରୀଛାତ୍ରମାନଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ଜିଲା ଓକିଲ ସଂଘ ସଭାପତି ତାରେଣୀ ମହାପାତ୍ର, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ପ୍ରବୀର କୁମାର ଦାସ, ସଂସ୍କୃତ ଅଧ୍ୟାପକ ପ୍ରତାପ କୁମାର ରଥ, ଓଡିଆ ବିଭାଗୀୟ ମୁଖ୍ୟ ଡ. ଶରତ ଚନ୍ଦ୍ର ପତି, ଏନସିସି ଅଫିସର ଡ. ମହେନ୍ଦ୍ର ନାଥ ଦେବତା, ଲାଇବ୍ରେରିଆନ ଶଙ୍କର ପ୍ରସାଦ ମିଶ୍ର ଏବଂ ଭାରତ ସ୍ୱାଭିମାନର ଜିଲା ପ୍ରଭାରୀ ଦେବାଶିଷ ପୁରୋହିତଙ୍କ ସମେତ ଜିଲାର ସାହିତ୍ୟିକ, ସମାଜସେବୀ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।



### ଟ୍ରାକ୍ଟର ମାଲିକ ସଂଘର ନୂତନ କର୍ମକର୍ତ୍ତା

ପାଇକମାଲ,୫।୧(ଡି.ଏନ.ଏ)
ଶ୍ରୀ ଶ୍ରୀ ନୃସିଂହନାଥ ଯାତ୍ରୀ ନିବାସ ପରିସରରେ ପାଇକମାଳ ନୃସିଂହନାଥ ଟ୍ରାକ୍ଟର ମାଲିକ ସଂଘର ଏକ ବୈଠକ ଡୋଲାମଣି ବଡ଼େଇଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଟ୍ରାକ୍ଟର ମାଲିକମାନେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଂଘ ସଭାପତି ଅଲତାଫ ମହମ୍ମଦ, ଉପସଭାପତି ଡୋଲାମଣି ବଡ଼େଇ, ସମ୍ପାଦକ ସୁଦର୍ଶନ ସୂପକାର, ସହ ସମ୍ପାଦକ ରାଜୀବ ସାହୁ, କୋଷାଧକ୍ଷ ଦୀପକ ନାଏକ, ବିକି ସିଂ ପ୍ରମୁଖ ମନୋନିତ ହୋଇଥିଲେ । ଶେଷରେ ବୁଲୁ ନାୟକ ଧନ୍ୟବାଦ ଅର୍ପି କରିଥିଲେ ।

### ଚଢ଼ା ଦରରେ ପିଡିଏସ କିରୋସିନ ବିକ୍ରି

ବିଜେପୁର, ୫।୧ (ଡି.ଏନ.ଏ)
ବିଜେପୁର ସହରରେ ପିଡିଏସ କିରୋସିନ ଚଢ଼ା ଦରରେ ବିକ୍ରି ହେଉଥିବା ଶନିବାର ଅଭିଯୋଗ ହୋଇଛି । ଏଠାରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ପିଡିଏସ କିରୋସିନ ବଣ୍ଟନ ଦାୟିତ୍ୱରେ ଅଛି । ସରକାରୀ ଧାର୍ଯ୍ୟ ରାଶି ଲିଟର ପିଛା ୩୬ ଟଙ୍କା ହୋଇଥିବା ବେଳେ ହିତାଧିକାରୀଙ୍କଠାରୁ ୪୨ ଟଙ୍କା ନିଆଯାଉଥିବା ଅଭିଯୋଗ ହେଉଛି । ଫଳରେ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବ୍ଲକ ଯୋଗାଣ ନିରୀକ୍ଷକ ଶଙ୍କର୍ଷଣ ଭୋଇଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ପାଇଛି, ସୋମବାର ଏହାର ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।



ଗାଇସିଲେଟ ବ୍ଲକ ମହାଜନ ଡୁଙ୍ଗରୀ ଉପରେ କଳାକାର କରମସାନୀ ପରିବେଷଣ କରୁଛନ୍ତି ।

# ଡୁଙ୍ଗରୀରେ କରମସାନୀ ପରିବେଷଣ

ଗାଇସିଲେଟ,୫।୧(ଡି.ଏନ.ଏ)

ଗାଇସିଲେଟ ବ୍ଲକ ବୁରୋମୁଣ୍ଡା ସମ୍ବଲପୁରୀ ଫୋକ ଏକାଡେମୀ ତରଫରୁ ସମ୍ପାଦକ ରବିରତନ ସାହୁଙ୍କ ତତ୍ତ୍ୱାବଧାନରେ ଲିମ୍କା ବୁକରେ ସ୍ଥାନ ପାଇବା ସକାଶେ ପ୍ରାୟ ଦୁଇ ହଜାର କରମସାନୀ ମାଦଲ ବାଦକ ଓ ଗାୟକ ଶରଧାପାଲିର ମହାଜନ ଡୁଙ୍ଗରି ଉପରେ ରବିବାର କରମସାନୀ ପରିବେଷଣ କରିଥିଲେ । ପ୍ରାୟ ୩ ହଜାର କଳାକାର ଆସିବେ ବୋଲି ତାଲିକା କରାଯାଇଥିଲା। ମାତ୍ର ମେଘୁଆ ପାଗ ଯୋଗୁ ପ୍ରାୟ ଦୁଇ ହଜାର ମହିଳା ପୁରୁଷ କଳାକାର ଯୋଗ ଦେଇଥିଲେ। ଏଥିରେ ଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚୌହାନ ମୁଖ୍ୟଅତିଥି, ବିଜେପୁର ବିଧାୟିକା ରୀତା ସାହୁ, ଛତିଶଗଡ ଲୋକକଳା କଳାକାର ପଦ୍ମଶ୍ରୀ ଅନୁପ ରଞ୍ଜନ ପାଣ୍ଡେ, ପଦ୍ମପୁର ଉପଜିଲାପାଳ ତନ୍ମୟ ଦରୁଆନ, ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଶରଧାପାଲିର କରମା ଗାୟକ ଲଳିତ କୁମାର ପଧାନ, ବାଦ୍ୟକାର ଗଙ୍ଗାଧର ବେହେରା ଓ ବୁରୋମୁଣ୍ଡା ଗ୍ରାମର ମାଦଲ ବାଦକ କ୍ଷିତି ପଧାନଙ୍କୁ ସମ୍ମାନିତ କରାଯାଇଥିଲା। ସୂଚନାଯୋଗ୍ୟ, ସମ୍ବଲପୁରୀ ଫୋକ ଏକାଡେମୀ ତରଫରୁ ଗତବର୍ଷ ତିନି ଦିନ ଧରି ବୁରୋମୁଣ୍ଡାରେ କରମସାନୀ କଳାକାର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ହଜାର ହଜାର କରମା ବାଦକ ଓ ଗାୟକ ଯୋଗଦେଇ କଳା ପ୍ରଦର୍ଶନ କରିଥିଲେ।

## ବୌଦ୍ଧ ଜିଲା ମହୋତ୍ସବରେ ଆଲୋଚନାଚକ୍ର

ବୌଦ୍ଧ,୫।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅବସରରରେ ଆଲୋଚନାଚକ୍ରର ତୃତୀୟ ଦିନରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ପରିବେଶ ସୁରକ୍ଷା, ଜଙ୍ଗଲ ସୁରକ୍ଷା ଏବଂ ପର୍ଯ୍ୟଟନକୁ ଯୋଡି ଜିଲାର ଅର୍ଥନୈତିକ ବିକାଶର ଯେପରି ଅଭିବୃଦ୍ଧି କରାଯାଇ ପାରିବ ସେଥିପାଇଁ ପ୍ରଚେଷ୍ଟା ଜାରି ରହିଥିବା କହିଥିଲେ। ସବୁଜ ସୁନ୍ଦର ବୌଦ୍ଧ ଗଢିତୋଳିବା ନେଇ ସମସ୍ତଙ୍କ ସହଯୋଗ ଲୋଡା ବୋଲି ମତବ୍ୟକ୍ତ କରିଥିଲେ। ସରକାରୀ ବାଳିକା ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଜିଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ସଭାପତିତ୍ୱ କରିଥିଲେ। ସେ ଜଙ୍ଗଲ ଅଧିକାର ଆଇନ ଏବଂ ଏହି ଆଇନରେ ଥିବା ପ୍ରାବଧାନ ବିଷୟରେ ବୁଝାଇଥିଲେ । ଏହାସହିତ ଜଙ୍ଗଲ ସୃଷ୍ଟି କରିବା ଏବଂ ଏହାର ସୁରକ୍ଷା ଦିଗରେ ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରବିର କୁମାର ଦାଶ ସମ୍ମାନିତ ଅତିଥି ତଥା ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଜଙ୍ଗଲ ସୁରକ୍ଷା ଉପରେ ଅଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ବୌଦ୍ଧ ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲା ଯୋଗଦେଇ ଜଙ୍ଗଲସୁରକ୍ଷା ପାଇଁ ଆମେ ସଚେତନ ରହିବା ଓ ଚେଷ୍ଟା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ସିଡିପିଓ ମିନତି ଦେଓ, କନ୍ଧମାଳ ସିଡିପିଓ ଜ୍ୟୋତ୍ସ୍ନା ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବୌଦ୍ଧ ରେଞ୍ଜର ଆଶିଷ କୁମାର କହଁର ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ।

■ ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା

# ସଂସ୍କୃତି, ଶକ୍ତି, ବିଭବର ପରିଚୟ ହୋଇଛି ବୌଦ୍ଧ





ବୌଦ୍ଧ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି (ବାମ) । ମଞ୍ଚରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

ବୌଦ୍ଧ,୫।୧(ସ୍ୱ.ପ୍ର)

ରବିବାର ଥିଲା ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାରେ ଚତୁର୍ଥ ସନ୍ଧ୍ୟା। ବୌଦ୍ଧ ସହରର କଚେରୀ ପଡିଆ ଗୌତମ ବୁଦ୍ଧ ମଣ୍ଡପରେ ଚାଲିଥିବା ମହୋତ୍ସବରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟଅତିଥି, ବୌଦ୍ଧର ପୂର୍ବତନ ଜିଲାପାଳ ମହେନ୍ଦ୍ର କୁମାର ମଲିକ, ମୋହନ ପ୍ରସାଦ ମିଶ୍ର, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ବିଜୟ କୁମାର ନାଏକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଲକ୍ଷ୍ମୀଧର ସାହୁ ଏବଂ ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ସାହୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଦ୍ୱାରା ମହିଳାମାନଙ୍କୁ କିପରି ସ୍ୱାବଲମ୍ବୀ କରାଯାଉଛି ତାହା ଉପରେ କହିଥିଲେ। ସଂସ୍କୃତି, ଶକ୍ତି ଓ ବିଭବର ପରିଚୟ ହେଉଛି ବୌଦ୍ଧ ଜିଲା । ଲୋକ ମହୋତ୍ସବ ଦ୍ୱାରା ଏସବୁର ପ୍ରଚାର ହୋଇ ପାରୁଛି ବୋଲି ସମ୍ମାନିତ ଅତିଥି ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ନାଏକ ମତବ୍ୟକ୍ତ କରିଥିଲେ। ଜ୍ଞାନ ହେଉଛି ବିକାଶର ଚାବିକାଠି। ଏଠାରେ ମହୋତ୍ସବ ସହ ପୁସ୍ତକ ମେଳାକୁ ଯୋଡାଯାଇ ପାରିଥିବାରୁ ପୂର୍ବତନ ଜିଲାପାଳ ମିଶ୍ର ପ୍ରଶଂସା କରିବା ସହ ତାଙ୍କ ସମୟରେ ବୌଦ୍ଧର କଥା ବଖାଣିଥିଲେ । ଚତୁର୍ଥ ଦିବସର ସାଂସ୍କୃତିକ ସନ୍ଧ୍ୟାରେ ଗୌତମ ବୁଦ୍ଧ ମଣ୍ଡପରେ ଫୁଲବାଣୀ ନଟରାଜ କଳା ପକ୍ଷରୁ ଓଡିଶୀ ନୃତ୍ୟ, ବୌଦ୍ଧ ଖଲିଆବଗିଚା ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବାଲ୍ୟ ବିବାହ ଉପରେ କାର୍ଯ୍ୟକ୍ରମ, ପୁରୀ ଜୟୋ ହୋ ପକ୍ଷରୁ ମହିଳା ମାଲଖୁମ୍ବ, ସୁନ୍ଦରଗଡ ମୟୁରୀ ଅନୁଷ୍ଠାନ ପକ୍ଷରୁ ରସରକେଲି, କଲିକତା ବାଲାଟ ଟ୍ରୁପ ପକ୍ଷରୁ ଲାଉଡି ଓ ବେଙ୍ଗଲି ଫୋକ, ବିନିକା ରୁମୁକୁଝୁମା ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ବଡବନ୍ଧ ସରକାରୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ସମ୍ବଲପୁରୀ ଓ ବୌଦ୍ଧ ଜିତେନ୍ଦ୍ର ମହାନ୍ତି ଦଳ ପକ୍ଷରୁ ମଣିପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରମୋଦ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ।

## ଲୁଟ୍ ଆସବାବପତ୍ର ବୋଝେଇ ଟ୍ରକ ଠାବ

ମଥୁରାନଗରୀ,୫।୧
ବରଗଡ଼ ଜିଲାରେ ରାଜପଥ ଲୁଟେରାମାନେ ପୁଣି ସକ୍ରିୟ ହୋଇ ପଡ଼ିଛନ୍ତି । ଶନିବାର ବିଳମ୍ବିତ ରାତ୍ରିରେ ବଲାଙ୍ଗିର-ବରଗଡ଼ ରାସ୍ତାର ଏକାମ୍ର ଛକ ନିକଟରେ ଲୁଟେରାମାନେ ଡ୍ରାଇଭରଙ୍କୁ ଆକ୍ରମଣ କରିବା ସହିତ ଆସବାବ ବୋଝେଇ ଏକ ମିନି ଟ୍ରକ (ନଂ.ଓଆର୧୪ୱାଇ/୨୦୦୭)କୁ ଲୁଟି ନେଇଥିଲେ । ଏ ନେଇ ଡ୍ରାଇଭର ନୟାଗଡ଼ ଜିଲା ଓଡ଼ଗାଁ ଥାନା ବନ୍ଧଭୂଇଁ ଗ୍ରାମର ସୁଶାନ୍ତ କୁମାର ବେହେରା ବରଗଡ଼ ସଦର ଥାନାରେ ଏତଲା ଦେଇଥିଲେ । ଏତଲା ପରେ ପୋଲିସ ଏହାକୁ ନେଇ ଅନୁସନ୍ଧାନ ଚଳାଇ ଥିବାବେଳେ ସ୍ଥାନୀୟ ଲୋକେ ଖୋଜାଖୋଜି କରି ସେହି ମିନିଟ୍ରକକୁ ରବିବାର ମଧ୍ୟାହ୍ନରେ ସୋହେଲା ଥାନା ଦଶମାଇଲ-ସରକଣ୍ଡା ରାସ୍ତାରେ ଛିଡ଼ା ହୋଇଥିବା ଅବସ୍ଥାରେ ଠାବ କରିଥିଲେ। ପରେ ସେଠାକୁ ପୋଲିସ ପହଞ୍ଚି ମିନିଟ୍ରକକୁ ଥାନାକୁ ନେଇଥିଲା । ସୂଚନା ଅନୁଯାୟୀ, କୋରାପୁଟ ଜିଲା ଦାମନଯୋଡ଼ିରୁ ସୁଧାଂଶୁ ରଞ୍ଜନ ମିଶ୍ରଙ୍କ ଆସବାବପତ୍ର ଧରି ଉକ୍ତ ମିନିଟ୍ରକଟି ସମ୍ବଲପୁରକୁ ଆସୁଥିଲା । ଏକାମ୍ର ଛକ ନିକଟରେ ଡ୍ରାଇଭରଙ୍କୁ ନିଦ ଆସିବାରୁ ସେଠାରେ ଟ୍ରକଟି ଅଟକାଇ ସେ ଟ୍ରକ ଭିତରେ ଶୋଇଥିଲେ । ରାତ୍ର ପ୍ରାୟ ଗୋଟାଏ ସମୟରେ କିଛି ଦୁର୍ବୃତ୍ତ ଆସି ଟ୍ରକ ଚାଳକଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏହାପରେ ଡ୍ରାଇଭର ଜଣକ ଟ୍ରକ ଉପରୁ ଡେଇଁ ବିଜେପୁର ପଟକୁ ଦୌଡ଼ି ପଳାଇଥିଲେ ଏବଂ ପୋଲିସର ଟୋଲ ଫ୍ରି ନମ୍ବର ୧୦୦ରେ ଯୋଗାଯୋଗ କରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚିଥିଲା । ମାତ୍ର ସେତେବେଳକୁ ଲୁଟେରାମାନେ ଟ୍ରକଟି ଧରି ଫେରାର୍ ହୋଇ ଯାଇଥିଲେ ।

## ମହୋତ୍ସବରେ ସାଇକେଲ ଶୋଭାଯାତ୍ରା

ବୌଦ୍ଧ,୫।୧(ସ୍ୱ.ପ୍ର)

ବୌଦ୍ଧ ମହୋତ୍ସବ ଅବସରରେ ଏକ ସଚେତନତା ସାଇକେଲ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ପୂର୍ବାହ୍ନ ୧୦ଟାରୁ ଷ୍ଟାଡିୟମ ପଡିଆରୁ ବାହାରି ବୌଦ୍ଧ ପାତାଳି ଶ୍ରୀକ୍ଷେତ୍ର ନାଏକପଡା ଗୁମ୍ଫା ପର୍ଯ୍ୟନ୍ତ ଦୀର୍ଘ ୧୦ କିମି ଯାଇଥିଲା। ଶୋଭାଯାତ୍ରାକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ଏସପି ଭି. ରଘୁନାଥ ରାଓ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ଉପଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାଏକଙ୍କ ସମେତ ବହୁ ବୁଦ୍ଧିଜୀବୀ, ଛାତ୍ର ସାଧାରଣ ନାଗରିକ ସାମିଲ ହୋଇଥିଲେ ।



ନାଏକପଡା ଗୁମ୍ଫା ନିକଟରେ ସାଇକେଲ ଶୋଭାଯାତ୍ରୀ ଦଳ ।

## ଢେମସା ନୃତ୍ୟରେ ଦୁଲୁକିଲା ମଞ୍ଚ

ବୌଦ୍ଧ,୫।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ରବିବାର ଥିଲା ତୃତୀୟ ଦିବସ। ଏହି ଦିବସର ସାଂସ୍କୃତିକ କାର୍ଯ୍ୟକ୍ରମରେ ରାୟଗଡାର ଗାୟତ୍ରୀ କଳା ସଙ୍ଗଠନର କଳାକାରମାନେ ଢେମସା ନୃତ୍ୟ ପରିବେଷଣ କରିଥିଲେ। ଏହା ଆଦିବାସୀ ନୃତ୍ୟ ହୋଇଥିବା ବେଳେ ଏହାକୁ କଳାକାରମାନେ ସୁନ୍ଦର ଭାବେ ପରିବେଷଣ କରିଥିଲେ। ମଞ୍ଚ ତଳେ ବସିଥିବା ଜିଲାପାଳ ଲଲାଟେନ୍ଦୁ ମିଶ୍ର, ଏସପି ଭି. ରଘୁନାଥ ରାଓ ଓ ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସଙ୍କୁ କଳାକାରମାନେ ମଞ୍ଚ ତଳକୁ ଆସି ନଚାଇଥିଲେ । ଜିଲାପାଳ, ଏସପି ଓ ପ୍ରକଳ୍ପ ନିର୍ଦ୍ଦେଶକ କଳାକାରମାନଙ୍କ ସହ ଢେମସା ନୃତ୍ୟରେ ନାଚିଥିଲେ।

## କ୍ରିକେଟ: ସିମିଳିପଦର ବିଜୟୀ

ପଲସାଗୋରା,୫।୧(ଡି.ଏନ.ଏ)

କନ୍ଧମାଳ ବ୍ଲକ ସିମିଳିପଦର ପଞ୍ଚାୟତ ଲୋକାପଡା ଉତ୍କଳମଣି ପାଠାଗାର ପକ୍ଷରୁ ଆୟୋଜିତ ଜୟ ମାଁ ଖମ୍ଭେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଲୋକାପଡା ଖେଳ ପଡିଆ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ସିମିଳିପଦର ଗ୍ରାମପଞ୍ଚାୟତ ଓ କିର୍ଲା ଦଳ ମଧ୍ୟରେ ପ୍ରଥମ ମ୍ୟାଚ ହୋଇଥିଲା। ୮ଓଭର ବିଶିଷ୍ଟ ଏହି ମ୍ୟାଚରେ କିର୍ଲା ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି କିର୍ଲା ଦଳ ୮ଓଭର ଖେଳି ୬ଉଇକେଟ ବିନିମୟରେ ୫୪ରନ୍ କରିଥିଲା। ୫୫ରନ୍‌ର ପିଛା କରି ସିମିଳିପଦର ଦଳ ନିର୍ଦ୍ଧାରିତ ୮ ଓଭର ମଧ୍ୟରୁ ୫.୪ ଓଭର ଖେଳି ୪ଉଇକେଟ ହରାଇ ୫୫ରନ୍ କରି ବିଜୟୀ ହୋଇଥିଲା। ଅମ୍ପାୟାର ଭାବେ ବାନ୍ଧବ ନାଏକ ଓ ଜିତେନ୍ଦ୍ର ପାଣ୍ଡେ ଖେଳ ପରିଚାଳନା କରିଥିଲେ । ମଣ୍ଟୁ ବୁଦ୍ଧିଆ ସ୍କୋରର, କୁନା ଝାଙ୍କର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ୧୮ଟି ଦଳ ଭାଗ ନେଇଥିବା ଆୟୋଜକ ପକ୍ଷରୁ କୁହାଯାଇଛି।

■ ଭଗବାନ ଭରସାରେ କ୍ୟାନସର ପୀଡ଼ିତ୍ ଧର୍ମରାଜ

# ଚିକିତ୍ସା ସାହାଯ୍ ଆଶ୍‌ରେ ପରିବାର

ଜାମଟିକ୍ରା, ୫।୧(ଡି.ଏନ୍.ଏ.)

ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକୁ ମାହାଲିଆ ସୁଆସ୍ତିଅ ସେବା ଯୁଗେଇ ଦେବାର ଲାଗି ଅନେକ୍ ଯୋଜନା କାୟ୍‌କାରୀ କରୁଛନ୍। ସେନ୍ତା ଏଭେ ରାଏଜ୍ ସରକାର ସୁଆସ୍ତିଅ ସେବାକେ ଅଧିକା ଗୁରୁତ୍ ଦେଇ ସେଟାକେ ୫-ଟି, ମୋ ସରକାରରେ ସାମିଲି କରିଛନ୍। ହେଲେ ଇ ସବୁ ଯୋଜନାକେ କାୟ୍‌କାରୀ କରୁଥିବାର ଅଧିକାରୀ, କରମ୍‌ଚାରୀଙ୍କର ଆଁତରିକତା ଅଭାବୁ ଅନେକ୍ ଗରିବ୍ ଦୁଖି ସୁଆସ୍ତିଅ ସେବାରୁ ବଁଚିତ୍ ହେଉଥିବାର ଦେଖିବାକେ ମିଲୁଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍ ଜାମଟିକ୍ରା ଗାଁରେ।

ସୂଚନା ଅନ୍‌ସାରେ ଜାମଟିକ୍ରା ପଧାନପଡ଼ାର ଧର୍ମରାଜ ପଧାନ(୪୬)। ପରିବାର କହେଲେ ମାଏକିନା ଭୂମିସୂତା, ଦୁଇ ଝିଁ ଲୁସି ଆର ସେଲିକୁଁ ନେଇ ସଁସାର। ଧର୍ମରାଜ ଛତି ଚାଷ୍ କରି ଦୁଇ ପଏସା ରୁଜ୍‌ଗାର କରୁଥିଲେ। ସେଥିରେ ତାକର ପରିବାର ହଁସ୍‌ଖୁସିରେ ଚଲିଯାଉଥିଲା। ହେଲେ ଆଏଜ୍‌କେ ୩ ମାସ୍ ତଲେ ସେ ହଠାତ୍ ଦିନେ ଆଏଁଖିରେ ଦରଦ୍ ଅନୁଭବ କରିଥିଲେ। ଦରଦ୍ ନାଇଁ କମ୍‌ଲାରୁ ବୁର୍ଲା ବଡ଼ ଡାକ୍‌ତରଖାନା ଯାଇ ପରୀକ୍ଷା ନିରୀକ୍ଷା କରାଲେ। ସେଠାନେ ତାକର ଆଁଖିରେ କ୍ୟାନସର ହେଇଥିବାର ଜନାପଡ଼ିଥିଲା। ବୁର୍ଲାରେ ଡାକ୍‌ତର ଧର୍ମରାଜକୁଁ ଉଚ ଚିକିଛା ଲାଗି କଟକ ବଡ଼ ଡାକ୍‌ତରଖାନା ଯିବାକେ ପରାମଶ ଦେଇଥିଲେ। ଏନ୍ତାଥି ଧର୍ମରାଜ ଜମିବାଡ଼ି ବିକି କଟକ ବଡ଼ ଡାକ୍‌ତରଖାନାରେ ଚିକିଛା କରାଲେ। ହେଲେ କିଛି ଲାଭ୍ ନାଇଁ ହେଲା। ଏହେଦେ ସେ ଟଁକା ପଏସା ଅଭାବୁ ଭଗବାନ ଭରସାରେ ଘରେ ପଡ଼ି ରହିଛନ୍। ଇଅଡ଼େ ମାଏକିନା ଭୂମିସୂତା ଝନେ ହୁରୁଦ୍ ରୁଗୀ। ପରିବାର ଚଲାବାକେ ଆର ଘରେ କେହି ନାଇଁ। ଦୁଇ ଝିଁ ପାଠ୍ ପଢୁଛନ୍। ହେଲେ ଅଭାବ ଅନାଟନରୁ ତାକର ବି ପାଠ୍‌ପଢ଼ା କେତେବେଲେ ବଁଦ୍ ହେଇଯିବା। ଧର୍ମରାଜ ଝନେ ଗରିବ୍ ଲୋକ ହେଇଥିଲାବେଲେ ସରକାରୀ ଯୋଜନାରେ ୨୦ କେ.ଜି. ଚାଉଲ ପାଉଛନ୍। ହେଲେ ଆଏଜ୍‌ତକ ସେ ଆବାସ ଯୋଜନାରେ ଘରଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ଏହେଦେ ପରିସ୍ଥିତି ଏନ୍ତା ଯେ, ପରିବାରଟା ଉନିଆ ଲୁକ୍‌କର ସହଯୋଗରେ ଚଲୁଛେ। ଏନ୍ତାଥି ସେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ଚିକିଛା ସାହାଯ୍ ଲାଗି ଗଣମାଧମ ଜରିଆରେ ଜିଲା ପରଶାସନକେ ଆକୁଲବିକୁଲ ହେଇ ନିବେଦନ କରିଛନ୍। ଜିଲା ପରଶାସନ ଇ ଦୁଖି ଅସାହା ପରିବାର ଉପରେ ଦୁରୁଷ୍ଟି ଦେଇ ସରକାରୀ ସୁବିଧା ସଂଗେ ଧର୍ମରାଜକୁଁ ଚିକିଛା ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।



କ୍ୟାନସରରେ ପୀଡ଼ିତ ଧର୍ମରାଜ ପଧାନ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ବାହ୍ୟ ମଳମୁକ୍ତ ଘୋଷଣା କେତେ ସତ କେତେ ମିଛ

# ପାଇଖାନା ନିର୍ମାଣରେ ଦୁର୍ନୀତି

**କଟକ ଅଫିସ, ୫ା୧**

୨୦୧୯ ଅଗଷ୍ଟ ୧୫ରେ କଟକ ଜିଲାକୁ ବାହ୍ୟ ମଳମୁକ୍ତ ଜିଲା ଭାବେ ଘୋଷଣା କରାଯାଇଥିଲା। ଅର୍ଥାତ୍ ପ୍ରତ୍ୟେକ ପରିବାରକୁ ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପାଇଖାନା ଯୋଗାଇ ଦେଇଥିଲେ। ମାତ୍ର ଏହି ଘୋଷଣା ସମ୍ପୂର୍ଣ୍ଣ ଧୂଆଁବାଣ ବୋଲି ଏବେ ପ୍ରମାଣିତ ହୋଇଛି। ପାଇଖାନାକୁ ନେଇ ଜିଲାର ବିଭିନ୍ନ ବ୍ଲକରେ ବଡ଼ଧରଣର ଦୁର୍ନୀତି ହୋଇଥିବାର ପ୍ରମାଣ ହସ୍ତଗତ ହେବାରେ ଲାଗିଛି। କେଉଁଠି ଲୋକଙ୍କ ଘରେ ପାଇଖାନା ନାହିଁ, କିନ୍ତୁ ସରକାରୀ ଖାତାରେ ପାଇଖାନା ନିର୍ମାଣ ଦର୍ଶାଯାଇଛି ତ କେଉଁଠି ଠାକୁରଙ୍କ ନାଁରେ ପାଇଖାନା ବାବଦ ଅର୍ଥ ଆତ୍ମସାତ୍ କରାଯାଇଛି। ସେହିପରି ବହୁ ହିତାଧିକାରୀ ପାଇଖାନା ନିର୍ମାଣ କରି ବସିଥିଲେ ମଧ୍ୟ ସେମାନଙ୍କୁ ପାଇଖାନା ବାବଦ ଅର୍ଥ ମିଳି ନ ଥିବା ଭଳି ଅଭିଯୋଗ ଜିଲାପାଳଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ହେବାରେ ଲାଗିଛି। ବିଶେଷ କରି ଏଭଳି ଦୁର୍ନୀତିର ପ୍ରମାଣ ମାହାଙ୍ଗା ବ୍ଲକରୁ ମିଳିଛି।

ମାହାଙ୍ଗା ବ୍ଲକର ଉଷ୍ଟୁମା ପଞ୍ଚାୟତରେ ସୁକାନ୍ତ ଜେନା, ଭରତ ଜେନା, ବାସନ୍ତି ସେଠୀ, ପ୍ରମୋଦିନୀ ବଳ, ବିଦ୍ୟୁଲତା ବଳ, ସୀତା ସେଠୀ, ରବୀନ୍ଦ୍ର ଦାସ, ରାମଚନ୍ଦ୍ର ଦାସ ପ୍ରମୁଖ ହିତାଧିକାରୀ ଜିଲାପାଳଙ୍କ ନିକଟରେ ପାଇଖାନା ଦୁର୍ନୀତି ସମ୍ପର୍କରେ ଲିଖିତ ତଥ୍ୟ ପ୍ରମାଣ ସମ୍ବଳିତ ଅଭିଯୋଗ ଦାଖଲ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଉଛି ଯେ, ପାଇଖାନା ବିଲ୍‌କୁ ସେମାନଙ୍କ ଅଗୋଚରରେ ଅନ୍ୟ କିଏ ଉଠାଇ ନେଇଛନ୍ତି। ଆଉ କେତେଜଣଙ୍କ ଗୃହ କାର୍ଯ୍ୟ ଅଧାପନ୍ତରିଆ ହୋଇଥିଲେ ମଧ୍ୟ ସେମାନଙ୍କ ବିଲ୍‌କୁ ଅନ୍ୟମାନେ ଉଠାଣ କରିଛନ୍ତି। ଏପରିକି ମୃତ ଲୋକଙ୍କ ନାଁରେ ପାଇଖାନା ବିଲ୍ ଆତ୍ମସାତ୍ କରାଯାଇଛି। ଉଷ୍ଟୁମା ଗ୍ରାମର ପ୍ରମୋଦିନୀ ବଳ ନାମ୍ନୀ ଜଣେ ହିତାଧିକାରୀଙ୍କ ଅଭିଯୋଗ ହେଉଛି ଯେ ସେ ତାଙ୍କ ଘରେ ପାଇଖାନା ନିର୍ମାଣ କରି ନ ଥିଲେ। ମାତ୍ର ପଞ୍ଚାୟତର କେତେଜଣ ଜଣାଶୁଣା ଲୋକ ତାଙ୍କ ସ୍ୱାମୀ ଯତୀନ୍ଦ୍ରଙ୍କୁ ଆସି କହିଥିଲେ ଯେ, ତୁମ ପାଇଖାନା ବିଲ୍ ହୋଇଯାଇଛି।

- ■ ଠାକୁରଙ୍କ ନାଁରେ ଅର୍ଥ ଆତ୍ମସାତ୍
- ■ ନିର୍ମିତ ପାଇଖାନାରେ ରହୁଛି ଜାଳକୁଟା



ଉକ୍ତ ବିଲ୍ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ପାଖରେ ଅଛି। ଯତୀନ୍ଦ୍ର ତୁରନ୍ତ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଗାଯୋଗ କରିବାରୁ ତାଙ୍କ ପାଇଖାନା ଅର୍ଥ ଠାକୁରଙ୍କ କାମରେ (ଏକ ଠାକୁରଙ୍କ ନାମରେ ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇଛି) ଲାଗିଥିବା ଉତ୍ତର ମିଳିଥିଲା। ଏହାକୁ ନେଇ ଯତୀନ୍ଦ୍ର ବିଡିଓଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଦୌଡ଼ିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ଜିଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ସାମଲଙ୍କ ସହିତ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ, ବ୍ଲକଗୁଡ଼ିକୁ ଏହି ଦାୟିତ୍ୱ ଦିଆଯାଇଥିଲା। ମାତ୍ର ସେଥିରେ କିଛି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେବା ପରେ ଏବେ ଦୁଇଥର ସର୍ଭେ କରାଗଲାଣି। ପ୍ରଥମ (ଲେଫ୍ଟ ଆଉଟ ବେନିଫିସିଆରି) ସର୍ଭେରେ ଜିଲାରେ ୧୨ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ପାଇଖାନା ନ ଥିବା ଜଣାପଡ଼ିଥିଲା। ଏହି ୧୨ହଜାର ହିତାଧିକାରୀଙ୍କୁ ଠାବ କରାଯିବା ପରେ ପୁନର୍ବାର ଆଉ ଥରେ (ନ୍ୟୁ ଲେଫ୍ଟଆଉଟ ବେନିଫିସିଆରି ସର୍ଭେ) କରାଯାଇଥିଲା। ସେଥିରେ ପାଖାପାଖି ୧୩ହଜାର ହିତାଧିକାରୀଙ୍କ ପାଇଖାନା ନ ଥିବା ଧରାପଡ଼ିଥିଲା। ଅର୍ଥାତ୍ ଜିଲାକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯିବା ପରେ ୨୫ହଜାରରୁ ଅଧିକ ହିତାଧିକାରୀଙ୍କ ପାଇଖାନା ନ ଥିବା ଧରାପଡ଼ିଲାଣି। ଏହା ପରେ ପୁନର୍ବାର ସର୍ଭେ କରାଗଲେ ଆଉ ହିତାଧିକାରୀ ବାହାରିବେ କି ବୋଲି ପ୍ରଶ୍ନରେ ନିର୍ବାହୀ ଯନ୍ତ୍ରୀ ସାମଲ କୁହନ୍ତି, ବାହାରି ପାରନ୍ତି।

ମାହାଙ୍ଗା ଅଞ୍ଚଳର ସାମାଜିକ କର୍ମୀ ସନ୍ତୋଷ କୁମାର ସାହୁଙ୍କ କହିବା କଥା ହେଉଛି, କେବଳ କାନ୍ଥ ଉଠାଇ ଉପରେ ଆଜ୍‌ବେଷ୍ଟସ ଖଣ୍ଡେ ପକାଇଦେଇ ତାହାକୁ ପାଇଖାନାର ନାଁ ଦିଆଯାଇଛି। କିନ୍ତୁ ପାଇଖାନା ଭିତରେ କେବଳ ଜାଳକୁଟା ହିଁ ରହୁଛି। ଅନ୍ୟପକ୍ଷରେ ଜଣେ ହିତାଧିକାରୀଙ୍କ ପାଇଖାନାର ଫଟୋକୁ ଆଧାର କରି ୩ ଜଣ ହିତାଧିକାରୀ ବିଲ୍ ନେଇଥିବା ଭଳି ଘଟଣା ଘଟିଛି। ସୂଚନାଥାଉକି, ଗତ ଅକ୍ଟୋବର ୨୮ରେ ଜିଲା ଜଳ ଓ ପରିମଳ ବିଭାଗ ପକ୍ଷରୁ ପାଇଖାନାକୁ ନେଇ ହୋଇଥିବା ସର୍ଭେରେ ଦର୍ଶାଯାଇଛି ଯେ, ଜିଲାର ୪,୧୧,୯୭୦ ପରିବାରକୁ ପାଇଖାନା ଯୋଗାଇ ଦିଆଯାଇଛି। ମାତ୍ର ବାସ୍ତବ ସ୍ଥିତି ଏଭଳି ରହିଛି। କେବଳ ମାହାଙ୍ଗା ନୁହେଁ, ଜିଲାର ଅନ୍ୟ ବ୍ଲକଗୁଡ଼ିକରେ ମଧ୍ୟ ସମାନ ଅବସ୍ଥା ଘଟିଥିବା ଅଭିଯୋଗମାନ ହେଉଛି।

■ ବୁଢ଼ାବାହାଲ କ୍ରିକେଟ ଟୁର୍ନାମେଣ୍ଟ

# ଜିଏନ୍‌ସିସି ବଲାଙ୍ଗୀର ଚାମ୍ପିୟନ

**ଦେଓଗାଁ,୫ା୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଅଧୀନ ବୁଢାବାହାଲରେ ତ୍ରିମୂର୍ତ୍ତି କ୍ରିକେଟ ସଂଘର ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଏନ୍‌ସିସି ବଲାଙ୍ଗୀର ଓ ଏଏଫ୍‌ସିସି ବଲାଙ୍ଗୀର ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଏଫ୍‌ସିସି ଟସ୍ ଜିତି ବ୍ୟାଟିଂ କରି ୧୪ ଓଭରରେ ୧୨୪ ରନ୍ କରିଥିଲା। ଜବାବରେ ଜିଏନ୍‌ସିସି ଦଳ ୧୩.୧ ଓଭରରେ ଆବଶ୍ୟକ ୧୨୫ରନ୍ ସଂଗ୍ରହ କରି ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଥିଲା । ଖେଳକୁ ବିଜୟ କୁମାର ନାଏକ, ପ୍ରେମାନନ୍ଦ ମାହାକୁର, ଗୋପୀନାଥ ମାହାକୁର ପରିଚାଳନା କରିଥିଲେ। ବିଜୟ କୁମାର ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ଦାଶ, ଯୋଗେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ। ଜିଏନସିସିର ବବୁଲୁ ମ୍ୟାନ ଅପ୍ ଦି ମ୍ୟାଚ ଓଏଫସିସି ଦଳର ରାଜେଶ ରୋଶନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟକୁ ଖେଗେଶ୍ୱର ମାହାକୁର, ରାଜେଶ କୁମାର ବଗର୍ତ୍ତୀ, ଭିକି ମିଶ୍ର, ବ୍ରଜ ବଗର୍ତ୍ତୀ, ପିଣ୍ଟୁ ମହାକୁର, କଳ୍ପତରୁ ନାଗ, ତନ୍ମୟ ମିଶ୍ର, ଧ୍ରୁବଳେଶ୍ୱର ବକୁଳ, ଯୁବନେତା ଅଚ୍ୟୁତାନନ୍ଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।




ବୁଢାବାହାଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

# ଡିଗ୍ରୀ କଲେଜରେ ବାର୍ଷିକ କ୍ରୀଡ଼ା: ବାଳିକାରେ ଚନ୍ଦ୍ରମା, ବାଳକରେ କପିଳେଶ୍ୱର ଚାମ୍ପିୟନ

**ଦେଓଗାଁ,୫ା୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପକ ବିଷ୍ଣୁଚରଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ପୁରୁଷୋତ୍ତମ ମେହେର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଜଗଦୀଶ ସିଂ ବାବୁ, ଶ୍ରୀନିବାସ ଗଡତ୍ୟା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଖେଳ ଶିକ୍ଷକ ନଳିନିକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ପ୍ରଥମେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶପଥ ପାଠ ହୋଇଥିଲା। ପରେ ବାଳିକା ଓ ବାଳକଙ୍କ ମଧ୍ୟରେ ୧୯ଟି ପ୍ରତିଯୋଗିତା ହୋଇଥିଲା। ବାଳିକା ବିଭାଗରେ ଚନ୍ଦ୍ରମା ସାହୁ ଏବଂ ବାଳକ ବିଭାଗରେ କପିଳେଶ୍ୱର ନାୟକ ଚାମ୍ପିୟନ ହୋଇଥିଲେ। ଖେଳକୁ ତୁଷୁରା କଲେଜର ପ୍ରଶାନ୍ତ କୁମାର ପାଢ଼ୀ, ସ୍ଥାନୀୟ ଯୁକ୍ତଦୁଇ କଲେଜର ଖେଳ ଶିକ୍ଷକ ପ୍ରଶାନ୍ତ ଥନାପତି, ମହିମୁଣ୍ଡା କଲେଜର ନିମାଇଁ ଚରଣ ସାହୁ, ନେତ୍ରଭାନୁ ହାଇସ୍କୁଲର ପୁଷ୍ପାଞ୍ଜଳୀ କିଷାନ ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ପିଏଫର ଜାଗତେ ରହୋ ଅଭିଯାନ

**ଟିଟିଲାଗଡ଼,୫ା୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଲ ଷ୍ଟେଶନରେ ଆର୍‌ପିଏଫ ପକ୍ଷରୁ ଶନିବାର ରାତିରେ ଜାଗତେ ରହୋ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର୍‌ପିଏଫ କର୍ମଚାରୀମାନେ ହାତରେ ବିଭିନ୍ନ ପ୍ଲାକାର୍ଡ ଧରି ପ୍ଲାଟଫର୍ମରେ ରହିଥିବା ଯାତ୍ରୀମାନଙ୍କୁ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଆର୍‌ପିଏଫ କମାଣ୍ଡର ଏମ୍.ଏସ୍ କୁମାୱତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଅଭିଯାନରେ ଆର୍‌ପିଏଫ ଏସ୍‌ଆଇ ଆର୍.ସି ପାତ୍ର, କନଷ୍ଟେବଳ ଆ.ମିନା, କପିଳ ଶର୍ମା, ଡି. ପ୍ରଧାନ, ଏନ୍. ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଜେପୁର

ପତ୍ର ସଂଖ୍ୟା: ୩୩୮୨ — ତାରିଖ: ୨୪ା୧୨ା୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ବରଗଡ଼ଙ୍କ ନିର୍ଦ୍ଦେଶ କ୍ରମେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ (୧ ଏପ୍ରିଲ ୨୦୧୯ରୁ ୩୦ ସେପ୍ଟେମ୍ବର ୨୦୧୯ ପର୍ଯ୍ୟନ୍ତ) କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକର ମଷ୍ଟର ରୋଲ ଯାଞ୍ଚ, ତନଖି, ଅନୁସନ୍ଧାନ ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମ୍ୟ ସାଧନ କର୍ମୀମାନଙ୍କ ସହାୟତାରେ ଗ୍ରାମସଭା ଅନୁଷ୍ଠିତ ହେବ। ଏହି ସଭାରେ ସମ୍ପୃକ୍ତ ସରପଞ୍ଚ, କନିଷ୍ଠଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ସମସ୍ତ କେଶ୍ ରେକର୍ଡ଼ ଓ କାଗଜାତ ଉପସ୍ଥାପନ କରିବେ। ପୁନଶ୍ଚ ଏହି ସଭାରେ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପ୍ରତିନିଧି, ଶିକ୍ଷିତ ଯୁବକ ଯୁବତୀ, ସମସ୍ତ ଜବ୍‌କାର୍ଡ଼ଧାରୀ ଶ୍ରମିକ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ହିତାଧିକାରୀ ନିମ୍ନ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ନିଜର କୌଣସି ଆପତ୍ତି ଅଭିଯୋଗ ଥିଲେ ଉପସ୍ଥାପନ କରିବେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଭାଗନେଇ ତଦାରଖ କାର୍ଯ୍ୟ ତୁଲାଇବେ।

| କ୍ର.ନଂ. | ଗ୍ରାମସଭା ତାରିଖ | ସମୟ | ଗ୍ରାମପଞ୍ଚାୟତର ନାମ | ଗ୍ରାମସଭାରେ ଉପସ୍ଥିତ ହେବାକୁଥିବା ଅଧିକାରୀ |
|---|---|---|---|---|
| ୧ | ୧୭ା୦୧ା୨୦୨୦ | ସକାଳ ୧୦.୩୦ ଘଟିକା | ବଡ଼ବାଉଁସେନ୍, ବୁଢ଼ାପାଲି, ସାଇପାଲି, ସାନବାଉଁସେନ୍, ଗଣ୍ଡିଆପାଲି | ଡବ୍ଲ୍ୟୁ.ଇ.ଓ. / ଏମ୍.ଆଇ. / ସି.ପି. / ଏ.ଇ.ଇ. / ବି.ଏସ୍.ଏସ୍.ଓ. |
| ୨ | ୩୧ା୦୧ା୨୦୨୦ | ସକାଳ ୧୦.୩୦ ଘଟିକା | ବରମୁଣ୍ଡା, ଯୋଖିପାଲି, ଖରମୁଣ୍ଡା, ବେନିଆଁବାଲ, ଜାରିଂ | ପି.ଏ. / ବି.ଏସ୍.ଏସ୍.ଓ. / ଏମ୍.ଆଇ. / ଏ.ଇ.ଇ. / ସି.ପି. |
| ୩ | ୧୪ା୦୨ା୨୦୨୦ | ସକାଳ ୧୦.୩୦ ଘଟିକା | ଚାରପାଲି, ପହଣ୍ଡି, ସୁରୁବାଲି, ତାଲପଦର, ଭଟିଗାଁ | ପି.ଏ. / ବି.ଏସ୍.ଏସ୍.ଓ. / ଏମ୍.ଆଇ / ସି.ପି. / ଡବ୍ଲ୍ୟୁ.ଇ.ଓ. |
| ୪ | ୨୮ା୦୨ା୨୦୨୦ | ସକାଳ ୧୦.୩୦ ଘଟିକା | ବଡ଼ବ୍ରାହ୍ମଣୀ, ସମଲେଇପଦର, ଏମ୍.ଶ୍ରୀଗିଡ଼ା, ଟି.ଗଣ୍ଡପାଲି | ଏମ୍.ଆଇ. / ପି.ଏ. / ସି.ପି. / ଡବ୍ଲ୍ୟୁ.ଇ.ଓ. |
| ୫ | ୧୩ା୦୩ା୨୦୨୦ | ସକାଳ ୧୦.୩୦ ଘଟିକା | ପଡ଼ା, ପଥର୍ଲା, ବୈରଖପାଲି, ଲାଉମୁଣ୍ଡା | ପି.ଏ. / ସି.ପି. / ବି.ଏସ୍.ଏସ୍.ଓ. / ଏ.ଇ.ଇ. |

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଜେପୁର

# କୁଲିଆବାହାଲ କ୍ରିକେଟ ଟୁର୍ନାମେଣ୍ଟ: ରତନପୁର ଚାମ୍ପିୟନ

**ଦେଓଗାଁ,୫ା୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ପଞ୍ଚାୟତ ଅଧୀନ କୁଲିଆବାହାଲରେ ରବିବାର ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କୁଲିଆବାହାଲ ଓ ରତନପୁର ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ରତନପୁର ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବସୁଦେବ ମିର୍ଦ୍ଧା, ବବୁ ସିଂ ଖେଳ ପରିଚାଳନା କରିଥିଲେ। ପବିତ୍ର ଥନାପତିଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବ ମନୋଜ ସିଂ ଚିନ୍ଦା ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ଭୋଦେବ ମିର୍ଦ୍ଧା, କିଶୋର ମିର୍ଦ୍ଧା, କୁନା ସିଂ, ନବ ମିର୍ଦ୍ଧା, ରାଜ କିଶୋର ମାଝି, ଅନନ୍ତ ସାହୁ, ବବୁଲୁ ଭୋଇ, ଟିକେଚନ ମାଝି, କୋଶଳ ଭୋଇ, ପ୍ରକାଶ ସାହୁ, ଜୟନ୍ତ ମାଝି, ହରିବୋଲ ମିର୍ଦ୍ଧା, ହନୁମନ୍ତ ମିର୍ଦ୍ଧା, ମହେଶ ମେହେର, ହିମାନ ଭୋଇ, ନାଭିକ ମାଝି, ଝୁନା ପରୁଆ ଓ ଜିତୁ ଝାଙ୍କର ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

## ଜଗତସିଂହପୁର ଜିଲ୍ଲାର ସମସ୍ତ ଧାନ ଚାଷୀମାନଙ୍କ ନିମନ୍ତେ ସୂଚନା

ସେବା ସମବାୟ ସମିତି ମଣ୍ଡିରେ କ୍ରୟ କରାଯିବାକୁ ଥିବା ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୃଙ୍ଖଳା, ପରିଷ୍କାର, ସମରଙ୍ଗୀ, ସମକିସମ ଏବଂ ସମ ଆକାରର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥ ମୁକ୍ତ ହୋଇଥିବ ଆବଶ୍ୟକ। ସାଧାରଣ ମାନର ଧାନ ନିମିତ୍ତ ନିମ୍ନଲିଖିତ ପରିସୀମା ମଧ୍ୟରେ ବାହ୍ୟ ପଦାର୍ଥ ତଥା ଆର୍ଦ୍ରତା ଥିଲେ ତାହା ଗ୍ରହଣ ଯୋଗ୍ୟ ହେବ। FAQ ମାନର ଧାନ ବିକ୍ରୟ କରି ଉପଯୁକ୍ତ ମୂଲ୍ୟ ପାଇବାର ସୁଯୋଗ ନିଅନ୍ତୁ। ଧାନ ବିକ୍ରୟ ନିମନ୍ତେ ପଞ୍ଜୀକୃତ ଚାଷୀଙ୍କ ମୋବାଇଲ୍ ମାଧ୍ୟମରେ ୧୫ ଦିନ ପୂର୍ବରୁ ଆଗୁଆ ଟୋକେନ୍ ପ୍ରଦାନର ତଥ୍ୟ SMS ଜରିଆରେ ନିଶ୍ଚିତ ପ୍ରେରଣ କରାଯିବ। ଏଥିସହିତ ସେବା ସମବାୟ ସମିତିରେ ଟୋକେନ୍ ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ହେବ।

**ବିକ୍ରୟ ଯୋଗ୍ୟ ଧାନର ମାନ**
**ଅପମିଶ୍ରିତ ବାହ୍ୟଦ୍ରବ୍ୟର ପରିମାଣ**

| କ୍ର. ନଂ. | ଧାନରେ ମିଶ୍ରିତ ବା ବାହ୍ୟ ପଦାର୍ଥ | ଏଫ୍‌ଏକ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧. | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% |
| ୨. | କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ପଦାର୍ଥ | ୧% |
| ୩. | ଖରାପ, ବେରଙ୍ଗୀ, ପାଣି ଫୁଲା ବା ପୋକା ଇତ୍ୟାଦି | ୫% |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୫. | ଗ୍ରେଡ୍ ଏରେ ସବୁ ଧାନରେ ମିଶ୍ରିତ ମୋଟା ଧାନର ପରିମାଣ | ୬% |
| ୬. | ଆର୍ଦ୍ରତା ଓ ଜଳୀୟ ଅଂଶ | ୧୭.୦% |

ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏଫ୍.ଏ.କ୍ୟୁ.) – ସରକାରଙ୍କ ଦ୍ୱାରା ଚଳିତ ୨୦୧୯-୨୦ ଖରିଫ୍ ବିପଣନ ବର୍ଷ ପାଇଁ ଧାନର ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ନିମ୍ନରେ ପ୍ରଦତ୍ତ କରାଗଲା।

ବିନା ପଞ୍ଜୀକୃତ ଚାଷୀ ଓ ବିନା ଟୋକନରେ କୌଣସି ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ସୁଯୋଗ ଦିଆଯିବ ନାହିଁ

| କିସମ | କୁଇଣ୍ଟାଲ ପ୍ରତି ଧାର୍ଯ୍ୟଦର |
|---|---|
| ସାଧାରଣ ଧାନ | ଟ. ୧୮୧୫/- |
| ଗ୍ରେଡ୍ 'ଏ' ଧାନ | ଟ. ୧୮୩୫/- |

**ଜିଲ୍ଲା ପ୍ରଶାସନ, ଜଗତସିଂହପୁର**
ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର

■ ଖର୍ସେଲବାଞ୍ଜି ଫୁଟବଲ ଟୁର୍ନାମେଣ୍ଟ

# ଚଲକି, ଦର୍ଲିମୁଣ୍ଡା, ଘୁଷୁରାମୁଣ୍ଡା ସେମିରେ

**ଟିକ୍ରାପଡ଼ା,୫ା୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଜୁରାବନ୍ଧ ପଞ୍ଚାୟତ ଅଧୀନ ଖର୍ସେଲବାଞ୍ଜିରେ ଆଦର୍ଶ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ତ୍ରୟୋଦଶ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥିଲା ତୃତୀୟ ଦିବସ। ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଖର୍ସେଲବାଞ୍ଜି ଦଳକୁ ୫-୪ ଗୋଲରେ ହରାଇ ଘୁଷୁରାମୁଣ୍ଡା ସେମିରେ ପ୍ରବେଶ କରିଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ କାନୁଟ ଦଳକୁ ୫-୪ ଗୋଲରେ ହରାଇ ଦର୍ଲିମୁଣ୍ଡା ସେମିରେ ପ୍ରବେଶ କରିଥିଲା। ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଫଟକରା ଦଳକୁ ୨-୦ ଗୋଲରେ ହରାଇ ଚଲକି ସେମିରେ ପ୍ରବେଶ କରିଥିଲା। ଶମ୍ଭୁଦତ୍ତ ମିଶ୍ର, ଅଚ୍ୟୁତାନନ୍ଦ ପୁରୋହିତ, ମଗଶିର ମଲ୍ଲିକ, ସୁଜିତ କୁମାର ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ପୁରୁଷୋତ୍ତମ ଦାଶ, ମନଧର ଦୀପ ଧାରାବିବରଣୀ ପ୍ରଦାନ କରିଥିଲେ। ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ସାମାଜିକ କର୍ମୀ ଲଳିତ ନାୟକ, ରାଜୁ ବେହେରା, ସମିତି ସଭ୍ୟ ଗଙ୍ଗାଧର ବାରିକ, ଅନ୍ତର୍ଯାମୀ ରାଜପଲିଆ ଅତିଥି ଭାବେ ଯୋଗ ଦେଇଥିଲେ। ସୋମବାର ସମସ୍ତ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକାଟିଏ,**
**ଟୋକେଇ ପାଖରେ ଟୋକୀ ନାହିଁ ସେଠି**
**ଟୋକେଇ ଭିତରେ ଟଙ୍କାଟିଏ**
**ତୁ କି ସତେ ବୋକାଟିଏ ?**

ପ୍ରେମ ମଣିଷକୁ ଆନମନା କରିଦିଏ। ପ୍ରେମରେ ପଡ଼ିଥିବା ବ୍ୟକ୍ତି ସବୁବେଳେ ସ୍ୱପ୍ନ ରାଇଜରେ ଘୂରିବୁଲୁଥାଏ। ଶୟନେ ସପନେ ଜାଗରଣେ ସେ କେବଳ ନିଜ ପ୍ରେମୀ କଥା ଭାଳି ହେଉଥାଏ। ପ୍ରେମ ବାହାନାରେ ଅନ୍ୟମନସ୍କ ହୋଇପଡୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଟାଙ୍ଗିଆ ବେଣ୍ଟରେ ବାଉଁଶ ପଶି**
**ବାଉଁଶ ହାତରେ ମନ ହରଷି ।**

ଟାଙ୍ଗିଆ ବେଣ୍ଟରେ ବାଉଁଶ ଖିଲ ନ ରହିଲେ ତାହା ବ୍ୟବହାର ଉପଯୋଗୀ ହୋଇ ପାରି ନ ଥାଏ। ଟାଙ୍ଗିଆ ତୁଳନାରେ ବାଉଁଶ ଖିଲ ଅତି ନଗଣ୍ୟ ହୋଇଥିଲେ ମଧ୍ୟ ଉପାଦେୟତା ଖୁବ୍ ଅଧିକ, ତା'ର ଗୁରୁତ୍ୱ ଖୁବ ବେଶି। ସହଯୋଗ, ସମନ୍ୱୟ ଠିକ୍ ରହିଲେ ଯୋଗ ଫଳର ସଫଳ ରୂପ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485 7608013153
Salt Lake City, Kolkata-700091, Panditagaon, Khalikote, Ganjam

ଲକ୍ଷ୍ମୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୧% ସୁଧରେ ଘରେ ବସି ପାଆନ୍ତୁ (All Odisha)।
ମହିଳା ଓ ଚାଷୀ ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
Neha - 7587695952, Mansi - 9977126495, Vedika - 7773046066, Riya - 9630505047, Priya - 8269113958, Anju - 7509661004

ASTROLOGY

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 20 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ *T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

KUBER FINANCE
Kuber ଋଣ 2% ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ ।
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009 7056393742

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397 9953959390

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900 9899587663

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657 9971793786

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ



### ପଲସାପାଲିରେ ଚକ୍ଷୁ ପରୀକ୍ଷା ଶିବିର

**ବିନିକା, ୫।୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅନ୍ତର୍ଗତ ପଲସାପାଲି ଉପ୍ରା ସ୍କୁଲ ପରିସରରେ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ଏକ ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ତ୍ରିବେଣୀ ଛକ ପଲସାପାଲି ଯୁବଗୋଷ୍ଠୀଙ୍କ ସହଯୋଗରେ ଆୟୋଜିତ ଶିବିରରେ ୧୯୦ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ୬୦ଜଣଙ୍କର ମୋତିଆବିନ୍ଦୁ ରୋଗଥିବା ଚିହ୍ନଟ କରାଯାଇ ଚକ୍ଷୁ ଅସ୍ତ୍ରୋପଚାର ନିମନ୍ତେ ପଠାଯାଇଥିଲା। ଡାକ୍ତର କୁନାଲ ଓ ଟିମ୍ ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଶିବିର ଆୟୋଜନରେ ବଂଶୀଧର ବେହେରା, ସୌମିତ୍ରୀ ପଧାନ, ବିଶ୍ୱଦେବ ବଡପଣ୍ଡା, ମନୋଜ ବଡପଣ୍ଡା, ଲୋକନାଥ ପଧାନ, ନିତ୍ୟାନନ୍ଦ ପଧାନ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

### ଶୀତଳଭଣ୍ଡାର ପୁନରୁଦ୍ଧାର ନେଇ ସଂଘ ଆଶାବାଦୀ

**ଭୁବନେଶ୍ୱର,୫।୧(ବ୍ୟୁରୋ):** ଚଳିତ ବର୍ଷ ରାଜ୍ୟରେ ଥିବା ଶୀତଳଭଣ୍ଡାରଗୁଡ଼ିକ ସବୁଦିନିଆ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ ନିଆଯିବ। ଏଥିପାଇଁ ସରକାରୀସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଓଡ଼ିଶା ଶୀତଳଭଣ୍ଡାର ସଂଘ ପକ୍ଷରୁ ରଖାଯାଇଥିବା ୮ ଗୋଟି ପ୍ରମୁଖ ଦାବିକୁ ବିଚାର କରାଯାଇଛି। ଶୀତଳଭଣ୍ଡାରଗୁଡ଼ିକର ପୁନରୁଦ୍ଧାର ପାଇଁ ଉଭୟ ବୈଷୟିକ ଏବଂ ଆର୍ଥିକ ଦିଗରୁ ତର୍ଜମା କରାଯାଇଛି। ଶନିବାର ଓଡ଼ିଶା ଶୀତଳଭଣ୍ଡାର ସଂଘ ପକ୍ଷରୁ ଅନୁଷ୍ଠିତ ବାର୍ଷିକ ସାଧାରଣ ପରିଷଦ ବୈଠକରେ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଛି। ସ୍ଥାନୀୟ ଉତ୍ପାଦ ବିଶେଷ ଭାବେ ଆଳୁ, କ୍ଷମତା ଅନୁଯାୟୀ ଅପରେଟିଂ ନ ହେବା ଦ୍ୱାରା ହେଉଥିବା କ୍ଷତି, ଭଣ୍ଡାରଗୁଡିକରେ ଅଧିକ ବିନିଯୋଗ, ଉଦ୍ୟୋଗୀଙ୍କ ଉପରେ ଋଣଭାର, ଅଧିକ ବିଜୁଳି ଦେୟ, ଲୋଡିଂ ସିଜନ୍‌ରେ ପଶ୍ଚିମବଙ୍ଗଠାରୁ ଅଧିକ ପରିବହନ ଖର୍ଚ୍ଚ, ଷ୍ଟୋରେଜ୍ ଫାଇନାନ୍ସ ଏବଂ ରୁଗ୍ଣ ସଂସ୍ଥାକୁ ପୁନରୁଦ୍ଧାର ପ୍ରସ୍ତାବ ଦିଆଯାଇଥିଲା। ଏହି ଦାବି ସମ୍ପର୍କରେ ନିୟମିତ ବ୍ୟବଧାନରେ ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ସହ ସଂଘ ଆଲୋଚନା କରିସାରିଛି। ଅଧିକାରୀସ୍ତରରେ ମଧ ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି।

■ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବ

# ଶିକ୍ଷା ବିନା ମନୁଷ୍ୟର ବିକାଶ ଅସମ୍ଭବ

**ବିନିକା, ୫।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଉଁଶୁଣୀ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ବାଣିଜ୍ୟ ପରିବହନ ତଥା ଯୋଜନା ଓ ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଶିକ୍ଷା ବିନା ମନୁଷ୍ୟର ସର୍ବାଙ୍ଗୀନ ବିକାଶ ଅସମ୍ଭବ। ତେଣୁ ବିଦ୍ୟାର୍ଥୀମାନେ ଶିକ୍ଷା ଆହରଣ କ୍ଷେତ୍ରରେ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଶିକ୍ଷାର ମାନ ବୃଦ୍ଧି ସହ ଯୁଗପଯୋଗୀ କରିବାକୁ ପ୍ରୟାସ ଜାରୀ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସମ୍ବଲପୁର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ.ଉତ୍ତମ କୁମାର ପଧାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଉଁଶୁଣୀ ଗ୍ରାମପଞ୍ଚାୟତ ସରପଞ୍ଚ ରୀନା ମହଲା, କଲେଜ ଅଧ୍ୟକ୍ଷ ବନବିହାରୀ ମିଶ୍ର, କମିଟି ସଭାପତି ଘନଶ୍ୟାମ ମୁଦୁଲୀ, ସମ୍ପାଦକ ଯୁଗେଶ୍ୱର କବାଟ ଉପସ୍ଥିତ ଥିଲେ। କଲେଜ ଅଧ୍ୟକ୍ଷ ବନ ବିହାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଜିର ଉଦ୍‌ଯାପନୀ ସମାରୋହରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ରାଜେଶ କୁମାର ପଟ୍ଟନାୟକ। ସ୍ୱାଗତ ଭାଷଣ ଦେଇଥିଲେ ଇଂଲିଶ ବିଭାଗ ଅଧ୍ୟାପକ ରଞ୍ଜନ କୁମାର ମହଲା। ଏହି ଅବସରରେ ମହାବିଦ୍ୟାଳୟର ସ୍ମରଣିକା ଦାରୁବ୍ରହ୍ମକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଉଭୟ ମନ୍ତ୍ରୀ ବାଉଁଶୁଣୀ କଲେଜ ଶିକ୍ଷାନୁଷ୍ଠାନ କମିଟିର ପୂର୍ବତନ ବରିଷ୍ଠ ସଦସ୍ୟ ସ୍ୱର୍ଗତ କନ୍ଦର୍ପ ମହଲାଙ୍କ ଭାଇ ରଞ୍ଜନ ମହଲା, କଲେଜର ପୁରାତନ ଛାତ୍ର ଭାବଗ୍ରାହୀ ଝାଙ୍କର, ଅମୂଲ୍ୟ ଦାଶ, ମାର୍ଗଶିର ମାଝୀ, ଆଲୋକ ମଲ୍ଲିକ, ମାର୍କଣ୍ଡ ମଲ୍ଲିକଙ୍କ ସହ କଲେଜ ଅଧ୍ୟକ୍ଷ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ମନ୍ତ୍ରୀ ବେହେରା ମହାବିଦ୍ୟାଳୟ ପରିସରରେ ନବନିର୍ମିତ ଅତିରିକ୍ତ ଶ୍ରେଣୀ ଗୃହର ଉଦ୍‌ଘାଟନ କରିଥିଲେ। କଲେଜ ପରିସରରେ ୧୨ଲକ୍ଷ ଟଙ୍କା ବ୍ୟୟରେ ଏକ ରଜତ ଜୟନ୍ତୀ ହଲ ନିର୍ମାଣ କରାଯିବ ବୋଲି ଏହି ମନ୍ତ୍ରୀ ବେହେରା ଏହି ଅବସରରେ ଘୋଷଣା କରିଥିଲେ। ଶେଷରେ ରଜତ ଜୟନ୍ତୀ ସମାରୋହ ସମ୍ପାଦକ ଯୁଗେଶ୍ୱର କବାଟ ଧନ୍ୟବାଦ ଅର୍ପଣ କରିଥିଲେ।



ରଜତ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ସଭାରେ ମନ୍ତ୍ରୀ ପଦ୍ମନାଭ ବେହେରା ଉଦ୍‌ବୋଧନ ଦେଉଛନ୍ତି ଓ ମଞ୍ଚାସୀନ ଅତିଥି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବିନିକା, ୫।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ପଞ୍ଚାୟତ ସମିତି ପରିସରରେ ଶନିବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନଏସି ଓ ବ୍ଲକ ଅଞ୍ଚଳର ୫୫୦ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ବିଡ଼ିଓ ବିଶ୍ୱରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ସାମଜିକ ସୁରକ୍ଷା ଅଧିକାରୀ ତାହି ହୁସେନ୍, ଜିଲା ପରିଷଦ ସଭ୍ୟା ରୋହିଣୀ ଡ଼ାଙ୍ଗ, ସରପଞ୍ଚ ସଦାନନ୍ଦ ଥନାପତି, ଭରତ ଗାଈଗରିଆ, ସମିତି ସଭ୍ୟ ଗୋପାଳ ବାଘ ଯୋଗଦେଇଥିଲେ। ଚରଦା ପିଇଓ ଦ୍ୱିତୀକୃଷ୍ଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଏସଏସ୍ଓ ଅଶ୍ୱିନି କୁମାର ପାଣ୍ଡେ, ପିଏ ପ୍ରିୟବ୍ରତ ମିଶ୍ର, ସିଦ୍ଧାର୍ଥ କଲେଜ ଅଧ୍ୟାପିକା ରେଖା ପଧାନ, ଜୁଲୁଣ୍ଡା ପିଇଓ ଅଶୋକ ଟାଲି, କନିଷ୍ଠ ସହାୟକ ମନୋଜ ବିଭାର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପଞ୍ଜୀକୃତ ଭିନ୍ନକ୍ଷମମାନଙ୍କ ମଧ୍ୟରୁ ୬ଜଣଙ୍କୁ ଛାତ୍ରବୃତ୍ତି, ୬୯ଜଣଙ୍କୁ ବସ୍‌ପାସ୍, ୧୭ଜଣଙ୍କୁ ସହାୟତା ଉପକରଣ, ୧୬ଜଣଙ୍କୁ ବ୍ୟାଙ୍କ ଖାତା, ୧୧ ଜଣଙ୍କୁ ବିଆଇଆଇ ଋଣ, ୨ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରାଯାଇଥିଲା। ସେହିପରି ୨୪୯ ଜଣଙ୍କୁ ଚାଲଣ ବାଧିତ, ୫୨ ଜଣଙ୍କୁ ଶ୍ରବଣ ବାଧିତ, ୪୧ ଦୃଷ୍ଟି ବାଧିତ, ୭୭ ମାନସିକ ଅପଗ୍ରସର ଓ ଅନ୍ୟ ୭ଜଣଙ୍କୁ ପରୀକ୍ଷା କରାଯାଇଥିଲା।



ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମଞ୍ଚାସୀନ ଅତିଥିମାନେ।

■ ସୁବର୍ଣ୍ଣପୁରରେ ଡୁମାଲ ସମାଜର ବନ୍ଧୁ ମିଳନ

# ସହରରେ ନିର୍ମାଣ ହେବ ଭବ୍ୟ ମନ୍ଦିର



ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ବୃନ୍ଦ।

**ସୋନପୁର,୫।୧(ନି.ପ୍ର.)**

ସୁବର୍ଣ୍ଣପୁର ସହରରେ ବସବାସ କରୁଥିବା ଡୁମାଲ ସମାଜର ଦ୍ୱିତୀୟ ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ହାତୀଶାଳ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମଣ ଦେହେରୀଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସମାରୋହରେ ସମାଜରେ ରହିଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ପାଇଁ ଆଲୋଚନା ହୋଇଥିଲା। ଜାତି ସମାଜକୁ ସୁଦୃଢ କରିବାକୁ ସମସ୍ତେ ସମସ୍ତଙ୍କ ସହ ସମନ୍ୱୟ ରଖିବା ପାଇଁ ଅତିଥିମାନେ ମତ ଦେଇଥିଲେ। ଆସନ୍ତା ଦିନରେ ସହରରେ ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। କମଳ ଲୋଚନ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବନ୍ଧୁ ମିଳନରେ ଅରୁଣ କୁମାର ମହାକୁର, ରଜନିଶ ମହାକୁର, ପ୍ରଶାନ୍ତ ପାତ୍ର, ସୌରଭ ରଞ୍ଜନ ଖମାରୀ, ମହେନ୍ଦ୍ର ମେଣ୍ଡିଲି, ସତ୍ୟ ନାରାୟଣ ବସ୍ତିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଡୁମାଲ ସମାଜର ଅଧିଷ୍ଠାତ୍ରୀ ଦେବୀ ମା ମାହେଶ୍ୱରୀଙ୍କ ପୂଜାର୍ଚ୍ଚନାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମାହେଶ୍ୱରୀ ବନ୍ଦନା କରିଥିଲେ ଆଶୁ କବି ପ୍ରତାପ ଦେହୁରୀ। କାର୍ଯ୍ୟକ୍ରମରେ ସହରର ପ୍ରାୟ ୫୦୦ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଭାରତୀୟ ସଂସ୍କୃତି ଉପରେ ଛାତ୍ରୀଛାତ୍ର ମାନଙ୍କୁ ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମାମାଲି ଦେହୁରୀ ପ୍ରଥମ, ଶାଶ୍ୱତ ପ୍ରଧାନ ଦ୍ୱିତୀୟ ଓ କୃତି ଦିପାନ ମେଣ୍ଡିଲି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜୟନାରାୟଣ ମେଣ୍ଡିଲି, ସୁରେଶ ପାତ୍ର, ରାଜକୁମାର ମହାକୁର, ନାରାୟଣ ମହାକୁର, ବ୍ରଜରାଜ ପଧାନ, ଚନ୍ଦନ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

## ମାହେଶ୍ୱରୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଆଜିଠାରୁ

**ଅମରପାଲି, ୫।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବିକଳପୁରଠାରେ ମାହେଶ୍ୱରୀ କ୍ରିକେଟ କମିଟି ଆନୁକୂଲ୍ୟରେ ସୋମବାରଠାରୁ ଆରମ୍ଭ ହେବ ମା' ମାହେଶ୍ୱରୀ କପ କ୍ରିକେଟ ଟୁର୍ନାମେଣ୍ଟ। ଉକ୍ତ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିବେ। ସୋମବାର ଉଦ୍‌ଘାଟନୀ ମ୍ୟାଚ ରେଢ଼ାଖୋଲ ଓ ବିକଳପୁର ମଧ୍ୟରେ ହେବ। ୭ ତାରିଖରେ ୟଙ୍ଗଷ୍ଟାର ଅନୁଗୋଳ ଓ ଏସଡିସିଏ ସୋନପୁର ମଧ୍ୟରେ ମ୍ୟାଚ ହେବ। ୮ ତାରିଖରେ ପୁଲ-ଏ ର ସେମିଫାଇନାଲ ୭ ଓ ୮ ତାରିଖର ବିଜେତା ମଧ୍ୟରେ ହେବ। ୯ ତାରିଖ ବୌଦ୍ଧ ଓ ସିଣ୍ଡୋଲ ମଧ୍ୟରେ ମ୍ୟାଚ ଖେଳାଯିବ। ୧୦ରେ ମ୍ୟାଚ ଏଏଫସିସି ବଲାଙ୍ଗୀର ଓ ଗୋଲଡେନ ଇଗଲ ସମ୍ବଲପୁର ମଧ୍ୟରେ ହେବ। ସେହିଦିନ ପୁଲ-ବିର ସେମି ୮ ଓ ୯ ତାରିଖ ମ୍ୟାଚ ବିଜେତା ମଧ୍ୟରେ ହେବ। ପରେ ଫାଇନାଲ ମ୍ୟାଚ ଖେଳାଯିବ। ଟୁର୍ନାମେଣ୍ଟ ପରିଚାଳନା ପାଇଁ ସର୍ବସମ୍ମତିକ୍ରମେ ରାମପ୍ରସାଦ କର୍ଣ୍ଣ ସଭାପତି, ବିଶ୍ୱଜିତ ପାଢ଼ୀ ସମ୍ପାଦକ, ଶ୍ରୀନିବାସ ପଧାନ ଉପସଭାପତି, ଦୁଃଖନାଶନ ପଧାନ ସହସମ୍ପାଦକ ଓ ଠାକୁର ଭୋଇ କୋଷାଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି।

■ ରାଜ୍ୟସ୍ତରୀୟ ଆଇଆମ୍ କଲାମ କପ୍

# ଫାଇନାଲରେ ବରଗଡ଼

**ଲୋଇସିଂହା,୫।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଏପିଜେ ଅବଦୁଲ କଲାମ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଆଇଆମ୍ କଲାମ କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଥିଲା ତୃତୀୟ ଦିବସ। ଏହି ଅବସରରେ ଏ' ଗ୍ରୁପର ସେମିଫାଇନାଲ ଖେଳ ଲୋଇସିଂହା ଏପିଜେ ଓ ବରଗଡ ୟୁନାଇଟେଡ ମଧ୍ୟରେ ହୋଇଥିଲା। ଏଥିରେ ୧-୦ ଗୋଲରେ ଚର୍ଚ୍ଚିତ ଲୋଇସିଂହା ଏପିଜେକୁ ହରାଇ ବରଗଡ ୟୁନାଇଟେଡ ଫାଇନାଲକୁ ପ୍ରଥମ ଦଳ ଭାବେ ପ୍ରବେଶ କରିଛି। ବରଗଡ ୟୁନାଇଟେଡ ଦଳର ଅନ୍ତର୍ଯାମୀ ନାଏକ ଗୋଟିଏ ଗୋଲ ଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ ହୋଇଥିଲେ। ରେଫରି ସୁବ୍ରତ ପୁରୋହିତ ଖେଳ ପରିଚାଳନା କରିଥିବାବେଳେ ଦେବାଶିଷ ବାଗ, ସୁଧାଂଶୁ ସେଠ, ସୁଦୟ ବାରିକ ପ୍ରମୁଖ ସହଯୋଗ କରିଥିଲେ। ରବିବାର ମ୍ୟାଚରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।

## ଗଣେଶ୍ୱର ଉଚ୍ଚ ବିଦ୍ୟାଳୟ ରୌପ୍ୟଜୟନ୍ତୀ ପ୍ରସ୍ତୁତି

**ଉଲୁଣ୍ଡା, ୫।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଗଣେଶ୍ୱର ଉଚ୍ଚ ବିଦ୍ୟାଳୟର ରୌପ୍ୟଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଏହି ଅବସରରେ ଶନିବାର ବିଦ୍ୟାଳୟ ପରିସରରେ ହୋଇଥିବା ବୈଠକରେ ସୂଚନା ଦିଆଯାଇଛି। ଆସନ୍ତା ୧୧ ଏବଂ ୧୨ ଦୁଇଦିନ ଧରି ରୌପ୍ୟଜୟନ୍ତୀ ପାଳନ କରାଯିବ। ପ୍ରଧାନଶିକ୍ଷକ ଶ୍ରୀଧର ବାଘଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ ରୌପ୍ୟ ଜୟନ୍ତୀ ପରିଚାଳନା ପରିଷଦ ସଭାପତି ବନମାଳୀ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଟିଏ ସଭାପତି କୈଳାଶ ଚନ୍ଦ୍ର ପୁରୋହିତ, ଉରୁକ୍ରମ ପାଣ୍ଡିଆ, ଗିରିଶ ପୁରୋହିତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବା ଉପରେ ବକ୍ତବ୍ୟ ରଖିଥିଲେ। ୧୯୮୧ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ର, ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସମେତ ଅଞ୍ଚଳର କେତେକ ବୁଦ୍ଧିଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଉଦ୍‌ଘାଟନୀ ଦିନ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀଙ୍କୁ ନେଇ 'ଝୀ' ଏବଂ ଉଦଯାପନୀ ଦିନ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ 'ଗାଡଭାଲୁ' ନାଟକ ପରିବେଷଣ କରାଯିବ। ଏଥିସହ ଆମନ୍ତ୍ରିତ ବିଭିନ୍ନ ସାଂସ୍କୃତିକ ଦଳ ତରଫରୁ ନୃତ୍ୟ, ଗୀତ ପରିବେଷଣ କରାଯିବ।

# ପାପକ୍ଷୟ ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ

**ବିନିକା, ୫।୧(ଡି.ଏନ୍.ଏ.)**

ସୁବର୍ଣପୁର ଜିଲା ବିନିକା ପାପକ୍ଷୟ ଲୋକ ମହୋତ୍ସବ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ବିନିକାର ଏକ ହୋଟେଲରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାପକ୍ଷୟ ଲୋକ ମହୋତ୍ସବ କମିଟି ସଭାପତି ଜୟ ମଙ୍ଗଳ ବିଶିଙ୍କ ଅଧ୍ୟକ୍ଷତା କରିଥିଲେ। ଫେବୃୟାରୀ ୧ରୁ ୪ ତାରିଖ ଯାଏ ପାପକ୍ଷୟ ମହୋତ୍ସବ ଅନୁଷ୍ଠିତ ହେବ। ଚଳିତ ବର୍ଷ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ଆଞ୍ଚଳିକ ଲୋକକଳା ସଂସ୍କୃତି ଓ ପରମ୍ପରା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ବୈଠକରେ ବିନିକା ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ, ସାମାଜିକ କର୍ମୀ ଭୀମସେନ ସାହୁ, ଶେଖର ଶର୍ମା, ଆନନ୍ଦ ହୋତା, ସମୀର ରଞ୍ଜନ ପଣ୍ଡା, ହିଂମାଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୫ ତାରିଖ ଅନ୍ତିମ ପ୍ରସ୍ତୁତି ବୈଠକ କରାଯିବ ବୋଲି ମହୋତ୍ସବ କମିଟିତରଫରୁ ସୂଚନା ଦିଆଯାଇଛି।



ମଙ୍ଗଳବାର ପାପକ୍ଷୟ ଲୋକ ମହୋତ୍ସବ ଆୟୋଜନ ନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

■ ପୁରାତନ ଛାତ୍ର ସଂଘ ବୈଠକରେ ସଂକଳ୍ପ

# ଏମ.ଆର୍ ହାଇସ୍କୁଲର ପୂର୍ବ ଗୌରବ ଫେରିବ

**ସୋନପୁର,୫।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ଅବସ୍ଥିତ ସର୍ବପୁରାତନ ମହାରାଜା ଉଚ୍ଚ ବିଦ୍ୟାଳୟ ରାଜ୍ୟର ଏକ ଉନ୍ନତ ବିଦ୍ୟାଳୟ ଭାବେ ପରିଗଣିତ ହେଉଥିଲା। ଏହି ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ରାଜ୍ୟ ଓ ରାଜ୍ୟ ବାହାରେ ଉଚ୍ଚ ପଦ ପଦବିରେ ଥାଇ ଦେଶକୁ ସେବା ଯୋଗାଇ ଆସିଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଶିକ୍ଷାର ଘରୋଇକରଣ ହେବା କାରଣରୁ ରାଜ୍ୟର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନଟି ଏବେ ପଛରେ ପଡି ଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ପଦବୀ ଦୀର୍ଘ ବର୍ଷ ହେବ ଖାଲି ପଡିଛି। ପରିଚାଳନା ସମିତି, ପୁରାତନ ଛାତ୍ର ସଂଘ ଓ ଅଭିଭାବକମାନଙ୍କ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ହୋଇଛି। ବିଦ୍ୟାଳୟରେ ଶୈକ୍ଷିକ ଶୃଙ୍ଖଳା ରକ୍ଷା ଓ ଭିତ୍ତିଭୂମିର ଉନ୍ନତି ସକାଶେ ରବିବାର ପୁରାତନ ଛାତ୍ର ସଂଘ ଆନୁକୂଲ୍ୟରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରସଙ୍ଗରେ ବିଶଦ ଭାବେ ଆଲୋଚନା ହେବା ସହିତ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଉପଲକ୍ଷେ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ହରପ୍ରସାଦ ରଥଙ୍କ ତିରୋଧାନ ସକାଶେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ପରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ପ୍ରାଧାପିକା ରେଣୁକା ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରତିଭା ପଣ୍ଡା, ସମ୍ପାଦକ ବ୍ୟୋମକେଶ ଦାଶ, କାର୍ଯ୍ୟକାରୀ ସଭାପତି ନାରାୟଣ ପ୍ରସାଦ ରାୟଗୁରୁ, ସହଯୋଗୀ ସମ୍ପାଦକ କଇରୁ ସ୍ୱାଇଁ ମଞ୍ଚାସିନ ଥିଲେ। ବରିଷ୍ଠ ଆଇନଜ୍ଞ ଲିଙ୍ଗରାଜ ପାଢୀ, ଇନ୍ଦ୍ରମଣି ଦାଶ, ପ୍ରମୋଦ କୁମାର ମହାପାତ୍ର,ପର୍ଶୁରାମ ମିଶ୍ର, ସାମାଜିକକର୍ମୀ ବିରଞ୍ଚି ନାରାୟଣ ମହାନ୍ତି, ଶାନ୍ତିଲତା ବହିଦାର, ଉପେନ୍ଦ୍ର ପ୍ରସାଦ ବାରିକ, ଲକ୍ଷ୍ମୀନାରାୟଣ ମେହେର, ଲଡୁ କିଶୋର ମଲ୍ଲିକ, ଶ୍ୟାମ ସୁନ୍ଦର ମେହେର, ଦିଲ୍ଲିପ କୁମାର ଗୁରୁ, ଡ. ସନ୍ତୋଷ କୁମାର ପାଢୀ, କୃପାସିନ୍ଧୁ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋଷାଧ୍ୟକ୍ଷ ନିତ୍ୟାନନ୍ଦ ମାଝି ଆୟ ବ୍ୟୟର ହିସାବ ଉପସ୍ଥପିତ କରିଥିଲେ।





ପୁରାତନ ଛାତ୍ର ସଂଘ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।



ଈଶ୍ୱର ନିରାକାର, ସର୍ବବ୍ୟାପୀ ଓ ସର୍ବ ଶକ୍ତିମାନ।
- ଗୁରୁ ନାନକ



## ସଂକ୍ଷେପରେ

### ଓଲଟିଲା ଟାଟା ଏସିଇ, ୫ ଗୁରୁତର

କୋକସରା, ୫।୧ (ଡି.ଏନ.ଏ.)
କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ନିକଟରେ ରବିବାର ଟାଟା ଏସିଇ ଗାଡ଼ି ଏକ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଗାଡି ପଛପଟେ ଡାଲାରେ ଠିଆ ହୋଇଥିବା ଲୋକମାନେ ରାସ୍ତାକଡ଼କୁ ଛିଟିକି ପଡିଥିଲେ। ଏଥିରେ ୮ରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ହୋଇ ପଡିଥିଲା। ସ୍ଥାନୀୟ ଲୋକମାନେ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିବା ସହ କୋକସରା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆହତଙ୍କୁ ପ୍ରଥମେ ପୋଲିସ ଗାଡିରେ କୋକସରା ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ । ଗୁରୁତରମାନଙ୍କ ମଧ୍ୟରେ ଗମ୍ଭାରୀଗୁଡା ଗ୍ରାମର ଖଗେଶ୍ୱର ଗହୀର (୫୦), ଫୁପଗାଁର ପିଣ୍ଟୁ ଠାକୁର (୨୫), ବିଙ୍କୁଣ୍ଠ ଠାକୁର (୪୦) ଓ ସୁନାମାଲ ଗ୍ରାମର ପୁରନ୍ଦର ହଂସ (୨୫), ବସନ୍ତ ମାଝି (୨୫)। ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଲ ଓ ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମର ପାଖାପାଖି ୨୦ ରୁ ୨୫ ଜଣ ରବିବାର ଏକ ଟାଟା ଏସିଇ ଗାଡ଼ି (ନଂ. ଓଡି୦୮ସି-୦୬୮୨) ଯୋଗେ କଲମପୁର ବ୍ଲକ ଖଣି ଡଙ୍ଗରୀଗୁଡା ଗ୍ରାମରେ ଅନୁଷ୍ଠିତ ହେଉଥିବା ଟୋକିମରା ପର୍ବ ଦେଖିବା ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

### ମୋ ସ୍କୁଲ ଅଭିଯାନ

ଭବାନୀପାଟଣା,୫।୧ (ଡି.ଏନ.ଏ.)
ଭବାନୀପାଟଣା ସଦର ବ୍ଲକ ସର୍ଗିଗୁଡା ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଓ ଆଲୁମ୍ନାଇ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବିଓ ଜୟକୁମାର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ ମୁଖ୍ୟଅତିଥି, ରାଜ୍ୟ ସାଧନ କର୍ମୀ ଜୟନ୍ତ ପତି ମୁଖ୍ୟବକ୍ତା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରବି କାନୁନଗୋ, ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, ସମିତି ସଭ୍ୟା ମନୀଷା ଭୋଇ, ରୋଶନ ଲାଲ ଛତର, ସିଆରସିସି ବଶିଷ୍ଠ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ସୀମାଞ୍ଚଳ ଗହିର ସ୍କୁଲ ପାଇଁ ଜମି ଦାନ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ହିମାଞ୍ଚଳ ସାହୁ ଉଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ଟଙ୍କଧର ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ଜାନୀ ବିବରଣୀ ପାଠ କରିଥିଲେ।





ବରଗଡ଼ ଧନୁଯାତ୍ରାର ଷଷ୍ଠ ଦିବସରେ ଗୋପପୁର ବୃନ୍ଦାବନ ପଡ଼ିଆରେ ରାଧାକୃଷ୍ଣ ଦୋଳିରେ ଝୁଲୁଛନ୍ତି (ବାମ)। ବୃନ୍ଦାବନ ପଡ଼ିଆରେ ବସ୍ତ୍ରହରଣର ଦୃଶ୍ୟ ।

■ ବରଗଡ଼ ଧନୁଯାତ୍ରା

# ରଙ୍ଗସଭାରେ ଅଧିକାରୀଙ୍କୁ କଂସଙ୍କ ତାଗିଦ

**ମଥୁରାନଗରୀ/ଗୋପପୁର,୫।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବର ରବିବାର ଷଷ୍ଠ ଦିବସରେ ରାଜ ଦରବାରରେ ମହାରାଜ କଂସଙ୍କ ରଙ୍ଗସଭା ଦର୍ଶକମହଲରେ ପ୍ରମୁଖ ଆକର୍ଷଣ ପାଲଟିଥିଲା। ହାଟପଦା ସ୍ଥିତ ରାଜଦରବାରରେ ଅନୁଷ୍ଠିତ ରଙ୍ଗସଭାରେ ମଥୁରାନଗରୀ (ବରଗଡ଼)ର ଜିଲାସ୍ତରୀୟ ଅଧିକାରୀମାନେ କଂସଙ୍କ ସମ୍ମୁଖରେ ହାଜର ହୋଇଥିଲେ। ବିଦୂଷକ ଉପସ୍ଥିତ ଅଧିକାରୀଙ୍କ ବିରୋଧରେ ମଥୁରାବାସୀଙ୍କ ଅଭିଯୋଗ ଗୁଡ଼ିକୁ ଉପସ୍ଥାପନ କରିଥିଲେ। ସେହି ଅଭିଯୋଗ ଗୁଡ଼ିକ ଶୁଣିଲା ପରେ କଂସ ସମ୍ପୃକ୍ତ ଅଧିକାରୀଙ୍କ ଉପରେ ବିଗିଡ଼ି ଯାଇଥିଲେ ଏବଂ ତାଙ୍କ ସମ୍ମୁଖରେ ତତ୍କାଳ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଉତ୍ତର ଶୁଣିଲା ପରେ ମହାରାଜ କଂସ ଉପସ୍ଥିତ ଅଧିକାରୀଙ୍କୁ ତାଗିଦ କରିଥିଲେ। ସେହିପରି ମହାରାଜଙ୍କ ଆଦେଶରେ ମଥୁରାବାସୀଙ୍କ ପାଇଁ ସଚେତନତାର ବାର୍ତ୍ତା ମଧ୍ୟ ରହିଥିଲା ଏବଂ ତାହା ଦର୍ଶକ ମହଲରେ ବେଶ୍ ଆଦୃତ ହୋଇଥିଲା ।

ମଥୁରାନଗରୀର ଚାଷ, ଚାଷୀ ସମସ୍ୟା ନେଇ ମହାରାଜା କଂସ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ପ୍ରଶ୍ନ କରିଥିଲେ। ମଣ୍ଡିରେ ଅବ୍ୟବସ୍ଥା, ଚାଷୀଙ୍କୁ ଟୋକନ ମିଳିବାରେ ବିଳମ୍ବ ନେଇ ପଚାରିବାରୁ ସେଥିରେ ସୁଧାର ଅଣାଯିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଜିଲାପାଳ କହିଥିଲେ। ତେବେ ଚାଷୀମାନେ ଯେଭଳି ପରିସ୍ଥିତିରେ ପଡ଼ିଲେ ମଧ୍ୟ କେବେ ଆତ୍ମହତ୍ୟା ନ କରିବାକୁ ମହାରାଜ ପରାମର୍ଶ ଦେଇଥିଲେ । ଅନେକ ବାସହୀନ ପରିବାରଙ୍କୁ ଏପର୍ଯ୍ୟନ୍ତ ଘରଡ଼ିହ ଜମିପଟ୍ଟା, ବାସିନ୍ଦା ପ୍ରମାଣପତ୍ର ଠିକ୍ ଭାବେ ମିଳୁ ନ ଥିବା ନେଇ ବିଦୂଷକ ମଥୁରାବାସୀଙ୍କ ଅଭିଯୋଗ ଉପସ୍ଥାପନ କରିଥିଲେ । ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ଏହାର ଉତ୍ତରରେ କହିଥିଲେ, ଗତ ଡିସେମ୍ବର ୩୧ତାରିଖ ସୁଦ୍ଧା ୧୨୨୦ଜଣଙ୍କୁ ବାସୋପଯୋଗୀ ଜମି ଦିଆଯାଇ ଥିବାବେଳେ ମୋବାଇଲ ଆପ୍ ମାଧ୍ୟମରେ ସେଭଳି ପ୍ରମାଣପତ୍ର ବ୍ୟବସ୍ଥା ହୋଇଥିବାରୁ ସେ କ୍ଷେତ୍ରରେ ଆଉ ଅସୁବିଧା ହେବ ନାହିଁ ଏବଂ ବିନା ଦେୟରେ ତାହା ମିଳିପାରିବ ବୋଲି ଟପ୍ପୋ କହିଥିଲେ । ସେହିପରି ମଥୁରା ରାଜ୍ୟର ଅନେକ ସାବାଳକ ଭୋଟର ତାଲିକାରୁ ବାଦ୍ ପଡ଼ିଥିବାରୁ ନିର୍ବାଚନ ସମୟରେ ମତାଧିକାର ସାବ୍ୟସ୍ତ କରି ପାରୁ ନ ଥିବା ଅଭିଯୋଗରେ ସେ ନେଇ ସର୍ଭେକ୍ଷଣ ଏବଂ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଉତ୍ତର ରଖିଥିଲେ।

ରଙ୍ଗସଭାରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପରେ କଂସ ମହାରାଜା ବର୍ଷିଥିଲେ। ପରିବାର ନିୟୋଜନ ଯୋଜନାରେ ପରିବାରରେ ୨ରୁ ଅଧିକ ସନ୍ତାନ ଜନ୍ମ ନେଇ ଆଦେଶ ସତ୍ତ୍ୱେ ଦେବକୀ ଗର୍ଭରୁ ୮ଟି ସନ୍ତାନ କିଭଳି ଜନ୍ମ ନେଲେ ବୋଲି ମଥୁରାଧିପତି ପ୍ରଶ୍ନ କରିଥିଲେ । ଏ ସମ୍ପର୍କରେ ମଥୁରାବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି ବୋଲି ଅଧିକାରୀ ଜଣକ କହିଥିଲେ । ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ଠିକ୍ ହୋଇ ନ ଥିବା ନେଇ ଉପସ୍ଥିତ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ସେଥିପାଇଁ ରାସ୍ତା ନିର୍ମାଣକାରୀ ସଂସ୍ଥାକୁ ତାଗିଦ୍ କରାଯାଇଛି ଏବଂ ମହାରାଜଙ୍କ ଆଦେଶରେ ମଥୁରାନଗରୀରେ ଫେୟାର ୱେଦର ରାସ୍ତା ନିର୍ମାଣ କରାଯିବ ବୋଲି ପୂର୍ତ୍ତ ଅଧିକାରୀ ଉତ୍ତର ରଖିଥିଲେ। ଶିକ୍ଷାକ୍ଷେତ୍ରରେ ମଥୁରାନଗରୀରୁ ୨୭ନମ୍ବରରୁ ଷଷ୍ଠ ସ୍ଥାନକୁ ଆସିଥିବା ଯୋଗୁ ମହାରାଜ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କୁ ପ୍ରଶଂସା କରିଥିଲେ । କିନ୍ତୁ ମଧ୍ୟାହ୍ନ ଭୋଜନ ଠିକ୍ ଚାଲୁ ନ ଥିବା ଏବଂ ସ୍କୁଲ ଗୁଡ଼ିକର ଫାଟକ ଅବ୍ୟବସ୍ଥିତ ହୋଇପଡ଼ି ଥିବା ଅଭିଯୋଗ ପାଇ ତୁରନ୍ତ ସୁବ୍ୟବସ୍ଥା କରିବାକୁ କଂସ ନିର୍ଦ୍ଦେଶ ଦେଇଥିଲେ।

ଧନୁଯାତ୍ରାର ପ୍ରଚାର, ପ୍ରସାର ଠିକ୍‌ଭାବେ ହେଉ ନ ଥିବାବେଳେ ମଥୁରାନଗରୀର ଅନେକ କଳାକାର ସେମାନଙ୍କ ଭତ୍ତା ପାଇବାରୁ ବଞ୍ଚିତ ଥିବା ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲା ସଂସ୍କୃତି ଅଧିକାରୀ କଲ୍ୟାଣୀ ଦାଶଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଧନୁଯାତ୍ରା ଚାଲିଥିବାବେଳେ ମଥୁରାନଗରୀ ତଥା ରାଜ ଦରବାର ଆଗରେ ପରିଲକ୍ଷିତ ଜନସମୁଦ୍ର ହିଁ ପ୍ରଚାର ପ୍ରସାରର ବାସ୍ତବତାକୁ ପ୍ରତିଫଳିତ କରୁଛି ଏବଂ ଏଥିରେ ଗଣମାଧ୍ୟମର ହିଁ ପ୍ରମୁଖ ଭୂମିକା ରହିଛି ବୋଲି ଦାଶ ଉତ୍ତର ରଖିଥିଲେ । ଜିଲା କୋଷାଗାର ଅଧିକାରୀ ମୀନତି ପତିଙ୍କୁ ମଥୁରାରେ ପେନସନ ପ୍ରଦାନ କାହିଁକି ଅବ୍ୟବସ୍ଥିତ ହୋଇ ପଡ଼ିଛି ବୋଲି ପ୍ରଶ୍ନ କରିଥିଲେ । ଏଥିରେ ସୁଧାର ଅଣାଯାଇଛି ଏବଂ ଆଗକୁ ଏହି ବ୍ୟବସ୍ଥା ଆହୁରି ସରଳ ହୋଇଯିବ ବୋଲି ପତି କହିଥିଲେ । ଧନୁଯାତ୍ରା ମହୋତ୍ସବରେ ସାଧାରଣତଃ ୨ଟି ହାତୀ ରହୁଥିବାବେଳେ ଏଥର ମାତ୍ର ଗୋଟିଏ ହାତୀ ଥିବାରୁ ସେ ନେଇ ମହାରାଜ ଉପସ୍ଥିତ ବନଖଣ୍ଡ ଅଧିକାରୀଙ୍କ ଉପରେ ବର୍ଷିଥିଲେ ଏବଂ ତୁରନ୍ତ ଆଉ ଏକ ହାତୀ ଖୋଜି ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନିକଟ ଅତୀତରେ ଅମ୍ଭାଭୋନାରେ ହୋଇଥିବା ହାତୀ ମୃତ୍ୟୁ ଘଟଣାର ଯେଭଳି ପୁନରାବୃତ୍ତି ନ ଘଟେ, ସେଥିପାଇଁ ମହାରାଜ ତାଙ୍କୁ ତାଗିଦ୍ କରିଥିଲେ । ଏହା ସହିତ ଜଙ୍ଗଲ ସୁରକ୍ଷା ନେଇ ମଥୁରାର ସମସ୍ତେ ଗୋଟିଏ ଲେଖାଏଁ ବୃକ୍ଷଚାରା ରୋପଣ କରିବାକୁ ମହାରାଜ ପରାମର୍ଶ ଦେଇଥିଲେ ।

ସେହିପରି ଚାଷୀଙ୍କୁ ଠିକ୍ ଭାବେ ବିକ୍ରିଧାନର ପ୍ରାପ୍ୟ ମିଳୁ ନ ଥିବା ନେଇ ଜିଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ଭେସ୍ରା ଏବଂ ରାସ୍ତାଘାଟର ଦୁରବସ୍ଥା ଅଭିଯୋଗ ନେଇ ବିଡ଼ିଓ ଯୁଧିଷ୍ଠିର ମେହେରଙ୍କୁ କଂସ ମହାରାଜ ତାଗିଦ କରିଥିଲେ। ବେଆଇନ ମଦ ବିକ୍ରି ଏବଂ ଏଥିପାଇଁ ଧନ, ଜୀବନହାନି ନେଇ ଅବକାରୀ ଅଧିକାରୀଙ୍କ ଉପରେ ବର୍ଷିଥିଲେ । ପୌର ନିର୍ବାହୀ ଅଧିକାରୀ ରାଜେଶ ସାହୁଙ୍କୁ ସ୍ୱଚ୍ଛତା ଉପରେ ପଚାରିଥିଲେ। ଏସଡ଼ିପିଓ ସୁଧାକାର ସାହୁଙ୍କୁ ମହାରାଜ ଆଇନ ଶୃଙ୍ଖଳା ଉପରେ ପ୍ରଶ୍ନ କରିଥିଲେ ଏବଂ ମଥୁରାରେ ଯେଭଳି ନାରୀ ନିର୍ଯାତନା ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ତାଗିଦ୍ କରିଥିଲେ। ନାରୀ ନିର୍ଯାତନାର ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ମହାରାଜ ରୋକ୍‌ଠୋକ୍ ଶୁଣାଇ ଦେଇଥିବାବେଳେ ଝାନସୀ ରାଣୀ ଲକ୍ଷ୍ମୀବାଈ, ମହିଷା ମର୍ଦ୍ଦିନୀ ଭଳି ନାରୀମାନେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ରଙ୍ଗସଭା ପରେ ଆସନ୍ନ ଯୁଦ୍ଧ ପ୍ରସ୍ତୁତି ପାଇଁ ରାଜନ୍ୟ ବର୍ଗଙ୍କ ସହିତ ମହାରାଜାଙ୍କ ଆଲୋଚନା ହୋଇଥିଲା। ଅନ୍ୟପଟେ ଗୋପପୁର ଜିରା ନଦୀ କୂଳ ବୃନ୍ଦାବନ ପଡ଼ିଆରେ ହୋଇଥିବା ବସ୍ତ୍ରହରଣ ଦୃଶ୍ୟକୁ ଲୋକେ ମନ ଭରି ଉପଭୋଗ କରିଥିଲେ ।



ରଙ୍ଗମହଲରେ ଯୋଗଦାନ କରିଥିବା ଜିଲାପାଳ ଓ ଅନ୍ୟ ଅଧିକାରୀବୃନ୍ଦ ।

# କଂସ ଦରବାରରେ ପ୍ରଚାରପତ୍ର ଉନ୍ମୋଚନ

**ମଥୁରାନଗରୀ,୫।୧**

ବରଗଡ଼ ସହରର ୮ଜଣ ଦିବଂଗତ ସାମ୍ବାଦିକଙ୍କ ସ୍ମୃତିରେ କଂସ ଦରବାରରେ ଶନିବାର ଧନୁଯାତ୍ରା ସମ୍ପର୍କିତ ଏକ ପ୍ରଚାରପତ୍ର ଉନ୍ମୋଚିତ ହୋଇଯାଇଛି। କୋଶଲ ଟାଇମ ପକ୍ଷରୁ ପ୍ରସ୍ତୁତ ଏହି ପ୍ରଚାରପତ୍ରକୁ କଂସ ମହାରାଜ ଉନ୍ମୋଚନ କରିଥିଲେ । ଉନ୍ମୋଚନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଶ୍ୟାମସୁନ୍ଦର ଅଗ୍ରୱାଲ, ସୁରେଶ୍ୱର ଶତପଥୀ, କୋଶଲ ଟାଇମର ସମ୍ପାଦକ ସଞ୍ଜୀବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ପ୍ରଚାରପତ୍ରରେ ପୂର୍ବତନ ସାମ୍ବାଦିକ ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଦାଶ, ସ୍ୱର୍ଗତ ବିପିନ ଅଗ୍ରୱାଲ, ସ୍ୱର୍ଗତ ରୋଶନଲାଲ ଅଗ୍ରୱାଲ, ସ୍ୱର୍ଗତ ରାଧାବଲ୍ଲଭ ମିଶ୍ର, ସ୍ୱର୍ଗତ ଅମ୍ବିକା ପ୍ରସାଦ ଶର୍ମା, ସ୍ୱର୍ଗତ ଶୀତିକଣ୍ଠ ପାଟଯୋଶୀ, ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳ, ସ୍ୱର୍ଗତ ରାକେଶ ସାହେଗଲ ପ୍ରମୁଖଙ୍କ ପ୍ରତିଛବି ଏବଂ ଆତ୍ମଜୀବନୀର କିୟଦଂଶ ଉଲ୍ଲେଖ ରହିଛି ।



ଅତିଥିବୃନ୍ଦ ପ୍ରଚାରପତ୍ର ଉନ୍ମୋଚନ କରୁଛନ୍ତି ।

## ବରଗଡ଼ ଧନୁଯାତ୍ରା

### ଆଜିର ଆକର୍ଷଣ

ତା ୬।୧।୨୦୨୦ ରିଖ (ସୋମବାର)

**ମଥୁରାନଗରୀ**

ଧନୁଯାତ୍ରାକୁ ଶ୍ରୀକୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୂରଙ୍କୁ ଗୋପପୁର ପ୍ରେରଣ, କଂସଙ୍କ ନଗର ଭ୍ରମଣ, ହାଟପଦା ଦୁର୍ଗା ମନ୍ଦିରରେ ଦୁର୍ଗାସ୍ତୁତି, ରାଜ ଦରବାରରେ ନ୍ୟାୟ ବିଚାର ।

**ଗୋପପୁର**

ଗୋପୀଙ୍କ ଦହିବିକା, ରାଧାକୃଷ୍ଣଙ୍କ ନାବକେଳି (ବରଗଡ଼ ମନାବନ୍ଧ), ନନ୍ଦ ଦରବାରରେ ବିଭିନ୍ନ କାର୍ଯ୍ୟକ୍ରମ ।

# ବ୍ରହ୍ମା ପ୍ରଧାନଙ୍କୁ ମିଳିଲା ଯୁଧିଷ୍ଠିର ସମ୍ମାନ

**ମଥୁରାନଗରୀ,୫।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବର ଷଷ୍ଠ ଦିବସରେ ରଙ୍ଗମହଲରେ ବର୍ଷିୟାନ କଳାକାର ବ୍ରହ୍ମା ପ୍ରଧାନଙ୍କୁ ଏଥର ଯୁଧିଷ୍ଠିର ସମ୍ମାନରେ ସମ୍ମାନିତ କରାଯାଇଛି। ସେ ଦୀର୍ଘ ୭ବର୍ଷ ଧରି ବରଗଡ଼ ଧନୁଯାତ୍ରାରେ ରାଜା ଉଗ୍ରସେନ ଭୂମିକାରେ ଅଭିନୟ କରିଥିବାବେଳେ ଏବେ ୯୦ବର୍ଷ ବୟସରେ ଉପନୀତ ଥିବା ସତ୍ତ୍ୱେ ଧନୁଯାତ୍ରାରେ ତାଙ୍କ ନିବିଡ଼ତା ରହି ଆସିଛି। ମହାରାଜା କଂସ ତାଙ୍କୁ ମାନପତ୍ର, ଉତ୍ତରୀୟ, ସ୍ମୃତିଫଳକ ସ୍ୱହସ୍ତରେ ପ୍ରଦାନ ସହ ସମ୍ବର୍ଦ୍ଧିତ କରିଥିଲେ । ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥି ମାନପତ୍ର ପଠନ କରିଥିବାବେଳେ ସୁବର୍ଣ୍ଣଦୀପ ସମିତିର ସଭାପତି ଅଧ୍ୟାପକ ନବକୃଷ୍ଣ ମିଶ୍ର, ସମ୍ପାଦକ ପ୍ରଦୀପ୍ତଭାନୁ ମହାନ୍ତି, ଉପଦେଷ୍ଟା ପ୍ରୀତମ ସିଂ, ରଙ୍ଗ ମହଲର ଆବାହକ ଶ୍ୟାମ ସୁନ୍ଦର ଅଦାବର, କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ସ୍ୱର୍ଗତ ଯୁଧିଷ୍ଠିର ଶତପଥୀ ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ଅଭିନେତା ଥିଲେ ଏବଂ ଏହି ଚରିତ୍ରରେ ତାଙ୍କ ନିଖୁଣ ଅଭିନୟ ଧନୁଯାତ୍ରା ଇତିହାସରେ ଭିନ୍ନ ଏକ ଛାପ ରହିଯାଇଛି । ତାଙ୍କ ସ୍ମୃତିରେ ଗତ ୧୫ବର୍ଷ ହେଲା ସୁବର୍ଣ୍ଣଦୀପ ପକ୍ଷରୁ ପ୍ରତିବର୍ଷ ଜଣେ କଳାକାରଙ୍କୁ ଏହି ସମ୍ମାନ ଦିଆଯାଉଛି ।



ବରଗଡ଼ ଧନୁଯାତ୍ରା ରଙ୍ଗ ମହଲରେ ବ୍ରହ୍ମା ପ୍ରଧାନଙ୍କୁ ଯୁଧିଷ୍ଠିର ସମ୍ମାନ ପ୍ରଦାନ କରାଯାଉଛି ।

# ଏକଦିବସୀୟ ଫୁଟବଲ: ମୁଣ୍ଡେଲା ଚାମ୍ପିୟନ

**ପାଇକମାଳ, ୫।୧ (ଡି.ଏନ.ଏ)**

ପାଇକମାଳ ବ୍ଲକ ମାଣ୍ଡିଆଡ଼ିପା ଆଜାଦ ହିନ୍ଦ କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଷୀରସାଗର ବରିହା ମୁଖ୍ୟଅତିଥି ଓ ଡୋଲାମଣି ମାହାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଏଥିରେ ମାଣ୍ଡିଆଡ଼ିପା, ପାଇକମାଳ,, ବ୍ରାହ୍ମଣଡିହି, କୁତ୍ରାମାଳ, ମୁଣ୍ଡେଲା, ସଂକ୍ରି, ଘୁଚାପାଲି, ଭୁବନେଶ୍ୱରପୁର, ଡୁଙ୍ଗୁରିଚଢ଼ା ଓ କୋକନରା ଆଦି ୧୦ଟି ଦଳ ଅଂଶଗ୍ରହଣ କରିଥିଲେ । ମାଣ୍ଡିଆଡ଼ିପା ଓ ମୁଣ୍ଡେଲା ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। କେ କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବେକର ଜରିଆରେ ମୁଣ୍ଡେଲା ଚାମ୍ପିୟନ ହୋଇଥିଲା। ଗୋଲାପ ପଟେଲ, କୈଳାଶ ବରିହା, ବିଟୁ ସାହୁ ଓ ଘନଶ୍ୟାମ ସାହୁ ରେଫରି ଦାୟିତ୍ୱ ତୁଲାଇଥିଲେ । ଉଦଯାପନୀ ଉତ୍ସବରେ ବରିଷ୍ଠ ଖେଳାଳି ଅଲେଖ ଛତର, ପ୍ରମୋଦ ସାହୁ, ହେମନ୍ତ ସାହୁ ଓ ଭୋଜରାଜ ବରିହା ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ ।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ଗାୟତ୍ରୀ ମହାଯଜ୍ଞ ନେଇ ଜିଲାସ୍ତରୀୟ ବୈଠକ

**ସିନାପାଲି, ୫।୧ (ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲି ଗାୟତ୍ରୀ ଶକ୍ତିପୀଠ ପରିସରରେ ଆଗମୀ ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ଖରିଆର ରୋଡ୍‌ଠାରେ ଆୟୋଜିତ ହେବାକୁ ଥିବା ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ନେଇ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସିନାପାଲି ଗାୟତ୍ରୀ ଶକ୍ତିପୀଠର ସଭାପତି ଶଶୀଭୁଷଣ ମାଝିଙ୍କ ଅଧକ୍ଷତାରେ ଜିଲା ସଂଯୋଜକ ପ୍ରାଣବନ୍ଧୁ ସାହୁ, ଜିଲା ସଙ୍ଗଠକ ଜୟରାମ ଶବର, ଯୁବ ସଙ୍ଗଠକ ଶୈଳେଶ ଅଗ୍ରୱାଲ, ଜିଲା ବିଏସ୍‌ପି ସଂଯୋଜକ ପୂର୍ଣ୍ଣଚନ୍ଦ୍ର ମେହେର ଓ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟ ଶାନ୍ତିକୁ ହରିଦ୍ୱାରରୁ ଆସିଥିବା ତିନି ଦେବକନ୍ୟା ମେଧା ପାଟିଧର, ସମୀକ୍ଷା ନେହେରା, ଜୁହି କୁମାୱାତ ପ୍ରମୁଖଙ୍କ ସମେତ ଜିଲାସ୍ତରୀୟ ବହୁ କର୍ମକର୍ତ୍ତା, ମହିଳା କର୍ମକର୍ତ୍ତା, ଯୁବ ସଙ୍ଗଠକ ସାମିଲ ଥିଲେ। ଆଗାମୀ ୨୪ ରୁ ୨୭ ତାରିଖ ମଧରେ ହେବାକୁ ଥିବା ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ବିଭିନ୍ନ ଦିଗ ଉପରେ ଆଲୋଚନା କରି କାର୍ଯ୍ୟକ୍ରମକୁ କିପରି ସଫଳ କରାଯାଇପାରିବ ସେ ଉପରେ ବିଶେଷ ଆଲୋଚନା କରାଯାଇଥିଲା । ସେହିପରି ଆସନ୍ତା ୨୦୨୦ ଡିସେମ୍ବର ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ସିନାପାଲିଠାରେ ଆୟୋଜିତ ହେବାକୁ ଥିବା ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପ୍ରସ୍ତୁତିକୁ ନେଇ ମଧ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସିନାପାଲି ଗାୟତ୍ରୀ ଶକ୍ତିପୀଠର ତ୍ରିନାଥ ମେହେର, ହୀରାଲାଲ ଅଗ୍ରୱାଲ, ଶ୍ରୀକାନ୍ତ ମେହେର, ସନ୍ତୋଷ ନାଏକ, ଅର୍ଜୁନ ବାଗ, ସରୋଜ ମେହେର, ଡମ୍ବରୁଧର ମେହେର, ମଧୁ ପାତ୍ର ପ୍ରମୁଖଙ୍କ ସମେତ ସିନାପାଲି ଗାୟତ୍ରୀ ପରିବାରର ବହୁ କର୍ମକର୍ତ୍ତା ସାମିଲ ଥିଲେ।

### ଆଇନ ସଚେତନତା ଶିବିର

**ଭବାନୀପାଟଣା,୫।୧ (ଡି.ଏନ.ଏ.):** ସ୍ଥାନୀୟ କୁତୁଖମାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ କଳାହାଣ୍ଡି ଜିଲା ସ୍ଥାୟି ଲୋକ ଅଦାଲତ ତଥା ଜନଉପଯୋଗି ସେବା ସମ୍ବନ୍ଧୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାର୍ଦ୍ଧକ୍ୟ ଭତ୍ତା, ବିଧବାଭତ୍ତା ଓ ଗରୀବ ଲୋକମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଗୃହ (ପକାଘର) ଯୋଜନା, ଶିକ୍ଷା ସମ୍ବନ୍ଧିୟ ସେବା, ବ୍ୟାଙ୍କ ଓ ବିମା ସେବା, ବିଜୁଳି, ପାନୀୟ ଜଳ ଓ ପରିମଳ ସେବା ଏବଂ ଏହି ଅଦାଲତ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ସେବାରେ ଗରୀବ ତଥା ଚାଷୀ ମୂଲିଆ ଓ ସାଧାରଣ ଜନତା ନ୍ୟାୟ ପାଇବାରୁ କିପରି ବଞ୍ଚିତ ହେଉଛନ୍ତି । ଉକ୍ତ ଅଦାଲତରେ ବିନା କୋର୍ଟ ଫିସ୍‌ରେ ବା ସ୍ୱଳ୍ପ ଖର୍ଚ୍ଚରେ କିପରି ନ୍ୟାୟ ପାଇପାରିବେ ସେ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନତା କରାଯାଇ ବୁଝାଇ ଦିଆଯାଇଥିଲା। ଉକ୍ତ ଶିବିରରେ ଏହି ଅଦାଲତର ଚେୟାର ପରସନ୍ ତଥା ଅବସରପ୍ରାପ୍ତ ଜିଲା ଜଜ୍ ବିଜୟ କୁମାର ମିଶ୍ର ତଥା ସଭ୍ୟ ସିଧାର୍ଥ କୁମାର ନାୟକ ଓ ପ୍ରେମାନନ୍ଦ ବାଗ ଯୋଗଦେଇ ଉପସ୍ଥିତ ପଞ୍ଚାୟତର ଗ୍ରାମବାସୀ, ଶତାଧିକ ମହିହଳା ଓ ପୁରୁଷଙ୍କୁ ଅବଗତ କରାଇଥିଲେ। ଉକ୍ତ ପଞ୍ଚାୟତ ସରପଞ୍ଚ ବାସନ୍ତି ମଲ୍ଲିକ ତଥା ସଭ୍ୟମାନେ ସଭାରେ ଯୋଗଦେଇଥିଲେ।

ଗାଁର ବିସ୍ଥାପନ ସମସ୍ୟା ସମାଧାନ ଦାବି

# ପେଣ୍ଡ୍ରାବନ୍ଧଗାଁବାସୀଙ୍କ ଆନ୍ଦୋଳନ ଚେତାବନୀ

**ନୂଆପଡା ଅଫିସ, ୫।୧**

ନୂଆପଡା ଜିଲା କୋମନା ଏବଂ ଖଡିଆଳ ବ୍ଲକ ମଧ୍ୟରେ ଥିବା ତିଖାଲିଗାଁ ନିକଟରେ ନିର୍ମାଣ ହୋଇଥିବା ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପରେ ବହୁ ଗାଁ ବୁଡି ଗଲା । ଏମାନଙ୍କ ବିସ୍ଥାପନ ଏବଂ ଥଇଥାନ ସକାଶେ ସରକାର କୋଟି କୋଟି ଟଙ୍କା ବରାଦ କଲେ। ହେଲେ ଜାତୀୟ ରାଜପଥ କଡରେ ଥିବା ପେଣ୍ଡ୍ରାବନ୍ଧ ଗାଁବାସୀଙ୍କ ଦୁଃଖ ପ୍ରତି ଜିଲା ପ୍ରଶାସନ ଆଖି ବୁଜି ଦେଇଥିବାରୁ ଏବେ ଜନ ଅସନ୍ତୋଷ ବଢି ଚାଲିଛି । ଏହି ଗାଁର ପ୍ରଭାବିତ ପରିବାର ବିସ୍ଥାପନ ଏବଂ ଥଇଥାନ ପ୍ରତି ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ରବିବାର ସନ୍ଧ୍ୟାରେ ଗ୍ରାମବାସୀ ସ୍ଥାନୀୟ ବଜାର ପଡିଆରେ ମେଳି କରିଥିଲେ। ଏଥିରେ ଲୋୟର ଇନ୍ଦ୍ର ଜଳ ସେଚନରେ ବୁଡି ସମ୍ପର୍କୀତ ବିଭିନ୍ନ ସମସ୍ୟା ଉପରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। ଏଥିରେ ପେଣ୍ଡ୍ରାବନ୍ଧ ଏବଂ ସ୍ଥାନୀୟ ପଡା ଗ୍ରାମ ଭାଲୁବାହାଲ ଗାଁର ପ୍ରଭାବିତ ଚାଷୀମାନେ ଏକତ୍ର ହୋଇଥିଲେ। ଏମାନଙ୍କ ସମସ୍ୟା ହେଲା ଯେ, ପେଣ୍ଡ୍ରାବନ୍ଧ ଗାଁରୁ ମୋଟ ୪୬୭ ଏକର ଏବଂ ଭାଲୁବାହାଲ ଗାଁରୁ ୧୩୩.୧୩ ଏକର ଜମି ଅଧିଗୃହୀତ ହୋଇଛି । ଏଗୁଡିକର ନିମ୍ନମାନର



ମେଳିରେ ଯୋଗଦେଇଥିବା ଚାଷୀମାନେ।

- ଥଇଥାନ ପାଇଁ ପ୍ରଶାସନର ଦୃଷ୍ଟି ନାହିଁ
- ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ

କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ଏହି ଜମିରେ ପେଣ୍ଡ୍ରାବନ୍ଧ ଗାଁରୁ ୫୭ ପ୍ରତିଶତ ଏବଂ ଭାଲୁବାହାଲ ଗାଁରୁ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ପରିମାଣର ଉର୍ବର ଜମି ବୁଡି ଯାଇଛି। ବାକି ଆଟ ଏବଂ ଢିପ ତଥା ଅନୁର୍ବର ଜମି ପଡି ରହିଛି। ଏସବୁଥିରେ ଗ୍ରାମବାସୀ କ'ଣ କରିବେ। ଜମି ଥାଇ ମଧ୍ୟ ଏକ ପ୍ରକାର ନିଃସ୍ୱ ହୋଇ ବସି ରହିଛନ୍ତି । ଗାଁକୁ ସମ୍ପୂର୍ଣ୍ଣ ବୁଡି କରିବାକୁ ଗତ ଦିନରେ ବିଭିନ୍ନ କାର୍ଯ୍ୟାଳୟକୁ ଦୌଡିଛନ୍ତି, ହେଲେ କୌଣସି ସୁଫଳ ମିଳିପାରୁ ନ ଥିବା ନେଇ ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଗାଁକୁ ସ୍ୱତନ୍ତ୍ର ଏଫଆରଏଲ ଘୋଷଣା କରିବା, ଗାଁର କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସମସ୍ତ କ୍ଷତିପୂରଣ ରାଶୀ ପ୍ରଦାନ କରିବା, ୧-୧-୨୦୧୪କୁ କଟଅପ ତାରିଖ ଭାବେ ଗ୍ରହଣ କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରିବା, ବିଭାଗ ପକ୍ଷରୁ ଛାଡି ହୋଇଥିବା ଜମି, ଘର, ଗଛ, କୂଅର ଦ୍ୱିତୀୟ ଥର ପାଇଁ ସର୍ଭେ କରି ଅଟକଳ କରି ସହାୟତା ପ୍ରଦାନ କରିବା, ପେଣ୍ଡ୍ରାବନ୍ଧ ଓ ଭାଲୁବାହାଲ ଗାଁର ଅଧିଗୃହୀତ ହୋଇଥିବା ଚାଷ ଜମି ନିମ୍ନ ଅଦାଲତ ସିଭିଲ ଜଜ୍ ନୂଆପଡାଙ୍କ ଜଜମେଣ୍ଟ ମୁତାବକ ସମସ୍ତ ଚାଷୀଙ୍କୁ ବର୍ଦ୍ଧିତ ହାରର ଧାରା ମୁତାବକ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି କରାଯାଇଛି। ଏହା ଉପରେ ଆଗାମୀ ୭ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ କରା ନ ଯାଏ ତେବେ ଆଗାମୀ ଦିନରେ ଜାତୀୟ ରାଜପଥ ୩୫୩କୁ ଅବରୋଧ କରି ଚାଷୀମାନେ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ କମିଟି ସଭାପତି ଟିକାରାମ ମାଝି, ସମ୍ପାଦକ ଗୋପାଳ ସିଂ ମାଝି, ସତ୍ୟନାରାୟଣ ମାଝି, ପୁରୁତମ ରଣା, ତନୁଧର ରଣା, ଶିବା ରଣାଙ୍କ ସମେତ ଶ୍ରମିକ ନେତା ଯଦୁମଣୀ ପାଣିଗ୍ରାହୀ, କରୁଣାକର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ୧୬୦କଫ ସିରପ୍ ଜବତ, ୫ ଯୁବକ ଗିରଫ

**ନୂଆପଡ଼ା ଅଫିସ, ୫।୧**

ନୂଆପଡା ସଦର ଥାନା ପୋଲିସ ଶନିବାର ରାତିରେ ସ୍ଥାନୀୟ ତେଲିପଡାରେ ଚଢାଉ କରି ୫ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବ୍ୟାପକ ପରିମାଣର କଫ ସିରପ୍ ଜବତ କରିଛି। ଏହାକୁ ନେଇ ପୋଲିସ ମାମଲା ରୁଜୁ କରିଥିବାବେଳେ ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବବୋଲି ସୂଚନା ମିଳିଛି।

ବିବରଣୀମତେ କୌଣସି ସୂତ୍ରରୁ ଖବର ପାଇ ନୂଆପଡା ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ନିର୍ଦ୍ଦେଶକ୍ରମେ ଜିତୁ ମହାନନ୍ଦଙ୍କ ନେତୃତ୍ୱରେ ଏକ ଟିମ ତେଲିପଡାରେ ଚଢାଉ କରିଥିଲା। ଏଠାରେ କପ୍ ସିରଫ ବାହାରୁ ଆଣି ବିକ୍ରି କରୁଥିବା ଅଭିଯୋଗରେ ଭୁପେନ ବନଛୋର (୨୭) ଏବଂ ଦିନେଶ ସୁନା (୩୦)ଙ୍କୁ ଗିରଫ କରିଥିବାବେଳେ ଏହାକୁ ସତ୍ୟଜିତ ହରପାଲ (୩୨) ଏବଂ ଆତିଶ କୁମାର ମଲ୍ଲିକ(୨୯)ଙ୍କ ନିକଟରେ ବିକ୍ରି କରିଥିବା ଅଭିଯୋଗରେ ସେ ଦୁହିଁଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଛାନଭିନ କରିବା ପରେ ଏମାନଙ୍କଠାରୁ ମୋଟ ୧୬୦ଟି କଫ ସିରପ୍ ବୋତଲ ମିଳିଥିଲା। ଏହାର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି। ଚଢାଉରେ ଡ୍ରଗସ ଇନ୍ସପେକ୍ଟର ବେନଜାମିନ ଦାସ ଏବଂ ଅବକାରୀ ଇନ୍ସପେକ୍ଟର ଦୁର୍ବାଦଳ ବିଶ୍ୱାଳ ମଧ୍ୟ ସାମିଲ ଥିଲେ। ଏହି ଚଢାଉ ବାରମ୍ବାର ସହର ମଧ୍ୟରେ ଚାଲୁ ରହିବ। ସହରକୁ ନିଶା ମୁକ୍ତ କରିବାକୁ ଯୋଜନା ରହିଥିବା ଥାନାଧିକାରୀ ମହାକୁଡ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



ଥାନାଧିକାରୀଙ୍କ ସହ କଫ୍ ସିରପ କାରବାରରେ ଗିରଫ ହୋଇଥିବା ଅଭିଯୁକ୍ତମାନେ।




ଜିଲା ଖାଉଟି ସୁରକ୍ଷା ପରିଷଦର ବୈଠକରେ ମଞ୍ଚାସୀନ ଅଧିକାରୀ ।

# ଜିଲା ଖାଉଟି ସୁରକ୍ଷା ପରିଷଦର ବୈଠକ

**ଭବାନୀପାଟଣା,୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲା ଖାଉଟି ସୁରକ୍ଷା ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପଭୋକ୍ତା ସୁରକ୍ଷା ପରିଷଦର ସଭ୍ୟ ବଂଶୀଧର ଆଚାର୍ଯ୍ୟ, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ଖାଉଟି ବିଭାଗ ବିଚାର ମଞ୍ଚର ଭାରପ୍ରାପ୍ତ ଅଧକ୍ଷା ଭବାନୀ ପଟ୍ଟନାୟକ, ଜିଲା ଯୋଗାଣ ଅଧିକାରୀ ଶିବପ୍ରସାଦ ଦୋରା, ମାଓ ଓଜନ ଅଧିକାରୀ ବି.ଏନ. ଦାଶ, ଆର୍ତ୍ତତ୍ରାଣ ମହାପାତ୍ର, ଅଶ୍ୱିନି ସାହୁ, ଅଶୋକ ପାତ୍ର, ଆସୀନ ସାହୁ, ମନିଷା ସାହୁ, ବସନ୍ତ କୁମାରୀ ପଟ୍ଟନାୟକ, ଅନନ୍ତ ଶବର, ଦେବୀପ୍ରସାଦ ମିଶ୍ର, ଦିଲୀପ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଜଙ୍ଗଲ ଜାତୀୟ ଦ୍ରବ୍ୟର ମୂଲ୍ୟ ସଂଗ୍ରହକାରୀମାନେ ପାଇ ପାରୁନାହାନ୍ତି, ତେଣୁ ସରକାରଙ୍କ ପକ୍ଷରୁ ଏସ୍‌ଏଚ୍‌ଜି ଗ୍ରୁପ ଜରିଆରେ ଲାଇସେନ୍ସ ପ୍ରଦାନ କରି ଉଚିତ ମୂଲ୍ୟରେ ବିକ୍ରି କରାଯିବା ପାଇଁ ଆଲୋଚନା କରାଯାଇଥିଲା। ସେହିପରି ଜିଲାରେ ଖାଉଟି ସଚେତନତା, ଶିକ୍ଷାର ସଚେତନତା ଏବଂ ଆଇନ ସମ୍ପର୍କରେ ଜିଲା ପ୍ରଶାସନ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

ରୟାଲ କପ କ୍ରିକେଟ ଟୁର୍ନାମେଣ୍ଟ

# ସେମିଫାଇନାଲରେ ଲୁକୁପାଲି

**କୋମନା,୫।୧(ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଗନିଆରୀ କଳିଙ୍ଗ ଷ୍ଟାଡିୟମରେ ରୟାଲ କ୍ଲବ ଆନୁକୁଲ୍ୟରେ ଚାଲିଥିବା ୧୩ତମ ରୟାଲ କପ କ୍ରିକେଟ ଟୁର୍ନାମେଣ୍ଟର ରବିବାର କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବେଲଗାଁକୁ ହରାଇ ଲୁକୁପାଲି ସେମି ଫାଇନାଲକୁ ଉନ୍ନୀତ ହୋଇଛି । ଦୁଇଟି ଲିଗ ମ୍ୟାଚ ହୋଇଥିବା ବେଳେ ଉଭୟ ମ୍ୟାଚର ବିଜେତାଙ୍କ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ପ୍ରଥମ ଲିଗ ମ୍ୟାଚ ବହଲମୁଣ୍ଡା ଓ ଲୁକୁପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବହଲମୁଣ୍ଡା ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୦ ଓଭରରେ ୬୭ ରନ କରିଥିଲା। ଜବାବରେ ଲୁକୁପାଲି ଦଳ ୮.୧ ଓଭରରେ ୩ ଉଇକେଟରେ ୬୮ ରନ କରି ବହଲମୁଣ୍ଡାଠାରୁ ୭ ଉଇକେଟରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ରୟାଲ କ୍ଲବ ଗନିଆରୀ ଓ ବେଲଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗନିଆରୀ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୦୩ ରନ ସଂଗ୍ରହ କରିଥିଲା। ଜବାବରେ ବେଲଗାଁ ୮.୩ ଓଭରରେ ୧୦୪ ରନ କରି ୯ ଉଇକେଟରେ ଗନିଆରୀଠାରୁ ବିଜୟୀ ହୋଇଥିଲା। ଅପରାହ୍ନରେ ଲୁକୁପାଲି ଓ ବେଲଗାଁ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ଲୁକୁପାଲି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧୨୬ ରନ କରିଥିଲା। ବେଲଗାଁ ୧୦ ଓଭରରେ ୮ ଉଇକେଟ ବିନିମୟରେ ୧୦୧ ରନ କରି ପରାଜିତ ହୋଇଥିଲା। ବେଲଗାଁଠାରୁ ବିଜୟୀ ହୋଇ ଲୁକୁପାଲି ସେମିଫାଇନାଲକୁ ପ୍ରବେଶ କରିଛି। ଥବିର ହଂସ ଓ ରୁଦ୍ରା ହଂସ ଖେଳ ପରିଚାଳନା କରିଥିବା ବେଳେ ଗଣେଶ ହୋତା ଧାରାବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ରାମେଶ ନାଗ ଦାୟିତ୍ୱ ତୁଲାଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ଭାବେ ସୁଶାନ୍ତ କର, ସମ୍ମାନିତ ଅତିଥି ଭାବେ ରୁଖସେନା ବାନୋ, ମାନିଗୁଡା ସରପଞ୍ଚ ରାମସିଂ ମାଝି, ସାମାଜିକ କର୍ମୀ ଗଉରାଙ୍ଗ ନାଗ ପ୍ରମୁଖ ଯୋଗଦେଇଥିଲେ। ପ୍ରବେଶ ନାଗ, ସହଦେବ ଥପା, ବବଲୁ ହଂସ, ଶାବନ ହୋତା, ହେମନ୍ତ ହଂସ ଓ ଇନ୍ଦ୍ର ଛତ୍ରିଆ ପ୍ରମୁଖ ରୟାଲ କ୍ଲବ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଉଭୟ ଦଳର ଖେଳାଳିଙ୍କ ସହ ଅତିଥିବୃନ୍ଦ।

କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ ଉପଲକ୍ଷେ

# ନୌକା, ତୀରଚାଳନା ପ୍ରତିଯୋଗିତା

**ଭବାନୀପାଟଣା, ୫।୧ (ଡି.ଏନ.ଏ.)**

୨୪ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୦ ଉପଲକ୍ଷେ ଗତ ୪ ତାରିଖ ପ୍ରଥମ କାର୍ଯ୍ୟକ୍ରମ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଆୟୋଜିତ ହୋଇଯାଇଛି। ଜଳଭଣ୍ଡାରର ମହୁଲପାଟଣା ନିକଟରେ ନୌଚାଳନା ଓ ତୀର ଚାଳନା ପ୍ରତିଯୋଗିତା ହୋଇଛି। ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ନୌଚାଳନା ପ୍ରତିଯୋଗିତାରେ ସମୁଦାୟ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ସାନଛତ୍ରଙ୍ଗର ପରକ୍ଷିତ ମାଝି ଓ ସୁନିଲ ମାଝି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପାଡେପଦରର ଚନ୍ଦ୍ର ମାଝି ଓ ଦିବାନ ମାଝି ଦ୍ୱିତୀୟ ଏବଂ ସାନଛତ୍ରଙ୍ଗ ଗାଁର କୁମାର ମାଝି ଓ ଅଙ୍ଗୁ ମାଝି ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

ସେହିପରି ତୀର ଚାଳନା ପ୍ରତିଯୋଗିତାରେ ସମୁଦାୟ ୨୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ମଣୀନ୍ଦ୍ର ମାଝି ପ୍ରଥମ, ଅଷାଢୁ ମାଝି ଦ୍ୱିତୀୟ ଓ ରାୟୁ ମାଝି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ବିରଞ୍ଚି ନାରାୟଣ ଦରୱାନ, ତୀର ଚାଳନା ଓ ନୌଚାଳନା ଉପକମିଟି ଅଧକ୍ଷ ପଦ୍ମକିଶୋର ପୂଝାରୀ ଓ ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସୁନୀଲ ବେହେରା ଓ ଶମ୍ଭୁପ୍ରସାଦ ରାଉତ ପ୍ରତିଯୋଗିତା ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଏକ ମିନି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଆଖପାଖ ଅଞ୍ଚଳରେ ପ୍ରାୟ ୨ ହଜାର ଆଦିବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଉଭୟ ପ୍ରତିଯୋଗିତାକୁ ଉପଭୋଗ କରିବା ସହ ସ୍ୱାସ୍ଥ୍ୟ ଶିବିରରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।





କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ଆୟୋଜିତ ଧନୁତୀର ଓ ନୌଚାଳନା ପ୍ରତିଯୋଗିତା।

ଲମ୍ବୋଦର କ୍ରିକେଟ ଟୁର୍ନାମେଣ୍ଟ

# କୋଟାଗାଁ ଏମଏମ୍‌ସିସି ଚାମ୍ପିୟନ

**ଜୁନାଗଡ,୫।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା-ନୂଆଗୁଡା ମଧ୍ୟରେ ଥିବା ତାରା ତାରେଣୀ ଖେଳପଡିଆଠାରେ ଗତ ୨୩ ତାରିଖରୁ ଚାଲିଥିବା ଲମ୍ବୋଦର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ କୋଟାଗାଁ ଏମଏମ୍‌ସିସି ଓ ଜୁନାଗଡ ଏମଏଲସିସି ମଧରେ ହୋଇଥିଲା। ଏଥିରେ କୋଟାଗାଁ ପ୍ରଥମେ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ଜୁନାଗଡ ୧୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ କରି ପରାଜୟ ହୋଇଥିଲା। ଫଳରେ କୋଟାଗାଁ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳକୁ ବିମଳ କୁମାର ମେହେର ବେହେରା ଓ କପିଲାସ ମେହେର ପରିଚାଳନା କରିଥିଲେ। ଶୁଭେନ୍ଦୁ ବିଷି, ପ୍ରଦୀପ ନାଏକ ଓ କିଶନ ଧଙ୍ଗଡାମାଝି ଧାରାବିବରଣୀ ପ୍ରଦାନ କରିଥିଲେ। ଚିଚୈଗୁଡା ପଲ୍ଲୀ ମଙ୍ଗଳ ଯୁବ ସମିତି ପକ୍ଷରୁ ଅନୁଷ୍ଠିତ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଭାଜପା ଓବିସି ମୋର୍ଚ୍ଚା ରାଷ୍ଟ୍ରୀୟ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସମ୍ମାନିତ ଅତିଥି ଚିଚୈଗୁଡା ସରପଞ୍ଚ ସୁଧିରା ମେହେର, ନାଏବ ସରପଞ୍ଚ ନବୀନ କୁମାର ମେହେର, ଘନଶ୍ୟାମ ମେହେର, ପ୍ରଦ୍ୟୁମ୍ନ ମେହେର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳ ଆରମ୍ଭରୁ ଶେଷଦିନ ଯାଏଁ ଚାଣକ୍ୟ, ରାଜିନ, ଜନ୍ମେୟଜ, ନବଘନ, ମହେନ୍ଦ୍ର, ବିକି, ଦିନେଶ, ଲୁକୁ, ସୁଶାନ୍ତ, ଟିକୁ ପ୍ରମୁଖ ସହଯୋଗ କରିଥିଲେ। ୧୪ ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ।



ଚାମ୍ପିୟନ କୋଟଗାଁ ଦଳ ଖେଳାଳିଙ୍କ ସହ ଅତିଥିଗଣ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



**ସଂକ୍ଷେପରେ**

## ଏପ୍ରିଲ ୩ରୁ ରମାଇଁ ପାହାଡ଼ ମହୋତ୍ସବ

**ଲୋଇସିଂହା,୫।୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଲୋଇସିଂହାଠାରୁ ୧୦ କି.ମି. ଦୂରରେ ବାଦିବାହାଲ ଗାଁ ଅବସ୍ଥିତ। ଗାଁ ମୁଣ୍ଡରେ ଦଣ୍ଡାୟମାନ ହୋଇଛି ବିସ୍ତୀର୍ଣ୍ଣ ଐତିହାସିକ ରମାଇଁ ପାହାଡ଼। ପାହାଡ଼ର ପୌରାଣିକ ତଥା ଐତିହାସିକ ପୃଷ୍ଠଭୂମି ରହିଛି। ଏଠାକାର ଇତିହାସ, ଅଧ୍ୟାତ୍ମିକ ଓ ସାଂସ୍କୃତିକୁ ଉଜ୍ଜ୍ୱିବିତ କରିବା ପାଇଁ ଭାଲୁପାଲିଠାରେ ଆସନ୍ତା ଏପ୍ରିଲ ୩ରୁ ୫ ତାରିଖ ପର୍ଯ୍ୟନ୍ତ ରମାଇଁ ପାହାଡ଼ ମହୋତ୍ସବ ଅନୁଷ୍ଠିତ ହେବ। ରବିବାର ବୁର୍ଡା ଡାକବଙ୍ଗଳାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ମହୋତ୍ସବ ଆୟୋଜନ ନେଇ ସିଦ୍ଧାନ୍ତ ହୋଇଛି। ବୈଠକରେ ସରୋଜ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଲୋଇସିଂହା ଏକ ଐତିହାସିକ ସମୃଦ୍ଧ କ୍ଷେତ୍ର। ବିଗତ କିଛି ବର୍ଷ ହେଲା ଅଞ୍ଚଳ ଅବହେଳିତ ହୋଇପଡିଥିବା କହିଥିଲେ। ଐତିହ୍ୟ ସଂସ୍କୃତିକୁ ବଞ୍ଚାଇବାକୁ ହେଲେ ସମ୍ମିଳିତ ଉଦ୍ୟମ ଅବଶ୍ୟକ ବୋଲି କହିଥିଲେ। ବୈଠକରେ ଯୋଗୀସର୍ଡା ଗ୍ରାମର ଆଦିତ୍ୟ ଥନାପତି, ଲୋଇସିଂହାର ବିଭୂତିଭୂଷଣ ସହାଣୀ, ଗୋପଳପୁରର ନିତ୍ୟା ଭୋଇ ପ୍ରମୁଖ ଅଞ୍ଚଳରୁ ଐତିହ ଓ କିମ୍ବଦନ୍ତୀ ଉପରେ ମତବ୍ୟକ୍ତ କରିଥିଲେ। ଏପରି କୀ ଗୋପାଳପୁରରୁ ଉଦ୍ଧାର ହୋଇଥିବା ୯ଟି ତାମ୍ର ଫଳକ ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ସଂରକ୍ଷଣ ହୋଇରହିଛି। ସେହିପରି ସୁନା ଟଙ୍କା ମଧ୍ୟ ଜିଲା କୋଷାଗାରରୁ ରାଜ୍ୟ ସଂଗ୍ରହାଳୟକୁ ଯାଇଥିବାବକ୍ତା କହିଥିଲେ। ଏହାର ଗବେଷଣ ପାଇଁ ଲୋଇସିଂହା, କୁଶଙ୍ଗ, ରୋତ ଓ ଯୋଗୀସର୍ଡା କଲେଜର ମେଧାବୀ ଛାତ୍ରୀଛାତ୍ର ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ମହୋତ୍ସବରେ ଲୋଇସିଂହା, ଆଗଲପୁର ଅଧିବାସୀଙ୍କ ସମେତ ରମାଇଁ ପାହାଡ ପାଦ ଦେଶରେ ଥିବା ପଡୋଶୀ ସୁବର୍ଣ୍ଣପୁର ଜିଲା ଲୋକଙ୍କୁ ସାମିଲ କରିବାକୁ ମତପ୍ରକାଶ ପାଇଥିଲା। ବିଭିନ୍ନ କମିଟି ଗଠନ ସମେତ ମହୋତ୍ସବର ରୂପରେଖ ପ୍ରସ୍ତୁତ ପାଇଁ ଆସନ୍ତା ୧୯ରେ ଏକ ବୈଠକ ଆୟୋଜନ କରିବାକୁ ସ୍ଥିର ହୋଇଥିଲା। ବୈଠକରେ ଲୋଇସିଂହା ଓ ଆଗଲପୁର ବ୍ଲକର ବୁଦ୍ଧିଜୀବୀ ଯୋଗଦେଇଥିଲେ। ତୁମେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକୀର୍ତ୍ତନ୍ୟ ମହାକୁମ୍ଭ ଲାଗି ଶୁଭସ୍ତମ୍ଭ ସ୍ଥାପନ

**ବଲାଙ୍ଗୀର ଅଫିସ,୫।୧:** ବଲାଙ୍ଗୀର ସଦାଇପାଲିଠାରେ ଆସନ୍ତା ଫେବୃୟାରୀ ୨୪ରୁ ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଅଖଣ୍ଡ ନବରାତ୍ର ନାମଯଜ୍ଞ ଆୟୋଜନ ନେଇ ରବିବାର କୃଷ୍ଣକୃପା ଟ୍ରଷ୍ଟ ଅଧକ୍ଷ ସ୍ୱାମୀଜୀ ବୀରେନ୍ଦ୍ର ପଣ୍ଡା କରକମଳରେ ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ସ୍ଥାନୀୟ ମାହେଶ୍ୱରୀ ରାମଜୀ କୀର୍ତ୍ତନ ଦଳ, ରାଧେରାଧେ ମହିଳା ସଂର୍କୀତନ୍ୟ ଦଳ ଓ ଖାଡିଆପଡା ସଂର୍କୀତନ୍ୟ ମଣ୍ଡଳୀର ସଦସ୍ୟା ସଦସ୍ୟା ଉଦଣ୍ଡ କୀର୍ତ୍ତନ କରି ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ପରେ ପୂଜାର୍ଚ୍ଚନା କରାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ଡା. ପ୍ରମୋଦ କୁମାର ମିଶ୍ର ଓ ତାଙ୍କ ସହଧର୍ମିଣୀ ମନୋରମା ମିଶ୍ର ଦାୟିତ୍ୱ ତୁଲାଇଥଲେ। ପଣ୍ଡିତ ମହାବୀର ବେଦବାକ୍ ପୂଜାର୍ଚ୍ଚନା କରିଥିଲେ। ଆୟୋଜକ ରାମଜୀ ଯୁବକ ସଂଘ ସମ୍ପାଦକ ନାରାୟଣ ପ୍ରସାଦ ମିଶ୍ର, ଅଧକ୍ଷ ଶ୍ରୀକର ମିଶ୍ର, ଆବାହକ ରମେଶ ଚନ୍ଦ୍ର ନାଏକ, ସମ୍ପାଦକ ଶମ୍ଭୁପ୍ରସାଦ ନାଏକ, ସାଇଟ୍ କଲେଜ ଅଧକ୍ଷ ଓମପ୍ରକାଶ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ ହୋଇଥିଲା।

■ ବେଧଡ଼କ ଚାଲିଛେ ଦାଦନ ଶ୍ରମିକ ଚାଲାନ

# ଲଗାମ୍ କସ୍‌ବାରେ ପରଶାସନ ବିଫଲ

**ଲାଠୋର, ୫।୧(ଡି.ଏନ୍.ଏ.)**

ରାଏଜ୍ ସରକାର ଦାଦନ ସମସିଆ ସଂଗେ ଯୁଝବାର ଲାଗି ଅନେକ୍ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଅନେକ ଜାଗାରେ ହକ୍‌ଦାର ହିତାଧିକାରୀ ସରକାରୀ ଯୋଜନାର ଲାଭ୍ ନାଇଁ ପାଏବାର। ଯେନ୍‌ଥିରଲାଗି ଗରିବ୍ ଦୁଖି ଉପେ ଶୁଇନ୍ ହେଇ କୁଟୁମବସିଆ ବାହାର ରାଏଜ୍‌କେ ଦାଦନ ଖଟିଯାଉଛନ୍। ଇଆଡ଼େ ରାଏଜ୍ ସରକାର ଦାଦନ ସମସିଆର ସମାଧାନ ସଂଗେ ଶ୍ରମିକମାନକର ସୁବିଧା ଲାଗି ନୂତନ ବଛରରୁ ଶ୍ରମ ବିଭାଗକେ ୫-ଟି ଆର 'ମୋ ସରକାର'ରେ ସାମିଲ କରିଛନ୍।

ସୂଚନା ଅନ୍‌ସାରେ ପଶ୍ଚିମ ଓଡ଼ିଶାର ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ବୌଦ୍ଧ, ସୁବର୍ଣ୍ଣପୁର ଜିଲାରୁ ଫିବଛର ବେଆଇନ୍ ହଜାର ହଜାର ଦାଦନ ଶ୍ରମିକ ଦଲାଲ୍‌ମାନକର ଜରିଆରେ ଚାଲାନ ହେଉଛନ୍। ଏନ୍‌ତା କି ଦଲାଲ ଜରିଆରେ ଚାଲାନ ହେଉଥିବାର ଦାଦନ ଶ୍ରମିକମାନକର ସୂଚନା ବି ଥାନୀଅ ପରଶାସନ ପାସେ ନାଇଁ ରହିବାର। ଏହେଦେଧାନଅମଲସରିଆଏଲାବେଲେ ଶ୍ରମିକମାନକୁଆଗରୁ ବଏନା ଦେଇଥିବାର ଦାଦନ ସରଦାରମାନେ ଭିନେ ଭିନେ ରେଲ ଷ୍ଟେଶନରୁ ଚାଲନ କରୁଛନ୍। ବଲାଙ୍ଗୀର ଜିଲା ହରିଶଙ୍କର ରୋଡ୍ ରେଲ ଷ୍ଟେଶନରୁ ଫିଦିନ ଶହ ଶହ ଦାଦନ ଶ୍ରମିକ ଦେଶର ଭିନେ ଭିନେ ରାଏଜ୍‌କେ ଚାଲାନ ହେଉଛନ୍। ହେଲେ ଇ ଘଟନା ଥାନୀଅ ଶ୍ରମ ବିଭାଗ ଆର ପୁଲିସ ନଜରକେ ନାଇଁ ଆଏବାର।



ବାହାର ରାଏଜ୍‌କେ ଦାଦନ ଯିବାକେ ହରିଶଙ୍କର ରୋଡ଼ ରେଲ ଷ୍ଟେଶନରେ ଶ୍ରମିକମାନକର ଭିଡ଼।

ଇ କଥାଟା ବୁଧିଜୀବୀଙ୍କୁଁ ଆଶିରିଯ୍ କରିଛେ। ଇଆଡ଼େ ବେଲପଡ଼ା, ଖପ୍ରାଖୋଲ ବ୍ଲକର ୨୦ଟା ପଁଚେତ୍‌କେ ରାଏଜ୍ ସରକାର ଦାଦନ ପରବନ ଅଂଚଲ ହିସାବ୍‌ଥି ରହିଖ୍ଛନ୍। ଥାନୀଅ ଶ୍ରମିକମାନେ କେନ୍‌ଥେଇ ବାହାର ରାଏଜ୍‌କେ ଦାଦନ ଯାଇ ହଇରାନ ହରକତ ନାଇଁ ହେବେ ସେଥିରଲାଗି ରାଏଜ୍ ସରକାର ଆର ଟାଟା ଟ୍ରଷ୍ଟର ମିଲିତରେ ୧୩୪ କୋଟି ଟଁକା ଖରଚ୍ ଅଟକଲଥି ଯୋଜନା ତିଆର କରାଯାଇଛେ ସତ୍। ହେଲେ ଇଥିର ପରଭାବ ଅଂଚଲରେ ଦେଖିବାକେ ନାଇଁ ମିଲବାର। ସେନ୍‌ତା ବଲାଙ୍ଗୀର ଜିଲାର ଟିଟିଲାଗଡ଼, ମୁରିବାହାଲ, ବଙ୍ଗୋମୁଣ୍ଡା, ତୁରେକେଲା, ଖପ୍ରାଖୋଲ ଆର ବେଲପଡ଼ା ବ୍ଲକର ଶ୍ରମିକମାନକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୨ଶହ ଦିନର କାମ୍ ଯୁଗେଇ ଦେବାର ଯୋଜନା ତିଆର ହେଇଛେ ସତ୍। ହେଲେ ଅଂଚଲରୁ ଦାଦନ ଶ୍ରମିକ ଚାଲାନ ବଁଦ୍ କରବାରେ ପରଶାସନ ଫେଲମାରିଛେ। ଏନ୍‌ତାଥି ଦାଦନ ସରଦାରମାନେ ଶ୍ରମିକମାନକୁ ଟଁକା ଲୋଭ୍ ଦେଖେଇ ଚାଲାନ କରୁଛନ୍। ନିୟମ ହିସାବେ ଲାଇସେନ୍ସ ପାଇଥିବାର ଏଜେଣ୍ଟ ଶ୍ରମିକମାନକୁ ନେଇପାରବେ। ଇଥିରଲାଗି ଅନେକ ନିୟମ ରହିଛେ। ହେଲେ ସରକାରୀ ଅଧିକାରୀ, କରମ୍‌ଚାରୀକର ଖାମ୍‌ଖିଆଲି ମନଭାବ ଲାଗି ଶ୍ରମିକମାନେ ସରକାରୀ ସୁବିଧା ସୁଯୋଗ ନାଇଁପାଏବାର। ଇତାର ଫାଏଦା ଉଠେଇ ଦଲାଲମାନେ ଫିଦିନ ଶହ ଶହ ଶ୍ରମିକଙ୍କୁଁ ଲୁଚାଛପାରେ ଉନିଆଁ ରାଏଜ୍‌କେ ଚାଲାନ କରୁଛନ୍। ଇଆଡ଼େ ଦାଦନ ଚାଲନ୍ ଉପରେ ଲଗାମ୍ କସବାକେ ଖାସ୍‌କରି ଖପ୍ରାଖୋଲ, ବେଲପଡ଼ା ବ୍ଲକରେ ଶ୍ରମ ନିରୀକ୍ଷକ କାଯ୍ କରୁଛନ୍। ହେଲେ ସେମାନକର ପାସେ ବି କେନ୍ ଗାଁରୁ କେତେ ଶ୍ରମିକ ବାହାର ରାଏଜେ ଦାଦନ ଖଟୁଛନ୍ ତାର ହିସାବକିତାବ ନାଁଇଁ। ଇ ବାବ୍‌ଦେ ଜିଲା ଶ୍ରମ ଅଧିକାରୀ ସୁରେଶ ବେହେରାଙ୍କୁଁ ପଚ୍‌ରାଲାରୁ ଯେତେ ଜଲ୍‌ଦି ହେବା ଇ ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଛନ୍।

## ସମସ୍ୟାରେ ବଡ଼ଡ଼କଲା ଆଦିବାସୀ ଆବାସିକ ଆଶ୍ରମ ସ୍କୁଲ

**କଣ୍ଟାବାଞ୍ଜି,୫।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଉପାନ୍ତ ମାଓବାଦୀ ପ୍ରଭାବିତ ତୁରେକେଲା ବ୍ଲକର ବଡଡକଲା ପଞ୍ଚାୟତ ସଦର ଗ୍ରାମରେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ଆଦିବାସୀ ଆବାସିକ ଆଶ୍ରମ ସ୍କୁଲ ରହିଛି। ବିଦ୍ୟାଳୟରେ ମୋଟ ୪୨୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୧୫୪ଜଣ ଛାତ୍ରୀଛାତ୍ର ହେଷ୍ଟେଲରେ ରହୁଛନ୍ତି। ହେଲେ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ରହିଛି। ବର୍ତ୍ତମାନ ସ୍କୁଲରେ ପାନୀୟ ଜଳ ଯୋଗାଣ ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଛି। ବିଦ୍ୟାଳୟ ପରିସରରେ ଥିବା ନଳକୂଅରୁ ଆବଶ୍ୟକ ପାଣି ବାହାରୁ ନ ଥିବାରୁ ଅଧ୍ୟୟନରତ ଛାତ୍ରୀଛାତ୍ର ଏବଂ ଅନ୍ତେବାସୀମାନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ପଞ୍ଚାୟତ ସଦର ମହକୁମାରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ବଣ୍ଟନ ହେଉଥିବା ପାଇପ୍ ପାଣି ବିଦ୍ୟାଳୟକୁ ସଂଯୋଗ କରାଯାଇ ନ ଥିବା ଜଣାପଡିଛି। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଦିଆଯାଉଥିବା ବେଳେ ୧୫ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ମାତ୍ର ସ୍କୁଲର ୬ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ହେଲେ ପାଠପଢାରେ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ସ୍କୁଲରେ ବିଦ୍ୟୁତ୍ ସମସ୍ୟା ରହିଛି। ଏହାର କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ସମସ୍ୟାର ସମାଧାନ ଲାଗି ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି।




ବଡ଼ଡ଼କଲା ଆଦିବାସୀ ଆବାସିକ ଆଶ୍ରମ ସ୍କୁଲ।



ମୁଖ୍ୟଅତିଥି ଖେଳାଳି ଅନ୍ତର୍ଯାମୀ ନାଏକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

■ ରାଜ୍ୟସ୍ତରୀୟ ଆଇଏମ୍ କଲାମ କପ୍

# ଫାଇନାଲରେ ବରଗଡ଼

**ଲୋଇସିଂହା,୫।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଏପିଜେ ଅବଦୁଲ କଲାମ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଆଇଏମ୍ କଲାମ କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଥିଲା ତୃତୀୟ ଦିବସ। ଏହି ଅବସରରେ ଏ' ଗ୍ରୁପର ସେମିଫାଇନାଲ ଖେଳ ଲୋଇସିଂହା ଏପିଜେ ଓ ବରଗଡ ୟୁନାଇଟେଡ ମଧ୍ୟରେ ହୋଇଥିଲା। ଏଥିରେ ୧-୦ ଗୋଲରେ ଚର୍ଚ୍ଚିତ ଲୋଇସିଂହା ଏପିଜେକୁ ହରାଇ ବରଗଡ ୟୁନାଇଟେଡ ଫାଇନାଲକୁ ପ୍ରଥମ ଦଳ ଭାବେ ପ୍ରବେଶ କରିଛି। ବରଗଡ ୟୁନାଇଟେଡ ଦଳର ଅନ୍ତର୍ଯାମୀ ନାଏକ ଗୋଟିଏ ଗୋଲ ଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ ହୋଇଥିଲେ। ରେଫରି ସୁବ୍ରତ ପୁରୋହିତ ଖେଳ ପରିଚାଳନା କରିଥିବାବେଳେ ଦେବାଶିଷ ବାଗ, ସୁଧାଂଶୁ ସେଠ, ସୁଦୟ ବାରିକ ପ୍ରମୁଖ ସହଯୋଗ କରିଥିଲେ। ରବିବାର ମ୍ୟାଚରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

**ଟିଟିଲାଗଡ଼,୫।୧(ଡି.ଏନ୍.ଏ.)**

ବଲଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ପରାସରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପିନାଥ ମିଶ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇ ପ୍ରଧାନ ଶିକ୍ଷକ ମିଶ୍ରଙ୍କ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଆର୍ତ୍ତତ୍ରାଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀୟରିପାଲ ସିଂ, ପୂର୍ବତନ ସଭାପତି କାଶିନାଥ ମାଝି, ପୂର୍ବତନ ସମ୍ପାଦକ ପିତବାସ ଚିନାଗୁର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରୋମାଞ୍ଚଲ ବନଛୋର, ସାଗରେଶ୍ୱର ବେହେରା, ଜୟ ବନଛୋର, ଦିଲୀପ ସିଂ, ନରୋତ୍ତମ ବେହେରା, ମଧୁସୂଦନ ରଣା, ନାରାୟଣ ସାହୁ, କୁଞ୍ଜବିହାରି ବଗର୍ତ୍ତୀ, କେଶବ ଉତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ନାଗରିକତ୍ୱ ସଂଶୋଧନ ଆଇନ ସଚେତନତା ସଭା

**ଲୋଇସିଂହା,୫।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ସେମେଲମୁଣ୍ଡାରେ ନାଗରିକତ୍ୱ ସଂଶୋଧନ ଆଇନ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇ ଯାଇଛି। ୟଙ୍ଗଫ୍ରେଣ୍ଡ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ସଚେତନତା ସଭାରେ ଆଇନଜୀବୀ ଅଶୋକ କୁମାର ସାହୁ ଅଧ୍ୟକ୍ଷତା ଏବଂ ସଂଯୋଜନା କରିଥିଲେ। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି କହିଥିଲେ, ନାଗରିକ ସଂଶୋଧନ ଆଇନ ଦ୍ୱାରା ଭାରତର କୌଣସି ନାଗରିକ ଭୟଭୀତ ହେବାର କାରଣ ନାହିଁ। ବିରୋଧ ଏହି ଆଇନକୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି। ନାଗରିକତ୍ୱ ସଂଶୋଧନ ଆଇନରେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ଶରଣାଗତ ଲୋକଙ୍କୁ ଭାରତରେ ନାଗରିକତ୍ୱ ଦେବାନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ହିନ୍ଦୁ, ଶିଖ, ବୌଦ୍ଧ, ପାର୍ସି, ଜୈନ ଓ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀମାନେ ଗତ ୨୦୧୪ ଡିସେମ୍ବର ୩୧ ପୂର୍ବର ଭାରତ ଆସିଛନ୍ତି ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷେ ଶିକ୍ଷାବିତ ଧର୍ମ ସିଂ ମିଶ୍ର, ସୁଶୀଲ ରଣା ନାଗରିକତ୍ୱ ସଂଶୋଧନ ଆଇନ ଉପରେ ମତବ୍ୟକ୍ତ କରିଥିଲେ। ସଭାରେ ସିଡିପିଓ ପ୍ରଜ୍ଞା ବାରିକଙ୍କ ସହ ଭାଜପା କର୍ମକର୍ତ୍ତା ଏବଂ କର୍ମୀ ଉପସ୍ଥିତ ଥିଲେ।



ବିଧାୟକ ମୁକେଶ ମହାଲିଙ୍ଗଙ୍କ ସହ ଦଳୀୟ କର୍ମକର୍ତ୍ତା ଏବଂ ଅନ୍ୟମାନେ ନାଗରିକତ୍ୱ ସଂଶୋଧନ ଆଇନର ପ୍ରଚାର ପୁସ୍ତିକା ପ୍ରଦର୍ଶନ କରୁଛନ୍ତି।

## କରଣ ସମାଜ ପକ୍ଷରୁ ନରସିଂହ ବନ୍ଧ ଘାଟ ସଫେଇ

**ବଲାଙ୍ଗୀର ଅଫିସ,୫।୧**

ବଲାଙ୍ଗୀର ସହର ମଧ୍ୟସ୍ଥଳରେ ଥିବା ପୁରାତନ ଜଳାଶୟ ନରସିଂହ ବନ୍ଧ ମୁଖ୍ୟ ଶୌଚଘାଟରେ ଜିଲା ଚିତ୍ରଗୁପ୍ତ କଲ୍ୟାଣ ସମିତି ପକ୍ଷରୁ ରବିବାର ସଫେଇ କରାଯାଇଥିଲା। କରଣ ସମାଜ ସଭାପତି ଅସୀମ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଯୋଗଦେଇ ସଫେଇ କାର୍ଯ୍ୟ କରିଥିଲେ। ଆଗାମୀ ଦିନରେ ନରସିଂହ ବନ୍ଧର ଉନ୍ନତିକରଣ ଦିଗରେ ସମାଜ ପକ୍ଷରୁ ଜିଲା ପ୍ରଶାସନ ଓ ରାଜନୈତିକ ନେତୃବୃନ୍ଦଙ୍କ ସହିତ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସଫେଇ କାର୍ଯ୍ୟକ୍ରମରେ ବିକ୍ରମାନନ୍ଦ ବହିଦାର, ଅଶ୍ୱିନୀ କୁମାର ପଟ୍ଟନାୟକ, ଗୌରଚନ୍ଦ୍ର ପୃଷେଠ୍, ମୀନାକ୍ଷୀ ପଟ୍ଟନାୟକ, ପ୍ରଦୀପ କୁମାର କୁଅଁର, ଜୟରାମ ପଟ୍ଟନାୟକଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## ନେତ୍ରଭାନୁ ହାଇସ୍କୁଲ: ୨୦୦୧ ମାଟ୍ରିକ ବ୍ୟାଚର ବନ୍ଧୁମିଳନ

**ଦେଓଗାଁ,୫।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଜରାସିଂହା ନେତ୍ରଭାନୁ ହାଇସ୍କୁଲର ୨୦୦୧ ମାଟ୍ରିକ ବ୍ୟାଚର ତୃତୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଜରାସିଂହା ନିକଟସ୍ଥ ଲକ୍ଷ୍ମଣ ଝୁଲାଠାରେ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୀବ କୁମାର ପାଣିଙ୍କ ସଭାପତିତ୍ୱ ଏବଂ ନେହେରୁ ଦୀପଙ୍କ ପରିଚାଳନାରେ ଅନୁଷ୍ଠିତ ବନ୍ଧୁ ମିଳନ ଉତ୍ସବରେ ଆଗାମୀ ଦିନରେ ଗ୍ରାମରେ ସ୍ୱଚ୍ଛତା, ରକ୍ତଦାନ ଶିବିର, ଜନସଚେତନତା, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ କରିବାକୁ ମତପ୍ରକାଶ ପାଇଥିଲା। ଏପରି କି ଆଗାମୀ ବର୍ଷରେ ବ୍ୟାଚର ଶତପ୍ରତିଶତ ବନ୍ଧୁଙ୍କୁ ଯୋଗ ଦେବାକୁ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀକାନ୍ତ ଥନାପତି, ବାବୁଲାଲ ନାଏକ, ଦାରାସିଂ ଲାଲ, ପ୍ରକାଶ ଥନାପତି, ସୁଧୀର ମନହୀରା, ଶାନ୍ତନୁ ଲାଲ, ରୋହିତ ପରଧିଆ, ପ୍ରସନ୍ନ ପଥ୍ରୀମାଲି, ରୁଦ୍ରମଣି ମେହେର ପ୍ରମୁଖ ସହଯୋଗ କରିଥିଲେ।



୨୦୦୧ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଅବସରରେ ଉପସ୍ଥିତ ବନ୍ଧୁମାନେ।

**ବଲାଙ୍ଗୀର ଲୋକ ଉତ୍ସବ ତୃତୀୟ ସାଂସ୍କୃତିକ ସନ୍ଧ୍ୟା**

# ଲୋକକଳାର ବିକାଶ ହିଁ ଲୋକ ଉତ୍ସବର ଲକ୍ଷ୍ୟ

**ବଲାଙ୍ଗୀର ଅଫିସ, ୫।୧**

ବଲାଙ୍ଗୀର ଲୋକ ଉତ୍ସବ ତୃତୀୟ ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ଲୋକଗୀତ ଓ ଲୋକନୃତ୍ୟରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆର ନୂଆମଞ୍ଚ ଢୁଲୁକି ଉଠିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ସାଂସ୍କୃତିକ ସଭା ଆୟୋଜନ ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଓରମାସ ପକ୍ଷରୁ ଅନୁଷ୍ଠିତ ପଲ୍ଲୀଶ୍ରୀ ମେଳା ଓ ହସ୍ତତନ୍ତ ମେଳା ବୁଲି ଦେଖିଥିଲେ। ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇ ବଲାଙ୍ଗୀରର ଲୋକକଳାକୁ ପ୍ରୋତ୍ସାହିତ କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହା ସହ କଳାକାର ଭତ୍ତାକୁ ୫ ହଜାର ଟଙ୍କା ବୃଦ୍ଧି କରାଯିବାକୁ ଦାବି କରିବେ ବୋଲି କହିଥିଲେ। ଗୁରୁଶ୍ରୀ ଡ. ଘାସିରାମ ମିଶ୍ର ଲୋକକଳାର ବିକାଶ ଲାଗି ଲୋକକଳା ଏକାଡେମୀ କୋଶଳ କଳାମଣ୍ଡଳରେ ନିର୍ମାଣ କରାଯାଉ ବୋଲି କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟ ଡ. ସଞ୍ଜୟ କୁମାର ମିଶ୍ର ବଲାଙ୍ଗୀରରେ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଲୋକ ସଂସ୍କୃତି ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବାକୁ ଦାବି କରିଥିଲେ। ବଲାଙ୍ଗୀରର କରଙ୍ଗାକଟା ଓ ରାଣୀପୁର ଝରିଆଲର ସୋମସାଗରର ପୁନରୁଦ୍ଧାର କରାଯିବାକୁ ଦାବି କରିଥିଲେ। ମୁଖ୍ୟଅତିଥି ବିଧାୟକ ମିଶ୍ର ବକ୍ତବ୍ୟରେ ବଲାଙ୍ଗୀର କଳା, ସଂସ୍କୃତିର ବିକାଶ ଲାଗି ସାମୁହିକ ଉଦ୍ୟମ ଲୋଡା। ବିରୋଧୀ ଦଳ ଭାବେ ବିଧାନ ସଭାରେ ବଲାଙ୍ଗୀରର କଳା, ସଂସ୍କୃତି ସହ ଅନ୍ୟାନ୍ୟ ବିକାଶ ଦିଗରେ ଅନେକ ଦାବି ଓ ଆଲୋଚନା କରୁଛୁଁ। ତେବେ ଏଦିଗରେ ସରକାର ଦୃଷ୍ଟି ଦେଲେ ଖୁବ୍ ଶୀଘ୍ର ବିକାଶ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ପାଟଣାଗଡ଼ ତେଣ୍ଡାପଦର ରତାଖଣ୍ଡି ଗାଁର ସଞ୍ଚାର କଳାକାର ସୁବୁନି ବରିହାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ତୃତୀୟ ସାଂସ୍କୃତିକ ସନ୍ଧ୍ୟାରେ ଅତିଥି କଳାକାର ଭାବେ ପାଟଣାଗଡ଼ର କଳା ସାଧକ ଭକ୍ତବନ୍ଧୁ ନାଏକ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ମଞ୍ଚ କମିଟି ସହଅଧ୍ୟକ୍ଷ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ କମିଟି ସହଅଧ୍ୟକ୍ଷ କୁନା ବାଗ ପରିଚାଳନା କରିଥିଲେ। ଶେଷରେ ପଡିଆ କମିଟି ସହଅଧ୍ୟକ୍ଷ ସୋମନାଥ ମିଶ୍ର ଧନ୍ୟବାଦ ଦେଇଥିଲେ। ସଭା ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବର୍ଷ ପାଳନ ଅବସରରେ ରାମଧୂନ ପରିବେଷଣ କରାଯାଇଥିଲା। ଆକାଶବାଣୀ କଳାକାର କାଳୀପ୍ରସାଦ ଷଡଙ୍ଗୀ, ସୁଚରିତା ଚାନ୍ଦ, ଶିବାନନ୍ଦ ତ୍ରିପାଠୀ, ଚିନ୍ମୟୀ ସାହୁ, ପ୍ରତିଭା ଭୁଏ ଓ ସାଥୀ ସଙ୍ଗୀତ ଗାନ କରିଥିଲେ। ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମରେ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ, ରାଧାରାଣୀ ସାଂସ୍କୃତିକ ସଂସଦ କାଶ୍ମୀର ଏନ୍‌ଜେଡସିସିର ରୋଫ ନୃତ୍ୟ, ତୁଷୁରାର ବିଷ୍ଣୁପ୍ରିୟା କଳା ପରିଷଦ, ଶିକାରୀ ନୃତ୍ୟ, ଝୁମର, ଆସାମର ବିହୁ, ଅନ୍ୱେଷଣ, ବୀଣାପାଣି ନୃତ୍ୟ ସଙ୍ଗୀତ ବିଦ୍ୟାଳୟ ଟିଟିଲାଗଡ଼, ଡିସିସି ରାୟଗଡା, ଡିସିସି ମାଲକାନଗିରି, ଡିସିସି ସୁନ୍ଦରଗଡ଼ ଲୋକନୃତ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମକୁ କୁମୁଦ ବିହାରୀ ବେଦବାକ, ସରୋଜ ବିଶ୍ୱାଳ, ସ୍ନେହା ପ୍ରତ୍ୟାଷା ନନ୍ଦ, ଅର୍ଜୁନ ସାହୁ, ପ୍ରତୀତି ମିଶ୍ର, ଲିଲି ପଟେଲ, ଜିତେନ୍ଦ୍ର ଛତ୍ରିଆ, ଐଶର୍ଯ୍ୟା ଦାସ ଓ ସୁଧୀର ନାଏକ ପରିଚାଳନା କରିଥିଲେ।



ଅତିଥିମାନେ ସଞ୍ଚାର କଳାକାର ସୁବୁନି ବରିହାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି(ବାମ)। କଶ୍ମୀରର କଳାକାରମାନେ ରୋଫ୍ ନୃତ୍ୟ ପରିବେଷଣ କରୁଛନ୍ତି।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ



### ଆୟୁର୍ବେଦିକ ଚିକିତ୍ସାଳୟର ନୂତନ ଗୃହ ଉଦ୍‌ଘାଟିତ

**ପଲମ,୫।୧(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମୁସ୍କୁଟି ପଞ୍ଚାୟତସ୍ଥିତ ମୁସ୍କୁଟି ଆୟୁର୍ବେଦିକ ଚିକିତ୍ସାଳୟର ନୂତନ ଗୃହ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନର୍ଲା ନିର୍ବାଚନ ମଣ୍ଡଳୀ ବିଧାୟକ ଭୁପିନ୍ଦର ସିଂ ଯୋଗଦାନ ଦେଇ ନୂତନ ଗୃହର ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଶିକ୍ଷାବିତ ଅରୁଣ କୁମାର ପରିଡା, ଆୟୁର୍ବେଦିକ ଚିକିତ୍ସାଳୟ ଡାକ୍ତର ନିର ଝରିକା ବାରିକ, ସମ୍ମାନିତ ଅତିଥି ଭାବେ ନର୍ଲା ବିଡିଓ ବ୍ୟାସଦେବ ବେହେରା ଯୋଗଦାନ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଆଜିକୁ ୭ ବର୍ଷ ହେଲା ନୂତନ ଗୃହ ନିର୍ମାଣ ହୋଇ ଉଦ୍‌ଘାଟନ ହୋଇପାରୁ ନ ଥିଲା । ମାତ୍ର ଡ. ବାରିକ ଓ ଗ୍ରାମବାସୀ ତଥା ପଞ୍ଚାୟତବାସୀଙ୍କ ମିଳିତ ଉଦ୍ୟମରେ ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ସରୋଜ କୁମାର ସାହୁ, ଡିଲେଶ୍ୱର ସାହୁ, ଡମ୍ବରୁଧର ନାଏକ ପ୍ରମୁଖ ବ୍ୟକ୍ତିମାନେ ଯୋଗଦାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବ୍ରଜମୋହନ ହାଇସ୍କୁଲ ୧୯୬୮ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

ଭବାନୀପାଟଣା,୫।୧(ଡି.ଏନ.ଏ.) ସ୍ଥାନୀୟ ସର୍ବପୁରାତନ ବ୍ରଜମୋହନ ହାଇସ୍କୁଲର ୧୯୬୮ ମାଟ୍ରିକ୍ ବ୍ୟାଚ୍‌ର ସପରିବାର ବନ୍ଧୁ ମିଳନ ସହଭାଗି ବିକାଶ ଅଭିଯାନ ସଂସ୍ଥା ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଅଧ୍ୟାପକ ଅଭିନ୍ନ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ଡାକ୍ତର ଅଶୋକ କୁମାର ମୁନଯଡ ଗତ ବର୍ଷ ଅନୁଷ୍ଠିତ ହୋଇଥିବା ସୁବର୍ଣ୍ଣ ଜୟନ୍ତୀ ପାଳନର ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଗତବର୍ଷ ଇହଧାମ ତ୍ୟାଗ କରିଥିବା ବନ୍ଧୁମାନଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନମନ୍ତ୍ରୀ ତଥା ନର୍ଲା ବିଧାୟକ ଭୁପିନ୍ଦର ସିଂ, ଜଗଦିଶ ପ୍ରଧାନ, ଅଧ୍ୟାପକ ମୁରଲିଧର ପ୍ରେମନାଥ ନାଏକ, ପ୍ରଫେସର ରଜନୀକାନ୍ତ ବେହେରା, ନନ୍ଦକିଶୋର ବିଶି ପରିବେଶ ସୁରକ୍ଷା, ଅନାଥମାନଙ୍କୁ ସହାୟତା ଓ ମହିଳା ସଶକ୍ତି କରଣ ସକାଶେ ସମସ୍ତ ବନ୍ଧୁମାନେ ବ୍ରତୀ ହେବା ସକାଶେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଯୁଧିଷ୍ଠିର ସାହୁ, ନରହରୀ ପଟ୍ଟନାୟକ, ଶଙ୍କରଲାଲ ଅଗ୍ରୱାଲ, ପ୍ରମୋଦ ଚନ୍ଦ୍ର ମହାନ୍ତି, ଦେବେନ୍ଦ୍ରନାଥ ଗହିର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ସାଧୁରାମ ଅଗ୍ରୱାଲ ଉପସ୍ଥିତ ନବ ବର୍ଷର ଅଭିନନ୍ଦନ ଜଣାଇ ୨୦୨୦ର ଡାଇରି ପ୍ରଦାନ କରିଥିଲେ।

# ରାସ୍ତା ପାର୍ଶ୍ୱରେ ୧ ହଜାର କୁଇଣ୍ଟାଲ କପା

## ■ କପା ଚାଷୀଙ୍କୁ ଟୋକନ ଦେବା ମନା, ଅନିନିଆ ବର୍ଷାରେ ପଡ଼ିଛି

**କେସିଙ୍ଗା,୫।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ କୋଣାର୍କ ସ୍ପିନିଂ ମିଲର ଉଭୟ ରାସ୍ତାପାର୍ଶ୍ୱରେ ପଡି ରହିଛି କପା ବୋଝେଇ ଗାଡି । ଆଜକୁ ୬ ଦିନ ବିତି ଯାଇଥିଲେ ସୁଦ୍ଧା ସିସିଆଇ ଚାଷୀଙ୍କଠାରୁ କପା କିଣୁ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅଦିନିଆ ବର୍ଷା ଲାଗି ରହିଥିବାରୁ ଚାଷୀମାନଙ୍କୁ ଆରଏମସି ପକ୍ଷରୁ କପା ଆଣିବାକୁ ମନା କରାଯାଇଥିଲା। ଚାଷୀମାନେ ଘରେ ସାଇତି ରଖିବାକୁ ମଧ୍ୟ ସର୍ତକ କରି ଦିଆଯାଇଛି । କିନ୍ତୁ ଚାଷୀମାନେ ବର୍ଷା ହେବା ସତ୍ତ୍ୱେ ମଧ୍ୟ କେସିଙ୍ଗା କୋଣାର୍କ ସୂତାକଳକୁ ଆଣି ରାସ୍ତାର ଉଭୟ ପାର୍ଶ୍ୱରେ ଟ୍ରାକ୍ଟର, ୪୦୭ ଗାଡି ରଖୁଥିବାରୁ କେସିଙ୍ଗାଠାରୁ ଏମ.ରାମପୁରକୁ ସଂଯୋଗ ହୋଇଥିବା ପିଡବ୍ଲୁ ରାସ୍ତା ଉପରେ ଜାମ ରହିବା ସହିତ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ଦେଖାଦେଉଛି । ଚାଷୀମାନେ ବହୁ କଷ୍ଟରେ କପା ଅମଳ କରି ବିକ୍ରି କରିବାକୁ ନେଇ ୬ ଦିନ ହେଲା ଶୀତ,



ବର୍ଷାରେ କପା ବୋଝେଇ ଗାଡ଼ି ଅଟକି ରହିଛି।

ବର୍ଷାରେ ପଡି ରହିଥିଲେ ସୁଦ୍ଧା ଆରଏମସି ପକ୍ଷରୁ ଟୋକନ ଦିଆଯାଇ ନ ଥିବାରୁ ୩୦ଜଣ ଚାଷୀଙ୍କ ୧ ହଜାର କୁଇଣ୍ଟାଲ କପାକୁ ପଲିଥିନ ଢ଼ାଙ୍କି ରାସ୍ତା ଉପରେ ପଡି ରହିଛନ୍ତି। ଗତ ସୋମବାରଠାରୁ ଉତ୍‌କେଲା ମଣ୍ଡିଠାରୁ କପା କିଣିବା ପାଇଁ ଟୋକନ ମନା କରାଯାଇଛି। ଚାଷୀମାନେ ଘରେ ରଖିବାକୁ ଜାଗା ନ ଥିବାରୁ କେସିଙ୍ଗା ସ୍ପିନିଂ ମିଲକୁ ନେଇ କପା ବିକ୍ରି କରିବା ଆଶାରେ ଥିଲେ ସୁଦ୍ଧା ଆଜି ଯାଏ କପା ପଡିରହିଛି । କେସିଙ୍ଗା ବ୍ଲକର ଉତକେଲା, ସଦର ବ୍ଲକର କର୍ଲାପଡା ଓ କେସିଙ୍ଗା ସ୍ପିନିଂ ମିଲସରେ କପା ମଣ୍ଡି ଖୋଲିବା ପାଇଁ ଜିଲାପାଳ ଆଦେଶ ଦେଇଛନ୍ତି । ଏହି କପା କିଣିବା ପାଇଁ କଟକ କର୍ପୋରେସନ ଅଫ୍ ଇଣ୍ଡିଆକୁ ଦାୟୀତ୍ୱ ଦିଆଯାଇଛି । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଦୈନିକ ୬୦ କୁଇଣ୍ଟାଲ କପା କିଣିବାକୁ ସିସିଆଇକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ୨ ତାରିଖ ସୁଦ୍ଧା ସିସିଆଇ ୧୦ ହଜାର ୬୨୮.୦୭ କୁଇଣ୍ଟାଲ କିଣିଥିବା ବେଳେ ନେଚୁରାଲ ଅର୍ଗାନାଇକ ଫାର୍ମ ୧ ହଜାର ୧୭୪.୮୨ କୁଇଣ୍ଟାଲ, ଡିକେ ଟ୍ରେଡିଂ କୋ ଲିମିଟେଡ କେସିଙ୍ଗା ୪୪.୦୨, ସୁମିନ୍ତର ଇଣ୍ଡିଆ ପ୍ରା.ଲିଃ. ୨ ହଜାର ୨୨୬.୬୭ କୁଇଣ୍ଟାଲ, ସ୍ୱେଟ୍ରମ ଇଣ୍ଡିଆ ପ୍ରା. ଲିଃ. ୪୩୭.୨୧ କୁଇଣ୍ଟାଲ, ହନୁମାନ କଟେକ୍ସ ପ୍ରା.ଲିଃ. ଗଜବାହାଲ ୧ ହଜାର ୨୭୦ କୁଇଣ୍ଟାଲ ଏହିପରି ୧୫ ହଜାର ୭୮୦ କୁଇଣ୍ଟାଲ ୭୯ କେଜି କିଣା ସରିଛି । ଏହି ସବୁ କପାକୁ ସିସିଆଇ ନେଚୁରାଲ ଅର୍ଗାନିକ ଫାର୍ମ, ଭାଗ୍ୟଲକ୍ଷ୍ମୀ ଓ କୋଣାର୍କ ସୁପକଳରେ ଭଡା ସୂତ୍ରରେ ନେଇ କପାକୁ ଜିନିଙ୍ଗ କରାଯାଇ ବାହାର ରାଜ୍ୟକୁ ରପ୍ତାନି କରାଯାଉଛି । କପା କୁଇଣ୍ଟାଲ ପ୍ରତି ୫ ହଜାର ୫୫୦ ଟଙ୍କା ସିସିଆଇ ଦେବାର ନିୟମ ରହିଛି । କିନ୍ତୁ କପାର ମାନ ନିର୍ଣ୍ଣୟ କରାଯାଇ କିଛି ମାତ୍ରାରେ ଟଙ୍କା କଟା ଯାଉଛି। ବର୍ଷା ଓ ଶୀତରେ ୩୦ଜଣ ଚାଷୀ ଆଜକୁ ୬ ଦିନ ହେଲା ୧ ହଜାର କୁଇଣ୍ଟାଲ କପାକୁ ବହୁ କଷ୍ଟରେ ଜଗି ରହିଛନ୍ତି । ଯଥାଶୀଘ୍ର କପା ନେବା ପାଇଁ ଚାଷୀ ପୀତ ସାହୁ, ତ୍ରିନାଥ ସାହୁ, କୌତୁକ ସାହୁ, ଦିନେଶ ବିଭାର, ପ୍ରହ୍ଲାଦ ସୁନା ପ୍ରମୁଖ ବହୁ ଚାଷୀ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ କେସିଙ୍ଗା ଆରଏମ୍‌ସିର ସମ୍ପାଦକ ସନ୍ତୋଷ ସାହାଙ୍କୁ ପଚାରିବାରୁ ଅଦିନିଆ ବର୍ଷା ଯୋଗୁ ଜିଲାପାଳ ଟୋକନ ଦେବା ପାଇଁ ମନା କରିଛନ୍ତି। ପାଗ ଶୁଖିଲା ହେଲେ ଟୋକନ ଦିଆଯିବ ବୋଲି ପ୍ରକାଶ କରିଥିଲେ ।

# ଇନ୍ଦ୍ରାବତୀରୁ ରବିଚାଷ ପାଇଁ ଜଳସେଚନ ଆରମ୍ଭ

**ଜୟପାଟଣା,୫।୧(ଡି.ଏନ.ଏ.)**

ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ଅନ୍ତର୍ଗତ ମଙ୍ଗଳପୁରସ୍ଥିତ ହାତୀ ବ୍ୟାରେଜର ଉଭୟ ବାମ ଓ ଦକ୍ଷିଣ କେନାଲରେ ଚଳିତ ରବି ଚାଷ ପାଇଁ ରବିବାରଠାରୁ ଜଳ ସେଚନ ଆରମ୍ଭ କରାଯାଇଛି । ହାତୀ ବ୍ୟାରେଜର ସଂଗୃହୀତ ଜଳସ୍ତର ୨୬୦.୯ ମି.ରେ ପହଞ୍ଚିବା ପରେ ରବିବାର ସାଢେ ୧୨ଟାରେ ଜଳ ଛଡ଼ା ଯାଇଥିଲା । ସୂଚନା ଯେ, ଚଳିତ ରବି ଚାଷ ପାଇଁ ଇନ୍ଦ୍ରାବତୀ ଜଳ ସେଚନ ବିଭାଗ ୫୨,୬୧୩.୦୮୬ ହେକ୍ଟର ଜମିରେ ଜଳ ସେଚନର ଲକ୍ଷ ରଖାଯାଇଛଇ। ଜୟପାଟଣା ବ୍ଲକର ୫୬ ଖଣ୍ଡ ଗ୍ରାମରେ ୧୨,୭୯୨.୪୬୪, କଳମପୁର ୪୮ ଗ୍ରାମରେ ୯,୪୬୦.୦୭. କୋକସରା ୧୨ ଗ୍ରାମରେ ୨୦୧୨.୨୯୬, ଜୁନାଗଡ଼ ୧୩୬ ଗ୍ରାମରେ ୨୦,୨୮୦.୮୨୬ ହେକ୍ଟର ଓ ଧର୍ମଗଡ଼ ବ୍ଲକର ୬୨ ଖଣ୍ଡ ଗ୍ରାମରେ ୮୦୬୭.୪୨୬ ହେକ୍ଟର ଜମିରେ ଜଳ ସେଚନର ଲକ୍ଷ ରଖାଯାଇଛି। ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳସ୍ତର ଆଜି ବି ସର୍ବୋଚ୍ଚ ସୀମାରେ ୬୪୦.୧ରେ ରହିଥିବା ବେଳେ ଚଳିତବର୍ଷ ଜଳ ସେଚନ ଓ ବିଜୁଳି ଉତ୍ପାଦନ ଠିକ୍ ରହିବ ବୋଲି ଆଶ ରଖାଯାଇଛି।



ମଙ୍ଗଳପୁରସ୍ଥିତ ହାତୀ ବ୍ୟାରେଜ ।



ଦୁର୍ଘଟଣାଗ୍ରସ୍ତ ଟାଟା ଏସିଇ ଗାଡ଼ି ।

### ଟୋକି ପରବ ଦେଖିଯିବାବେଳେ ଦୁର୍ଘଟଣା

# ଓଲଟିଲା ଟାଟା ଏସିଇ, ୫ ଗୁରୁତର

**କୋକସରା, ୫।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ନିକଟରେ ରବିବାର ଟାଟା ଏସିଇ ଗାଡ଼ି ଏକ ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଗାଡି ପଛପଟେ ଡାଲାରେ ଠିଆ ହୋଇଥିବା ଲୋକମାନେ ରାସ୍ତାକଡଲୁ ଛିଟିକି ପଡିଥିଲେ। ଏଥିରେ ୮ରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ହୋଇ ପଡିଥିଲା। ସ୍ଥାନୀୟ ଲୋକମାନେ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିବା ସହ କୋକସରା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆହତଙ୍କୁ ପ୍ରଥମେ ପୋଲିସ ଗାଡିରେ କୋକସରା ଡାକ୍ତରଖାନାକୁ ଆଣି ଭର୍ତ୍ତି କରିଥିଲେ । ଗୁରୁତରମାନଙ୍କ ମଧ୍ୟରେ ଗମ୍ଭାରୀଗୁଡା ଗ୍ରାମର ଖଗେଶ୍ୱର ଗହୀର (୫୦), ଫୁପଗାଁର ପିଣ୍ଟୁ ଠାକୁର (୨୫), ବୈକୁଣ୍ଠ ଠାକୁର (୪୦) ଓ ସୁନାମାଲ ଗ୍ରାମର ପୁରନ୍ଦର ହଂସ (୨୫), ବସନ୍ତ ମାଝି (୨୫)। ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଲ ଓ ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମର ପାଖାପାଖି ୨୦ ରୁ ୨୫ ଜଣ ରବିବାର ଏକ ଟାଟା ଏସିଇ ଗାଡ଼ି (ନଂ. ଓଡି୦୮ସି-୦୬୮୨) ଯୋଗେ କଲମପୁର ବ୍ଲକ ଖଣି ଡଙ୍ଗରୀଗୁଡା ଗ୍ରାମରେ ଅନୁଷ୍ଠିତ ହେଉଥିବା ଟୋକିମରା ପର୍ବ ଦେଖିବା ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏ ନେଇ କୋକସରା ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ପିକଅପ ଗାଡିଟିକୁ ଜବତ କରିଛି। ଏହି ଘଟଣାରେ ଲଡୁଗାଁର ଗାଡ଼ି ମାଲିକ ରମେଶ ଚନ୍ଦ୍ର ଦାସଙ୍କୁ ପଚରାଉଚୁରା ଜାରି ରଖିଥିବା ନେଇ ତଦନ୍ତକାରୀ ପୋଲିସ ଅଫିସର ଜନ୍ମେଜୟ ବାଗ ସୂଚନା ଦେଇଛନ୍ତି ।

### ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

**ଭବାନୀପାଟଣା,୫।୧ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ସର୍ଗିଗୁଡା ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଓ ଆଲୁମ୍ନାଇ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯଅଇଛି। ଏବିଓ ଜୟକୁମାର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ ମୁଖ୍ୟଅତିଥି, ରାଜ୍ୟ ସାଧନ କର୍ମୀ ଜୟନ୍ତ ପତି ମୁଖ୍ୟବକ୍ତା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ରବି କାନୁନଗୋ, ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ, ସମିତି ସଭ୍ୟା ମନୀଷା ଭୋଇ, ରୋଶନ ଲାଲ ଛତର, ସିଆରସିସି ବଶିଷ୍ଠ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ସୀମାଞ୍ଚଳ ଗହିର ସ୍କୁଲ ପାଇଁ ଜମି ଦାନ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ହିମାଞ୍ଚଳ ସାହୁ ଉଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ଟଙ୍କଧର ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ଜାନୀ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଧନଞ୍ଜୟ ଗହିର, ସ୍କୁଲ ସଭାପତି ବିରଞ୍ଚି ବେମାଲ, ପ୍ରତାପ ଗହିର, ହୃଦାନନ୍ଦ ହାତୀ, ବଜରଙ୍ଗ ନାଗ, ରୁପେନ୍ଦ୍ର ବର୍ଗର୍ତ୍ତି, ପଞ୍ଚାନନ ରାଉ. ମାନସ ପଧାନ ପ୍ରମୁଖ ସହଯୋଗ କରିଥିଲେ।

### କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ଭଲିବଲ ପ୍ରତିଯୋଗିତା

# ଭଇଁରୀଗୁଡ଼ା ଚାମ୍ପିୟନ

**ଜୁନାଗଡ଼, ୫।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଓ ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଉପଲକ୍ଷେ ରବିବାର ସ୍ଥାନୀୟ ବିଜୁପଟ୍ଟନାୟକ ଷ୍ଟାଡିୟମଠାରେ ଏକ ଭଲିବଲ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। କ୍ରୀଡା କମିଟି ଅଧକ୍ଷ ସମୀର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଥାନାଧିକାରୀ ଉତ୍ତମ କୁମାର ସାହୁ, ପ୍ରେସ କ୍ଲବ ସଭାପତି ରଜନୀ କାନ୍ତ ବୈଠାରୁ, ବିଧାୟକ ପ୍ରତିନିଧି ମହେଶ କୁମାର ସାହୁ, ଆଇନଜୀବୀ ସଂଘର ସମ୍ପାଦକ ମହେଶ କୁମାର ସାହୁ, ଜୁନାଗଡ ସାମ୍ବାଦିକ ସଂଘର ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ସିଂଦେଓ, ସଞ୍ଜୀବ କୁମାର ଦାଶ, ଉପସଭାପତି ଉତ୍ତମ କୁମାର ଦାଶ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ମଲ୍ଲିକ, ଡବ୍ଲୁଇଓ ସୁମନ୍ତ କୁମାର ମାଝି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜୁନାଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ହରିପୁର ରୋଡ) ସଭାପତି ସରୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ପରେ ଭଲିବଲ ପ୍ରତିଯୋଗିତା ହୋଇଥିଲା। ଫାଇନାଲ ଖେଳ ଭଇଁରୀଗୁଡା ଓ ଜୁନାଗଡ ଅଗ୍ନିଶମ ବିଭାଗ ମଧ୍ୟରେ ହୋଇଥିଲା। ଏଥିରେ ଭଇଁରୀଗୁଡା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଏହି ପ୍ରତିଯୋଗୀତାରେ ୧୦ଟି ଦଳ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ନିର୍ମଳ ଦଣ୍ଡସେନା, ମନୋଜ ବିଶ୍ୱାଳ, ସୀତାକାନ୍ତ ପ୍ରଧାନ, ଦୁର୍ଗା ଶଙ୍କର ସିଂ,କଳ୍ପନା ରାଉତ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସେହିପରି ପପୁ ପଣ୍ଡା, ପରେଶ ପଣ୍ଡା, କାଳିନ୍ଦ୍ରୀ ପାଣିଗ୍ରାହୀ, କାଳିଆ କନ୍ଦପାନ, ଉପେନ୍ଦ୍ର ମୁଣ୍ଡ, ସିକନ୍ଦର ମାଝି ପ୍ରମୁଖ ସହଯୋଗ କରିଥିଲେ।



ଉଦ୍‌ଘାଟନୀ ସମାରୋହରେ ଅତିଥିଙ୍କ ସହ ଖେଳାଳିମାନେ।



ସଡ଼କ ସୁରକ୍ଷା ସପ୍ତାହ ପାଳନ ନେଇ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

### କଳାହାଣ୍ଡି ଆଞ୍ଚଳିକ ପରିବହନ ବିଭାଗ

# ୧୧ରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ

**ଭବାନୀପାଟଣା,୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ସଡକ ସୁରକ୍ଷା ସପ୍ତାହ ଆସନ୍ତା ୧୧ ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଏଥିସକାଶେ କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଦିନବନ୍ଧୁ ଶୁଣ୍ଠି ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ୧୧ ତାରିଖରେ ଜିଲାପାଳଙ୍କ ବାସଭବନ ସମ୍ମୁଖରେ ଏକ ରାଲି ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ, ଏନ୍‌ଏମ୍ ଛାତ୍ରୀମାନଙ୍କୁ ନେଇ ବାହାର କରାଯିବ । ଉକ୍ତ ଦିନ ଏକ ସଚେତନତା ରଥ ବାହାର କରାଯାଇ ସମଗ୍ର ଜିଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତ ଅଞ୍ଚଳ ଗସ୍ତ କରି ୧୭ ତାରିଖରେ ଭବାନୀପାଟଣାଠାରେ ପହଞ୍ଚିବ। ୧୨ ତାରିଖରେ ଭବାନୀପାଟଣାସ୍ଥିତ ଜିଲା ସଦର ମହକୁମାର ଡାକ୍ତରଖାନାଠାରେ ରକ୍ତ ଦାନ ଶିବିର ଓ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯିବ। ସେହିଭଳି ୧୩ ତାରିଖରେ କେସିଙ୍ଗାଠାରେ ଚକ୍ଷୁ ପରୀକ୍ଷା ଶିବିର, ୧୪ରେ ଧର୍ମଗଡ ଓ ଜୁନାଗଡଠାରେ ଚକ୍ଷୁ ପରୀକ୍ଷା ଶିବିର, ୧୫ରେ ଛାତ୍ରୀଛାତ୍ର, ସିନିୟର ସିଟିଜନ, ଏନ୍‌ସିସି ଶିକ୍ଷକ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ସଡକ ସୁରକ୍ଷା ସମ୍ପର୍କରେ ଏକ ଆଲୋଚନାଚକ୍ର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହେବ। ସେହିଭଳି ୧୬ରେ ଗାଡି ଚାଳକମାନଙ୍କୁ ନେଇ ସରକାରୀ ଆଇଟିଆଇ ପରିସରରେ ଗାଡି ଚାଳକ, ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନଙ୍କୁ ନେଇ ଫାଷ୍ଟେଡ୍ ତାଲିମ ଦିଆଯିବ। ୧୭ ତାରିଖ ଉଦ୍‌ଯାପନୀ ଦିବସରେ ଡ୍ରାଇଭିଙ୍ଗ ତାଲିମ୍ ଟ୍ରାକ କୁସାଡୁଙ୍ଗରିଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ଏହି ସପ୍ତାହବ୍ୟାପି ସଡକ ସୁରକ୍ଷା ସମୟରେ ଜିଲାର ବିଭିନ୍ନ ସ୍ଥାନରେ ହେଲମେଟ ଚେକିଙ୍ଗ, ମଦ୍ୟପ ଡ୍ରାଇଭର ଚେକିଙ୍ଗ, ଯାନ ବାହାନ କାଗଡପତ୍ର ଯାଞ୍ଚ, ଓଭର ଲୋଡିଙ୍ଗ, ସିଟ ବେଲ୍ଟ ଆଦି ଯାଞ୍ଚକୁ ଜୋରଦାର କରାଯିବ ଏବଂ ଅଭିଯୁକ୍ତମାନଙ୍କଠାରୁ ଫାଇନ୍ ଆଦାୟ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଶୁଣ୍ଠି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୋଲିସ ବିଭାଗ କର୍ମକର୍ତ୍ତା, ପୂର୍ତ୍ତବିଭାଗ ଯନ୍ତ୍ରୀ, ଗ୍ରାମ ଉନ୍ନୟନ ସଂସ୍ଥା ଯନ୍ତ୍ରୀ, ଯାତୀୟ ରାଜପଥ ବିଭାଗ ଯନ୍ତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ସଡକ ସୁରକ୍ଷା କମିଟି କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ସିନିୟର ଏମ୍‌ଭିଆଇ ସମ୍ବିତ କୁମାର କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଟୋକିପର୍ବ

**ଜୟପାଟଣା/କଳମପୁର, ୫।୧ (ଡି.ଏନ.ଏ.)**

**ଜୟପାଟଣା, କଳମପୁର ବ୍ଲକ**

ଚଳିତବର୍ଷ କଳାହାଣ୍ଡି ଜିଲାର କୃଷି ଭିତ୍ତିକ ଟୋକି ପର୍ବ ଜୟପାଟଣା ବ୍ଲକ୍ ଅନ୍ତର୍ଗତ ଜାମୁଆଁ ଓ କନକପୁରଠାରେ ପାଳିତ ହୋଇଯାଇଛି। ଏହି ପାଳନ ଉପଲକ୍ଷେ ଗୁରୁବାର ଗୁରୁପୂଜା, ଶୁକ୍ରବାର ସୁଖେ ଖାଇବା, ଶନିବାର ଧାଇଁବା ଏବଂ ରବିବାର ମାରିବା ଆଦି ପରମ୍ପରା ରହିଆସଛ। ବିଶେଷ କରି ଆଦିବାସୀ ସମ୍ପ୍ରଦାୟର ପ୍ରଜା, କନ୍ଧ, ଗଣ୍ଡ, ଭତରା, ହରିଜନ ଆଦି ତାଙ୍କର ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଧନୁ, ତୀର, ଟାଙ୍ଗୀଆ, ବର୍ଚ୍ଛା, ଖଣ୍ଡା, ଫାର୍ସା ଧରି ମହୁଲି ମଦର ତାଳେ ତାଳେ ନୃତ୍ୟ କରିଥାନ୍ତି। ପୂର୍ବରୁ ଏକ ଟୋକୀ (କୁଆଁରୀ କନ୍ୟା)ଙ୍କୁ ଜିଅନ୍ତା ମଦ ନିଶା ମାତାଲ କରି ଧରଣୀ ଖୁଣ୍ଟରେ ବାନ୍ଧି ଦିଆଯାଉଥିଲା। ପରେ ଉପରେ ଉପସ୍ଥିତ ଆଦିବାସୀମାନେ ସେହି ଟୋକୀ (କୁଆଁରୀ କନ୍ୟା) ଦେହର ମାଂସକୁ କାଟି ନେବା ପାଇଁ ନିଜ ଭିତରେ ପ୍ରତିଯୋଗିତା ହେଉଥିଲା। ଏଥିପାଇଁ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ସୁତ୍ରପାତ ହେଉଥିଲା। କାଳକ୍ରମେ ଏହି ପରମ୍ପରା କୁଆଁରୀ କନ୍ୟା ବଦଳରେ ଏକ ଜିଅନ୍ତା ମେଣ୍ଢାର ମାଂସକୁ ନେବା ପାଇଁ ଆଦିବାସୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳୁଥିବା ବେଳେ ବର୍ତ୍ତମାନ ମଧ୍ୟ ଗୋଷ୍ଠୀ ସଂଘର୍ଷ ହେଉଥିବା ଦେଖିବାକୁ ମିଳୁଛି । ବିଶ୍ୱାସ ଅଛି ଏହି ମେଣ୍ଢାର ମାଂସକୁ ନେଇ ନିଜ ଗାଁ ତଥା ଜମିରେ ପୋତିଲେ ସେହି ବର୍ଷ ଫସଲ ଭଲ ହେବା ସହ ସୁଖ ଶାନ୍ତିରେ ବର୍ଷ କଟୁଥିବା ବିଶ୍ୱାସ ରହିଛି । ଟୋକି ପର୍ବ ସମାପ୍ତିର ପରଦିନ ସୋମବାର ଧାଙ୍ଗଡ଼ି ଦୋଳା ପର୍ବ ପାଳନ କରାଯାଇ ଥାଏ। ଆଦିବାସୀ ଯୁବକ ଯୁବତୀମାନେ ନିଜ ନିଜର ସାଥି ଚୟନ କରିବା ସହ ମୌଜ ମଜଲିସ କରିଥାନ୍ତି।

ସେହିପରି କଳମପୁର ବ୍ଲକର ଖଣ୍ଡିଡୁଙ୍ଗୁରିଗୁଡା, କଦଳୀଚୁଆଁ, ଚୂରାଗାଁ ପ୍ରଭୃତି ସ୍ଥାନରେ ଚାଲିଥିବା ଟୋକିପର୍ବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପାରମ୍ପାରିକ ରୀତିରେ ପୂଜାର୍ଚ୍ଚନା କରାଯାଇ ପୂଜାପଦ୍ଧତି ନିୟମାନୁସାରେ ଗୁରମେ, ଜାନି, ବିସାରି, ମୁଦ୍ରାଧରିଆ ଆଦିବାସୀ ଅଧୁଷିତ ଲୋକଙ୍କୁ ଆମନ୍ତ୍ରଣ କରିବା ସହ ଏହାର ବୈଦ୍ଧତା ଭିତ୍ତିରେ ପୂଜା କରାଯାଇଥାଏ। ଏହି ପର୍ବ କଳମପୁର ବ୍ଲକ ଅନେକ ଗାଁରେ ହେଉଥିଲେ ମଧ୍ୟ ଖଣ୍ଡଡୁଙ୍ଗୁରିଗୁଡା ଗ୍ରାମରେ ଗତ ୨୦୧୭ରୁ ହୋଇଆସୁଛି। ସେହିପରି ଖଣ୍ଡିଡୁଙ୍ଗୁରିଗୁଡାରେ ୧୬ଟି କଣ୍ଡିରି ଏବଂ କଦେଳଚୁଆଁଠାରେ ୩୬ଟି କଣ୍ଡିରି ଏବଂ ଚୁରାଗାଁଠାରେ ୫ଟି କଣ୍ଡିରି ଅଂଶଗ୍ରହଣ କରିଥିଲେ। ଏହି ପର୍ବ ୩ବର୍ଷକୁ ଥରେ ହେଉଥିବା ବେଳେ ଏହି ଗ୍ରାମରେ ବହୁ ଜାକଜମକ ସହ ହୋଇଥିଲା। ଖଣ୍ଡଡୁଙ୍ଗୁରିଗୁଡା ଗ୍ରାମର ସଭାପତି ଗୌତମ ବିହାରୀ, ସମ୍ପାଦକ ଅପସିଂହ ମାଝି, ଗାଁ ଗୌନ୍ତିଆ ସୁଦର୍ଶନ ମାଝି, ପୂଜାରୀ ମଦନ ମାଝି ତଥା ଗ୍ରାମର ମୀନକେତନ ମାଝି, ସୁଶାନ୍ତ ବିହାରୀ, ଭଗବାନ ବିହାରୀ, ଭଗବାନ ମାଝି, ପବିତ୍ର ବାଗ, କ୍ଷୀରସିନ୍ଧୁ ବାଗ ପ୍ରମୁଖ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୋକି ପର୍ବରେ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ପର୍ବରେ ଜୟପାଟଣା ଥାନା ଅନ୍ତର୍ଗତ କୁଟୁଫାଣ୍ଡି ଏବଂ କଳମପୁର ଫାଣ୍ଡି ପୋଲିସ ନିୟୋଜିତ ହୋଇ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ ।





ଜୟପାଟଣା ଏବଂ କଳମପୁର ବ୍ଲକ୍‌ରେ ଟୋକି ପର୍ବ ପାଇଁ ପୂଜାର୍ଚ୍ଚନା କରାଯାଉଛି।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆଁ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ

## ସଂକ୍ଷେପରେ

### ମହିଳା ସଙ୍ଗଠନ ନାୟିକା ପକ୍ଷରୁ ଆଲୋଚନା ସଭା

**ରାଉରକେଲା ଅଫିସ, ୫।୧-** ମହିଳା ସଙ୍ଗଠନ ନାୟିକା ପକ୍ଷରୁ ଏହାର ନିଜସ୍ୱ କାର୍ଯ୍ୟାଳୟ ସେକ୍ଟର- ୭ ଠାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ସୁବ୍ରତା ପତି ଏଥିରେ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦିକା କନକଲତା ଦାସଙ୍କ ଆହ୍ୱାନକ୍ରମେ ଆୟୋଜିତ ବୈଠକରେ ଅର୍ଚ୍ଚନା ତରାଇ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧନ ନେଇ ଆଲୋକପାତ କରିଥିଲେ। ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଓ ସହଭାଗିତା ଅନେକ ଆହ୍ୱାନକୁ ସମାଧାନ କରିବାର ବାଟ ଫିଟାଇଥାଏ ବୋଲି ସେ ମତ ପ୍ରକାଶ କରିଥିଲେ। ଏଥିରେ ଡଲିରାଣୀ ବ୍ରହ୍ମା, ମଞ୍ଜୁଳା ରଥ, ରଶ୍ମିବାଳା ରାଉତରାୟ, ସ୍ନେହଲତା ପଟ୍ଟନାୟକ, ରୀତା ଦାସ, ରୁନୁ ବେକ, ସୁଲତା ପାଢ଼ି, ନିରୁପମା ମିଶ୍ର, ଇତିଶ୍ରୀ ଦାସ, ସୋହନ ବେହେରା, ଚିତ୍ତରଞ୍ଜନ ବ୍ରହ୍ମା, ସଚ୍ଚିଦାନନ୍ଦ ତରାଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବେଦବ୍ୟାସ ଟ୍ରକ୍ ଓନର୍ସ ଆସୋସିଏଶନ ସାଧାରଣ ପରଷଦ ବୈଠକ

**ରାଉରକେଲା ଅଫିସ, ୫।୧-** ବେଦବ୍ୟାସ ଟ୍ରକ ଓନର୍ସ ଆସୋସିଏଶନ ପକ୍ଷରୁ ରବିବାର ପୂର୍ବାହ୍ନ ୧୧ଟାରେ ଏହାର ନିଜସ୍ୱ କାର୍ଯ୍ୟାଳୟ ପରିସରରେ ବିଜୟ ପ୍ରଧାନଙ୍କ ଅଧକ୍ଷତାରେ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ସାଧାରଣ ସମ୍ପାଦକ ବିଗତ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଯାହା ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା। ଏହି ଅବସରରେ ୨୦୨୦ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ କେବଳ ଉପସଭାପତିଙ୍କୁ ବାଦ ଦେଲେ ପୂର୍ବବତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟ କରିବାକୁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହି ଅନୁସାରେ ବିଜୟ ପ୍ରଧାନଙ୍କୁ ସଭାପତି, ସୁଖବିନ୍ଦର ସିଂ ଉପସଭାପତି, ବିଶ୍ୱରଞ୍ଜନ ବେଉରାଙ୍କୁ ସାଧାରଣ ସମ୍ପାଦକ ପଦ ବଜାୟ ରଖିବାକୁ ନିଷ୍ପତି ନିଆଯାଇ ଥିଲା। ସେହିଭଳି ସହ ସମ୍ପାଦକ ଭାବେ ଜୟବାହାଦୂର ସିଂ ଓ ରବିଶଙ୍କର ପାଣ୍ଡେ ରହିଥିବା ବେଳେ କୋଷାଧକ୍ଷ ଭାବେ ବିନ୍ଦେଶ୍ୱର ସିଂଙ୍କୁ ଚୟନ କରାଯାଇଛି। ଖୁବଶୀଘ୍ର ସଙ୍ଗଠନର ସମ୍ପୂର୍ଣ୍ଣ କାର୍ଯ୍ୟକାରିଣୀ ଗଠନ ସହ ବୈଠକ ଆୟୋଜନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

# କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତିକୁ ବିରୋଧ

■ ସର୍ବଭାରତୀୟ ଧର୍ମଘଟ ନେଇ ଶ୍ରମିକ ସଙ୍ଗଠନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

**ରାଉରକେଲା ଅଫିସ, ୫।୧**

କେନ୍ଦ୍ର କ୍ଷମତାସୀନ ମୋଦି ସରକାରଙ୍କ ଜନମାରଣ ନୀତି ବିରୋଧରେ ଦେଶର ପ୍ରମୁଖ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଆସନ୍ତା ୮ରେ ଧର୍ମଘଟ ଡାକରା ଦିଆଯାଇଛି। ଏହାକୁ ସଫଳ କରାଇବା ନେଇ ରବିବାର ଷ୍ଟିଲ ସିଟିରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ବୈଠକ କରାଯାଇଥିଲା। ସିଆଇଟିୟୁ ପକ୍ଷରୁ ସେକ୍ଟର- ୧୬ ଶ୍ରମିକ ଭବନଠାରେ ଆୟୋଜିତ ବୈଠକରେ ଶ୍ରୀମନ୍ତ ବେହେରା ଅଧକ୍ଷତା କରିଥିଲେ। ଏଥିରେ ସଙ୍ଗଠନର ରାଷ୍ଟ୍ରୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତି ବକ୍ତବ୍ୟ ପ୍ରଦାନ କରି କହିଥିଲେ, ମୋଦି ସରକାରଙ୍କ ଆଚ୍ଛା ଦିନ ଆଶା ସମ୍ପୂର୍ଣ୍ଣ ମଉଳି ଯାଇଛି। ୨କୋଟି ବେକାରଙ୍କୁ ନିଯୁକ୍ତି, ପ୍ରତ୍ୟେକ ଖାତାଧାରୀଙ୍କୁ ୧୫ ଲକ୍ଷ ପ୍ରଦାନ, କୃଷି ଓ କୃଷକଙ୍କ ଉନ୍ନତି, ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଭଳି ବହୁ ଲୋଭନୀୟ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ମୋଦି। ଯାହା ପାଳନ କରିବାରେ କେନ୍ଦ୍ର ସରକାର ଅସମର୍ଥ ହୋଇଛନ୍ତି। ନିଜ ଅପାରଗତାକୁ ଲୁଚାଇବାକୁ ଯାଇ ଏବେ ସାମ୍ପ୍ରଦାୟିକ ବିଷ ମଞ୍ଜି ବୁଣା ଯାଉଛି ବୋଲି ମହାନ୍ତି ଅଭିଯୋଗ କରିଥିଲେ। ଦେଶରେ ଆଳୁପିଆଜଠୁ ନେଇ ରନ୍ଧନ ଗ୍ୟାସ, ପେଟ୍ରୋଲ ଡିଜେଲ ଆଦି କ୍ଷେତ୍ରରେ ଆଶାତୀତ ଦର ବୃଦ୍ଧି ଘଟିଛି। ରେଳଠୁ ନେଇ ଅନ୍ୟ ସମସ୍ତ କ୍ଷେତ୍ରରେ ଟିକସ ବଢ଼ିବାରେ ଲାଗିଛି। ଶ୍ରମିକ ହକ ଲୁଟିବାରେ ମୋଦି ରେକର୍ଡ ସୃଷ୍ଟି କରିଛନ୍ତି। ମୋଟାମୋଟି ଭାବେ ସାମଗ୍ରିକ ଭାବେ ବିଫଳ ହୋଇଥିବା ମୋଦି ସରକାରଙ୍କ ଜନମାରଣ ନୀତି ବିରୋଧରେ ଆସନ୍ତା ୮ରେ ଯେଉଁ ସାଲିସହୀନ ସଂଗ୍ରାମ ଡାକରା ଦିଆଯାଇଛି ସେଥିରେ ସମସ୍ତେ ସାମିଲ ହେବାକୁ ମହାନ୍ତି ଆହ୍ୱାନ ଦେଇଥିଲେ। ଏଥିରେ ବରିଷ୍ଠ ନେତା ବିମାନ ମାଇତି, ବସନ୍ତ ନାୟକ, ଶକ୍କୁନ୍ତଳା ମହାକୁଡ, ହୃଦାନନ୍ଦ ଯାଦବ, ବିପି ମହାପାତ୍ର, ରାଜକିଶୋର ପ୍ରଧାନ, କିଶୋର ତନ୍ତି, ଲକ୍ଷ୍ମୀଧର ନାୟକ, ସୁରେନ୍ଦ୍ର ଦାସ, ପ୍ରଭାତ ମହାନ୍ତିଙ୍କ ସମେତ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ସେହିଭଳି ଅଇ ଇଣ୍ଡିଆ ୟୁଟିୟୁସି ପରିଚାଳିତ ଇଞ୍ଜିନିୟରିଂ ୱାର୍କର୍ସ ୟୁନିୟନ, ରାଜଗାଙ୍ଗପୁର ଇଞ୍ଜିନିୟରିଂ ୱାର୍କର୍ସ, ଓଡିଶା ସିମେଣ୍ଟ ୱାର୍କର୍ସ ୟୁନିୟନ, ମିଳିତ ବିଦ୍ୟାଳୟ ପାଚିକା ଓ ସହାୟିକ ସଂଘ, ମିଳିତ ନିର୍ମାଣ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଶେଷ ହୋଇ ଯାଇଛି। ଏଥିରେ ବିଷ୍ଣୁ ପଣ୍ଡା, ବିଜୟ ସାହୁ, ସତ୍ୟପ୍ରିୟ ମହାନ୍ତି, ଲେଲିନ ଟେଟେ, ଜଷ୍ଟିନ ଲୁଗୁନ, ଗୁରୁମୋହନ ସିଂ, ବିଜୁ ଲୋହାର, ନଳିନୀ ମହାଳିକ, ଅନୀଲ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅସବସରେ ସାମ୍ପ୍ରଦାୟିକ ବିଭେଦକାରୀ କେନ୍ଦ୍ର ଭାଜପା ସରକାରଙ୍କ ଜନବିରୋଧି ଯୋଜନା ଓ ପଦକ୍ଷେପକୁ ତୀବ୍ର ସମାଲୋଚନା କରାଯାଇଥିଲା। ଶ୍ରମିକଙ୍କ ହକ ଛଡାଇ ମେରି ରାୟ ଶାସନ ପାଇଁ ଅଣ୍ଟା ଭିଡିଥିବା ନରେନ୍ଦ୍ର ମୋଦିଙ୍କୁ କଡା ଜବାବ ଦେବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ଆସନ୍ତା ୮ରେ ହେବାକୁ ଯାଉଥିବା ଆନ୍ଦୋଳନକୁ ସଫଳ କରିବାକୁ ସମସ୍ତ ୟୁନିୟନ କର୍ମକର୍ତ୍ତା ଏକଜୁଟ ହୋଇ କାମ କରିବାକୁ ଏଥିରେ ପରାମର୍ଶ ପ୍ରଦାନ କରାଯାଇଛି।




ସର୍ବଭାରତୀୟ ଧର୍ମଘଟ ନେଇ ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା।

# ସିପିଆଇ(ଏମ) ଆଞ୍ଚଳିକ କମିଟି ବନ୍ଧୁ ମିଳନ, କର୍ମୀ ସମ୍ମିଳନୀ

**ଲହୁଣୀପଡା, ୫।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଦର୍ଜିଂ ପଞ୍ଚାୟତ ବିରତଲା ବ୍ରାହ୍ମଣୀ ନଦୀ କୂଳରେ ଲହୁଣୀପଡା ସିପିଆଇଏମ ଆଞ୍ଚଳିକ କମିଟି ପକ୍ଷରୁ ନୂତନ ବର୍ଷ ଉପଲକ୍ଷେ ଏକ ବନ୍ଧୁମିଳନ ସହିତ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ସମସ୍ତ କର୍ମୀଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। ଏହା ସହିତ ନୂତନବର୍ଷରେ ଅନେକ ବିକାଶ ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ବଣାଇର ସର୍ବାଙ୍ଗୀନ ଉନ୍ନତି କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ ଯୋଗଦେଇ ମାସିକ ସର୍ବନିମ୍ନ ମଜୁରି ୨୧୦୦ ଟଙ୍କାକୁ ବୃଦ୍ଧି, ସମାନ କାମକୁ ସମାନ ମଜୁରି, କର୍ପୋରେଟ ସ୍ୱାର୍ଥରେ ଶ୍ରମ ଆଇନ ପରିବର୍ତ୍ତନ, ରାଷ୍ଟ୍ରାୟତ ଉଦ୍ୟୋଗକୁ ଘରୋଇକରଣ ବିରୋଧ ସ୍କିମ ୱାର୍କରଙ୍କୁ ଶ୍ରମିକର ମାନ୍ୟତା, ଦରଦାମ ବୃଦ୍ଧି ବନ୍ଦ କରିବା ଦାବି କରିଥିଲେ। ଚଳିତ ମାସ ୮ରେ ହେବାକୁ ଥିବା ଦେଶବ୍ୟାପି ଧର୍ମଘଟକୁ ସଫଳ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଜଣାଇଥିଲେ। କେନ୍ଦ୍ର ସରକାରଙ୍କ ଜନବିରୋଧି ନୀତି ବିରୋଧରେ ତୀବ୍ର ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲହୁଣୀପଡା ବ୍ଲକ ଉପାଧକ୍ଷା ସୁକୁମତି ମହାନ୍ତ, କଲେଇପୋଷ ସମିତି ଗଙ୍ଗମଣି ଭୁମୁଜି, ଲଲାବାହାଦୁର ମହାନ୍ତ, ଅମନ୍ତ କୁମାର ମହାନ୍ତ, ପ୍ରଦୀପ କୁମାର ବେହେରା, ଡିଲେଶ୍ୱର ବେହେରା, ଧନେଶ୍ୱର କିଷାନ, ଦୁର୍ଯ୍ୟୋଧନ ମହାନ୍ତ, ଯଶକେତନ ମହାନ୍ତ, ବିଜୟ କୁମାର ପାତ୍ରଙ୍କ ସମେତ ଶହ ଶହ ଦଳୀୟ କର୍ମୀ ଉପସ୍ଥିତି ଥିଲେ।



ସିପିଆଇ(ଏମ) ଆଞ୍ଚଳିକ କମିଟି ପକ୍ଷରୁ ବନ୍ଧୁମିଳନରେ ଉପସ୍ଥିତ ବିଧାୟକ ଓ କର୍ମକର୍ତ୍ତା।

# କବିତା ପୁସ୍ତକ 'ବିପୁଳ ଦିଗନ୍ତ' ଉନ୍ମୋଚିତ

**ରାଉରକେଲା ଅଫିସ, ୫।୧**

କବି କୁଞ୍ଜ ବିହାରୀ ରାଉତଙ୍କ ପୁସ୍ତକ ବିପୁଳ ଦିଗନ୍ତ ଉନ୍ମୋଚିତ ହୋଇଯାଇଛି। ସେକ୍ଟର-୭ ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶରତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସବ୍ୟସାଚୀ ପାଣି ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଏଥିରେ ପ୍ରଶାନ୍ତ ପତି ଯୋଗ ଦେଇଥିଲେ। ଆର୍ତ୍ତତ୍ରାଣ ମହାପାତ୍ର ସମ୍ମାନିତ ବକ୍ତା ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ପୁସ୍ତକ ବିପୁଳ ଦିଗନ୍ତକୁ ଉନ୍ମୋଚନ କରାଯାଇ ଥିଲା। କବି ଅଶୋକ ରାଉତ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ପୁସ୍ତକଟି ମନଛୁଆଁ ହୋଇ ପାରିଥିବା ମଞ୍ଚାସୀନ ଅତିଥି ପ୍ରକାଶ କରିଥିଲେ।



ଅତିଥିମାନଙ୍କ ଦ୍ୱାରା କବିତା ପୁସ୍ତକ ବିପୁଳ ଦିଗନ୍ତ ଉନ୍ମୋଚନ କରାଯାଇଛି।

ଭାଜପା ପକ୍ଷରୁ ସଚେତନତା ଅଭିଯାନ

# ନାଗରିକତା ଆଇନ ନେବାକୁ ନୁହେଁ, କିଛି ଦେବାକୁ ଉଦ୍ଦିଷ୍ଟ

**ରାଉରକେଲା ଅଫିସ, ୫।୧**

କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାର ନାଗରିକତା ଆଇନ କାହାର କ୍ଷତି ପାଇଁ ନୁହେଁ ବରଂ ଅଧିକାର ଦେବା ପାଇଁ ପଦକ୍ଷେପ ନେଇଛନ୍ତି। ଏନେଇ କିଛି ନ ଜାଣି କେହି ଭୟଭୀତ ହେବା ଅନୁଚିତ। ନିଜ ଅଧିକାରରୁ ବଞ୍ଚିତ ଲୋକଙ୍କୁ ଆଇନଗତ ନ୍ୟାୟ ଦେବାକୁ ନରେନ୍ଦ୍ର ମୋଦି ସରକାର ଏଭଳି ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି ବୋଲି ଭାଜପା ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି। ଦଳ ପକ୍ଷରୁ ନାଗରିକତା ସଂଶୋଧନ ଆଇନର ସୁଫଳ ନେଇ ସହରବାସୀଙ୍କୁ ସଚେତନ କରାଯାଉଛି। ଏହି ଅବସରରେ ସିଭିଲ ଟାଉନଶିପ ମଣ୍ଡଳ ଅନ୍ତର୍ଗତ ଏସଟିଆଇ ନିକଟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ରାଜ୍ୟ ସମ୍ପାଦକ ଧିରେନ ସେନାପତି ଯୋଗଦେଇ କହିଥିଲେ, ନାଗରିକତା ସଂଶୋଧନ ଆଇନକୁ ବିରୋଧି ଅଯଥା ଅସ୍ତ୍ର କରି ଦେଶବାସୀଙ୍କୁ ବିଭ୍ରାନ୍ତ କରିବାକୁ ଚାହୁଁଛନ୍ତି। ଭାଜପା ସର୍ବଦା ଦେଶ ଓ ଦେଶବାସୀଙ୍କ ହିତରେ କାର୍ଯ୍ୟ କରିଆସୁଛି। ଯେଉଁମାନେ ଅର୍ଥକୁ ଅନର୍ଥ କରିବାକୁ ଚାହୁଁଛନ୍ତି ସେମାନେ କେବେ ସଫଳ ହେବେ ନାହିଁ। ସାଧାରଣ ଲୋକେ ଜାଣିଛନ୍ତି ନାଗରିକ ଆଇନ ସଂଶୋଧନ ଦ୍ୱାରା କି ସୁଫଳ ମିଳିବ। ଏଣୁ ଏଥିରେ କେହି ବିଭ୍ରାନ୍ତ ନ ହେବାକୁ ସେନାପତି ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ କୈଳାସ ରାଉତ, ରତ୍ନାକର ଭାରିମଲ୍ଲ, ରାଜା ରାଉତ, ଅମୀୟ ସାହୁ ଓ ନିହାର ରାୟ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଉଦ୍ଦେଶ୍ୟ ଓ ଏହାର ସୁଦୁରପ୍ରସାରୀ ପ୍ରଭାବ ନେଇ ଆଲୋଚନା କରିଥିଲେ।



ସିଭିଲ ଟାଉନଶିପ ଏସଟିଆଇ ନିକଟରେ ଭାଜପା କର୍ମକର୍ତ୍ତା ସଚେତନତା ଅଭିଯାନ ଚଳାଇଛନ୍ତି।

ସଦ୍‌ଭାବନା ସମ୍ମିଳନୀ

# ହିନ୍ଦୁ ସଂସ୍କୃତିର ସୁରକ୍ଷା, ସମୃଦ୍ଧି ନେଇ ଗୁରୁତ୍ୱାରୋପ

**ରାଉରକେଲା ଅଫିସ,୫।୧**

ସଦ୍‌ଭାବନା ଆୟୋଜକ ସମିତି ପକ୍ଷରୁ ରବିବାର ଅଗ୍ରସେନ ଭବନଠାରେ ଏକ ଜିଲାସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ରାଉରକେଲା ମହାନଗର ସମେତ ଜିଲାର ବିଭିନ୍ନ ସ୍ଥାନରୁ ଏକାଧିକ ଧର୍ମ, ସମ୍ପ୍ରଦାୟର ପ୍ରତିନିଧି ଯୋଗ ଦେଇଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମ ସଂଯୋଜକ ଡ. ସନାତନ ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ, ହିନ୍ଦୁ ସଂସ୍କୃତି ହେଉଛି ବଟବୃକ୍ଷ ଭଳି। ଜାତି ପନ୍ଥ, ସମ୍ପ୍ରଦାୟ ସବୁ ଏହାର ଶାଖା ସଦୃଶ। ସମାଜର କଲ୍ୟାଣ କରିବାକୁ ହେଲେ ହିନ୍ଦୁ ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଓ ସମୃଦ୍ଧି ଆବଶ୍ୟକ। ରାଷ୍ଟ୍ର କଲ୍ୟାଣ ନିମନ୍ତେ ସମସ୍ତଙ୍କୁ ଏକତ୍ରିତ ହେବାକୁ ପଡିବ ବୋଲି ପ୍ରଧାନ କହିଥିଲେ। ଏଥିରେ ଯୋଗ ଦେଇଥିବା ପ୍ରତିନିଧି ମଣ୍ଡଳୀ ନିଜ ଜାତି, ସମ୍ପ୍ରଦାୟ, ସଂସ୍କୃତି, ସାହିତ୍ୟ, ଭଷା ଓ ପୂର୍ବସୂରୀଙ୍କୁ ନେଇ ଆଲୋଚନା କରିଥିଲେ। ଗୋ ସମ୍ପଦ ସୁରକ୍ଷା ନେଇ ମଧ ଆଲୋକପାତ କରାଯାଇ ଥିଲା। ସଙ୍ଗଠିତ ଭାବେ ସାମାଜକୁ ଶୃଙ୍ଖଳିତ ଓ ସୁଦୃଢ଼ କରିବାକୁ ଉପସ୍ଥିତ ପ୍ରତିନିଧିଙ୍କ ମଧରେ ସହମତି ପ୍ରକାଶ ପାଇଥିଲା। ସୁନ୍ଦରଗଡରୁ ଆସିଥିବା ଓରାମ ସମାଜ ପ୍ରତିନିଧି ଜନଜାତି ସମ୍ପ୍ରଦାୟକୁ ମୁଖ୍ୟ ସ୍ରୋତରୁ ଅଲଗା କରିବାକୁ ଯୋଜନାବଦ୍ଧ ଉଦ୍ୟମ ଜାରି ରହିଥିବା ଅଭିଯୋଗ କରିଥିଲେ। ଏଭଳି ଷଡଯନ୍ତ୍ର ପଛରେ ଅନେକ ସ୍ୱାର୍ଥ ନିହିତ ରହିଥିବା କୁହାଯାଇ ଥିଲା। ଏହା ନିଜ ଭିତରେ ବିଦ୍ୱେଷ ସୃଷ୍ଟି କରୁଛି। ଯାହା ରାଷ୍ଟ୍ର ପାଇଁ ମଙ୍ଗଳକର ନୁହେଁ ବୋଲି କୁହାଯାଇଥିଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ବେରୀ ଯୋଗ ଦେଇ କହିଥିଲେ, ଆମେ ସମସ୍ତେ ଜାତିବାଦରୁ ଊର୍ଦ୍ଧ୍ୱକୁ ଯାଇ ରାଷ୍ଟ୍ରୀୟ ଭାବନାକୁ ଉଜ୍ଜୀବିତ କରିବା ଆବଶ୍ୟକ। ସଂକୀର୍ଣ୍ଣ ମନୋଭାବ ପରିହାର କରି ଏକ ଜାତୀୟତାବାଦ ମନୋଭାବ ପୋଷଣ କରିବାକୁ ସେ ଅହ୍ୱାନ ଦେଇଥିଲେ। ଏଥିରେ ଓଡିଶା ବଙ୍ଗଳା ଆଦି ପ୍ରଦେଶର କ୍ଷେତ୍ର ସେବା ପ୍ରମୁଖ ଜଗଦୀଶ ଖାଡେଙ୍ଗା ଯୋଗ ଦେଇ କହିଥିଲେ, ସେବା ମନୋଭାବ ବିନା ସାମାଜିକ ପ୍ରଗତି ଅସମ୍ଭବ। ମନୋଭାବ ପରିବର୍ତ୍ତନ ହେଲେ ଆମେ ପ୍ରଗତି ପଥରେ ଅଗ୍ରସର ହୋଇ ପାରିବା। ସେବା ଓ ଅଧ୍ୟାତ୍ମିକତା ପରସ୍ପର ପରିପୂରକ। ପ୍ରଧାପକ ସନାତନ ପ୍ରଧାନ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶେଷରେ ହେମନ୍ତ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।



ସଦ୍‌ଭାବନା ଆୟୋଜକ ସମିତି ପକ୍ଷରୁ ଜିଲାସ୍ତରୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି।



ମଧୁସୂଦନପାଲ୍ଲୀ ରାସ୍ତା ଅବସ୍ଥା କର୍ଦ୍ଦମାକ୍ତ ହୋଇଛି।

# ମଧୁସୂଦନପାଲ୍ଲୀ ରାସ୍ତା ଶୋଚନୀୟ

**ରାଉରକେଲା ଅଫିସ, ୫।୧**

ସାମାନ୍ୟ ବର୍ଷାରେ ମଧୁସୂଦନପାଲ୍ଲୀ ରାସ୍ତା ଅବସ୍ଥା କର୍ଦ୍ଦମାକ୍ତ ହେବା ସହ ଯାତାୟତ ଅନୁପଯୋଗୀ ହୋଇ ପଡିଛି। ଏନେଇ ପଥଚାରୀ ନାନା ସମସ୍ୟାର ସମ୍ମୁଖୀନ ହେବା ଅଭିଯୋଗ ହୋଇଛି। ଗତ ଦୁଇ ଦିନ ହେବ ଏଭଳି ସମସ୍ୟା ଲାଗି ରହିଛି। ଦୀର୍ଘ ଦିନ ହେବ ଏହି ରାସ୍ତା ମରାମତି କିମ୍ବା ପୁନର୍ନିର୍ମାଣ କରାଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ଲାଗି ରହିଛି। ଫଳରେ ଲୋକେ ବାରମ୍ବାର ଏଭଳି କର୍ଦ୍ଦମାକ୍ତ ରାସ୍ତାରେ ଯାତାୟତ କରିବାକୁ ବାଧ ହେଉଛନ୍ତି। ରାସ୍ତା ଉପରେ ଆଣ୍ଠୁଏ କାଦୁଅ ଓ ପାଣି ସାଙ୍ଗକୁ ଗାଈ ମଇଁଷିଙ୍କ ଯାତାୟତ ପରିସ୍ଥିତିକୁ ଦିଗୁଣିତ କରିଛି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରାଯାଇଛି।



ଅଯଥା ସନ୍ଦେହ ବିଶ୍ୱାସଘାତକତାକୁ ନିମନ୍ତ୍ରଣ କରି ଆଣେ।

- ଭଲଟାୟାର



## ସଂକ୍ଷେପରେ

### ମାରିୟା ସାହେଲି ସିଷ୍ଟରମାନଙ୍କର ପ୍ଲାଟିନମ ଜୁବୁଲି

ସୁନ୍ଦରଗଡ଼,୫।୧ (ଡି.ଏନ୍.ଏ) -ମାରିୟା ସାହେଲୀ ସିଷ୍ଟରମାନଙ୍କର ୭୫ତମ ପ୍ରତିଷ୍ଠା ଦିବସ ତଥା ପ୍ଲାଟିନମ ଜୁବୁଲି ସୁନ୍ଦରଗଡଠାରେ ପାଳିତ ହୋଇଯାଇଛି। ଜେନେରାଲେଟ ସୁନ୍ଦରଗଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜନ ବରୁଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କିଶୋର କୁମାର କୁଜୁର, ବିଶପବୃନ୍ଦ, ଧର୍ମଯାଜକ, ଭଉଣୀମାନେ ଯୋଗଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସିଷ୍ଟରମାନଙ୍କର ସାମାଜିକ କାର୍ଯ୍ୟ ଶିକ୍ଷା, ସ୍ୱାସ୍ଥ୍ୟସେବାର ପ୍ରସାରକୁ ବଜାୟ ରଖିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ।

### ସ୍କାଉଟ, ଗାଇଡମାନଙ୍କର ରାଜ୍ୟ ପୁରସ୍କାର ପରୀକ୍ଷା

ସୁନ୍ଦରଗଡ, ୫।୧ (ଡି.ଏନ୍.ଏ) -ରାଜ୍ୟ ସ୍କାଉଟ ଏବଂ ଗାଇଡମାନଙ୍କର ରାଜ୍ୟ ପୁରସ୍କାର ପରୀକ୍ଷା ରବିବାର ସ୍ଥାନୀୟ ରାଣୀ ଜାନକୀ ସରକାରୀ ବାଳିକା ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟ ଶାଖା ଭୁବନେଶ୍ୱରରୁ ଆସିଥିବା ଲେଫ୍ଟନାଣ୍ଟ ଚନ୍ଦ୍ରଶେଖର ପରିଡା ପରିଚାଳନା କରିଥିଲେ। ସୁନ୍ଦରଗଡ ଜିଲା ଶିକ୍ଷାଅଧିକାରୀ ରଞ୍ଜନ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ଜିଲା ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ସଂଯୁକ୍ତା ବହିଦାର ଯୋଗଦେଇଥିଲେ।

## ସୋସିଆଲ ମିଡ଼ିଆରେ ବନ୍ଧୁତ୍ୱ

# ବନ୍ଧୁଙ୍କୁ ଭେଟିବା ଲାଗି କୋରିଆରୁ ସୁନ୍ଦରଗଡ଼

ସୁନ୍ଦରଗଡ଼, ୫।୧(ଡି.ଏନ୍.ଏ.)

ସବୁ ସମ୍ପର୍କ ମଧ୍ୟରେ ବନ୍ଧୁତ୍ୱ ଭାବ ନିଆରା। କେତେବେଳେ କାହା ସହିତ ଅନ୍ତରଙ୍ଗ ବନ୍ଧୁତ୍ୱ ସୃଷ୍ଟି ହୁଏ ତାହାର କୌଣସି ନିର୍ଦ୍ଦିଷ୍ଟ ସୀମା ନ ଥାଏ। ସେହିପରି ଏକ ନିଆରା ବନ୍ଧୁତ୍ୱ ସୋସିଆଲ ମିଡିଆ ଫେସ୍‌ବୁକର ଚାଟିଂ ମାଧ୍ୟମରେ ସୃଷ୍ଟି ହୋଇଥିଲା ସୁଦୂର କୋରିଆର ଜେମ୍‌ସ ଓ ସୁନ୍ଦରଗଡ ରଙ୍ଗାଢିପାର ଅଙ୍କିତ ପାଣ୍ଡିଆଙ୍କ ମଧ୍ୟରେ। ୩ବର୍ଷ ହେବ ଫେସବୁକ୍‌ରେ ଅଙ୍କିତ ଜେମ୍‌ସଙ୍କ ସହିତ ଚାଟିଂ କରୁଥିଲେ। ତାଙ୍କ ସହିତ ଭାବ ବିନିମୟ ଦ୍ୱାରା ଭାରତ ତଥା ତାଙ୍କ ଘରକୁ ଆସିବାକୁ ଆଗ୍ରହୀ ହେଲେ ଜେମ୍‌ସ। ଅଙ୍କିତ ବିଭିନ୍ନ ରକେଟ ତଥା ହେଲିକପ୍ଟରର ମଡେଲ ତିଆରି କରି ଫେସ୍‌ବୁକ୍‌ରେ ପୋଷ୍ଟ କରୁଥିଲେ। ଅନ୍ତରଙ୍ଗ ବନ୍ଧୁତ୍ୱ ସୃଷ୍ଟି ହେବା ପରେ ଏହି ସବୁ ମଡେଲକୁ ଦେଖିବା ଓ ଅଙ୍କିତଙ୍କୁ ଭେଟିବା ପାଇଁ ତାଙ୍କ ମନରେ ଗଭୀର ଆଗ୍ରହ ସୃଷ୍ଟି ହୋଇଥିଲା। ଶେଷରେ ସୁଦୂର କୋରିଆରୁ ଓଡିଶାର ଉପାନ୍ତ ଜିଲା ସୁନ୍ଦରଗଡ ସହରରେ ଆସି ପହଞ୍ଚିଥିଲେ ଜେମ୍‌ସ। ଇଂଲଣ୍ଡର ମୂଳବାସିନ୍ଦା ଜେମ୍‌ସ କେ. ଡେଭିଡ କୋରିଆରେ ଇଂଲିଶ ଅଧ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି। କୋରିଆରୁ ଥାଇଲାଣ୍ଡ ପରେ ଭାରତର କୋଲକତା ବିମାନବନ୍ଦର ଦେଇ ଜେମ୍‌ସ ଗତ ୩୦ ତାରିଖରେ ଝାରସୁଗୁଡା ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ବନ୍ଧୁ ଅଙ୍କିତ ତାଙ୍କୁ ସଡକପଥରେ ଆଣି ସୁନ୍ଦରଗଡ଼ରେ ପହଞ୍ଚିଥିଲେ। ଏଠାରେ ପହଞ୍ଚିବା ପରେ ବନ୍ଧୁ ଅଙ୍କିତ ଓ ତାଙ୍କ ପରିବାରଙ୍କ ଆତିଥ୍ୟ ତାଙ୍କୁ ବିମୋହିତ କରିଥିଲା। ଅଙ୍କିତଙ୍କ ପରିବାର ସଦସ୍ୟମାନଙ୍କ ସହ ଏକାଠି ବସି ପାରମ୍ପରିକ ଓଡିଆ ଖାଦ୍ୟ ଖାଇବା ସହ ସୁନ୍ଦରଗଡ ନିକଟବର୍ତ୍ତୀ ଦର୍ଶନୀୟ ସ୍ଥାନ ସରଫଗଡ ଡ୍ୟାମ ବୁଲିବାକୁ ଯାଇଥିଲେ। ଏହାପରେ ହୀରାକୁଦ ଡ୍ୟାମ ଓ ସୁନ୍ଦରଗଡ ଜିଲାର ବିଭିନ୍ନ ସ୍ଥାନ ବୁଲି ଦେଖିବା ସହ ଏଠାରେ ନୂଆବର୍ଷ ପାଳନ କରିଥିଲେ। ଏପରିକି ସୁନ୍ଦରଗଡରେ ଚା ଷ୍ଟଲରେ ଅଦା, ଗୋଲମରିଚ ଦିଆ ନାଲି ଚା ତାଙ୍କର ବେଶ ପସନ୍ଦ ହୋଇଥିଲା। ପୁଅର ଏହି ନିଆରା ବନ୍ଧୁତ୍ୱକୁ ଦେଖି ବାପା ଚିନ୍ତାମଣି ପାଣ୍ଡିଆ, ମା' ବନ୍ଦନା ପାଣ୍ଡିଆ, ଭଉଣୀ ମୋନାଲିସା ପାଣ୍ଡିଆ ମଧ୍ୟ ବେଶ୍ ଖୁସି ହୋଇଥିଲେ। ଅଙ୍କିତ ପରି ଜେମ୍‌ସ ମଧ୍ୟ ତାଙ୍କର ଆଉ ଗୋଟିଏ ପୁଅ ବୋଲି ଭାବବିହ୍ୱଳ ହୋଇ ବାପା ଚିନ୍ତାମଣି ପ୍ରକାଶ କରିଥିଲେ। ଜେମ୍‌ସଙ୍କ ସରଳ ଅମାୟିକ ବ୍ୟବହାର ସମସ୍ତଙ୍କୁ ବେଶ ଖୁସି ଦେଇଥିଲା। ସୁନ୍ଦରଗଡ ଭାଷା ସଂସ୍କୃତି, ଚଳଣି ପ୍ରତି ଗଭୀର ଆଗ୍ରହ ପ୍ରକାଶ କରିଥିବା ଜେମ୍‌ସ ଓଡିଆ ଭାଷା ମଧ୍ୟ ଶିଖିବାକୁ ଚେଷ୍ଟା କରୁଛନ୍ତି। ବନ୍ଧୁ ଅଙ୍କିତ ଓ ତାଙ୍କ ପରିବାରବର୍ଗଙ୍କୁ କୋରିଆ ନିମନ୍ତ୍ରଣ କରି ଶୁକ୍ରବାର ଝାରସୁଗୁଡା ବିମାନବନ୍ଦରରୁ ଫେରି ଯାଇଛନ୍ତି ଜେମ୍‌ସ। ବନ୍ଧୁଙ୍କ ପରିବାର ବର୍ଗ ପାଇଁ ଛାଡି ଯାଇଛନ୍ତି ଅପାସୋରା ସ୍ମୃତି।



ଜେମ୍‌ସଙ୍କ ସହିତ ଅଙ୍କିତ ଓ ତାଙ୍କ ପରିବାର ସଦସ୍ୟ।

# ବାର୍ଷିକ ଜୀବନବୀମା ଅଭିକର୍ତ୍ତା ବୈଠକ

ସୁନ୍ଦରଗଡ,୫।୧ (ଡି.ଏନ୍.ଏ)

ସୁନ୍ଦରଗଡ ଭାରତୀୟ ଜୀବନବୀମା କାର୍ଯ୍ୟାଳୟ ପରିସରରେ ରବିବାର ଜୀବନବୀମା ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଅଭିକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୀବନବୀମା ବିଭାଗରେ କାର୍ଯ୍ୟରତ ଅଭିକର୍ତ୍ତାମାନେ ଯୋଗଦେଇଥିଲେ। ଏହି ବୈଠକରେ ଜୀବନବୀମା ନିଗମ ସମ୍ବଲପୁର ମଣ୍ଡଳର ବରିଷ୍ଠ ପ୍ରବନ୍ଧକ ମନୋଜ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟର ସେଲସ ମ୍ୟାନେଜର ଅମୂଲ୍ୟ ପାଟ୍ଟଯୋଶୀ, ସୁନ୍ଦରଗଡ଼ ଜୀବନବୀମା ନିଗମର ଶାଖା ପ୍ରବନ୍ଧକ ଜନ୍ କେରକେଟା ଓ ସହକାରୀ ପ୍ରବନ୍ଧକ (ସେଲସ୍) ଭିକାରୀ କୁମାର ପାଇକରାୟ ପ୍ରମୁଖ ଯୋଗଦେଇ ଅଭିକର୍ତ୍ତାମାନଙ୍କୁ ବନ୍ଦ ହେବାକୁ ଯାଉଥିବା ବୀମା ଯୋଜନା ଓ ପଲିସି ବଜାରରେ ହେବାକୁ ଯାଉଥିବା ପ୍ରଭାବ ସମ୍ପର୍କରେ ସୂଚନା ଦେଇଥିଲେ। ଅଭିକର୍ତ୍ତାମାନଙ୍କୁ ଏ ନେଇ ଅଧିକରୁ ଅଧିକ ସମୟ ବିନିଯୋଗ କରି ଉପଭୋକ୍ତାମାନଙ୍କୁ ସମୟ ଦେବାକୁ ପରାମର୍ଶ ଦେଇଥିଲେ। ଜାନୁୟାରୀ ୩୧ରେ ଜୀବନବୀମା ନିଗମର ୩ଟି ପ୍ରମୁଖ ବୀମା ପଲିସିକୁ ଆଇଆରଡିଏ ବନ୍ଦ କରିବାକୁ ବିଜ୍ଞପ୍ତି ଜାରି କରିଥିବା କଥା ବରିଷ୍ଠ ପ୍ରବନ୍ଧକ ପଣ୍ଡା ସ୍ପଷ୍ଟ କରିଥିଲେ।




ଅଭିକର୍ତ୍ତା ବୈଠକରେ ଜୀବନବୀମା ନିଗମର ଅଧିକାରୀ ଉପସ୍ଥିତ।

# ବନସୁରକ୍ଷା ସମିତିର ଚାଷୀମାନଙ୍କୁ ମୁଗମଞ୍ଜି ବଣ୍ଟନ

ଲେଫ୍ରିପଡା, ୫।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଝୁରିମାଲଠାରେ ବନବିଭାଗର ଉଜ୍ଜ୍ୱଳପୁର ଖଣ୍ଡୀୟ ପରିଚାଳନା ଏକକ ପକ୍ଷରୁ ବନସୁରକ୍ଷା ସମିତିର ଚାଷୀମାନଙ୍କୁ ମାଗଣାରେ ମୁଗ ମଞ୍ଜି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୩୦ଟି ବନସୁରକ୍ଷା ସମିତିର ସଭ୍ୟାସଭ୍ୟମାନଙ୍କୁ ଆୟଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ବେଳେ ଖଣ୍ଡୀୟ ପରିଚାଳନା ଏକକ ଏବଂ କୃଷି ବିଭାଗ ସହିତ ଏକାଭିମୁଖୀତା କାର୍ଯ୍ୟକ୍ରମ ମାଧ୍ୟମରେ ସାତଟି ବନ ସୁରକ୍ଷା ସମିତିର ୧୬୧ଜଣ ଚାଷୀଙ୍କୁ ମୁଗମଞ୍ଜି, ସାର ଏବଂ କୀଟନାଶକ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିମଧ୍ୟରେ ଶନିବାର ଝୁରିମାଲଠାରେ ୫୦ଜଣ ଚାଷୀଙ୍କୁ ମୁଗମଞ୍ଜି ପ୍ରଦାନ କରାଯାଇଥିଲା। ଏଥିରେ କୃଷି ବିଭାଗ ପକ୍ଷରୁ ଗ୍ରାମ୍ୟ କୃଷି ଅଧିକାରୀ ସୁଦାମ ମୁଣ୍ଡା ଯୋଗଦାନ କରିଥିଲେ। ମୁଗଚାଷର ପଦ୍ଧତି ଏବଂ ରୋଗ ପୋକର ନିରାକରଣ ଦିଗରେ ଚାଷୀମାନଙ୍କୁ ସେ ଉଦ୍‌ବୋଧନ ଦେଇଥିଲେ। ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟ ବିଭିନ୍ନ ସରକାରୀ ଯୋଜନା ସହିତ ଗ୍ରାମବାସୀଙ୍କ ସଂଯୋଗୀକରଣ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆୟଭିତ୍ତିକ କାର୍ଯ୍ୟକ୍ରମ କରିବା ଦିଗରେ ଆଲୋଚନା କରିଥିଲେ। ଏଥିରେ ଝୁରିମାଲ ଗ୍ରାମର ୱାର୍ଡମେମ୍ବର ସମସ୍ତ ଚାଷୀମାନଙ୍କୁ ଠିକ୍ ପଦ୍ଧତିରେ ମୁଗ ଚାଷ କରିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଝୁରିମାଲ ବନସୁରକ୍ଷା ସମିତିକୁ ସବୁଜ ଏବଂ ସୁନ୍ଦର କରିବା ପାଇଁ ସମସ୍ତେ ଚେଷ୍ଟା କରିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମକୁ ଝୁରିମାଲ ବନସୁରକ୍ଷା ସମିତିର ନାରାୟଣ ଦଣ୍ଡସନା, ଅମର ଉପାଧ୍ୟାୟ, ସୁଶାନ୍ତ ପଟେଲ, ବସନ୍ତ ଭୈଷାଲ, ଉଦିତ୍ ପଟେଲ, ବିଜୟ ଦଣ୍ଡସନା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ମନୋରଞ୍ଜନ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ।




ମୁଗ ମଞ୍ଜି ପାଇଥିବା ବନସୁରକ୍ଷା ସମିତିର ଚାଷୀମାନେ।

## ମାସକ ମଧ୍ୟରେ ଜେଇଙ୍କର ୨ ଥର ବଦଳି ଘଟଣା

# ନିଜ ପସନ୍ଦର ସ୍ଥାନକୁ ବଦଳି ନେଇ ଭିନ୍ନ ଚର୍ଚ୍ଚା

 କୁଆଁରମୁଣ୍ଡା,୫।୧(ଡି.ଏନ.ଏ.)

## କୁଆଁରମୁଣ୍ଡା ବ୍ଲକ

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ୨ ଜଣ କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କର ଗତ ନଭେମ୍ବର ୨୭ରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଅନ୍ୟ ବ୍ଲକକୁ ବଦଳି ହୋଇଥିଲା। ଜଣଙ୍କର ନିକଟସ୍ଥ ନୂଆଗାଁ ବ୍ଲକକୁ ବଦଳି ହୋଇଥିବା ବେଳେ ଅନ୍ୟ ଜଣେ ଜେଇଙ୍କର ଗୁରୁଣ୍ଡିଆ ବ୍ଲକକୁ ବଦଳି ହୋଇଥିଲା। ମାତ୍ର ସମ୍ପୃକ୍ତ ଜେଇ ଗୁରୁଣ୍ଡିଆ ବ୍ଲକକୁ ଯିବାକୁ ସମ୍ପୂର୍ଣ୍ଣ ଭାବେ ଅରାଜି ଥିଲେ। ଯେନତେନ ପ୍ରକାରେଣ ନିଜ ମନ ପସନ୍ଦର ସ୍ଥାନକୁ ବଦଳି ହେବା ପାଇଁ ଚେଷ୍ଟା ଚଳାଇଥିଲେ। ସମ୍ପୃକ୍ତ ଜେଇ କୁଆଁରମୁଣ୍ଡା ବ୍ଲକରେ ଥିବା ବେଳେ ଆମ୍‌କୋ-ସିମକୋ ସ୍ମୃତି ପୀଠରେ କାର୍ଯ୍ୟ କରି ବହୁ ଅନିୟମିତା କରିଥିଲେ। ସେଠାରେ ଠିକାଦାରଙ୍କ ସହ ମିଶି ସଲାସୁତୁରାରେ କାମ କରିବା ଯୋଗୁ ଆମ୍‌କୋ-ସିମକୋ ପାଚେରୀ ମାତ୍ର ୧ ବର୍ଷ ଭିତରେ ବର୍ଷାରେ ଭୁଶୁଡି ପଡିଥିଲା। ଏ ନେଇ ଗତ ଦେଢ ମାସ ତଳେ ଧରିତ୍ରୀରେ ଖବର ପ୍ରସାରଣ ପରେ ଉକ୍ତ ଜେଇଙ୍କୁ ଜିଲା ପ୍ରଶାସନ ଗୁରୁଣ୍ଡିଆକୁ ବଦଳି କରିଥିଲେ। କିନ୍ତୁ ବଦଳିର ମାତ୍ର ଏକ ମାସ ମଧ୍ୟରେ ସମ୍ପୃକ୍ତ ଜେଇ ଗୁରୁଣ୍ଡିଆରୁ ବିଶ୍ରାକୁ ବଦଳି ହୋଇଥିବା ନେଇ ପୁନର୍ବାର ଚଳିତ ମାସ ୨ରେ ଜିଲା ପ୍ରଶାସନ ପକ୍ଷରୁ ବଦଳି ନୋଟିସ ବାହାରିଛି। ଏଥିରେ ବିଶ୍ରା ବ୍ଲକରୁ ଦରମା ନେଇ ଗତ ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ହେଲା କୁଆଁରମୁଣ୍ଡା ବ୍ଲକରେ ଡେପୁଟେସନରେ କାର୍ଯ୍ୟରତ ଜନୈକ ଜେଇଙ୍କୁ କୁଆଁରମୁଣ୍ଡା ଓ ତାଙ୍କ ସ୍ଥାନରେ ନିକଟରେ ଗୁରୁଣ୍ଡିଆ ଯାଇଥିବା ସମ୍ପୃକ୍ତ ଜେଇଙ୍କୁ ବିଶ୍ରା ବଦଳି କରାଯାଇଛି। ଗୁରୁଣ୍ଡିଆରୁ ବିଶ୍ରା ବ୍ଲକକୁ ମାତ୍ର ମାସକ ମଧ୍ୟରେ ବଦଳି କରାଇବା ପାଇଁ ସମ୍ପୃକ୍ତ ଜେଇ ଓ କୁଆଁରମୁଣ୍ଡା ବ୍ଲକର ଜଣେ ଠିକାଦାର ତଥା ବ୍ଲକସ୍ତରୀୟ ନେତା ଉଭୟେ ମିଶି ଜିଲାସ୍ତରରେ ହାତଗୁଞ୍ଜା ଦେଇଥିବା ନେଇ ଏବେ କୁଆଁରମୁଣ୍ଡା ଓ ବିଶ୍ରା ବ୍ଲକ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ,ସମ୍ପୃକ୍ତ ଜେଇଙ୍କୁ ଗୁରୁଣ୍ଡିଆ ବଦଳି କରାଯିବା ପରେ ପୁନର୍ବାର କେଉଁ ସ୍ୱାର୍ଥରେ ବିଶ୍ରା ବ୍ଲକ ଓ ବିଶ୍ରାରୁ ଦରମା ନେଇ କୁଆଁରମୁଣ୍ଡାରେ ଡେପୁଟେସରେ ୩ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକରି ଏବେ ନୂଆଭାବେ ଉକ୍ତ ଜେଇଙ୍କୁ ପୁଣି ଏଠାକୁ ବଦଳି କରାଯିବା ନେଇ ବୁଦ୍ଧିଜୀବୀମହଲରେ ଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଏହା କଣ ରାଜ୍ୟ ସରକାରଙ୍କ ୫ଟିର ଆଦର୍ଶକୁ ପ୍ରମାଣିତ କରୁଛି ନା ଅଙ୍ଗୁଳି ନିର୍ଦ୍ଦେଶ କରୁଛି ସେ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ଭଙ୍ଗା ପୋଲରେ ଯାତାୟାତ କରୁଛି ଯାତ୍ରୀବାହୀ ଯାନ

## ପ୍ରଶାସନ ସାଜିଛି ନୀରବ ଦ୍ରଷ୍ଟା

ଲେଫ୍ରିପଡା, ୫।୧(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ସୁଆରୀଯୋର ଠାରୁ ଡ଼ିଡ଼ିଗା ଝରଣ ରାସ୍ତାରେ ରହିଛି ଏକ ଭଙ୍ଗା ପୋଲ। ଏହି ଭଙ୍ଗାପୋଲରେ ଅନେକ ଯାତ୍ରୀବାହୀ ଯାନ ନିତିଦିନିଆ ଯାତାୟତ କରୁଥିବାବେଳେ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଜନସାଧାରଣ ମଧ୍ୟରେ ଚର୍ଚ୍ଚା ହେଉଛି। ଏହି ରାସ୍ତାର ପୋଲ ଉପରେ ଲୋକେ ଯାତାୟତ ପାଇଁ ନିରାପଦ ନ ଥିଲେ ମଧ୍ୟ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଉକ୍ତ ରାସ୍ତା ଦେଇ ନିୟମିତ ଉପରଘାଟି ବୋଲା ଯାଉଥିବା ଗୁଣ୍ଡିଆଡ଼ିହି, ଅଲାପକା ଏବଂ ହୁର୍ମେଇ ଗ୍ରାମ ପଞ୍ଚାୟତରୁ ବହୁ ସଂଖ୍ୟାରେ ଜନସାଧାରଣ ବ୍ଲକ ସଦର ମହକୁମାକୁ ଯା'ଆସ କରୁଥିବା ଦେଖିବାକୁ ମିଳୁଛି। ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ (ଆରଡ଼ି) ବିଭାଗ ଅଧିନରେ ରହିଥିଲେ ସୁଦ୍ଧା ଏହାର ମରାମତି ଦିଗରେ ପଦକ୍ଷେପ ନେବାରେ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ରାସ୍ତା ପିଚୁ କରାଯାଇଥିଲେ ବି ପୋଲ ଭୁଶୁଡ଼ିବାର ଆଶଙ୍କା ରହିଛି। ପୋଲର ମରାମତି କରାଯିବା ପାଇଁ ଅଞ୍ଚଳରୁ ବିଭିନ୍ନ ସମୟରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ଏହାର ସୁଫଳ ମିଳିପାରି ନାହିଁ। ଏ ଦିଗରେ ବିଭାଗୀୟ ଯନ୍ତ୍ରୀଙ୍କ ମତାମତ ମିଳିପାରି ନାହିଁ। ଅନ୍ୟପକ୍ଷରେ ପୋଲର ମରାମତି ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ସୁଆରୀଯୋର ଠାରୁ ଡ଼ିଡ଼ିଗା ଝରଣ ରାସ୍ତାରେ ଥିବା ଭଙ୍ଗା ପୋଲ।

# ଭକ୍ତଙ୍କୁ ଦର୍ଶନ ଦେଲେ ଜଂଘା ବଡ଼ଦେଓ

ବଡ଼ଗାଁ, ୫।୧ (ଡି.ଏନ.ଏ.)

## ଭୋଇପାଲି ଜଂଘା ଧାମରେ ବାର୍ଷିକ ପୂଜା ମହୋତ୍ସବ

ସୁନ୍ଦରଗଡ଼ ଜିଲାର ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ଗ୍ରାମ ଜଂଘା ଧାମରେ ବାର୍ଷିକ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଜଂଘା ବଡଦେଓଙ୍କ ସର୍ବ ପୁରାତନ ଆସ୍ଥାନ ଅଛି। ଏହା ଗୋଁଡ ସମାଜର ଆରାଧ୍ୟ ଦେବତା ଜଂଘାଙ୍କ ଧାମ ଭାବେ ମାନ୍ୟତା ରହିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ଶାମ୍ବ ଦଶମୀ ରବିବାର ଜଂଘାଙ୍କ ବାର୍ଷିକ ପୂଜା ଓ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଛି। ପ୍ରାତଃରେ କଳସ ଯାତ୍ରା ପରେ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଭୋଇଙ୍କ ଦ୍ୱାରା ସାମାଜିକ ପତକା ଉତ୍ତୋଳନ କରାଯାଇଥିଲା। ଏହା ପରେ ପ୍ରଭୁ ଜଂଘା ବଡଦେଓ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିରରୁ ବାହାରି ମୁକ୍ତ ମଣ୍ଡପରେ ବିଜେ କରିଥିଲେ। ଏହି ଅବସରରେ ସମାଜ ପକ୍ଷରୁ ସଭା ହୋଇଥିଲା। ଏଥିରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଡ ମହାସଭା ପ୍ରଦେଶ ସଭାପତି ମହେନ୍ଦ୍ର ନାଏକ, ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ସୁନ୍ଦରଗଡ଼ ତହସିଲଦାର ଯୋଗେଶ୍ୱର ଭୋଇ, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଜୟପାଳ ନାଏକ, ପଲ୍ୟୁସନ ବୋର୍ଡର ବୈଜ୍ଞାନିକ ହେମେନ୍ଦ୍ର ନାଥ ନାଏକ, ସମାଜର ରାଜ୍ୟ ସଚିବ ସୌଦାଗର କୁମରା, ଅବସରପ୍ରାପ୍ତ ବିଡିଓ ଚିହ୍ନିଲୁ ଭୋଇ, କେନ୍ଦୁଝର ଜିଲା ସମ୍ପାଦକ ଚକ୍ରଧର ନାଏକ, ଗଡପୋଷ ସର୍କଲ ସଭାପତି ମହେଶ୍ୱର ଗଡତିଆ, ବୁନ୍ଦେ ଧରୁଆ, ରାଜ୍ୟ ଉପଦେଷ୍ଟା ଗୁରୁ ପ୍ରସାଦ ନାଏକ, କୁଚିଣ୍ଡାର ପୂର୍ବତନ ବିଧାୟକ ରବି ନାଏକ, କୁଚିଣ୍ଡା ଜିଲା ପରିଷଦ ସଭ୍ୟ ଲବଣୀ ନାଏକ, ଝାରସୁଗୁଡା ସଭାପତି ଉମ୍ବରୁଧର ନାଏକ, ଝାଡଖଣ୍ଡ ରାଜ୍ୟ ମନହରପୁରର ପୂର୍ବତନ ବିଧାୟକ, ଗୁରୁଚରଣ ନାଏକ, ଜଂଘା ବଡଦେଓ ପରିଚାଳନା ସଭାପତି ପ୍ରସନ୍ନ କୁମାର ପ୍ରଧାନ ପ୍ରମୁଖ ସମାଜର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଜିଲା ସଭାପତି ଭୋଇ ଜଂଘାଙ୍କ ଉପରେ ଆଲୋଚନା ଉପସ୍ଥାପନ କରି କହିଥିଲେ, ମଧ୍ୟପ୍ରଦେଶର ଫୁଲଝରରୁ ଆଣି ଜଂଘାଙ୍କୁ ଏଠି ରଖାଯାଇଥିଲା। ଗାଙ୍ଗପୁର ରାଜାଙ୍କଠାରେ କିପରି ଜଂଘାଙ୍କ ପ୍ରତ୍ୟକ୍ଷତା ପ୍ରମାଣିତ ହୋଇଥିଲା ବର୍ଣ୍ଣନା କରିଥିଲେ। ସେ ହିଂସା, ଦ୍ୱେଷ ଛାଡିବା, ଶିକ୍ଷାପ୍ରତି ଗୁରୁତ୍ୱ ଦେବା ଓ ସମାଜର ସମ୍ବିଧାନ ମାନି ଚଳିବା ଉପରେ ଅବଗତ କରାଇଥିଲେ। ସୁନ୍ଦରଗଡ ତହସିଲଦାର ଭୋଇ ପରମ୍ପରା, ସଂସ୍କୃତିରେ ଥିବା କୁପ୍ରଥା ଦୂର ଓ ନାରୀ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସମାଜରେ ଥିବା ଅବହେଳିତ, ନିଷ୍ପେସିତଙ୍କ ଉତ୍ଥାନ ପାଇଁ ସମାଜର ସାମାଜିକ କର୍ମୀ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ରଖିଥିଲେ। କୁଚିଣ୍ଡାର ପୂର୍ବତନ ବିଧାୟକ ନାଏକ, ସମାଜର ବରିଷ୍ଠ ଉଦ୍ୟୋକ୍ତା ସ୍ୱର୍ଗତ ଡିଳେଶ୍ୱର ସିଂ ବରିହାଙ୍କ ସମାଜ ପ୍ରତି ଅବଦାନ ଉପରେ ସ୍ମୃତିଚାରଣ କରିଥିଲେ। ସେ ଅନ୍ୟ ସମାଜ କିପରି ସଂଘର୍ଷ କରି ବଢ଼ିଚାଲିଛନ୍ତି ତାକୁ ଦେଖି ଚିନ୍ତନ, ମନ୍ଥନ କରିବାକୁ କହିଥିଲେ। କୁଚିଣ୍ଡାର ଜିଲା ପରିଷଦ ସଭ୍ୟ ଲବଣୀ ନାଏକ, ସମାଜର ଲୋକେ ଶିକ୍ଷାକ୍ଷେତ୍ରରେ ସେତେଟା ଅଗ୍ରସର ହୋଇ ପାରି ନ ଥିବାରୁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଅତିଥି ସମାଜକୁ ଏକଜୁଟ କରିବା, ଶିକ୍ଷା ପ୍ରତି ଗୁରୁତ୍ୱ ଦେବା, ପରମ୍ପରା, ସଂସ୍କୃତି ଉପରେ ସଚେତନ ହେବାକୁ କହିଥିଲେ। ସଭାରେ ଦର୍ଲିପାଲିର ଦଶନେତ୍ରୀ ନେଟୀ ଓଡ଼ିଶୀ, କୁତ୍ରାର ଜ୍ୟୋସ୍ନା କାଲେ ସମ୍ବଲପୁରୀ ନୃତ୍ୟ ଓ ଅଙ୍କିତା ଭୋଇ ନୃତ୍ୟ ପରିବେଷଣ କରିଥିଲେ। ପୂଜା କମିଟି ସଭାପତି ନିତ୍ୟାନନ୍ଦ ନାଏକ, ସମ୍ପାଦକ କର୍ଣ୍ଣ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ସମାବେଶରେ ଉପସ୍ଥିତ ଗୋଁଡ ସମାଜର ମହିଳା, ପୁରୁଷ।